# ଧରିତ୍ରୀ
DHARITRI

ଢେଙ୍କାନାଳ, ଶନିବାର, ଡିସେମ୍ବର ୧୫/୨୦୧୮ (୨୦ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Dhenkanal, Saturday, December 15 /2018 (Career & Appointment) ★★★★★

୧୪ଶ ଭାଗ ୨୯୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**ସାଇନାଙ୍କ ବିବାହ ସମ୍ପନ୍ନ**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ ଏବଂ ପାରୁପଲ୍ଲୀ କାଶ୍ୟପଙ୍କ ମଧ୍ୟରେ ଶୁକ୍ରବାର ବିବାହ ସମ୍ପନ୍ନ ହୋଇଛି।

୧୯

୦୨

**ରଣବୀରଙ୍କ କଥା ପଡ଼ିଲେ ଆଲିଆଙ୍କୁ ଲାଜ**

'ବ୍ରହ୍ମାସ୍ତ୍ର'ର ସହ-ଅଭିନେତା ରଣବୀର କପୁରଙ୍କ କଥା ପଡ଼ିଲେ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କୁ ଆଜିକାଲି ଖୁବ୍ ଲାଜ ଲାଗୁଛି।



## କେନ୍ଦ୍ରକୁ ରାଫାଲ୍ କ୍ଲିନ୍‌ଚିଟ୍

### ଯୁଦ୍ଧବିମାନ କିଣା ଚୁକ୍ତିରେ ହୋଇନାହିଁ ଅନିୟମିତତା: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୪।୧୨(ପି.ଟି.)

ଫ୍ରାନ୍ସରୁ ରାଫାଲ୍ ଯୁଦ୍ଧବିମାନ କିଣିବା ପାଇଁ ହୋଇଥିବା ଚୁକ୍ତିରେ କୌଣସି ପ୍ରକାର ଅନିୟମିତତା ନାହିଁ। ତେଣୁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ନେଇ ସନ୍ଦେହ କରିବାର କିଛି କାରଣ ନାହିଁ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଏହାସହ ୫୮ ହଜାର କୋଟି ଟଙ୍କାର ରାଫାଲ୍ ଚୁକ୍ତିକୁ ନେଇ କୋର୍ଟଙ୍କ ତତ୍ତ୍ୱାବଧାନରେ ସିବିଆଇ ତଦନ୍ତ ପାଇଁ ଦାଏର ଏକାଧିକ ପିଟିଶନକୁ ଖାରଜ କରିଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍ କୋର୍ଟଙ୍କ ରାୟକୁ ସ୍ୱାଗତ କରିଥିବାବେଳେ ଆର୍ଟର୍ନି ଜେନୋରାଲ କେ.କେ. ବେଣୁଗୋପାଳ ଏହାକୁ ନରେନ୍ଦ୍ର ମୋଦି ସରକାରଙ୍କୁ ସର୍ବୋଚ୍ଚ ଅଦାଲତଙ୍କ କ୍ଲିନ୍‌ଚିଟ୍ ଭାବେ ଅଭିହିତ କରିଛନ୍ତି।

ରାଫାଲ୍ ଫାଇଟର ହେଉଛି ଫ୍ରାନ୍ସର ପ୍ରତିରକ୍ଷା ସାମଗ୍ରୀ ନିର୍ମାଣକାରୀ କମ୍ପାନୀ ଡାସଲ୍ଟ ଆଭିଏଶନ୍ ଦ୍ୱାରା ନିର୍ମିତ ଏକ ଦୁଇ-ଇଞ୍ଜିନ୍ ବିଶିଷ୍ଟ ମିଡିୟମ୍ ମଲ୍ଟି ରୋଲ୍ କମ୍ବାଟ୍ ଏୟାରକ୍ରାଫ୍ଟ (ଏମ୍‌ଏମ୍‌ଆର୍‌ସିଏ)। ୩୬ଟି ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ଚୁକ୍ତିରେ ଦୁର୍ନୀତି ହୋଇଥିବା ଅଭିଯୋଗ କରି କଂଗ୍ରେସ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଆସୁଛି। ସେହିପରି ଏହି ଡିଲ୍‌ରେ ବ୍ୟାପକ ଅନିୟମିତତା ହୋଇଥିବା ଦର୍ଶାଇ ସିବିଆଇ ଦ୍ୱାରା ଏହାର ତଦନ୍ତ କରାଯାଉ ବୋଲି ଦାବି କରି ସୁପ୍ରିମକୋର୍ଟରେ ୪ଟି ପିଟିଶନ ଦାଏର କରାଯାଇଥିଲା। ଆବେଦନକାରୀମାନଙ୍କ ପକ୍ଷରୁ ଉଠାଯାଇଥିବା ☞ ପୃଷ୍ଠା-୯

**୨୯ ପୃଷ୍ଠାର ରାୟ**



- ରାଫାଲ୍ ଡିଲ୍‌ର ସିବିଆଇ ତଦନ୍ତ ଅନାବଶ୍ୟକ
- ନିଷ୍ପତ୍ତିକୁ ନେଇ ସନ୍ଦେହର କାରଣ ନାହିଁ
- ବ୍ୟବସାୟିକ ପ୍ରିୟାପ୍ରୀତିର ପ୍ରମାଣ ନାହିଁ
- ରାୟକୁ ସ୍ୱାଗତ କଲେ କେନ୍ଦ୍ର ସରକାର
- ଜେପିସି ତଦନ୍ତ ଦାବିରେ କଂଗ୍ରେସ ଅଟଳ

## ଫେବୃୟାରୀ ୨୨ରୁ ମାଟ୍ରିକ ପରୀକ୍ଷା

କଟକ ଅଫିସ,୧୪।୧୨

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆସନ୍ତା ଫେବୃୟାରୀ ୨୨ରୁ ଆରମ୍ଭ ହୋଇ ମାର୍ଚ୍ଚ ୮ରେ ଶେଷ ହେବ। ଏହାସହିତ ମଧ୍ୟମା ସଂସ୍କୃତ ପରୀକ୍ଷା, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ମଧ୍ୟ ଫେବୃୟାରୀ ୨୨ରୁ ଆରମ୍ଭ ହେବ। ଏଥିନିମନ୍ତେ ବୋର୍ଡ ପକ୍ଷରୁ ଶୁକ୍ରବାର ନିୟମାବଳୀ ଓ ତାରିଖ ଘୋଷଣା କରାଯାଇଛି। ତେବେ ପ୍ରଥମଥର ପାଇଁ ୨ଟି ନୂତନ ନିୟମ କାର୍ଯ୍ୟକାରୀ କରାଯିବ। ପ୍ରଥମତଃ ପୂର୍ବରୁ ରହି ଆସିଥିବା ୩ଟି ପ୍ରଶ୍ନପତ୍ର ସେଟ୍ ପରିବର୍ତ୍ତେ ୪ଟି ସମାନ୍ତରାଳ ପ୍ରଶ୍ନପତ୍ର ସେଟ୍ ବ୍ୟବସ୍ଥା ହୋଇଛି। ଦ୍ୱିତୀୟରେ ମାଟ୍ରିକ ପରୀକ୍ଷା ଏବଂ ମଧ୍ୟମା ସଂସ୍କୃତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ପ୍ରତ୍ୟେକ ବିଷୟର ଅବ୍‌ଜେକ୍ଟିଭ ଓ ସବ୍‌ଜେକ୍ଟିଭରେ ଅତିକମ୍‌ରେ ୧୫ ମାର୍କ ଲେଖାଏ ରଖିବା ବାଧ୍ୟତାମୂଳକ କରାଯାଇଛି। ବୋର୍ଡ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପରୀକ୍ଷା ☞ ପୃଷ୍ଠା-୪

**୨ ନୂଆ ନିୟମ**

- ସବ୍‌ଜେକ୍ଟିଭ, ଅବ୍‌ଜେକ୍ଟିଭରେ ୧୫ ମାର୍କ ଲେଖାଏ ରଖିବା ବାଧ୍ୟତାମୂଳକ
- ବଣ୍ଟାଯିବ ୪ଟି ସମାନ୍ତରାଳ ପ୍ରଶ୍ନପତ୍ର ସେଟ୍


ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


**ଆଜିର ସମ୍ପାଦକୀୟ**

ଆର୍‌ବିଆଇ ଅଡୁଆ

**ଆଜିର ମନ୍ତବ୍ୟ**

" ଦେଶର ସମସ୍ତ ପ୍ରତିରକ୍ଷା ସାମଗ୍ରୀ କିଣା ପ୍ରକ୍ରିୟାରେ ମୌଳିକ ସଂସ୍କାର ଅଣାଯିବା ଜରୁରୀ।

-ମାୟାବତୀ, ବିଏସ୍‌ପି ସୁପ୍ରିମୋ

## ନେପାଳରେ ଚଳିବନି ୧୦୦ ଟଙ୍କାରୁ ଉର୍ଦ୍ଧ୍ୱ ଭାରତୀୟ ନୋଟ୍

କାଠମାଣ୍ଡୁ,୧୪।୧୨

ପଡ଼ୋଶୀ ଦେଶ ନେପାଳରେ ୨୦୦, ୫୦୦ ଓ ୨୦୦୦ ଟଙ୍କିଆ ଭାରତୀୟ ନୋଟ୍‌କୁ ତତ୍କାଳ ନିଷିଦ୍ଧ କରାଯାଇଛି। ଶୁକ୍ରବାର କ୍ୟାବିନେଟ୍‌ରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ଦେଶରେ ୧୦୦ ଟଙ୍କାରୁ ଉର୍ଦ୍ଧ୍ୱ ଭାରତୀୟ ନୋଟ୍‌କୁ ଅଚଳ କରାଯାଇଛି। ଏହାଦ୍ୱାରା ନେପାଳକୁ ଭ୍ରମଣରେ ଯାଉଥିବା ଭାରତୀୟଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। ନେପାଳରେ ଭାରତୀୟ ନୋଟ୍ ପ୍ରଚଳନ ଯୋଗୁ ସେଦେଶର ନାଗରିକ ମଧ୍ୟ ଭାରତୀୟ ମୁଦ୍ରାରେ ନିଜର ଅର୍ଥକୁ ସଞ୍ଚୟ ଅବା ଖର୍ଚ୍ଚ କରିଥାନ୍ତି। ଏ ସମ୍ପର୍କରେ ସୂଚନା ଦେଇ ନେପାଳ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଗୋକୁଳ ପ୍ରସାଦ ବାସକୋଟା କହିଛନ୍ତି ଯେ, ତାଙ୍କ ଦେଶରେ ୧୦୦ ଟଙ୍କା ପର୍ଯ୍ୟନ୍ତ ଭାରତୀୟ ନୋଟ୍ ବୈଧ। ଅବଶିଷ୍ଟ ଟଙ୍କା ଉପରୁ ଆଇନଗତ ମାନ୍ୟତା ପ୍ରତ୍ୟାହାର କରାଯାଇଛି। ସରକାର ଖୁବଶୀଘ୍ର ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିବେ। ସୂଚନାଥାଉ କି, ଭାରତରେ ବିମୁଦ୍ରୀକରଣ ଯୋଗୁ ନେପାଳ ଓ ଭୁଟାନ ବେଶ ପ୍ରଭାବିତ ହୋଇଥିଲା। ନେପାଳ ସରକାର ଅଚଳ ଭାରତୀୟ ଟଙ୍କାକୁ ଫେରାଇବାକୁ କହିଥିଲେ ହେଁ ଭାରତ ଏ ଦିଗରେ କର୍ଣ୍ଣପାତ କରି ନାହିଁ। ଏଥିରେ ନେପାଳ କ୍ଷୁବ୍ଧ ହୋଇଛି।

## ରାଜସ୍ଥାନରେ ଗେହଲଟ୍ ରାଜ

ନୂଆଦିଲ୍ଲୀ,୧୪।୧୨(ପି.ଟି.)

ମଧ୍ୟପ୍ରଦେଶ ପରେ ରାଜସ୍ଥାନ ଅଡୁଆ ଛିଣ୍ଡିଲା। ରାଜସ୍ଥାନରେ ବରିଷ୍ଠ କଂଗ୍ରେସ ନେତା ଅଶୋକ ଗେହଲଟଙ୍କ ରାଜ ଚାଲିବ ବୋଲି ଦଳର ହାଇକମାଣ୍ଡ ସ୍ଥିର କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଦୌଡ଼ରେ ଥିବା ପିସିସି ସଭାପତି ସଚିନ ପାଇଲଟଙ୍କୁ ଉପମୁଖ୍ୟମନ୍ତ୍ରୀ ଦାୟିତ୍ୱ ଦେଇ ସନ୍ତୁଷ୍ଟ କରିବାକୁ ଉଦ୍ୟମ କରାଯାଇଛି।

ରାଜସ୍ଥାନରେ ସଦ୍ୟ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ବସୁନ୍ଧରା ରାଜେଙ୍କ ନେତୃତ୍ୱାଧୀନ ଭାଜପା ସରକାରକୁ କଂଗ୍ରେସ ଧରାଶାୟୀ କରିଛି। ଏହି ହିନ୍ଦୀ ଭାଷୀ ରାଜ୍ୟରେ ସରକାର ଗଠନ ପାଇଁ ୧୦୦ ଆସନ ଆବଶ୍ୟକ, ଯାହାକି କଂଗ୍ରେସ ହାସଲ କରିଛି। ☞ ପୃଷ୍ଠା-୪

**ସଚିନ ପାଇଲଟ୍ ଉପମୁଖ୍ୟମନ୍ତ୍ରୀ**



ଅଶୋକ ଗେହଲଟ୍



ସଚିନ ପାଇଲଟ୍

## ପ୍ରସାଦ ଖାଇ ୧୨ ମୃତ

ବେଙ୍ଗାଲୁରୁ,୧୪।୧୨(ପି.ଟି.)

**ହସ୍ପିଟାଲରେ ୮୨ ଭର୍ତ୍ତି**

କର୍ଣ୍ଣାଟକର ଚାମରାଜନଗର ଜିଲା ଅନ୍ତର୍ଗତ ଏକ ମନ୍ଦିରରେ ପ୍ରସାଦ ଖାଇ ୧୨ ଜଣଙ୍କର ମୃତ୍ୟୁ ହୋଇଥିଲାବେଳେ ଅନ୍ୟ ୮୨ ଜଣ ଅସୁସ୍ଥ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସୁଲିବାଦି ଗ୍ରାମରେ ଥିବା କିଚୁ ମାରାଣ୍ଡା ମନ୍ଦିରରେ ଏହି ପ୍ରସାଦ ପରିବେଷଣ କରାଯାଇଥିଲା। ଏଥିରେ ବିଷାକ୍ତ ସାମଗ୍ରୀ ମିଶିଥିବା ସନ୍ଦେହ କରାଯାଉଛି। ଜିଲା ପ୍ରଶାସନ ଖାଦ୍ୟ ନମୁନା ସଂଗ୍ରହ କରି ପରୀକ୍ଷା ନିମନ୍ତେ ଲାବରେଟୋରୀକୁ ପଠାଇଛି। ଅସୁସ୍ଥମାନଙ୍କୁ ଚାମରାଜନଗର ଏବଂ ମହୀଶୂର ଜିଲାର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନେକଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି। ପ୍ରସାଦରୁ କିରୋସିନ ଗନ୍ଧ ହେଉଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏହାକୁ ଖାଇବା ପରେ ଭକ୍ତମାନଙ୍କ ପେଟ ଯନ୍ତ୍ରଣା ହେବା ସହ ବାନ୍ତି ହୋଇଥିଲା। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ମର୍ମାହତ ହୋଇଛନ୍ତି। ଅସୁସ୍ଥମାନଙ୍କୁ ଉପଯୁକ୍ତ ଚିକିତ୍ସା ସୁନିଶ୍ଚିତ କରିବା ଲାଗି ସେ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ମୃତକଙ୍କ ପରିବାର ଲାଗି ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏଭଳି ଅମାନବୀୟ କାର୍ଯ୍ୟ ଲାଗି ଯିଏ ଦାୟୀ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମନ୍ଦିର ପ୍ରତିଷ୍ଠା ଦିବସ ପାଳନ ବେଳେ ଏଭଳି ଅଘଟଣ ଘଟିଛି। ଖାଦ୍ୟରେ କୀଟନାଶକ ମିଶିଥାଇପାରେ ବୋଲି ଡାକ୍ତର ସନ୍ଦେହ ପ୍ରକାଶ କରିଛନ୍ତି। ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ଜଣେ ଅଧିକାରୀ କହିଛନ୍ତି।

## ଅମିତାଭ ଘୋଷଙ୍କୁ ଜ୍ଞାନପୀଠ



ନୂଆଦିଲ୍ଲୀ,୧୪।୧୨(ପି.ଟି.)

ଖ୍ୟାତନାମା ଇଂଲିଶ ଲେଖକ ଅମିତାଭ ଘୋଷଙ୍କୁ ଜ୍ଞାନପୀଠ ପୁରସ୍କାରରେ ସମ୍ମାନିତ କରାଯାଇଛି। ଭାଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ପ୍ରତିବର୍ଷ ଜଣେ ବିଶିଷ୍ଟ ସାହିତ୍ୟିକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଜଣେ ଔପନ୍ୟାସିକ ଭାବେ ଘୋଷଙ୍କର ସ୍ୱାତନ୍ତ୍ର୍ୟ ରହିଛି। ସେ ତାଙ୍କ ଉପନ୍ୟାସରେ ଆଧୁନିକ ଯୁଗକୁ ଐତିହାସିକ ଧାରାରେ ପରିପ୍ରକାଶ କରିଥାନ୍ତି ଏବଂ ଅତୀତକୁ ଭବିଷ୍ୟତ ସହ ପ୍ରାସଙ୍ଗିକ ଭାବେ ସଂଯୋଗ କରିଥାନ୍ତି। ତାଙ୍କ ସାହିତ୍ୟ କୃତିର ଅସାଧାରଣ ଗାମ୍ଭୀର୍ଯ୍ୟ ରହିଛି ବୋଲି ଭାରତୀୟ ☞ ପୃଷ୍ଠା-୪

## ପ୍ରଥମ ଦିନରେ ମରାଗଲା ୩୯୯ କୁକୁଡ଼ା

**ବାର୍ଡ ଫ୍ଲୁ ଆତଙ୍କ**

କୃଷ୍ଣପ୍ରସାଦ,(ଡି.ଏନ.ଏ.)/ପୁରୀ ଅଫିସ,୧୪।୧୨

ବାର୍ଡ ଫ୍ଲୁ ଚିହ୍ନଟ ହେବା ପରେ ପୁରୀ ଜିଲାରେ ଆତଙ୍କ ଖେଳିଯାଇଛି। ଜିଲା ପ୍ରଶାସନ ତ୍ୱରିତ ପଦକ୍ଷେପ ଗ୍ରହଣ କରି ଶୁକ୍ରବାରଠାରୁ କୁକୁଡ଼ାମରା ଅଭିଯାନ ଆରମ୍ଭ କରିଛି। ପ୍ରଥମ ଦିନରେ ୫ଟି ଟିମ୍ କୃଷ୍ଣପ୍ରସାଦ ବ୍ଲକ ବୁଦ୍ଧିବର ପଞ୍ଚାୟତର ସଂକ୍ରମିତ ଗାଁ ସାନସାହି ଓ ପଥରଗଞ୍ଜରେ ଥିବା ୨ଟି ଫାର୍ମରୁ ୩୯୯ କୁକୁଡ଼ା ମାରିଛନ୍ତି। ପୋଲିସ ଉପସ୍ଥିତିରେ ଏବଂ ଜନସାଧାରଣଙ୍କ ସହମତିରେ ମରାଯାଇଥିବା ଏହି କୁକୁଡାଗୁଡ଼ିକୁ ଜନବସତି ଏବଂ ଜଳାଶୟଠାରୁ ଦୂରରେ ଗାତ ଖୋଳି ପୋତି ଦିଆଯାଇଛି। ଶନିବାରଠାରୁ ପ୍ରଭାବିତ ଗାଁ ଏବଂ ଏହାର ୧ କିମି ମଧ୍ୟରେ ଥିବା ଫାର୍ମ ଏବଂ ଘରୋଇ କୁକୁଡ଼ା ମରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ଶୁକ୍ରବାର ସକାଳ ପ୍ରାୟ ସାଢେ ୮ଟାରେ ୮ଟି ରାପିଡ୍ ରେସପନ୍ସ ଟିମ୍ (ଆରଆରଟି) ମାଲୁଦରେ ପହଞ୍ଚିଥିଲେ। ସେଠାରୁ ପ୍ରଥମେ ପ୍ରଭାବିତ ଗାଁ ସାନସାହିକୁ ଯାଇଥିଲେ। ଗାଁଠୁ ଦେଢ କିମି ଦୂରରେ ଥିବା ବିଜୟ ଗୌଡ଼ଙ୍କ କୁକୁଡ଼ା ଫାର୍ମରୁ କୁକୁଡା ମରା ଅଭିଯାନ ଆରମ୍ଭ କରି ୩୭୩ଟି କୁକୁଡ଼ା ମାରିଥିଲେ। ମୃତ କୁକୁଡ଼ା, ଦାନା, କୁଣ୍ଡ ଆଦି ଜନବସତିଠାରୁ ୧ କିମି ଦୂର ଏକ ପଡ଼ିଆରେ ଗାତ ଖୋଳି ଚୂନ, ବ୍ଲିଚିଂ ଓ ଫିନାଇଲ ପକାଇ ପୋତିଥିଲେ। ଏହାପରେ ଟିମ୍ ପଥରଗଞ୍ଜ ଗାଁରେ ପହଞ୍ଚିଥିଲା। ଗାଁଠୁ ୧ କିମି ଦୂରରେ ଥିବା ବିଶ୍ୱାଳ ଫାର୍ମରୁ ୨୬ଟି କୁକୁଡ଼ା ମରାଯାଇ ସେହି ଗାତରେ ପୋତା ଯାଇଥିଲା। ☞ ପୃଷ୍ଠା-୯

**କିଛି ତଥ୍ୟ**

୨୦୧୭-୧୮ ଆର୍ଥିକ ବର୍ଷରେ କୋଇଲା ଆମଦାନୀ ମୂଲ୍ୟରେ ୩୮.୨% ବୃଦ୍ଧି ଘଟି ୧.୩୮ ଲକ୍ଷ କୋଟି ଛୁଇଁଛି।

- କୋଇଲା ମନ୍ତ୍ରଣାଳୟ

**CBSE Exam Mate**

ପୃଷ୍ଠା -୧୫


NECC NATIONAL EGG CO-ORDINATION COMMITTEE 14.12.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 70 | 119 | 129 |
| CTC | 72 | 122 | 132 |
| DKL | 72 | 122 | 132 |
| BDK | 72 | 122 | 132 |
| BLS | 72 | 122 | 132 |
| ANG | 72 | 122 | 132 |

*Conditions Apply

Eggs Retail Price- 52/-Dozen

Issued in the Interest of Consumers


- ଫଳ ଆଣିଲା ରେଳରୋକୋ

## ଅଟକିବ ଇଣ୍ଟରସିଟି

- ବାମୁର ଷ୍ଟେଶନରେ ଜୋର୍‌ଦାର ଆନ୍ଦୋଳନ
- ୭ ଟ୍ରେନ୍ ଚଳାଚଳ ସାଢ଼େ ୭ ଘଣ୍ଟା ବାଧାପ୍ରାପ୍ତ
- ୩ ମାସରେ ଦାବି ପୂରଣ ପାଇଁ ମିଳିଲା ପ୍ରତିଶ୍ରୁତି

ବଇଣ୍ଡା, ୧୪।୧୨(ଡି.ଏନ.ଏ.)-

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ରେଳ ଷ୍ଟେଶନରେ ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସ୍ ରହଣି ପାଇଁ ଦୀର୍ଘଦିନ ଧରି ଦାବି କରିଆସିଥିବା ବାମୁର ଉପଭୋକ୍ତା କମିଟି ଶୁକ୍ରବାର ରେଳରୋକୋ ଆନ୍ଦୋଳନକୁ ଓହ୍ଲାଇଥିଲା। ବିରୋଧ ଏତେ ଜୋରଦାର ଥିଲା ଯେ ବାମୁର ସହ ବ୍ଲକର ଅନେକ ଅଞ୍ଚଳରେ ବନ୍ଦ ପାଳନ ଭଳି ସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ ସ୍ୱତଃସ୍ଫୂର୍ତ୍ତ ଭାବେ ଆନ୍ଦୋଳନରେ ସାମିଲ ହୋଇଯିବାରୁ ଦୋକାନ ବଜାର, ବ୍ଲକ, ତହସିଲ ସହ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବ୍ୟାଙ୍କ ବନ୍ଦ ହୋଇଯାଇଥିଲା। ଏପରି ଜନ ଅସନ୍ତୋଷକୁ ଦେଖି ଶେଷରେ ରେଳ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଆଲୋଚନାକୁ ଆସିବା ସହ ୩ ମାସ ମଧ୍ୟରେ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ☞ ପୃଷ୍ଠା-୪



ବାମୁର ରେଳ ଷ୍ଟେଶନଠାରେ ପ୍ରତିବାଦ ସଭା।






ବୌଦ୍ଧ ପରମ୍ପରାରେ ଉଭୟ ପୁରୁଷ ଓ ମହିଳାଙ୍କୁ ସମାନ ଅଧିକାର ଦିଆଯାଇଥାଏ। ଭବିଷ୍ୟତରେ ଜଣେ ମହିଳା ଦଲାଇ ଲାମା ହୋଇପାରନ୍ତି।

-ଦଲାଇ ଲାମା,ତିବ୍ବତୀୟ ଧର୍ମଗୁରୁ



## ସଂକ୍ଷେପରେ

### ଟ୍ରମ୍ପଙ୍କ ଜ୍ୱାଇଁ ହେବେ ଚିଫ୍ ଅଫ୍ ଷ୍ଟାଫ୍

**ୱାଶିଂଟନ,୧୪।୧୨(ପି.ଟି.):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜ୍ୱାଇଁ ତଥା ବରିଷ୍ଠ ଉପଦେଷ୍ଟା ଜାରେଡ କୁଶନେର ଦେଶର ପରବର୍ତ୍ତୀ ଚିଫ ଅଫ ଷ୍ଟାଫ୍ ହୋଇପାରନ୍ତି। ଏଥିପାଇଁ ପ୍ରସ୍ତୁତ ସଂକ୍ଷିପ୍ତ ତାଲିକାରେ କୁଶନେରଙ୍କ ନାଁ ରହିଥିବା ଆମେରିକା ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି। ଇଭାଙ୍କାଙ୍କ ସ୍ୱାମୀ କୁଶନେର ହ୍ୱାଇଟ ହାଉସ୍‌ର ପ୍ରଭାବଶାଳୀ ଉପଦେଷ୍ଟା। ଚିଫ ଅଫ ଷ୍ଟାଫ ଭାବେ ଜନ୍ କେଲି ଚଳିତ ବର୍ଷ ଶେଷରେ ଅବସର ନେବେ। ଉପରାଷ୍ଟ୍ରପତି ମାଇକ୍ ପେନ୍ସଙ୍କ ଚିଫ ଅଫ ଷ୍ଟାଫ୍ ଥିବା ନିକ ଆୟେରେସ୍ ଏହି ପଦବୀ ଲାଗି ଉପଯୁକ୍ତ ବୋଲି କୁହାଯାଉଥିଲେ ହେଁ ସେ ଏହି ଦୌଡରେ ନ ଥିବା କଥା କହିଛନ୍ତି। ସେହିପରି ନର୍ଥ କରୋଲିନାର ରିପବ୍ଲିକାନ ନେତା ମାର୍କ ମିଡୋଜ୍ ଅଧିକ ଆଗ୍ରହ ପ୍ରକାଶ କରିଥିଲେ ମଧ୍ୟ ସେ ପ୍ରାର୍ଥିତ୍ୱରୁ ଓହରିଯାଇଛନ୍ତି। ଅନ୍ୟ ପକ୍ଷରେ ଉତ୍ତର ଆମେରିକୀୟ ଦେଶଗୁଡିକ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ବଜାୟ ରଖିବାରେ କାନାଡା ଏବଂ ମେକ୍ସିକୋ ମଧ୍ୟରେ ବୁଝାମଣାରେ କୁଶନେରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ମଧ୍ୟପ୍ରାଚ୍ୟ ଶାନ୍ତି ଚିଠା ଯୋଜନା ପ୍ରସ୍ତୁତିରେ ମଧ୍ୟ ସେ ମୁଖ୍ୟ ଭୂମିକା ନେଇଥିଲେ।



### କେସିଆର୍‌ଙ୍କ ପୁଅ ଟିଆର୍‌ଏସ୍ କାର୍ଯ୍ୟକାରୀ ସଭାପତି

**ହାଇଦ୍ରାବାଦ,୧୪।୧୨(ପି.ଟି.):** ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ତାଙ୍କ ପୁଅ କେ.ଟି. ରାମା ରାଓଙ୍କୁ ଦଳର କାର୍ଯ୍ୟକାରୀ ସଭାପତି ଭାବେ ଶୁକ୍ରବାର ନିଯୁକ୍ତି ଦେଇଛନ୍ତି।



କେସିଆର୍ ଜାତୀୟ ରାଜନୀତିରେ ଅଧିକ ମନୋନିବେଶ କରିବାକୁ ଚାହୁଁଥିବାରୁ ରାମା ରାଓଙ୍କୁ ତାଙ୍କ ରାଜନୈତିକ ଉତ୍ତରାଧିକାରୀ କରିଥିବା ବସ୍ତୁତଃ ସ୍ପଷ୍ଟ ହୋଇଯାଇଛି। ପୂର୍ବ ସରକାରରେ ରାମା ରାଓ ଆଇଟି ଏବଂ ଶିଳ୍ପମନ୍ତ୍ରୀ ଥିଲେ। ତେଲେଙ୍ଗାନା ବିଧାନସଭା ନିର୍ବାଚନରେ ଟିଆରଏସ୍ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଦଳରେ ତାଙ୍କ ପ୍ରଭାବ ଯଥେଷ୍ଟ ବୃଦ୍ଧି ପାଇଥିବା ସ୍ପଷ୍ଟ ହୋଇଛି। ତେଲେଙ୍ଗାନା କ୍ୟାବିନେଟର ପରବର୍ତ୍ତୀ ସମ୍ପ୍ରସାରଣରେ ସେ ସ୍ଥାନ ପାଇବା ସୂଚନା ମିଳୁଛି। ଗୁରୁବାର କେସିଆର ଦ୍ୱିତୀୟ ଥର ଲାଗି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲା ବେଳେ ତାଙ୍କ ସହିତ ଜଣେ ମନ୍ତ୍ରୀ ମହମ୍ମଦ ମେହମୁଦ ଅଲି ଶପଥ ନେଇଥିଲେ। କେସିଆର ଜାତୀୟ ରାଜନୀତି ଏବଂ ରାଜ୍ୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ମନୋନିବେଶ କରୁଥିବାରୁ ରାମା ରାଓଙ୍କୁ କାର୍ଯ୍ୟକାରୀ ସଭାପତି କରିବା ଆବଶ୍ୟକ ଥିଲା ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।

# ରାୟ ପରେ ଯୁଦ୍ଧ

## ରାଫାଲ ଡିଲ୍



ସୁପ୍ରିମକୋର୍ଟଙ୍କ ରାୟ ରାଫାଲ୍ ଡିଲ୍‌କୁ ନେଇ ଭ୍ରଷ୍ଟାଚାର ଅଭିଯୋଗ ଆଣୁଥିବା ଲୋକଙ୍କ ଗାଲରେ ଚାପୁଡ଼ା। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସରକାରଙ୍କୁ ଟାର୍ଗେଟ କରିବାକୁ ଯାଇ ମିଛର ଆଶ୍ରୟ ନେଇଥିବାରୁ କ୍ଷମାମାଗନ୍ତୁ।

-ଅମିତ୍ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ



ଜେପିସି ତଦନ୍ତ କରାଗଲେ ଉଭୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଶିଳ୍ପପତି ଅନିଲ ଅମ୍ବାନୀଙ୍କ ନାମ ପଦାକୁ ଆସିବ ବୋଲି ସରକାର ଭୟ କରୁଛନ୍ତି। ସତ ସାମ୍ନାକୁ ଆଣିବା ପାଇଁ ଜେପିସି ଗଠନ କରାଯାଉ।

-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

**ନୂଆଦିଲ୍ଲୀ,୧୪।୧୨**

ରାଫାଲ ଡିଲ୍‌କୁ ନେଇ ତଦନ୍ତ ଅନାବଶ୍ୟକ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ରାୟ ଦେବା ପରେ ଜାତୀୟ ରାଜନୀତିରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ଅଦାଲତଙ୍କ ରାୟ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଆଶ୍ୱସ୍ତି ଦେଇଥିବାବେଳେ କଂଗ୍ରେସ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା ରାଫାଲ ଡିଲ୍ ଦୁର୍ନୀତିର ତଦନ୍ତ ଦାବି ଦୋହରାଇଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସରକାରଙ୍କୁ ଟାର୍ଗେଟ କରିବାକୁ ଯାଇ ମିଛର ଆଶ୍ରୟ ନେଇଥିବା ଦର୍ଶାଇ ସେ କ୍ଷମାମାଗନ୍ତୁ ବୋଲି ଭାଜପା ଦାବି କରିଛି। ଅନ୍ୟପକ୍ଷରେ ସର୍ବୋଚ୍ଚ ଅଦାଲତ ଏନ୍‌ଡିଏକୁ କ୍ଲିନ୍‌ଚିଟ୍ ଦେଇନାହାନ୍ତି ବୋଲି ଆବେଦନକାରୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନା କହିଛନ୍ତି। ଅଦାଲତଙ୍କ ରାୟ ମୋଟାମୋଟି ଭାବେ ଏକ ନୂଆ ବିବାଦକୁ ଜନ୍ମ ଦେଇଛି। ଏହାକୁ ନେଇ ପାର୍ଲାମେଣ୍ଟର ଉଭୟ ଗୃହ ମଧ୍ୟ ସରଗରମ ହୋଇଛି।

ତିନି ହିନ୍ଦୀଭାଷୀ ରାଜ୍ୟ ବିଧାନସଭା ନିର୍ବାଚନ ଫଳକୁ ନେଇ ଉଲ୍ଲସିତ କଂଗ୍ରେସ ପାଇଁ ଶୁକ୍ରବାର ଥିଲା ଅଶୁଭ ଦିନ। ନିର୍ବାଚନ ପରିଣାମ ଭାଜପାକୁ ବ୍ୟଥିତ କରିଥିବାବେଳେ ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିକୁ ନେଇ ସୁପ୍ରିମକୋର୍ଟଙ୍କ ରାୟ ଏନ୍‌ଡିଏ ସପକ୍ଷରେ ଆସିଛି। ୩୬ ଫାଇଟର ଜେଟ୍ କିଣିବା ପାଇଁ ହୋଇଥିବା ଚୁକ୍ତିରେ କୌଣସି ଅନିୟମିତତା ହୋଇନାହିଁ ବୋଲି ସର୍ବୋଚ୍ଚ ଅଦାଲତରେ ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ଅଦାଲତଙ୍କ ରାୟ ଆସିବା ପରେ କଂଗ୍ରେସକୁ ଟାର୍ଗେଟ କରିବା ପାଇଁ ଭାଜପାକୁ ଅସ୍ତ୍ର ମିଳିଯାଇଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ସତ୍ୟର ବିଜୟ ହୋଇଛି। ଅଦାଲତଙ୍କ ରାୟ କଂଗ୍ରେସ ଗାଲରେ ଏକ ଶକ୍ତ ଚାପୁଡ଼ା। କଂଗ୍ରେସ ଅଧ୍ୟକ୍ଷ ରାହୁଲ ସରକାରଙ୍କୁ ସମାଲୋଚନା କରିବାକୁ ଯାଇ ରାଫାଲ୍ ଚୁକ୍ତି ସମ୍ପର୍କରେ ଅପପ୍ରଚାର ଚଳାଇଥିଲେ। ଏବେ ସତ ସାମ୍ନାକୁ ଆସିବା ପରେ ସେ ଦେଶବାସୀଙ୍କୁ କ୍ଷମାମାଗନ୍ତୁ। ଏହାସହ ସେ କେଉଁ ତଥ୍ୟ ଆଧାରରେ ସରକାରଙ୍କୁ ବଦନାମ କରୁଥିଲେ ତାହା ସାର୍ବଜନୀନ କରନ୍ତୁ ବୋଲି ଶାହ ଦାବି କରିଛନ୍ତି। ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅମ୍ବାନୀ ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ କରି କହିଛନ୍ତି, ତାଙ୍କ କମ୍ପାନୀ ବିରୋଧରେ ଅଣାଯାଇଥିବା ଅଭିଯୋଗ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ। ଅଦାଲତ ସମସ୍ତ ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ଖାରଜ କରି ଅଭିଯୋଗଗୁଡ଼ିକ ଭିତ୍ତିହୀନ ବୋଲି ପ୍ରମାଣିତ କରିଛନ୍ତି। ଦେଶର ନିରାପତ୍ତା ପ୍ରତି ରିଲାଏନ୍ସ ଗ୍ରୁପ୍ ପ୍ରତିଶ୍ରୁତିବଦ୍ଧ।



ଅନ୍ୟପକ୍ଷରେ କଂଗ୍ରେସର ଯୁକ୍ତି ହେଉଛି, ୩୬,୦୦୦ କୋଟି ଟଙ୍କାର ରାଫାଲ ଚୁକ୍ତି ଦୁର୍ନୀତି ସମ୍ପର୍କରେ ସୁପ୍ରିମକୋର୍ଟ ବିଚାର କରିପାରିବେ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ତେଣୁ କେନ୍ଦ୍ର ସରକାର ଏହାର ତଦନ୍ତ ପାଇଁ ଜେପିସି ଗଠନ କରନ୍ତୁ। ରାହୁଲ କହିଛନ୍ତି, ଚୁକ୍ତିରେ ବ୍ୟାପକ ଦୁର୍ନୀତି ହୋଇଛି। ଏ ସମ୍ପର୍କିତ ସିଏଜି ରିପୋର୍ଟକୁ ପାର୍ଲାମେଣ୍ଟର ପବ୍ଲିକ୍ ଆକାଉଣ୍ଟସ କମିଟିରେ କାହିଁକି ଉପସ୍ଥାପନ କରାଯାଇ ନାହିଁ। ଜେପିସି ତଦନ୍ତ କରାଗଲେ ଉଭୟ ମୋଦି ଓ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଗ୍ରୁପ୍‌ର ନାମ ପଦାକୁ ଆସିବ। ସେପଟେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଛନ୍ତି, କେବଳ ଅଦାଲତ ହିଁ ଏପରି ଦତନ୍ତ କରିପାରିବେ। କାରଣ ଏପରି ପ୍ରସଙ୍ଗରେ ଜେପିସି ତଦନ୍ତ ନିରପେକ୍ଷ ହେବ ନାହିଁ ବୋଲି ଅତୀତର ଅନୁଭୂତିରୁ ଜଣାପଡ଼ିଛି। ସୁପ୍ରିମକୋର୍ଟଙ୍କ ରାୟ ଚୂଡ଼ାନ୍ତ। ଡିଲ୍‌କୁ ନେଇ କୌଣସି ସନ୍ଦେହ ରହିବା ଅନୁଚିତ ବୋଲି ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନ୍‌ଙ୍କ ସହ ଏକ ଖବରଦାତା ସମ୍ମିଳନୀରେ ଜେଟ୍‌ଲୀ ପ୍ରକାଶ କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି, ଅଦାଲତଙ୍କ ରାୟ କଂଗ୍ରେସ ପାଇଁ ଝଟକା ନୁହେଁ। କାରଣ ରାଫାଲ ଡିଲ୍ ପ୍ରସଙ୍ଗ ଏବେ ବି ଲୋକଙ୍କ କୋର୍ଟରେ ରହିଛି। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନା ଓ ଅରୁଣ ସୌରୀ ଏବଂ ଆଇଜୀବୀ ପ୍ରଶାନ୍ତ ଭୂଷଣ କହିଛନ୍ତି, ଅଦାଲତ ଦସ୍ତାବିଜରେ ଦିଆଯାଇଥିବା ତଥ୍ୟକୁ ଅନୁଧ୍ୟାନ ନ କରି ଓ ଫ୍ରାନ୍ସର ଫାଇଟର ଜେଟ୍ କିଣା ଚୁକ୍ତିର ତଦନ୍ତ ପାଇଁ ବିଚାର ନ କରି ରାୟ ଦେଇଛନ୍ତି। ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଏହାକୁ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ କ୍ଲିନ୍‌ଚିଟ୍ ଏବଂ ଏକ ଉତ୍ତମ ରାୟ ଭାବେ ଅଭିହିତ କରିଛନ୍ତି।

ସେପଟେ ସୁପ୍ରିମକୋର୍ଟଙ୍କ ରାୟକୁ ନେଇ ପାର୍ଲାମେଣ୍ଟର ଉଭୟ ଗୃହ ସରଗରମ ହୋଇଥିଲା। ରାହୁଲ ଦେଶକୁ ବିଭ୍ରାନ୍ତ କରିଥିବାରୁ ସେ କ୍ଷମାମାଗନ୍ତୁ ବୋଲି ସଂସଦୀୟ ବ୍ୟାପାରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ପ୍ରଶ୍ନକାଳରେ ଦାବି କରିଥିଲେ। ଏହି ପ୍ରସଙ୍ଗକୁ ନେଇ ହଟ୍ଟଗୋଳ ମଧ୍ୟରେ ଉଚ୍ଚ ସଦନ ରାଜ୍ୟ ସଭା ଓ ନିମ୍ନ ସଦନ ଲୋକ ସଭାକୁ ଦିନକ ପାଇଁ ମୁଲତବୀ କରାଯାଇଛି।

## ୧୭ରେ ଶପଥ ନେବେ କମଲନାଥ

**ଭୋପାଳ,୧୪।୧୨(ପି.ଟି.)**

ବରିଷ୍ଠ କଂଗ୍ରେସ ନେତା କମଲନାଥ ମଧ୍ୟପ୍ରଦେଶର ୧୮ତମ ମୁଖ୍ୟମନ୍ତ୍ରୀ ଭାବେ ଆସନ୍ତା ୧୭ ତାରିଖରେ ଶପଥ ନେବେ। ଶୁକ୍ରବାର ସେ ରାଜ୍ୟପାଳ ଆନନ୍ଦୀବେନ୍ ପଟେଲଙ୍କୁ ରାଜଭବନରେ ଭେଟିଥିଲେ। ତାଙ୍କୁ ସରକାର ଗଢ଼ିବା ଲାଗି ରାଜ୍ୟପାଳ ଆମନ୍ତ୍ରଣ କରିଛନ୍ତି। ଉଭୟଙ୍କ ମଧ୍ୟରେ ୫୦ ମିନିଟ ଧରି ଆଲୋଚନା ହୋଇଥିଲା। ୧୭ ତାରିଖ ଅପରାହ୍ନ ୧ଟା ୩୦ ମିନିଟ ସମୟରେ ଭୋପାଳର ଲାଲ୍ ପରେଡ ଗ୍ରାଉଣ୍ଡରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ବୋଲି କମଲନାଥ ରାଜଭବନ ବାହାରେ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି। ଛିନ୍ଦୱାଡ଼ାରୁ ୯ ଥର ଲୋକ ସଭାକୁ ନିର୍ବାଚିତ ହୋଇଥିବା କମଲନାଥଙ୍କୁ ଗୁରୁବାର ରାତିରେ କଂଗ୍ରେସ ବିଧାୟକ ଦଳ ନେତା ନିର୍ବାଚିତ କରାଯାଇଥିଲା।



## ଖାତରେ ଖସିଲା ଗାଡ଼ି: ୭ ମୃତ

**ଜମ୍ମୁ,୧୪।୧୨(ପି.ଟି.)**

ଜମ୍ମୁ-କଶ୍ମୀରର ରେଆସି ଜିଲାରେ ଏକ ଗାଡ଼ି ଖାତକୁ ଖସିପଡିବା ଯୋଗୁ ୩ ଜଣ ପିଲାଙ୍କ ସମେତ ୭ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ଏକ ବିବାହ ଉତ୍ସବରେ ଯୋଗଦେଇ ସେମାନେ ଫେରୁଥିଲାବେଳେ ତମାସଗଲି ଅଞ୍ଚଳରେ ଏହି ଦୁର୍ଘଟଣା ହୋଇଥିଲା। ଆହତମାନଙ୍କୁ ଜମ୍ମୁର ଜିଏମ୍‌ସି ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଏବଂ ଗାଡ଼ି ଡ୍ରାଇଭର ବିରୋଧରେ ଥାନାରେ ଏତଲା ରୁଜୁ ହୋଇଛି। ଡ୍ରାଇଭର ନିଶାଗ୍ରସ୍ତ ଥିବା କୁହାଯାଉଛି।

## ହମିଦଙ୍କୁ ଭାରତ ପଠାଅ

### ପାକ୍ ସରକାରଙ୍କୁ କୋର୍ଟଙ୍କ ନିର୍ଦ୍ଦେଶ

**ଇସ୍‌ଲାମାବାଦ/ପେଶାୱର, ୧୪।୧୨(ପି.ଟି.):**

ପାକିସ୍ତାନ ଜେଲ୍‌ରେ ବନ୍ଦୀ ଥିବା ଭାରତୀୟ ହମିଦ ନିହାଲ ଅନସାରୀଙ୍କୁ ମାସକ ମଧ୍ୟରେ ଭାରତ ପଠାଇବା ଲାଗି ସେଠାର ଏକ ଶୀର୍ଷ ଅଦାଲତ ପାକ୍ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହମିଦଙ୍କ ୩ ବର୍ଷର ଜେଲ୍ ମିଆଦ ଆସନ୍ତା ୧୫ ତାରିଖରେ ଶେଷ ହେଉଛି। ମୁମ୍ବାଇର ୩୩ ବର୍ଷୀୟ ହମିଦଙ୍କ ପାଖରେ ଜାଲ୍ ପାକିସ୍ତାନୀ ପରିଚୟପତ୍ର ରଖିଥିବାରୁ ସେଠାର ସାମରିକ ଅଦାଲତ ୨୦୧୫ ଡିସେମ୍ବର ୧୫ରେ ତାଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଥିଲା। ଏବେ ହମିଦ ପେଶାୱର କେନ୍ଦ୍ରୀୟ ଜେଲ୍‌ରେ ରହିଛନ୍ତି। ଅନଲାଇନରେ ଜଣେ ପାକିସ୍ତାନୀ ଯୁବତୀ ସହ ସମ୍ପର୍କ ସ୍ଥାପନ କରି ହମିଦ ଆଫଗାନିସ୍ତାନ ଦେଇ ପାକିସ୍ତାନରେ ପ୍ରବେଶ କରିଥିବା ଅଭିଯୋଗରେ ପାକ୍ ପୋଲିସ ତାଙ୍କୁ ୨୦୧୨ରେ ଗିରଫ କରିଥିଲା। ଗୁରୁବାର ପେଶାୱର ହାଇକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ହମିଦଙ୍କ ଆବେଦନର ଶୁଣାଣି କରିଥିଲେ। ମାସକ ମଧ୍ୟରେ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ଶେଷ କରି ତାଙ୍କୁ ଭାରତ ପଠାଇଦେବାକୁ ଖଣ୍ଡପୀଠ ପାକ୍ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



## '୩ କୋଟି ଶିଶୁଙ୍କୁ ମିଳୁ ଉତ୍ତମ ଯତ୍ନ'

**ଜାତିସଂଘ:** ବିଶ୍ୱରେ ପ୍ରତିବର୍ଷ ୩ କୋଟି ଶିଶୁ ଅପରିପକ୍ୱ ଅଥବା ଦୁର୍ବଳ ହୋଇ ଜନ୍ମ ନିଅନ୍ତି। ଜନ୍ମର କିଛି ମାସ ପର୍ଯ୍ୟନ୍ତ ସେମାନଙ୍କୁ ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ ବୋଲି ୟୁନିସେଫ୍ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ୟୁନିସେଫ୍‌ର ଡେପୁଟି ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଓମାର ଆବ୍‌ଦି କହନ୍ତି, ନବଜାତ ଶିଶୁ ଏବଂ ମା'ର ଯଥାର୍ଥ ସମୟରେ ଉପଯୁକ୍ତ ଯତ୍ନ ନିଆଯାଇପାରିଲେ ଅପରିପକ୍ୱ ଶିଶୁର ବିକାଶ ହୋଇପାରିବ। ଗୁଣାତ୍ମକ ସେବାଯତ୍ନ ପାଇବା ଶିଶୁଙ୍କର ମୌଳିକ ଅଧିକାର ହୋଇଥିବା ବେଳେ ଏହା ଅଭାବରୁ ପ୍ରତିବର୍ଷ ଲକ୍ଷଲକ୍ଷ ଦୁର୍ବଳ ଓ ଅପରିପକ୍ୱ ଶିଶୁ ଏବଂ ମା' ମୃତ୍ୟୁବରଣ କରନ୍ତି। ସେମାନଙ୍କ ଜୀବନ ରକ୍ଷା ଆମର ସମଷ୍ଟିଗତ ଦାୟିତ୍ୱ। ନିକଟରେ ପ୍ରକାଶିତ 'ସର୍ଭାଇଭ୍ ଆଣ୍ଡ ଥ୍ରାଇଭ୍: ଟ୍ରାନ୍ସଫର୍ମିଙ୍ଗ୍ କେୟାର ଫର ଏଭ୍ରି ସ୍ମଲ ଆଣ୍ଡ ସିକ୍ ନ୍ୟୁବର୍ନ' ରିପୋର୍ଟରେ କୁହାଯାଇଛି ଅପରିପକ୍ୱ ଅବସ୍ଥାରେ ଅଥବା ମସ୍ତିଷ୍କ ଆଘାତପ୍ରାପ୍ତ ହୋଇ ଜନ୍ମ ଶିଶୁ ଗୁରୁତର ଭୂତାଣୁ ଓ ଜଣ୍ଡିସ ଦ୍ୱାରା ଆକ୍ରାନ୍ତ ହୁଅନ୍ତି।

## ଫୁର୍‌ସତ

## ଆମେରିକାରେ ସାରାଙ୍କୁ ଭେଟିଥିଲେ ସଚିନ

### ରାଜସ୍ଥାନ ଉପମୁଖ୍ୟମନ୍ତ୍ରୀଙ୍କ ପ୍ରେମ କାହାଣୀ

**ଜୟପୁର:** ରାଜସ୍ଥାନର ଉପମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରିବାକୁ ଯାଉଥିବା ସଚିନ୍ ପାଇଲଟ୍ ଯେ, ପ୍ରେମ ବିବାହ କରିଥିଲେ ତାହା ଖୁବ୍ କମ୍ ଲୋକଙ୍କୁ ଜଣାଥିବ। ଜମ୍ମୁ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲାଙ୍କ କନ୍ୟା ସାରା ଅବଦୁଲ୍ଲା ହେଉଛନ୍ତି ତାଙ୍କର ପ୍ରେମିକା-ପତ୍ନୀ। ଆମେରିକାରେ ଏମ୍‌ବିଏ ଅଧ୍ୟୟନ କରୁଥିବା ବେଳେ ଉଭୟଙ୍କ ମଧ୍ୟରେ ଦେଖାସାକ୍ଷାତ ହୋଇଥିଲା। ଏହାକୁ କିନ୍ତୁ ବିରୋଧ କରିଥିଲେ ଫାରୁକ୍ ଅବଦୁଲା। ଏହା ସତ୍ତ୍ୱେ ୨୦୦୪ରେ ସଚିନ ଓ ସାରାଙ୍କ ମଧ୍ୟରେ ବାହାଘର ହୋଇଥିଲା।



ସଚିନ ଓ ସାରା ଭିନ୍ନ ଧର୍ମର। ସଚିନ୍ ହିନ୍ଦୁ ପରିବାରର ହୋଇଥିବା ବେଳେ ସାରା କଶ୍ମୀର ମୁସଲିମ୍ ସମ୍ପ୍ରଦାୟର। ତେବେ ଆଦର୍ଶଗତ ଏବଂ ଧର୍ମୀୟ ଭିନ୍ନତା ଦୁହିଁଙ୍କ ପ୍ରେମପଥରେ ପ୍ରତିବନ୍ଧକ ସୃଷ୍ଟି କରିପାରି ନ ଥିଲା। ସେମାନେ ସବୁ ପ୍ରତିବନ୍ଧକକୁ ଏଡାଇ ପରସ୍ପରର ହାତ ଧରିଥିଲେ।

## ଇତିହାସର ଆଇନାରେ

### ଡିସେମ୍ବର ୧୫ର ପ୍ରମୁଖ ଘଟଣା

୧୯୬୦ ଡିସେମ୍ବର ୧୫ରେ ନେପାଳର ରାଜା ମହେନ୍ଦ୍ର ଦେଶର ସମ୍ବିଧାନକୁ ଭାଙ୍ଗି ମନ୍ତ୍ରିମଣ୍ଡଳକୁ ବରଖାସ୍ତ କରିଥିଲେ। ଏହାପରେ ପ୍ରତ୍ୟକ୍ଷ ଆଇନ ଜାରିକଲେ। ନେପାଳର ରାଜା ମହେନ୍ଦ୍ର ବୀର ବିକ୍ରମ ସାହ ୧୯୨୦ ଜୁନ୍ ୧୧ରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୭୨ ଜାନୁୟାରୀ ୩୧ରେ ତାଙ୍କର ପରଲୋକ ହୋଇଥିଲା। ୧୯୪୦ରେ ସେ ଜେନେରାଲ ହରି ଶମ୍‌ଶେର ରାଣାଙ୍କ କନ୍ୟା ଇନ୍ଦ୍ରା ରାଜ୍ୟଲକ୍ଷ୍ମୀ ଦେବୀଙ୍କୁ ବିବାହ କରିଥିଲେ।

୨୦୧୦ ଡିସେମ୍ବର ୧୫ରେ ୯୦ ଶରଣାର୍ଥୀଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ଅଷ୍ଟ୍ରେଲିଆର ଖ୍ରୀଷ୍ଟମାସ ଆଇଲାଣ୍ଡ ଉପକୂଳରେ ବୁଡିଯାଇଥିଲା। ଏହି ଘଟଣାରେ ୪୮ ଶରଣାର୍ଥୀଙ୍କ ମୃତ୍ୟୁ ଘଟିଥିଲା। କୌଣସି କାରଣ ପାଇଁ ଦେଶରୁ ବିତାଡିତ ହୋଇ ଅନ୍ୟ ଦେଶକୁ ପଳାୟନ କରୁଥିବା ଲୋକଙ୍କୁ ଶରଣାର୍ଥୀ କୁହାଯାଏ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୧୮ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୪ | ୧୬.୮ |
| ଚାନ୍ଦବାଲି | ୨୭.୨ | ୧୮.୨ |
| କଟକ | ୨୮.୦ | ୧୭.୦ |
| ପାରାଦ୍ୱୀପ | ୨୮.୩ | ୧୮.୬ |
| ଭୁବନେଶ୍ୱର | ୨୯.୬ | ୧୭.୮ |
| ଗୋପାଳପୁର | ୩୦.୨ | ୧୯.୫ |
| ପୁରୀ | ୨୯.୨ | ୧୯.୦ |
| ଅନୁଗୋଳ | ୨୭.୧ | ୧୪.୬ |
| ବାରିପଦା | ୨୬.୪ | ୧୮.୨ |
| ଝାରସୁଗୁଡ଼ା | ୨୮.୦ | ୧୪.୨ |
| କେନ୍ଦୁଝର | ୨୫.୧ | ୧୬.୫ |
| ସମ୍ବଲପୁର | ୨୮.୪ | ୧୪.୮ |
| ସୁନ୍ଦରଗଡ଼ | ୨୯.୦ | ୧୧.୫ |
| ହୀରାକୁଦ | ୨୯.୧ | ୧୫.୭ |
| ତାଳଚେର | --- | ୧୫.୦ |
| ଭବାନୀପାଟଣା | --- | ୧୭.୮ |
| ବଲାଙ୍ଗୀର | ୨୮.୦ | ୧୬.୪ |
| କୋରାପୁଟ | ୨୬.୦ | ୧୪.୨ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୦.୫ | ୧୮.୬ |
| ସୋନପୁର | ୨୯.୬ | ୧୫.୨ |
| ଦାରିଙ୍ଗିବାଡ଼ି | ୨୪.୦ | ୧୨.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ରଣବୀରଙ୍କ କଥା ପଡ଼ିଲେ ଆଲିଆଙ୍କୁ ଲାଜ

**ମୁମ୍ବାଇ:** 'ବ୍ରହ୍ମାସ୍ତ୍ର'ର ସହ-ଅଭିନେତା ରଣବୀର କପୁରଙ୍କ କଥା ପଡ଼ିଲେ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କୁ ଆଜିକାଲି ଖୁବ୍ ଲାଜ ଲାଗୁଛି। ଗୁରୁବାର ଏଠାରେ ନିକେଲୋଡିଓନ୍ କିଡ୍ସ ଚଏସ୍ ଆୱାର୍ଡସ-୨୦୧୮ ଅବସରରେ ଖବରଦାତାଙ୍କ ସହ ଆଲୋଚନା ବେଳେ ଆଲିଆ ଏହା ପ୍ରକାଶ କରିଛନ୍ତି। ନିକଟରେ ଏକ ସାକ୍ଷାତ୍‌କାରରେ ଆଲିଆଙ୍କ ପିତା ତଥା ଫିଲ୍ମ ନିର୍ମାତା ମହେଶ ଭଟ୍ଟ କହିଥିଲେ, ରଣବୀରଙ୍କ ସହିତ ତାଙ୍କ ଝିଅର ସମ୍ପର୍କ ନେଇ ସେ ଖୁବ୍ ଖୁସି। ତେବେ ରଣବୀରଙ୍କ ସହ ସମ୍ପର୍କକୁ ତାଙ୍କ ପିତା କେତେଦୂର ଗ୍ରହଣ କରୁଛନ୍ତି ପ୍ରଶ୍ନରେ ଆଲିଆ କହିଥିଲେ, ଭବିଷ୍ୟତ କଥା ଚିନ୍ତା କରନ୍ତୁ ନାହିଁ। ବର୍ତ୍ତମାନ ମୁହୂର୍ତ୍ତରେ ଯାହା ଘଟୁଛି ସେଇଥିରେ ହିଁ ସନ୍ତୁଷ୍ଟ ରୁହନ୍ତୁ। ଏ ପ୍ରସଙ୍ଗରେ ମୋ ପିତାଙ୍କ ନିଷ୍ପତ୍ତି ଉପରେ ସବୁକିଛି ନିର୍ଭର କରେ। ବର୍ତ୍ତମାନ ଏ ବିଷୟରେ ଅଧିକ କିଛି କହିବା ଠିକ୍ ହେବନାହିଁ। ଆଲିଆଙ୍କ ଆଗରେ ଫିଲ୍ମର ଲମ୍ବା ଲାଇନ୍। ତାଙ୍କ ଅଭିନୀତ ଫିଲ୍ମ 'କଳଙ୍କ' ଆସନ୍ତାବର୍ଷ ଏପ୍ରିଲ ୧୮ରେ ରିଲିଜ ହେବାକୁ ଯାଉଛି। ଏଥିସହିତ 'ଗୁଲି ବଏ' ଫେବୃୟାରୀ ୧୪ରେ ରିଲିଜ ହେଉଥିବା ବେଳେ ଏହି ଫିଲ୍ମକୁ ବର୍ଲିନ ଫିଲ୍ମ ଫେଷ୍ଟିଭାଲ୍ ପାଇଁ ଚୟନ କରାଯାଇଛି। 'ବ୍ରହ୍ମାସ୍ତ୍ର' ଆସନ୍ତାବର୍ଷ ଖ୍ରୀଷ୍ଟମାସରେ ରିଲିଜ ହେବାର ଅଛି। ଆଲିଆ ୧୯ବର୍ଷ ବୟସରେ ପ୍ରଥମ କରି ଫିଲ୍ମ ଦୁନିଆରେ ପାଦଦେଇ 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର'ରେ ଅଭିନୟ ଆରମ୍ଭ କରିଥିଲେ।



## ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ୍-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡ଼ଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

## ସଂକ୍ଷେପରେ

### ଉପକୂଳମୁହାଁ ବାତ୍ୟା

#### ୬ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୪।୧୨(ବ୍ୟୁରୋ):ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଡିପ୍ ଡିପ୍ରେସନରେ ପରିଣତ ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଆହୁରି ଘନୀଭୂତ ହୋଇ ବାତ୍ୟା ରୂପ ନେବ । ୩୬ ଘଣ୍ଟା ମଧ୍ୟରେ ଆହୁରି ଭୟଙ୍କର ହୋଇ ସିଭିୟର ସାଇକ୍ଲୋନିକ ଷ୍ଟର୍ମରେ ପରିଣତ ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଶୁକ୍ରବାର ପୂର୍ବ-ଦକ୍ଷିଣ ପୂର୍ବ ଚେନ୍ନାଇ ଉପକୂଳରୁ ୯୩୦ କି.ମି. ଏବଂ ଦକ୍ଷିଣ-ପୂର୍ବ ଆନ୍ଧ୍ର ପ୍ରଦେଶର ମଛଲିପଟ୍ଟନମ୍‌ଠାରୁ ୧୦୯୦ କି.ମି. ଦୂରରେ ଝଡ କେନ୍ଦ୍ରୀଭୂତ ହୋଇଛି। ଏହା ଉତ୍ତର-ଉତ୍ତର ପଶ୍ଚିମ ଦିଗ ଦେଇ ଘଣ୍ଟାକୁ ୧୨ କିଲୋମିଟର ବେଗରେ ଗତି କରୁଛି। ବାତ୍ୟା ଉତ୍ତର-ଉତ୍ତର ପଶ୍ଚିମ ଦିଗକୁ ଗତି କରି ଆସନ୍ତା ୧୭ ତାରିଖ ମଧ୍ୟାହ୍ନରେ ଆନ୍ଧ୍ରପ୍ରଦେଶ ଉପକୂଳ ଓଙ୍ଗୋଲେ ଏବଂ କାକିନଡା ମଧ୍ୟ ଦେଇ ସ୍ଥଳଭାଗ ଅତିକ୍ରମ କରିବ। ଏହାର ପ୍ରଭାବରେ ଆସନ୍ତା ୧୬ ଓ ୧୭ ଦୁଇଦିନ ଧରି ରାଜ୍ୟରେ ଆକାଶ ମେଘାଚ୍ଛନ୍ନ ରହିବା ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ। ୧୬ ତାରିଖରେ ଉପକୂଳ ଓଡିଶାର ଅଳ୍ପ କେତେକ ସ୍ଥାନରେ ଏବଂ ଆଭ୍ୟନ୍ତରୀଣ ଓଡିଶାର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ୧୭ ତାରିଖରେ ଦକ୍ଷିଣ ଓଡିଶାର ୬ଟି ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ସେହି ଜିଲାଗୁଡିକ ହେଲା ମାଲକାନଗିରି, କୋରାପୁଟ, ରାୟଗଡା, ନବରଙ୍ଗପୁର, କଳାହାଣ୍ଡି ଏବଂ କନ୍ଧମାଳ। ବାତ୍ୟା ଯୋଗୁ ସମୁଦ୍ର ଅଶାନ୍ତ ରହିବ। ୧୪ ତାରିଖରୁ ୧୭ ତାରିଖ ଯାଏ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପାରାଦୀପ, ଗୋପାଳପୁର, ଚାନ୍ଦବାଲି, ପୁରୀରେ ୧ ନମ୍ବର ବିପଦ ସଙ୍କେତ ଦିଆଯାଇଛି। ଓଡିଶା ପ୍ରତି ବିପଦ ନାହିଁ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବାତ୍ୟାଜନିତ ବର୍ଷାକୁ ଦୃଷ୍ଟିରେ ରଖି ଜିଲାପାଳମାନଙ୍କୁ ସତର୍କ ରହିବାକୁ ଗୁରୁବାର ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ କରାଯାଇଥିଲା।

# ଚିଠିର ଉତ୍ତରରେ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)

- ପ୍ରକୃତ ତଥ୍ୟ ଦେଇନାହାନ୍ତି: ଧର୍ମେନ୍ଦ୍ର
- ନିଜକୁ ନ୍ୟୁନ କରୁଛନ୍ତି: ବିଜେଡି

ଓଡ଼ିଶାରେ ଉଜ୍ଜ୍ୱଳା ଯୋଜନା ବିଫଳ। ଏନେଇ ଗୁରୁବାର ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଏକ ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସୂଚାଇଥିଲେ। ପାତ୍ରଙ୍କ ଚିଠି ପାଇଥିବା ଜଣାଇ ଧର୍ମେନ୍ଦ୍ର ଏକ ଟୁଇଟ୍ ଯୋଗେ ରାଜ୍ୟ ସରକାରଙ୍କୁ ପାଲଟା ଆକ୍ରମଣ କରିଥିଲେ। ଶୁକ୍ରବାର କିନ୍ତୁ ଧର୍ମେନ୍ଦ୍ର ମନ୍ତ୍ରୀ ପାତ୍ରଙ୍କୁ ଚିଠି ଲେଖି ଉଜ୍ଜ୍ୱଳା ସମ୍ପର୍କରେ ବିସ୍ତୃତ ରିପୋର୍ଟ ଦେଇଛନ୍ତି। ଗଣମାଧ୍ୟମ ରିପୋର୍ଟ ଆଧାରରେ ପାତ୍ର ଲେଖିଥିବା ଚିଠି ସମ୍ପୂର୍ଣ୍ଣ ଭ୍ରମାତ୍ମକ। ଏଥିରେ କୌଣସି ଯୋଗ୍ୟ ତଥ୍ୟ ନାହିଁ, ଏହା ସମ୍ପୂର୍ଣ୍ଣ ବିଭ୍ରାନ୍ତିକର ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି।

ଧର୍ମେନ୍ଦ୍ରଙ୍କ ଚିଠିରେ ଉଲ୍ଲେଖ ରହିଛି ଯେ, ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଗ୍ରାହକମାନେ ରିଫିଲ୍ କରୁ ନ ଥିବା ତଥ୍ୟ ସମ୍ପୂର୍ଣ୍ଣ ଭୁଲ୍। ଉଜ୍ଜ୍ୱଳା ଯୋଜନା ଗ୍ରାହକ ହେବାର ଏକ ବର୍ଷ ମଧ୍ୟରେ ୭୦% ପରିବାର ଏହି ଗ୍ୟାସର ସିଲିଣ୍ଡର ଭରିଛନ୍ତି। ଏଥିମଧ୍ୟରୁ ୪.୨ଲକ୍ଷ ଗ୍ରାହକ ୪ ବା ତଦୂର୍ଦ୍ଧ୍ୱ ରିଫିଲ୍ ନେଇଛନ୍ତି। ଯୋଜନାରେ ୨୦୧୮ ଡିସେମ୍ବର ସୁଦ୍ଧା ୩୫.୨୨ଲକ୍ଷ ପରିବାରକୁ ଏଲପିଜି ସଂଯୋଗ ଦିଆଯାଇଛି। ୨୦୧୪ ମେ'ରେ ରାଜ୍ୟରେ ୧୯ଲକ୍ଷ ଏଲପିଜି ସଂଯୋଗ ଥିବାବେଳେ ୨୦୧୮ ସୁଦ୍ଧା ଏହା ୭୨.୫ ଲକ୍ଷରେ ପହଞ୍ଚିଛି। କେନ୍ଦ୍ର ସରକାର ବର୍ତ୍ତମାନ ସିଲିଣ୍ଡର ପିଛା ୩୨୬ଟଙ୍କା ୨୨ପଇସାର ସବ୍‌ସିଡ଼ି ଦେଇ ଗ୍ରାହକଙ୍କୁ ଏଲ୍‌ପିଜି ମୂଲ୍ୟ ବୃଦ୍ଧିର ବୋଝରୁ ସୁରକ୍ଷା ଦେଇଛନ୍ତି। ଉଜ୍ଜ୍ୱଳା ଯୋଜନାକୁ ଅନେକ ପ୍ରତିଷ୍ଠିତ ସଙ୍ଗଠନ ଭୂୟସୀ ପ୍ରଶଂସା କରିଛନ୍ତି। ଏହି ଯୋଜନାରେ ଧୂଆଁମୁକ୍ତ ଗାଁ ସହ ଏହାର ସ୍ୱାସ୍ଥ୍ୟ, ପର୍ଯ୍ୟାବରଣ ଓ ଅର୍ଥନୈତିକ ଲାଭ ସମ୍ପର୍କରେ ବହୁ ଅନ୍ତର୍ଜାତୀୟ ସଂସ୍ଥା ଆଲୋଚନା କରିଛନ୍ତି। ଏହିସବୁ ତଥ୍ୟ ଦ୍ୱାରା ମନ୍ତ୍ରୀ ପାତ୍ରଙ୍କ ସନ୍ଦେହ ଦୂର ହୋଇପାରିବ ବୋଲି ଧର୍ମେନ୍ଦ୍ର ଆଶାବ୍ୟକ୍ତ କରିଛନ୍ତି।

ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, ଧର୍ମେନ୍ଦ୍ରଙ୍କ ଉତ୍ତର ନୈରାଶ୍ୟଜନକ ଓ ହାସ୍ୟାସ୍ପଦ। ଦେଶର ଉଜ୍ଜ୍ୱଳା ଯୋଜନା ଅନ୍ଧକାରରେ ପରିଣତ ହୋଇଛି। ଦ୍ୱିତୀୟ ରିଫିଲିଂ ୫୦% ମଧ୍ୟ ହେଉନାହିଁ। କେନ୍ଦ୍ରମନ୍ତ୍ରୀ ନିଜେ ସ୍ୱୀକାର କରିଛନ୍ତି ଓଡିଶାରେ ୩୦ଲକ୍ଷ ହିତାଧିକାରୀଙ୍କ ମଧ୍ୟରୁ ୨୪ଲକ୍ଷ ହିତାଧିକାରୀ ରିଫିଲିଂ କରୁନାହାନ୍ତି। ଏଣୁ ବିଫଳ ଯୋଜନାର ଡିଣ୍ଡିମ ପିଟି କେନ୍ଦ୍ରମନ୍ତ୍ରୀ ନିଜକୁ ନ୍ୟୂନ କରୁଛନ୍ତି। ସମଗ୍ର ଭାରତରେ ଉଜ୍ଜ୍ୱଳା ଏକ ବିଫଳ ଯୋଜନା ଏବଂ ଧର୍ମେନ୍ଦ୍ର ଜଣେ ବିଫଳ କେନ୍ଦ୍ରମନ୍ତ୍ରୀ ଭାବେ ସୁପରିଚିତ ବୋଲି ସସ୍ମିତ କହିଛନ୍ତି।

# ଚିଲିକାରେ ବାର୍ଡ ଫ୍ଲୁ ଆଶଙ୍କା

## ନଳବଣରୁ ୧୨ପକ୍ଷୀଙ୍କ ସ୍ୱାବ୍ ନମୁନା ପରୀକ୍ଷାଗାରକୁ ପଠାଗଲା

ବାଲୁଗାଁ,୧୪।୧୨ (ଡି.ଏନ.ଏ.): ଗତ କିଛିଦିନ ହେଲା ଚିଲିକା ତଟବର୍ତ୍ତୀ ଅଞ୍ଚଳରେ କାଉ ଓ ବିଦେଶାଗତ ପକ୍ଷୀଙ୍କ ମୃତଦେହ ଠାବ ହେବା ପରେ ବାର୍ଡ ଫ୍ଲୁ ଆଶଙ୍କା ଦେଖାଯାଇଛି । ଶୁକ୍ରବାର ଖୋର୍ଦ୍ଧା ଜିଲା ବାଲୁଗାଁ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ପକ୍ଷୀ ଅଭୟାରଣ୍ୟ ନଳବଣରୁ ୧୨ ଅସୁସ୍ଥ ପକ୍ଷୀଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଇଛି।

ପ୍ରକାଶ ଯେ,ଏଚ୍‌୫ଏନ୍‌୧ ଭୂତାଣୁର ବାହକ ବିଦେଶାଗତ ପକ୍ଷୀ ଅଟନ୍ତି । ଶୀତଦିନେ ଚିଲିକାକୁ ଆସୁଥିବା ଏହି ବିଦେଶାଗତ ପକ୍ଷୀଙ୍କ ଜରିଆରେ ବାର୍ଡ ଫ୍ଲୁ ଭୂତାଣୁ ବ୍ୟାପିବା ଆଶଙ୍କା ରହିଥାଏ । ବର୍ତ୍ତମାନ ସମଗ୍ର ଚିଲିକାରେ ପ୍ରାୟ ୬.୫ ଲକ୍ଷରୁ ଊର୍ଦ୍ଧ୍ୱ ପକ୍ଷୀଙ୍କ ସମାଗମ ହୋଇଛି । ଚିଲିକା ତଟବର୍ତ୍ତୀ ଅଞ୍ଚଳରେ କାଉ ଓ ବିଦେଶାଗତ ପକ୍ଷୀଙ୍କ ମୃତଦେହ ଠାବ ହେବା ପରେ ବାର୍ଡ ଫ୍ଲୁ ସନ୍ଦେହ ନେଇ ଜିଲା ପ୍ରଶାସନ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଶୁକ୍ରବାର ବାଲୁଗାଁ ପ୍ରାଣୀ ସମ୍ପଦ ବିଭାଗୀୟ ଅଧିକାରୀ ଡ. ଦେବେନ୍ଦ୍ର କୁମାର ସୋଲାଙ୍କିଙ୍କ ନେତୃତ୍ୱରେ ଏକ ଟିମ୍ ନଳବଣଠାରେ ପହଞ୍ଚି ଅସୁସ୍ଥ ୧୨ଗୋଟି ପକ୍ଷୀଙ୍କୁ ଧରି ସ୍ୱାବ୍ ନମୁନା ତଥା ପକ୍ଷୀଙ୍କ ରକ୍ତ, ଲାଳ ଓ ମଳ ସଂଗ୍ରହ କରିଥିଲେ । ଏହି ନମୁନା କଟକ ଫୁଲନଖରାସ୍ଥିତ ଆନିମଲ ଡିଜିଜ୍ ରିସର୍ଚ୍ଚ ସେଣ୍ଟରକୁ ପଠାଯିବ । ରିପୋର୍ଟ ଆସିଲେ ବାର୍ଡ ଫ୍ଲୁ ସମ୍ପର୍କରେ ଠିକ୍ ତଥ୍ୟ ମିଳିପାରିବ । ବାର୍ଡ ଫ୍ଲୁ ପଜିଟିଭ୍ ରିପୋର୍ଟ ଆସିଲେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି ।




## ■ ଚାଷୀ ଭୋଟ ଉପରେ ବିଜେଡିର ନଜର

# ପ୍ରସନ୍ନ ବିଜୁ କୃଷକ ଜନତା ଦଳ ସଭାପତି ନିଯୁକ୍ତ

ଭୁବନେଶ୍ୱର,୧୪।୧୨(ବ୍ୟୁରୋ)

## ପ୍ରତାପ ଜେନା ମହାସଚିବ



ପ୍ରସନ୍ନ ଆଚାର୍ଯ୍ୟ



ପ୍ରତାପ ଜେନା

୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳର ସମୀକ୍ଷା ଆରମ୍ଭ ହୋଇଗଲାଣି। ଆଗକୁ ସାଧାରଣ ନିର୍ବାଚନ ହେବାକୁ ଅଛି। ଓଡ଼ିଶା, ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରେ ଲୋକ ସଭା ସହ ବିଧାନସଭା ନିର୍ବାଚନ ହେବ। ଏହାକୁ ଦୃଷ୍ଟିରେ ରଖି ବିଜେଡି ନିଜ ସଂଗଠନରେ ସାମାନ୍ୟ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ବିଜୁ କୃଷକ ଜନତା ଦଳର ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି। ସେହିପରି ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ମହାସଚିବ ଭାବେ ନିଯୁକ୍ତି ଦିଆଯାଇଛି। ନିଯୁକ୍ତି ପରେ ପ୍ରସନ୍ନ କହିଛନ୍ତି ଯେ, ରାଜ୍ୟରେ ଚାଷୀମାନଙ୍କ ସମସ୍ୟା ପ୍ରତି ସରକାର ସବୁବେଳେ ସମ୍ବେଦନଶୀଳ। ଅତୀତରେ ଦେଖାଯାଇଥିବା ଯେ କୌଣସି ସମସ୍ୟାକୁ ସରକାର ସମାଧାନ କରିଛନ୍ତି। ଆଗକୁ ମଧ୍ୟ ଏହା ଜାରି ରହିବ।

ଚାଷୀ ସମସ୍ୟାର ଉପଯୁକ୍ତ ସମାଧାନ କରି ନ ପାରିବାରୁ ଭାଜପା ୩ ପ୍ରମୁଖ ରାଜ୍ୟରେ ନିର୍ବାଚନ ହାରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମତ ରଖିସାରିଛନ୍ତି। ଦୀର୍ଘ ୧୮ ବର୍ଷ ଧରି ଶାସନ କ୍ଷମତାରେ ଥିବାରୁ ଶାସକ ଦଳ ବିପକ୍ଷରେ କିଛି ମାତ୍ରାରେ ବିରୋଧୀ ହାୱା ସୃଷ୍ଟି ହୋଇଛି। ଚାଷୀ ସମସ୍ୟାକୁ ନେଇ ରାଜ୍ୟରେ ଅନେକ ଆନ୍ଦୋଳନ ମଧ୍ୟ ମୁଣ୍ଡ ଟେକିଛି। ତେଣୁ ଚାଷୀମାନଙ୍କ ସଂଗଠିତ ଭୋଟ ଯେ କୌଣସି ଦଳ ପାଇଁ ଶକ୍ତି ଓ ବିପତ୍ତି ସଦୃଶ । ସେହି କାରଣରୁ ଚାଷୀ ଭୋଟ୍‌କୁ ହାତେଇବା ପାଇଁ ପ୍ରସନ୍ନଙ୍କ ଭଳି ଅଭିଜ୍ଞ ନେତାଙ୍କୁ ଦାୟିତ୍ୱ ଦିଆଯାଇଥିବା ଚର୍ଚ୍ଚା ହେଉଛି। ଉପକୂଳରେ ଚାଷୀମାନଙ୍କୁ ସଂଗଠିତ କରିବା ପାଇଁ ପ୍ରତାପଙ୍କୁ ନିଯୁକ୍ତି ଦିଆଯାଇଥିବା ଜଣାପଡିଛି। ପ୍ରକାଶେ ଯେ, ପୂର୍ବରୁ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ବିଜୁ କୃଷକ ଜନତା ଦଳର ଆବାହକ ଭାବେ କାର୍ଯ୍ୟ କରୁଥିଲେ। ମହିଳା, ଛାତ୍ର, ଯୁବ ପରେ ଚାଷୀ ସଂଗଠନକୁ ବିଜେଡି ଅଧିକ ସକ୍ରିୟ କରିବାକୁ ଚାହୁଁଛି। ଆଗାମୀ ଦିନରେ ଦଳ ପକ୍ଷରୁ ପଶ୍ଚିମ ଓଡ଼ିଶାରେ ଏକ ଚାଷୀ ସମାବେଶ ପାଇଁ ଯୋଜନା କରାଯାଉଥିବା ଦଳୀୟ ସୂତ୍ରରୁ ଜଣାପଡିଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ମଧୁମଙ୍ଗଳ
ପରିବାରବର୍ଗ


ମୁକୁଳ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## classified




### SALE

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65235

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-, 160/-. 9937746907, 9337259012. D-64382

ଭୁବନେଶ୍ୱର AIIMS Hospital ନିକଟରେ 30' road, ଘରବାରି plot sale. 8480745797. D-64387

ଭୁବନେଶ୍ୱର ସୁନ୍ଦରପଦା Xavier University backsideରେ investment ପ୍ଲଟ ମିଳୁଅଛି। 8338932027. D-64386

1575 sqft. single corner plot with boundary wall at Hitech Square, Rasulgarh- 22,05,000/- (Owner). 9938771877. D-64397

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଚ୍ଛାରୁ ବିକ୍ରିହେବ। 9178660666. D-65228

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-9899

Immediate sale 1815 sqft 30" road gharabari boundary residential plot at mouza bhaula near dhauli temple contact: 9861995518. D-63210

Bhubaneswar ପଟିଆ KIIT ପାଖରେ 40/30" Road, boundary ସମସ୍ତ ସୁବିଧା ସହିତ ଗୃହୋପଯୋଗୀ plot sqft. 1100/- ବିକ୍ରିହେବ: 8018611122. D-64663

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

ଭୁବନେଶ୍ୱର ହଂସପାଳ ସୁଧାନନ୍ଦ କଲେଜ ଏବଂ Puri by-pass sideରେ ପ୍ଲଟ ମିଳୁଛି। 9437003399, 9668194157. D-65401

Residential gharabari boundary plot sale at Nakhara Trinath Bazar with registration/ possesion (Bank finance available). 9090419636. D-65302

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-10031

Booking gharabari plots near Tankapani road Sai Temple sqft. 1100/- Installment and out rate available. 7735738102. D-10009

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 620/-ରେ ଦିଆଯାଉଅଛି। 7008045582, 9078967488. D-9988

Urgently sale residential plot Dhauli Square @ 600/- 950/-. 9348012510. D-65304

ସୁନ୍ଦରପଦା କୁହା ମୌଜା Hi-Tec plaza ପାଖରେ ଘରବାଡି ପ୍ଲଟ୍ ବିକ୍ରିହେବ। 9439364818, 9337766961. D-10013

KIIT University ଜଗନ୍ନାଥ ମନ୍ଦିର ପାଖରେ 40'/30 ରାସ୍ତା, electricity, water, ପାଚେରି ଥାଇ ଘରବାରି ପ୍ଲଟ କିଣନ୍ତୁ। 8917333281. D-65305

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs Contact: 9937059891, 9348253463, 8908292617.** D-10030

ସୁନ୍ଦରପଦା- ଜଟଣୀ ମେନ୍‌ରୋଡରୁ 50 meter Lingaraj Stationଠାରୁ 7km. ଦୂରତାରେ ଘରବାରି ପ୍ଲଟ @800/- sqft. near duplex and appartment ମିଳୁଅଛି। 8249821200, 9238896887. D-62143




**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan SMPL: 9439483779.** D-10032




2300 sqft. office space available at Metro House, Vanivihar. Mob: 7789837712. D-9977

3BHK available for rent at Damayanti Apartment at Nayapalli. Mob: 7789837712. D-9978

1000, 750, 700, 650, 450 sqft. available for office purpose at Centrally located Unit-9. Mob: 7789837712. D-9976

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open fully body massage at your step. Only for ladies. Contact: 9583282424. D-61506




ଅଗରବତୀ ଉଦ୍ୟୋଗ+ ଶ୍ରମିକ ବିଦ୍ୟାଳୟ କରନ୍ତୁ। Invest- 1,20,000, ଆୟ-50-70,000/- ଭୁବନେଶ୍ୱର। 9776690559, 9937673117. D-65245

Want to make any project MSME, LSE any manufacturing processing unit. Consult- Mr. Samantaray (FCA). 7008236035, 9937309695. D-10018

### ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା


(Bhakti)

**Subhalaxmi Behera**

ବଡସୁଆର, ଯାଜପୁର

ଅଜା- ପୀତବାସ ଦାସ, ଶ୍ରୀନିବାସ ଦାସ, ଆଈ- ରୁକ୍ମଣୀ ଦାସ, କୁସୁମାଞ୍ଜଳି ଦାସ, ସୁପ୍ରଭା ଦାସ, ମାମୁ- ସୌମ୍ୟରଞ୍ଜନ ଦାସ, ଶୁଭରଞ୍ଜନ ଦାସ, ଚିତ୍ତରଞ୍ଜନ ଦାସ, ମନୋରଞ୍ଜନ ଦାସ, ସନ୍ଦିପ ନାୟକ, ମାଉସୀ- ପ୍ରିୟଦର୍ଶନୀ ଦାସ। ଧ-୧୦୦୩୩

### ଜନ୍ମଦିନ ଶୁଭେଚ୍ଛା



**ଆଦିତ୍ୟ (ମୁକୁଳ)**

ଭୁବନେଶ୍ୱର, ୟୁନିଟ-୮

ଅଜି ତୋର ଜନ୍ମବାର୍ଷିକ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ ବାପା - ଦେବାଶିଷ, ମା'-ସୋନାଲିନ ଓ ସମସ୍ତ ପରିବାର ଓ ବନ୍ଧୁବର୍ଗ
ଧ-୧୦୦୧୫

### ଜନ୍ମଦିନ ଶୁଭେଚ୍ଛା



**ପ୍ରିୟଙ୍କା ପଟ୍ଟନାୟକ**

୨୪ତମ ଜନ୍ମଦିନରେ ତୁମକୁ ପରିବାର ଏବଂ ବନ୍ଧୁମାନଙ୍କ ତରଫରୁ ଅନେକ ଶୁଭକାମନା ଓ ଆପଣଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଧ-୬୩୭୪୨

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାଜସ୍ଥାନରେ ଗେହଲଟ୍ ...

ଭାଜପାକୁ ମାତ୍ର ୭୩ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ପୂର୍ବରୁ ୨ ଥର ମୁଖ୍ୟମନ୍ତ୍ରୀ ହୋଇଥିବା ଅଶୋକ ଗେହଲଟ ଓ ଯୁବନେତା ସଚିନ ବୁଧବାର ରାଜ୍ୟପାଳ କଲ୍ୟାଣ ସିଂଙ୍କୁ ଭେଟି ସରକାର ଗଠନ ଲାଗି ଦାବି ଜଣାଇଥିଲେ। ହେଲେ ମୁଖ୍ୟମନ୍ତ୍ରୀ କିଏ ହେବେ ତାହା ସ୍ଥିର ହୋଇ ନ ଥିଲା। ୩ ଦିନ ଧରି ରାଜ୍ୟ ରାଜଧାନୀ ଜୟପୁର ଓ ଜାତୀୟ ରାଜଧାନୀ ଦିଲ୍ଲୀରେ ଏହାକୁ ନେଇ କସରତ ଚାଲିଥିଲା। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନୂଆଦିଲ୍ଲୀସ୍ଥିତ ତୋଗ୍‌ଲକ୍ ଲେନ୍ ବାସଭବନରେ ଗୁରୁବାର ବିଳମ୍ବିତ ରାତି ଯାଏ ବିଚାରବିମର୍ଶ ଚାଲିବା ପରେ ମଧ୍ୟ ହିସାବ ଛିଣ୍ଡି ନ ଥିଲା। ଶେଷରେ ଦଳ ପକ୍ଷରୁ ଶୁକ୍ରବାର ରାଜସ୍ଥାନର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଗେହଲଟ୍ ଓ ଉପମୁଖ୍ୟମନ୍ତ୍ରୀ ରୂପେ ପାଇଲଟ୍‌ଙ୍କ ନାମ ଘୋଷଣା କରାଯାଇଛି। ଏଆଇସିସି ପର୍ଯ୍ୟବେକ୍ଷକ କେ.ସି. ବେଣୁଗୋପାଳ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ୬୭ ବର୍ଷୀୟ ଗେହଲଟ ତୃତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବାର ସୁଯୋଗ ମିଳିଥିବାରୁ ରାହୁଲଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହାସହ ପାଇଲଟ୍‌ଙ୍କ ସହିତ ମିଶି ରାଜସ୍ଥାନକୁ ସୁଶାସନ ଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ୪୧ ବର୍ଷୀୟ ପାଇଲଟ୍ କହିଛନ୍ତି, କଂଗ୍ରେସର ଇସ୍ତାହାରକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରାଯିବ। ୨୦୧୯ରେ ତାଙ୍କ ଦଳ ଏକ ବଡ଼ ଜନାଦେଶ ପାଇ କେନ୍ଦ୍ରରେ ମଧ୍ୟ ସରକାର ଗଠନ କରିବ। ବେଣୁଗୋପଳ କହିଛନ୍ତି, ଜୟପୁରରେ ରାଜ୍ୟପାଳ କଲ୍ୟାଣ ସିଂଙ୍କୁ ଭେଟିବା ପରେ ଶପଥଗ୍ରହଣ ନେଇ ଦିନ ଧାର୍ଯ୍ୟ କରାଯିବ।

## ଅମିତାଭ ଘୋଷଙ୍କୁ ...

ଜ୍ଞାନପୀଠ ପକ୍ଷରୁ କୁହାଯାଇଛି। ବିଶିଷ୍ଟ ଔପନ୍ୟାସିକ ତଥା ଜ୍ଞାନପୀଠ ବିଜେତା ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଚୟନ ବୋର୍ଡ ବୈଠକ ବସି ଚଳିତବର୍ଷ ଲାଗି ଘୋଷଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଜଣେ ଖ୍ୟାତନାମା ସମସାମୟିକ ଭାରତୀୟ ଲେଖକ ଭାବେ ପରିଚିତ ଘୋଷ ତାଙ୍କ ଉପନ୍ୟାସ 'ଶାଡୋ ଲାଇନ୍ସ', ଦି ଗ୍ଲାସ ପ୍ୟାଲେସ୍', 'ଦି ହଙ୍ଗ୍ରୀ ଟାଇଡ' ଏବଂ ଇବିସ ଟ୍ରିଲୋଗୀ-'ସି ଅଫ ପପିଜ୍', 'ରିଭର ଅଫ ସ୍ମୋକ୍' ଏବଂ 'ଫ୍ଲଡ ଅଫ୍ ଫାୟାର' ପାଇଁ ବେଶ୍ ପରିଚିତ। ଏହା ତାଙ୍କ ପାଇଁ ଶ୍ରେଷ୍ଠ ସମ୍ମାନ ଏବଂ ସବୁଠୁ ଖୁସିର ଦିନ ବୋଲି ଘୋଷ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏହି ତାଲିକାରେ ସ୍ଥାନ ପାଇବା କଥା ସେ କେବେ ଭାବି ନ ଥିଲେ ବୋଲି ଟୁଇଟ୍ କରିଛନ୍ତି। ୧୯୫୬ରେ କୋଲକାତାରେ ଜନ୍ମିତ ଘୋଷ ଏବେ ନ୍ୟୁୟର୍କରେ ତାଙ୍କ ପତ୍ନୀ ଦେବୋରା ବେକରଙ୍କ ସହ ରହୁଛନ୍ତି। ପୂର୍ବରୁ ସେ ପଦ୍ମଶ୍ରୀ ଏବଂ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି।

## ଫେବୃୟାରୀ ୨୨ରୁ ...

ନିୟନ୍ତ୍ରକ ଡ. ନୀହାର ରଞ୍ଜନ ମହାନ୍ତି ଏହି ସୂଚନା ଦେଇଛନ୍ତି।

ମାଟ୍ରିକ ପରୀକ୍ଷା ସୂଚୀ ଅନୁଯାୟୀ, ଫେବୃୟାରୀ ୨୨ରେ ପ୍ରଥମ ଭାଷା(ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଉର୍ଦ୍ଦୁ, ତେଲୁଗୁ), ୨୫ ତାରିଖରେ ଦ୍ୱିତୀୟ ଭାଷା(ଇଂଲିଶ, ହିନ୍ଦୀ, ପରିବେଶ ଓ ଜନସଂଖ୍ୟା ଶିକ୍ଷା), ୨୭ ତାରିଖରେ ତୃତୀୟ ଭାଷା(ହିନ୍ଦୀ, ଓଡ଼ିଆ, ପାର୍ସୀ, ଭିଜୁଆଲ ଆର୍ଟ ଥିଓରୀ, ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ ଟିଏଲଭି ଥିଓରୀ) ୨୮ ତାରିଖରେ ତୃତୀୟ ଭାଷା(ସଂସ୍କୃତ), ମାର୍ଚ୍ଚ ୨ରେ ଗଣିତ, ୩ ତାରିଖରେ ଟିଏଲଭି(ପ୍ରାକ୍ଟିକାଲ), ଭିଜୁଆଲ ଆର୍ଟ(ପ୍ରାକ୍ଟିକାଲ), ୬ ତାରିଖରେ ବିଜ୍ଞାନ ଓ ୮ ତାରିଖରେ ସାମାଜିକ ବିଜ୍ଞାନ ପରୀକ୍ଷା ହେବ। ଯେଉଁ ପରୀକ୍ଷା କେନ୍ଦ୍ରରେ ଭିଜୁଆଲ ଆର୍ଟ ଥିଓରୀ ପରୀକ୍ଷା କରାଯିବ ସେଠାରେ ହିଁ ପ୍ରାକ୍ଟିକାଲ ପରୀକ୍ଷା କରାଯିବ। ଉଭୟ ରେଗୁଲାର ଓ ଏକ୍ସରେଗୁଲାର ପରୀକ୍ଷା ଗୋଟିଏ ସମୟ ଓ ଗୋଟିଏ ପ୍ରଶ୍ନପତ୍ରରେ ହେବ। ପରୀକ୍ଷା ପ୍ରତ୍ୟେକ ଦିନ ପୂର୍ବାହ୍ନ ୯ଟାରେ ଆରମ୍ଭ ହୋଇ ପୂର୍ବାହ୍ନ ୧୧.୩୦ରେ ଶେଷ ହେବ। କେବଳ ଗଣିତ ପରୀକ୍ଷା ନିମନ୍ତେ ୧୫ ମିନିଟ ଅଧିକ ସମୟ ରହିଛି। ତାହା ପୂର୍ବାହ୍ନ ୧୧.୪୫ରେ ଶେଷ ହେବ। ପରୀକ୍ଷା ଦିନ ପୂର୍ବାହ୍ନ ୮.୩୦ରେ ଓଏମ୍‌ଆର୍ ସିଟ୍ ଦିଆଯିବ। ୮.୪୫ରେ ଉଭୟ ଅବ୍‌ଜେକ୍ଟିଭ ଓ ସବ୍‌ଜେକ୍ଟିଭ ପ୍ରଶ୍ନପତ୍ର ବଣ୍ଟାଯିବ। ଅବ୍‌ଜେକ୍ଟିଭ ପରୀକ୍ଷା ୯ଟାରୁ ୧୦ପର୍ଯ୍ୟନ୍ତ ହେବାପରେ ସବ୍‌ଜେକ୍ଟିଭ ପରୀକ୍ଷା କରାଯିବ। ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମ ପରୀକ୍ଷାଗୁଡ଼ିକ ନିଜ ବିଦ୍ୟାଳୟରେ ଫେବୃୟାରୀ ୧୧ରୁ ୧୬ ତାରିଖ ମଧ୍ୟରେ ଯେକୌଣସି ଗୋଟିଏ ଦିନ କରାଯିବ। ଏ ନେଇ ବୋର୍ଡ ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ପ୍ରକାଶ ପାଇନାହିଁ।

ସେହିପରି ମଧ୍ୟମା ସଂସ୍କୃତ(ରେଗୁଲାର ଓ ଏକ୍ସରେଗୁଲାର) ପରୀକ୍ଷା ଦ୍ୱିତୀୟ ସିଟିଂରେ କରାଯିବ। ପରୀକ୍ଷା ପ୍ରତ୍ୟେକ ଦିନ ଅପରାହ୍ନ ୧.୩୦ରେ ଆରମ୍ଭ ହୋଇ ୪ଟାରେ ଶେଷ ହେବ। ଫେବୃୟାରୀ ୨୨ରେ ସଂସ୍କୃତ ବ୍ୟାକରଣ ଓ ଦର୍ଶନ, ୨୩ ତାରିଖରେ ସଂସ୍କୃତ ସାହିତ୍ୟମ୍, ୨୫ ତାରିଖରେ ପ୍ରୟୋଗାତ୍ମକ ସଂସ୍କୃତ, ୨୬ ତାରିଖରେ ମାତୃଭାଷା(ଓଡ଼ିଆ/ହିନ୍ଦୀ), ୨୭ ତାରିଖରେ ଗଣିତ, ୨୮ ତାରିଖରେ ବିଜ୍ଞାନ, ମାର୍ଚ୍ଚ ୧ରେ ସାମାଜିକ ବିଜ୍ଞାନ ଓ ୨ ତାରିଖରେ ଇଂଲିଶ ପରୀକ୍ଷା ହେବ। ଉକ୍ତ ପରୀକ୍ଷାର୍ଥୀମାନଙ୍କୁ ଅପରାହ୍ନ ୧ଟାରେ ଓଏମଆର ସିଟ୍ ଏବଂ ଅପରାହ୍ନ ୧.୧୫ରେ ଉଭୟ ଅବ୍‌ଜେକ୍ଟିଭ ଓ ସବ୍‌ଜେକ୍ଟିଭ ପ୍ରଶ୍ନପତ୍ର ପ୍ରଦାନ କରାଯିବ। ଗଣିତ ପରୀକ୍ଷାରେ ୧୫ମିନିଟ ଅଧିକ ସମୟ ଦିଆଯିବ।

ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ପାଇଁ ଫେବୃୟାରୀ ୨୨ରେ ଇଂଲିଶ, ୨୩ ତାରିଖରେ ପେଣ୍ଟିଂ(ଥିଓରୀ), ୨୫ ତାରିଖରେ ଓଡ଼ିଆ, ତେଲୁଗୁ, ଉର୍ଦ୍ଦୁ, ହିନ୍ଦୀ, ସଂସ୍କୃତ, ୨୬ ତାରିଖରେ ପେଣ୍ଟିଂ(ପ୍ରାକ୍ଟିକାଲ), ୨୭ ତାରିଖରେ ଗଣିତ, ୨୮ତାରିଖରେ ହୋମ୍ ସାଇନ୍ସ(ଥିଓରୀ), ମାର୍ଚ୍ଚ ୧ରେ ବିଜ୍ଞାନ, ୨ ତାରିଖରେ ଭାରତୀୟ ସଂସ୍କୃତି ଓ ଐତିହ୍ୟ, ୩ ତାରିଖରେ ହୋମ୍ ସାଇନ୍ସ(ପ୍ରାକ୍ଟିକାଲ), ୬ ତାରିଖରେ ସାମାଜିକ ବିଜ୍ଞାନ ପରୀକ୍ଷା ହେବ।

ଅନ୍ୟପକ୍ଷରେ ନବମଶ୍ରେଣୀର ଧନ୍ଦାମୂଳକ ପାଠ୍ୟକ୍ରମ ପରୀକ୍ଷା ଦଶମଶ୍ରେଣୀ ପାଇଁ ଉଦ୍ଦିଷ୍ଟ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ମାର୍ଚ୍ଚ ୭ରେ କରାଯିବ। ଏହି ପରୀକ୍ଷା ପୂର୍ବାହ୍ନ ୯ଟାରୁ ୧୦ଟା ପର୍ଯ୍ୟନ୍ତ ହେବ। ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ଜାହାନ ଆରା ବେଗମ୍, ସମ୍ପାଦକ ରାମାଶିଷ ହାଜରା ଉପସ୍ଥିତ ଥିଲେ।

## ଅଟକିବ ଇଣ୍ଟରସିଟି...

ବାମୁର ଉପଭୋକ୍ତା କମିଟି ପକ୍ଷରୁ ଦିଆଯାଇଥିବା ଏହି ଆନ୍ଦୋଳନ ଡାକରା ଯୋଗୁ ସମ୍ବଲପୁର-ତାଳଚେର ରେଳପଥକୁ ସକାଳ ୬ଟାରୁ ଅପରାହ୍ନ ସାଢେ ୧ଟା ପର୍ଯ୍ୟନ୍ତ ଅବରୋଧ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିଯୋଗୁ ୭ଟି ଏକ୍ସପ୍ରେସ୍ ଓ ଲୋକାଲ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। କମିଟି ସଭାପତି ତଥା ଆଠମଲ୍ଲିକ ବିଧାୟକ ସଞ୍ଜୀବ ସାହୁଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କମିଟି ପକ୍ଷରୁ କୁହାଯାଇଛି, ବାମୁର ଷ୍ଟେଶନରେ ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସ ରହଣି ପାଇଁ ବହୁବାର ଉଚ୍ଚ ଅଧିକାରୀ, ରେଳମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଏହି ଟ୍ରେନ ଉପରେ ୧୩ ପଞ୍ଚାୟତବାସୀ ନିର୍ଭର କରୁଥିବାରୁ ସେମାନଙ୍କୁ ୩୦ କିମି ଦୂର ବଇଣ୍ଡା ନଚେତ ୨୫ କିମି ଦୂର ରେଢାଖୋଲ ଷ୍ଟେଶନ ଯିବାକୁ ପଡୁଛି। ଏହାକୁ ନେଇ ଅସନ୍ତୁଷ୍ଟ ଅଞ୍ଚଳବାସୀ ଆନ୍ଦୋଳନ କରିଛନ୍ତି। ଖବରପାଇ ସମ୍ବଲପୁର ଇଷ୍ଟକୋଷ୍ଟ ରେଲୱେର ଏସିଏମ୍ ଜି.ଡି. ଶେଖର, କିଶୋରନଗର ଅତିରିକ୍ତ ତହସିଲଦାର ଲୋପାମୁଦ୍ରା ରଥ, ଏସ୍‌ଡିପିଓ ଦୁଃଖବନ୍ଧୁ ନାୟକ, କିଶୋରନଗର ଆଇଆଇସି ପ୍ରତିଭା ମାଝି, ହଣ୍ଡପା ଆଇଆଇସି ଡାନିଏଲ କେରେକେଟା ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ୩ ମାସ ମଧ୍ୟରେ ବାମୁରଠାରେ ଭୁବନେଶ୍ୱର-ବଲାଙ୍ଗୀର ଏକ୍ସପ୍ରେସ ରହଣି ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାପରେ ରେଳରୋକୋ ପ୍ରତ୍ୟାହୃତ ହୋଇଥିଲା। କମିଟି ସମ୍ପାଦକ ସଞ୍ଜୀବ କୁମାର ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ସନ୍ତୋଷ କୁମାର ପ୍ରଧାନ, କଂଗ୍ରେସ ନେତା ବିଜୟାନନ୍ଦ ଚାଉଳିଆ, ସାମାଜିକକର୍ମୀ ଅର୍ଜ୍ଜୁନ ସାହୁ, ଭାଜପା ନେତା ଡ. ଅଲେଖ ପ୍ରଧାନ, ଜିଲା ପରିଷଦ ସଦସ୍ୟ ଅର୍ଜ୍ଜୁନ ପାଣ୍ଡେ, ବଂଶୀଧର ସିଠ, ଅଜିତ ପ୍ରଧାନ, ବଳରାମ ସାହୁ, ବଳରାମ ପ୍ରଧାନ, ସତ୍ୟାନନ୍ଦ ପ୍ରଧାନ, ସ୍ୱାଧୀନ ବେହେରାଙ୍କ ସମେତ ବହୁ ଜନସାଧାରଣ ସାମିଲ ହୋଇଥିଲେ।


## ମନେ ପଡ଼ନ୍ତି

### ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଶ୍ରୀମତୀ କନକଲତା ମହାନ୍ତି (ଟୁକୁ)**

କାକଟପୁର, କେରେଣ୍ଡିଆପାଳ, ମହାନ୍ତି ସାହି, ଜିଲ୍ଲା- ପୁରୀ

ବୋଉ ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ତୋର ଆଶୀର୍ବାଦ ସବୁବେଳେ ଆମ୍ଭମାନଙ୍କ ଉପରେ ଥାଉ। ସ୍ୱାମୀ, ଚଗଲା, ବଗଲା, ଜୁବୁଲା, କାଳୀ, ମୀତା, କାହ୍ନା, ଗୁଡ୍ଡୁ, ସାଇ, ମାମା, ଇନା, ବବି, ବାପୁ, ଦିବେଶ, ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ। ଧ-୧୦୦୧୭

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଜଗତ ମୋହନ ଦାଶ**

(ମଣ୍ଟୁ ଭାଇନା)

ଆଖଣ୍ଡଳମଣି ମନ୍ଦିର, ଜଟଣୀ
ଆବିର୍ଭାବ: ୧୫।୦୮।୧୯୪୭
ତିରୋଧାନ: ୦୫।୧୨।୨୦୧୮

ପଞ୍ଚଭୂତରେ ତୁମ ଶରୀର ବିଲୀନ ହେଲା ସତ। ତୁମେ କିନ୍ତୁ ଚିରଦିନ ଆମ ହୃଦୟରେ ଜୀବନ୍ତ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଇତି ଶୋକସନ୍ତପ୍ତ ପରିବାରବର୍ଗ ଓ ଅତି ଆପଣାର ଶ୍ରୀକାନ୍ତ। ଧ-୧୦୦୩୪

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ସୁରେନ୍ଦ୍ର ପ୍ରସାଦ ସିଂହ**

ଗୁଡିଆନାଳୀ, ଢେଙ୍କାନାଳ
ଆବିର୍ଭାବ: ୧୮।୪।୧୯୪୬
ତିରୋଧାନ: ୨୬।୧୨।୨୦୧୭

ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ଆପଣଙ୍କର ନିଷ୍ଠା, ସଚ୍ଚୋଟତା, ସ୍ନେହ ସବୁଦିନ ପାଇଁ ସ୍ମରଣୀୟ ହୋଇରହିବ। ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ ପରିବାର, ବନ୍ଧୁବାନ୍ଧବ ଓ ଢେଙ୍କାନାଳବାସୀ। ଧ-୬୨୦୫୯


## ସଂଗ୍ରାମୀ ବାଇଧରଙ୍କ ବିୟୋଗରେ ଖଣି ମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୧୪।୧୨(ବ୍ୟୁରୋ)- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବାଇଧର ସ୍ୱାଇଁଙ୍କ ବିୟୋଗରେ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଗଭୀର ଶୋକ ପ୍ରକାଶ କରିଛନ୍ତି। ବାଲିଗୋଡାସ୍ଥିତ ବାସଭବନରେ ତାଙ୍କର ଦେହାନ୍ତ ହୋଇଛି। ଢେଙ୍କାନାଳ ଜିଲା କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଗୋଡା ଗ୍ରାମରେ ଜନ୍ମଗ୍ରହଣ କରିଥିବା ବାଇଧର ମାତ୍ର ୧୨ ବର୍ଷ ବୟସରେ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିଥିଲେ। ୧୩ ବର୍ଷରେ ଭାରତ ଛାଡ ଆନ୍ଦୋଳନରେ ଯୋଗ ଦେଇ ୧୯୪୨ରେ ସେ ଦୀର୍ଘ ୪ ବର୍ଷ ୧୦ମାସ କାରାବରଣ କରିଥିଲେ। ଦେଶ ତଥା ରାଜ୍ୟ ପାଇଁ ସେ ଯାହା କରିଯାଇଛନ୍ତି ତାହାକୁ ଏ ଜାତି କେବେ ଭୁଲି ପାରିବ ନାହିଁ ବୋଲି ମନ୍ତ୍ରୀ ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି। ମନ୍ତ୍ରୀ ସ୍ୱର୍ଗତ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗ ପ୍ରତି ସମବେଦନା ଜଣାଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଚନ୍ଦ୍ର ଦେବଗୁରୁଙ୍କ ନକ୍ଷତ୍ରସ୍ଥ ହୋଇ ରବି ଓ ବୁଧଙ୍କ ସହ ରହିଥିବାରୁ ପ୍ରତ୍ୟେକ କାର୍ଯ୍ୟ ସମସ୍ୟା ମଧ୍ୟରେ ସମ୍ପାଦିତ ହେବ। କାର୍ଯ୍ୟକ୍ଷେତ୍ରରେ ଯଦି ତରବରିଆ ପଦକ୍ଷେପ ନେବେ ତେବେ ବେଶି ହଇରାଣ ହେବେ। ବ୍ୟବସାୟ , ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। ବାଧକ ସ୍ଥାନରେ ରାଶ୍ୟାଧିପତି ହେତୁ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି।

**ବୃଷ** ଧନାଧିପ ମିତ୍ର ଶନିଙ୍କ ନକ୍ଷତ୍ରସ୍ଥ ଯୋଗୁ ସାମାନ୍ୟ ବିଳମ୍ବରେ ଇପ୍ସିତ ଜିନିଷ ପାଇବେ। ସ୍ୱାସ୍ଥ୍ୟ ବିଶେଷ କିଛି ଖରାପ ନ ଥିଲେ ମଧ୍ୟ ବିଭିନ୍ନ ପ୍ରକାର ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ବାଣିଜ୍ୟ ଓ ବ୍ୟବସାୟ ତଥା ଲେଖାପଢ଼ା ଓ ପ୍ରଶାସନ, ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି।

**ମିଥୁନ** ଭ୍ରାତୃକାରକ ମଙ୍ଗଳ କର୍ମଭାବସ୍ଥ ହେତୁ ଆର୍ଥିକ ଉନ୍ନତି ଓ କାମରେ ଭାଇ,ବନ୍ଧୁ,ପଡୋଶୀଙ୍କ ସହାୟତା ପାଇବେ। ରୋଗସ୍ଥାନରେ ବୁଧ ଜନିତ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ । ଆଲୋଚନା ସମୟରେ ବନ୍ଧୁମାନଙ୍କର କଥାକୁ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି। ସଭାସମିତିରେ ନିଷ୍ପତ୍ତି ବଦଳାଇବା ପାଇଁ ଅନ୍ୟମାନଙ୍କ ସାହାଯ୍ୟ ନେଇପାରନ୍ତି।

**କର୍କଟ** ପରିବାରାଧିପତି ଶୁକ୍ର ପାପଗ୍ରହ ରାହୁଙ୍କ ନକ୍ଷତ୍ରସ୍ଥ ହେତୁ ପାରିବାରିକ ଅସ୍ଥିରତା ମାନସିକ ଅବସାଦର କାରଣ ହୋଇପାରେ। ଅର୍ଥ ସଂକଟ ହେତୁ ବ୍ୟବସାୟ ,ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହେବାର ସୂଚନା ରହିଛି । ଭାବପ୍ରବଣତା ଜନିତ ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**ସିଂହ** ରବି ଚତୁର୍ଥଭାବରେ ବୁଧଙ୍କ ନକ୍ଷତ୍ରସ୍ଥ ହୋଇ ସଙ୍ଗରେ ରହିଥିବାରୁ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରିବାକୁ ପଡିପାରେ । କଠିନ ପରିଶ୍ରମ କିମ୍ୱା ବିଶେଷ ଭ୍ରମଣ ଜନିତ କ୍ଳାନ୍ତିବୋଧ କରିବେ। ବିଭିନ୍ନ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା,ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଆଲୋଚନା ପରିସରରେ ଅପ୍ରିୟ ସତ୍ୟ କହି ଚକ୍ଷୁଶୂଳ ହୋଇପାରନ୍ତି।

**କନ୍ୟା** ଶନି ଚତୁର୍ଥ ସ୍ଥାନରେ ମିତ୍ର ଶୁକ୍ରଙ୍କ ନକ୍ଷତ୍ରସ୍ଥ ହେତୁ କୌଣସି ଭଦ୍ର ମହିଳାଙ୍କ ସାହାଯ୍ୟ ଆପଣଙ୍କ କାମକୁ ଆସିପାରେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହୋଇପାରନ୍ତି। ମାଲିମକଦ୍ଦମା, ତର୍କବିତର୍କ, ସଭାସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** କର୍ମସ୍ଥାନରେ ବଳବାନ୍ ରାହୁ ଅବସ୍ଥାନ କରି ବୃହସ୍ପତିଙ୍କ ନକ୍ଷତ୍ରସ୍ଥ ଯୋଗୁ କାମ ସକାଶେ ବିରୋଧ ଓ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିବ। କୌଣସି ବନ୍ଧୁଙ୍କ ଉପରେ ସାଧାରଣ କଥାରେ ରାଗି ବିଭିନ୍ନ ପ୍ରକାର କଥାକହିବା କାରଣରୁ ବିବାଦ ବଢ଼ିପାରେ । ଭଲ ସମ୍ପର୍କ ଥିବା ଗୁରୁଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ହେତୁ ଏକପ୍ରକାର ଆଶ୍ୱସ୍ତିଲାଭ କରିବେ ।

**ବିଛା** ଚତୁର୍ଥଚନ୍ଦ୍ର ପ୍ରଭାବରୁ ଛୋଟିଏ ଛୋଟିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ । କିନ୍ତୁ ଅନୁରାଧା ନକ୍ଷତ୍ର ସକାଶେ ସହକର୍ମୀଙ୍କ ବଦାନ୍ୟତାରୁ ଅପରାହ୍ନେ ଅର୍ଥ ଓ ସମ୍ମାନ ପାଇ ମନ ଖୁସି ହୋଇଯିବ। କଳା, ପ୍ରକାଶନ, ସାମ୍ବାଦିକତା, ରାଜନୀତି, ସଂଗଠନ ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ ।

**ଧନୁ** କେତୁଗ୍ରହ ଶତ୍ରୁ ସମ୍ପର୍କ ରହିଥିବା ରବିଙ୍କ ନକ୍ଷତ୍ରରେ ଆପଣଙ୍କୁ ଲକ୍ଷ୍ୟଭ୍ରଷ୍ଟ କରାଇ ବାଟବଣା କରିପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ କୌଣସି ଖବର ପାଇ ନିଜକୁ ପ୍ରସ୍ତୁତ ରଖିବା ସକାଶେ ଚେଷ୍ଟା କରିପାରନ୍ତି। ପଦସ୍ଥବ୍ୟକ୍ତିଙ୍କ ସମ୍ମୁଖରେ ପ୍ରିୟ କଥା କହି ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରି ନେବା ସକାଶେ ଆପ୍ରାଣ ଉଦ୍ୟମ ଚଳାଇପାରନ୍ତି।

**ମକର** ମୁଖଭାବରେ ଚନ୍ଦ୍ର ଯୋଗକାରକ ମଙ୍ଗଳଙ୍କ ସହ ଆପଣଙ୍କୁ ଅର୍ଥ,ମିତ୍ରତା,ମିଷ୍ଟାନ୍ନ ଭୋଜନାଦି ପ୍ରଦାନ କରି ଆପ୍ୟାୟିତ କରିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଓ କୌଣସି ବନ୍ଧୁ କିମ୍ୱା ବାନ୍ଧବୀଙ୍କ ସହ ପ୍ରୀତିପ୍ରଦ ଆଲୋଚନା କରିବେ। ପିଲାମାନଙ୍କ କଳହକୁ କେନ୍ଦ୍ରକରି ପଡୋଶୀ ଲଘୁକ୍ରୋଧ ପ୍ରକାଶ କରିପାରନ୍ତି।

**କୁମ୍ଭ** ଆଜିର ଗ୍ରହଯୋଗ ନିଜ ଲୋକମାନଙ୍କ ସହ କଳହ ଓ ମନାନ୍ତର କାରଣ ବନିଯିବ। ଶତଭିଷା ନକ୍ଷତ୍ର କିନ୍ତୁ କର୍ମକ୍ଷେତ୍ରର ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରି ସଫଳତା ଅବଶ୍ୟ ପାଇବେ। ଆର୍ଥିକ ଉନ୍ନତି ଘଟିବ ଯଦିଓ ଏଥିପାଇଁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡିପାରେ। ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ବ୍ୟବସାୟ, ପରିବହନରୁ ବହୁତ ଲାଭ ପାଇପାରନ୍ତି।

**ମୀନ** ରାଶିପ୍ରତି ଦେବଗୁରୁ ଓ ରାହୁଙ୍କ ନବମ ଦୃଷ୍ଟି କାମକୁ ବିଶୃଙ୍ଖଳିତ କରିବାର ସୂଚନା ରହିଛି। ଅବଶ୍ୟ ରେବତୀ ନକ୍ଷତ୍ର ସକାଶେ ଆତ୍ମୀୟମାନଙ୍କ ସହଯୋଗରୁ ପ୍ରାପ୍ୟ ଅର୍ଥ ଓ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ। ସଭାସମିତିରେ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଉପରିସ୍ଥଙ୍କ ଆଦେଶ ପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରିପାରନ୍ତି।

ଆଜି ମାର୍ଗଶିର ଶୁକ୍ଳ ଅଷ୍ଟମୀ ଶନିବାର, ଡିସେମ୍ବର ୧୫ ତାରିଖ, ମାସାନ୍ତ, ରାଶି ନକ୍ଷତ୍ର-ପୂର୍ବଭାଦ୍ରପଦ/କୁମ୍ଭ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୪୦ମି. ଗତେ ଘ୧।୦୦ମି. ମଧ୍ୟେ, ଘ୨।୨୨ମି. ଗତେ ଘ୩।୪୩ମି. ମଧ୍ୟେ ଅମୃତ ବେଳା । ସକାଳ ଘ୭।୩୭ମି. ଗତେ ଘ୮।୫୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୯।୦୦ମି. ଗତେ ଘ୧୦।୨୧ମି. ମଧ୍ୟେ ରାହୁକାଳ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ମୁଖ୍ୟସ୍ରୋତକୁ ଫେରିଥିବା ମାଓବାଦୀ

## ବାଇଶି ପାହାଚରେ ଗଡ଼ିଲେ, ଖାଇଲେ ମହାପ୍ରସାଦ

ପୁରୀ ଅଫିସ,୧୪।୧୨

ଗୁଳି, ବନ୍ଧୁକକୁ ପରିତ୍ୟାଗ କରି ଘଞ୍ଚ ଜଙ୍ଗଲରୁ ସମାଜର ମୁଖ୍ୟସ୍ରୋତକୁ ଫେରିଥିବା ୩୦ ମାଓବାଦୀ ଶୁକ୍ରବାର ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଏଥିସହ ମହାପ୍ରସାଦ ଖାଇଥିବା ବେଳେ ବଖାଣିଛନ୍ତି ପୁରୁଣା ଦିନର ଅନୁଭୂତି।

ଅପରାହ୍ନ ପ୍ରାୟ ସାଢେ ୨ଟାରେ ଏମାନେ କଡ଼ା ସୁରକ୍ଷା ମଧ୍ୟରେ ଆସି ସିଂହଦ୍ୱାର ଫାଣ୍ଡି ନିକଟରେ ପହଞ୍ଚିଥିଲେ। ସେମାନଙ୍କୁ ଧାଡ଼ି କରି ମନ୍ଦିରକୁ ନିଆଯାଇଥିଲା। ସାତପାହାଚ ଦେଇ ଭିତରକୁ ଯାଇ ସମସ୍ତେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାପରେ ବେଢା ପରିସର ଅନ୍ୟାନ୍ୟ ମନ୍ଦିର ବୁଲି ଦର୍ଶନ କରିଥିଲେ। ଫେରିବା ବେଳେ ବାଇଶି ପାହାଚରେ କିଛି ସମୟ ବସିଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ବାଇଶି ପାହାଚରେ ଗଡ଼ି ପ୍ରାୟଶ୍ଚିତ୍ତ କରୁଥିବା ଦେଖିବାକୁ ମିଳିଥିଲା। ପ୍ରାୟ ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ମନ୍ଦିରରେ ବିତାଇବା ପରେ ସମସ୍ତେ ବାହାରକୁ ଆସିଥିଲେ। ପରେ ଶରଧାବାଲି ନିକଟ ଅବକାଶ ଭବନକୁ ଯାଇ ସେଠାରେ ମହାପ୍ରସାଦ ସେବନ କରିଥିଲେ।

ମୁଖ୍ୟସ୍ରୋତକୁ ଫେରିଥିବା ରାମ ମାଡ଼କାମୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ସହ ବସି ହକି ମ୍ୟାଚ୍ ଦେଖିଛି। ଜୀବନରେ କେବେ ଏମିତି ମୁହୂର୍ତ୍ତ ଆସିବ ଭାବି ନ ଥିଲି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ବହୁତ ଖୁସି ଲାଗୁଛି। ମାଓବାଦୀ ଜୀବନରେ ଘଞ୍ଚ ଜଙ୍ଗଲରେ ରହୁଥିଲି। ଦୁନିଆ ବିଷୟରେ କିଛି ବି ଜାଣିପାରୁ ନ ଥିଲି। ଭୁବନେଶ୍ୱର ଏମିତି ଏକ ବଡ଼ ସହର ଆଉ ଏତେ ସୁନ୍ଦର ମନ୍ଦିର ରହିଛି ତାହା ମୋ କଳ୍ପନା ବାହାରେ ଥିଲା। ଲିଙ୍ଗରାଜ ମନ୍ଦିର, କୋଣାର୍କ ମନ୍ଦିର ଏ ସବୁ ଦେଖିବା ପରେ ବହୁତ ଆନନ୍ଦ ଲାଗୁଛି। ବିଜୟା ମାଡ଼କାମୀ କହିଛନ୍ତି, ଜୀବନରେ କେବେ ବାହାର ଦୁନିଆକୁ ଯାଇପାରିବି ନାହିଁ। ପୁରୀ, ଭୁବନେଶ୍ୱର ଦେଖିପାରିବି ନାହିଁ ବୋଲି ଭାବିଥିଲି। ହେଲେ ଏସ୍‌ପି ସାର୍‌ଙ୍କ ଯୋଗୁ ସବୁଜାଗା ବୁଲିପାରିଛୁ। ମୁଖ୍ୟମନ୍ତ୍ରୀଙ୍କ ଆମ ପ୍ରତି ଭଲ ପାଇବା ରହିଛି ବୋଲି ଆମକୁ ଆଣି ହକି ମ୍ୟାଚ୍ ଦେଖାଇଛନ୍ତି। ସେମିତି ମତ ରଖିଛନ୍ତି ମୁକେଶ। ସେ କହିଛନ୍ତି, ପରିସ୍ଥିତିରେ ପଡି ମାଓବାଦୀ ହୋଇଗଲି। ଖରା, ବର୍ଷା, ଶୀତ, କାକରରେ ଜଙ୍ଗଲରେ ଲୁଚି ରହିବାକୁ ପଡିଲା। ହେଲେ ଏବେ ସେହି ପୁରୁଣା ଦିନକୁ ଭୁଲିଯାଇଛି। ଜଣେ ଭଲ ମଣିଷ ହେବାକୁ ଚେଷ୍ଟା କରିବି। ମହାପ୍ରଭୁଙ୍କୁ ଦର୍ଶନ କଲି। ବାଇଶି ପାହାଚରେ ଗଡ଼ି ଅତୀତରେ କରିଥିବା କିଛି ଭୁଲ କାମ ପାଇଁ ପ୍ରାୟଶ୍ଚିତ୍ତ କରିଛି।

ସୂଚନାଥାଉ କି, ମାଲକାନଗିରି ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା କୋରାପୁଟ ଏବଂ ମାଲକାନଗିରିର ଏହି ୩୦ ଜଣଙ୍କ ମଧ୍ୟରେ ୧୬ ମହିଳା ଓ ୧୪ ଜଣ ପୁରୁଷ ରହିଥିଲେ। କୋଣାର୍କ ମନ୍ଦିର ଦର୍ଶନ କରିବା ପରେ ଏମାନେ ଶ୍ରୀମନ୍ଦିରକୁ ଆସିଥିଲେ।



ସମାଜର ମୁଖ୍ୟସ୍ରୋତକୁ ଫେରିଥିବା ୩୦ ମାଓବାଦୀ ଶୁକ୍ରବାର ମହାପ୍ରଭୁଙ୍କୁ ଦର୍ଶନ ସାରି ଫେରୁଛନ୍ତି।




# ୧୯ରୁ ଆର୍‌ପିଏଫ୍ ଅନ୍‌ଲାଇନ ପରୀକ୍ଷା

ଭୁବନେଶ୍ୱର, ୧୪।୧୨ (ବ୍ୟୁରୋ):

ରେଲ୍‌ୱେ ପ୍ରୋଟେକ୍ସନ ଫୋର୍ସ (ଆରପିଏଫ)ର କେନ୍ଦ୍ରୀୟ ନିଯୁକ୍ତି କମିଟି (ସିଆର୍‌ସି) ପକ୍ଷରୁ ଗ୍ରୁପ୍-ଏ ରୁ ଏଫ୍ ପର୍ଯ୍ୟନ୍ତ ଅନ୍‌ଲାଇନ ପରୀକ୍ଷା ପାଇଁ ତାରିଖ ଘୋଷଣା କରାଯାଇଛି। ଏହି ପରୀକ୍ଷା ଆସନ୍ତା ୧୯ ଓ ୨୦ ତାରିଖରେ ଅନୁଷ୍ଠିତ ହେବ। ଦେଶର ପାଖାପାଖି ୭୨ ଲକ୍ଷ ପ୍ରାର୍ଥୀ ଏହି ପରୀକ୍ଷା ଦେବେ। ପରୀକ୍ଷାର ୧୦ଦିନ ପୂର୍ବରୁ ଆଡ଼ମିଟ କାର୍ଡ ଉପଲବ୍ଧ ହୋଇଥିବାବେଳେ ପ୍ରାର୍ଥୀମାନେ www.indianrailways.gov.inରୁ ଏହାକୁ ଡାଉନଲୋଡ଼ କରିପାରିବେ। ପ୍ରାର୍ଥୀମାନଙ୍କୁ ଆଡ୍‌ମିଟ କାର୍ଡ ସହିତ ଅଫିସିଆଲ ୱେବ୍‌ସାଇଟରେ ଏକ ପ୍ରାକ୍ଟିସ ଟେଷ୍ଟ ଲିଙ୍କ୍ ପ୍ରଦାନ କରାଯାଇଛି। ଏହାଦ୍ୱାରା ସେମାନେ କମ୍ପ୍ୟୁଟରଭିତ୍ତିକ ପରୀକ୍ଷା ବିଷୟରେ ଅବଗତ ହୋଇପାରିବେ। ତେବେ ଅନ୍‌ଲାଇନ ପରୀକ୍ଷାର ସମସ୍ତ ନିୟମାବଳୀ ଆର୍‌ପିଏଫ ପକ୍ଷରୁ ପ୍ରାର୍ଥୀଙ୍କୁ ଦିଆଯାଇଥିବା ଆଡ଼ମିଟ୍ କାର୍ଡରେ ଜଣାଇଦିଆଯାଇଛି। ପରୀକ୍ଷାକୁ ପ୍ରାର୍ଥୀମାନଙ୍କୁ ସରକାରଙ୍କ ଦ୍ୱାରା ଅନୁମୋଦିତ ଫଟୋ ପରିଚୟପତ୍ର ଆଣିବାକୁ ପଡ଼ିବ। ଆଡ୍‌ମିଟ କାର୍ଡରେ ଲେଖା ହୋଇଥିବା ବା ନିର୍ଦ୍ଧାରିତ ସମୟ ପରେ ପହଞ୍ଚିଲେ ପରୀକ୍ଷା ହଲ୍‌କୁ ପ୍ରବେଶ ଅନୁମତି ମିଳିବ ନାହିଁ। ମୋବାଇଲ ଫୋନ, ପେପର, ଘଣ୍ଟା, ବ୍ଲୁ ଟୁଥ, କାଲକୁଲେଟର, ଚୁଡ଼ି, ବେଲ୍‌ଟ, ବ୍ରେସଲେଟ ଆଦି ପ୍ରବେଶ ଉପରେ ମଧ୍ୟ କଟକଣା ଲଗାଯାଇଛି। ବାମ ହାତ ବା ଆଙ୍ଗୁଠିରେ ମେହେନ୍ଦୀ କିମ୍ବା ହେନା ଲଗାଇବାକୁ ମଧ୍ୟ ବାରଣ କରାଯାଇଛି।

# ମହିଳା ସଂରକ୍ଷଣ: ସିପିଆଇ ନେତାଙ୍କୁ ଭେଟିଲେ ବିଜେଡି ପ୍ରତିନିଧି

**ଭୁବନେଶ୍ୱର,୧୪।୧୨(ବ୍ୟୁରୋ):** ପାର୍ଲାମେଣ୍ଟ ଏବଂ ବିଧାନସଭାଗୁଡିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ହେଉ। ଏ ସମ୍ପର୍କିତ ସଂକଳ୍ପ ପ୍ରସ୍ତାବ ଓଡ଼ିଶା ବିଧାନସଭାରେ ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି। ଏହାକୁ ପାର୍ଲାମେଣ୍ଟରେ ଗୃହୀତ କରାଇ ପୂର୍ଣ୍ଣାଙ୍ଗ ଆଇନରେ ପରିଣତ କରିବା ପାଇଁ ବିଜେଡି ଦେଶର ସମସ୍ତ ପ୍ରମୁଖ ରାଜନୈତିକ ଦଳଗୁଡିକର ସହାୟତା ଲୋଡିଛି। ସେହି କ୍ରମରେ ଦଳୀୟ ପ୍ରତିନିଧି ଶୁକ୍ରବାର ଦିଲ୍ଲୀଠାରେ ସିପିଆଇ କର୍ମକର୍ତ୍ତାଙ୍କୁ ସାକ୍ଷାତ କରିଛନ୍ତି। ବିଜେଡି ତରଫରୁ ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଓ ଜଗତ୍‌ସିଂହପୁର ଏମ୍‌ପି କୁଳମଣି ସାମଲ ସିପିଆଇ ନେତା ତଥା ରାଜ୍ୟ ସଭା ସଦସ୍ୟ ଡି. ରାଜାଙ୍କୁ ଭେଟି ନୀତିଗତ ସମର୍ଥନ ଲୋଡିଛନ୍ତି। ବାମପନ୍ଥୀ ନେତା ଡି. ରାଜା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପ୍ରୟାସକୁ ପ୍ରଶଂସା କରିଛନ୍ତି।

**FORM NO.13**

**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No.287/2018**
**BETWEEN**

**UCO Bank, Banarpal Branch,** At/P.O.: Banarpal, Dist.: Angul, Represented by its Branch Manager **...Applicant**

**-Versus-**

**M/s. Gandhi Traders and others** **...Defendants**

**To,**

1. **M/s. Gandhi Traders,** Room No.: 24, Tada Market Complex, At/P.O.: Banarpal, Dist.: Angul, Pin-759128, Represented through its Proprietor Mr. Natabar Behera.
2. **Natabar Behera,** S/o- Magata Behera, Village: Apartipur, P.O./P.S.: Banarpal, Dist.: Angul, Pin-759128.
3. **Magata Behera,** S/o- Dina Behera, Village: Apartipur, P.O./P.S.: Banarpal, Dist.: Angul, Pin-759128.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **OA. No. 287/18** in the Court of Debts Recovery Tribunal at Cuttack for a recovery of **Rs.26,00,425.00** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **25th day of Jan. 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **10th day of Dec. 2018.**

**Sd/- I/C. Registrar,**
**Debts Recovery Tribunal, Cuttack**



ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ପାଇଁ ବିଶ୍ୱସଂଗ୍ରାମ କରି ଚାଲିଛି। କିନ୍ତୁ ଅଦିବ୍ୟ ଓ ବିରୋଧୀ ଶକ୍ତିମାନେ ଏଠାରେ ଠୁଳ ହୋଇ ସମସ୍ତଙ୍କୁ ଭୀତତ୍ରସ୍ତ କରୁଛନ୍ତି। ପ୍ରଭୁ ! ଆମେ ତାଙ୍କୁ – ଆପଣଙ୍କ ପକ୍ଷରେ ରହି ବୀର ଯୋଦ୍ଧା ରୂପରେ ଲଢ଼ିବାକୁ ଏବଂ ବିଜୟ ଲାଭକରିବାକୁ। – ଶ୍ରୀମା



# ଆର୍‌ବିଆଇ ଅଡୁଆ



ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିକଟରେ ପାଞ୍ଚଟି ରାଜ୍ୟରେ ହୋଇଥିବା ବିଧାନସଭା ନିର୍ବାଚନରେ ମାଡ଼ ଖାଇଯାଇଥିବା ମୋଦି ସରକାର ଉର୍ଜିତ ପଟେଲ ଯୁଗର ଅବସାନ ଘଟାଇବାକୁ ଉଚିତ ମଣିଛନ୍ତି। ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନର ପଦରୁ ଉର୍ଜିତ ଇସ୍ତଫା ଦେବାର ଦିନଟିଏ ନ ପୂରୁଣୁ ସରକାର ପୂର୍ବତନ ଅର୍ଥ ସଚିବ ଶକ୍ତିକାନ୍ତ ଦାସଙ୍କୁ ଆର୍‌ବିଆଇର ନୂତନ ମୁଖ୍ୟ ଭାବେ ନିଯୁକ୍ତି ଦେଇଛନ୍ତି। ହଠାତ୍ ପଟେଲଙ୍କ ଇସ୍ତଫା ସରକାରଙ୍କୁ ଅଡୁଆରେ ପକାଇ ଦେଇଥିଲେ, ଯଦିଚ କିଛିଦିନ ହେଲା ଆର୍‌ବିଆଇ ସହିତ ନର୍ଥ ବ୍ଲକ୍‌ର ମତପାର୍ଥକ୍ୟ ଓ ମୁହାଁମୁହିଁ ପରିସ୍ଥିତି ବିଷୟରେ ସମସ୍ତେ ଜାଣନ୍ତି। ପଟେଲ ତାଙ୍କ ଇସ୍ତଫା ବିଷୟରେ ସର୍ବସାଧାରଣରେ ଘୋଷଣା କରିବାର ଅବ୍ୟବହିତ ପୂର୍ବରୁ ହିଁ ସରକାର ଏ ବିଷୟରେ ଜାଣିଲେ। ଏଥିସହ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦରୁ ବିଶିଷ୍ଟ ଅର୍ଥନୀତିଜ୍ଞ ସୁରଜିତ୍ ଭାଲ୍ଲାଙ୍କ ବିଦାୟ ମଧ୍ୟ ସରକାରଙ୍କ ଅଡୁଆକୁ ବଢ଼ାଇଦେଇଛି।

ତେବେ ୨୦୧୫ରୁ ୨୦୧୭ ପର୍ଯ୍ୟନ୍ତ ଅର୍ଥ ସଚିବ ଥିବା ଦାସ କେନ୍ଦ୍ରୀୟ ବ୍ୟାଙ୍କର ଘନିଷ୍ଠତାରେ ରହି କାର୍ଯ୍ୟ କରିଥିଲେ। ସେ ମଧ୍ୟ ବର୍ତ୍ତମାନ ଭାରତୀୟ ଅର୍ଥ ଆୟୋଗର ସଦସ୍ୟ ତଥା ସରକାରଙ୍କ ତରଫରୁ ଜି-୨୦ ଶିଖର ସମ୍ମିଳନୀର ପ୍ରତିନିଧି ଅଛନ୍ତି। ମୋଦି ପ୍ରଥମେ ତାଙ୍କୁ ରାଜସ୍ୱ ବିଭାଗର ମୁଖ୍ୟ ଭାବେ ଅର୍ଥ ମନ୍ତ୍ରଣାଳୟକୁ ଆଣିଥିଲେ। ପରେ ତାଙ୍କୁ ଅର୍ଥନୈତିକ ବ୍ୟାପାର ବିଭାଗର ସଚିବ କଲେ। ସେହି ପଦରେ ଥାଇ ସେ ୨୦୧୬ ମସିହାରେ ପ୍ରଧାନମନ୍ତ୍ରୀଙ୍କ ବିବାଦୀୟ ବିମୁଦ୍ରୀକରଣକୁ କାର୍ଯ୍ୟକାରୀ କରାଇବାର ଦାୟିତ୍ୱ ନେଇଥିଲେ। ଏପରି ଜଣେ ମେଳାପି ଓ ଭାରୁ ବାବୁଙ୍କୁ ମିଣ୍ଟ ଷ୍ଟ୍ରିଟ୍‌କୁ ପଠାଇବା ଉଭୟ ବିତ୍ତ ବଜାର ଓ ଅର୍ଥ ବ୍ୟବସ୍ଥା ପାଇଁ ଏକ ଶାନ୍ତ ମୁହୂର୍ତ୍ତ। କିନ୍ତୁ ଆର୍‌ବିଆଇର ଗଭର୍ନର ଭାବେ ସେ ସ୍ୱାଧୀନ ଭାବେ ତାଙ୍କର କାର୍ଯ୍ୟ ନିର୍ବାହ କରିବା ଆଶା କରାଯାଏ। ସରକାର ନିଜର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଚାପ ପ୍ରୟୋଗ କଲେ ସେ ତାହାର ପ୍ରତିବାଦ କରିବା ଆଶା କରାଯାଏ। ପଟେଲ ତାହା କରିବାକୁ ଚେଷ୍ଟା କରି ନ ପାରିବାରୁ ନିଜ ପଦରୁ ଇସ୍ତଫା ଦେଲେ। ଦୀର୍ଘ ଅଭିଜ୍ଞତା ଦୃଷ୍ଟିରୁ ଦାସଙ୍କ କାର୍ଯ୍ୟକାଳ କମ୍ ଚାପପୂର୍ଣ୍ଣ ହେବ ବୋଲି ଆଶା କରାଯାଏ।

## ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି

ଇଣ୍ଡିଆନ୍ ସ୍କୁଲ ଅଫ୍ ବିଜ୍‌ନେସ୍‌ର ପ୍ରଫେସର କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ୍‌ଙ୍କୁ ମୋଦି ସରକାର ଅର୍ଥ ମନ୍ତ୍ରଣାଳୟର ନୂତନ ଅର୍ଥ ପରାମର୍ଶଦାତା ନିଯୁକ୍ତି ଦେଇଛନ୍ତି। ତିନିବର୍ଷର କାର୍ଯ୍ୟକାଳ ଶେଷରେ ଅରବିନ୍ଦ ସୁବ୍ରମଣ୍ୟନ୍ ଅର୍ଥ ମନ୍ତ୍ରଣାଳୟ ଛାଡ଼ିବା ପରେ ଗତ ଅଗଷ୍ଟ ମାସରୁ ଏହି ପଦଟି ଖାଲି ପଡ଼ିଥିଲା। ମୋଦି ସରକାରଙ୍କ କାର୍ଯ୍ୟକାଳ ଆଉ ମାତ୍ର ଛଅମାସ ବାକି ଥିବା ବେଳେ ଏହି ସରକାର ଅମଳରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି। ମଧ୍ୟବର୍ତ୍ତିକାଳୀନ ବଜେଟ୍ ଆଗତ ହେବାର ମାତ୍ର ଦୁଇମାସ ପୂର୍ବରୁ ଏହି ନିଯୁକ୍ତି ଦିଆଯାଇଛି। ଏହି ବଜେଟ୍ ମାଧ୍ୟମରେ ସରକାର ତାଙ୍କର ପରବର୍ତ୍ତୀ ଆର୍ଥିକ ସଂସ୍କାର ତଥା ଅଭିବୃଦ୍ଧିର ସ୍ୱରୂପ ପ୍ରକାଶ କରିବା ଆଶା କରାଯାଏ। ପ୍ରାପ୍ତ ସୂଚନା ଅନୁସାରେ, ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ବିମଲ ଜଲାନଙ୍କ ନେତୃତ୍ୱରେ ଗଠିତ ଏକ ଚୟନ କମିଟି କୃଷ୍ଣମୂର୍ତ୍ତିଙ୍କ ନାମ ସୁପାରିସ କରିଥିଲା। ଏହି ପଦବୀ ପାଇଁ ଅନ୍ୟ ଆଶାୟୀମାନଙ୍କ ମଧ୍ୟରେ ଥିଲେ ବିଶ୍ୱବ୍ୟାଙ୍କର ପ୍ରମୁଖ ଅର୍ଥନୀତିଜ୍ଞ ପୁନମ୍ ଗୁପ୍ତା ଏବଂ ଜେପି ମୋର୍ଗାନ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ସାଜିଦ ଚିନୋୟ। ଉଲ୍ଲେଖନୀୟ ଯେ, କୃଷ୍ଣମୂର୍ତ୍ତି ସେହି ଅର୍ଥନୀତିଜ୍ଞମାନଙ୍କ ମଧ୍ୟରୁ ଅନ୍ୟତମ, ଯିଏ ବିମୁଦ୍ରୀକରଣକୁ ସମର୍ଥନ କରିଥିଲେ। ସେହି କାରଣରୁ ସରକାର ତାଙ୍କୁ ବାଛିଥିବା ଅନୁମାନ କରାଯାଏ। ଅବଶ୍ୟ ଉକ୍ତ ପଦ ପାଇଁ ତାଙ୍କର ଯଥେଷ୍ଟ ଯୋଗ୍ୟତା ରହିଛି। ଶିକାଗୋ-ବୁଥ୍‌ରୁ ସେ ପିଏଚ୍.ଡି. କରିବା ସହ ବିଶ୍ୱର ଅନ୍ୟତମ ବ୍ୟାଙ୍କିଙ୍ଗ୍, କର୍ପୋରେଟ୍ ପ୍ରଶାସନ ଓ ଆର୍ଥିକ ନୀତି ବିଶାରଦ ଭାବେ ଜଣାଶୁଣା।

## କମ୍ ମହତ୍ତ୍ୱପୂର୍ଣ୍ଣ ପ୍ରତ୍ୟାବର୍ତ୍ତନ

ଭାରତୀୟ ଡାକସେବା (ଆଇପିଓଏସ୍) ଏକ ସର୍ବଭାରତୀୟ ସେବା ହିସାବରେ ଗଣ୍ୟ ହେଲେ ମଧ୍ୟ ଭାରତୀୟ ଅମଲାତନ୍ତ୍ରରେ ଏହା ଆଇଏଏସ୍ ଓ ଆଇପିଏସ୍ ଭଳି ମହତ୍ତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ ନାହିଁ। ଯେତେବେଳେ ଡାକସେବାର ମହତ୍ତ୍ୱ ଅଧିକ ରହିଥିଲା, ସେତେବେଳେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସେବା ଭାବେ ଗଣ୍ୟ ହେଉଥିଲା। କିନ୍ତୁ ମୋବାଇଲ ଓ ଇଣ୍ଟରନେଟ୍ ଯୁଗ ଆସିବା ପରେ ଏହା ତା'ର ମହତ୍ତ୍ୱ ହରାଇଛି। ନିକଟରେ ଏହି ସେବା ପୁଣି ମହତ୍ତ୍ୱ ଫେରିପାଇଛି ଏବଂ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି)ର ଅଧ୍ୟକ୍ଷ ଭାବେ ଅରବିନ୍ଦ ସାକ୍ସେନାଙ୍କ ନିଯୁକ୍ତି ଏହି ପୁରୁଣା 'ଏ' କିସମ କେନ୍ଦ୍ରୀୟ ପ୍ରଶାସନିକ ସେବାର ଗୁରୁତ୍ୱ ବଢ଼ାଇଦେଇଛି। ପୂର୍ବରୁ ମଧ୍ୟ ଏହାର କିଛି ଖାସ୍ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ସାକ୍ସେନା ପ୍ରଥମ ଆଇପିଓଏସ୍ ଅଫିସର ଭାବେ ୟୁପିଏସ୍‌ସିର ଅଧ୍ୟକ୍ଷ ନିଯୁକ୍ତ ହୋଇଥିବା ବେଳେ ସେହି କ୍ୟାଡରର ଆଉ ଜଣେ ଅଫିସର ଆଇଏମ୍‌ଜି ଖାନ୍ ୟୁପିଏସ୍‌ସିର ସଦସ୍ୟ ଅଛନ୍ତି। ପର୍ଯ୍ୟବେକ୍ଷକମାନଙ୍କ ମତରେ ଏହି ସେବା କମ୍ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେଲେ ମଧ୍ୟ ଏହି ସେବାର ଅନେକ ଅଫିସର ବିଭିନ୍ନ ସମୟରେ କେନ୍ଦ୍ର ସରକାରୀ ମନ୍ତ୍ରଣାଳୟଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ନିଯୁକ୍ତି ପାଉଛନ୍ତି। କ୍ୱଚିତ୍ ଲୋକ ଜାଣିଥିବେ ଯେ, ର' ମୁଖ୍ୟ ବିକ୍ରମ ସୂଦ ଓ କ୍ୟାବିନେଟ୍ ସଚିବାଳୟର ପୂର୍ବତନ ସ୍ୱତନ୍ତ୍ର ସଚିବ ତିଳକ ଦେବାଶେର ଏହି ସେବାର ଅଫିସର ଥିଲେ।

Email: dilipcherian@gmail.com

# ଇତିହାସର ସେଇ ବିରଳ ଅଧ୍ୟାୟ



ଶରତ ଚନ୍ଦ୍ର ମିଶ୍ର

ଭାରତକୁ ସୁରୁଖୁରୁରେ କ୍ଷମତା ହସ୍ତାନ୍ତର ପରିଚାଳନା କରିବା ନିମନ୍ତେ ୧୯୪୭ ମସିହା ପ୍ରାରମ୍ଭରେ ବ୍ରିଟିଶ ସରକାର ଲର୍ଡ ମାଉଣ୍ଟବ୍ୟାଟେନ୍‌ଙ୍କୁ ନିଯୁକ୍ତ କଲେ। ଲଣ୍ଡନସ୍ଥିତ ଭାରତ ଅଫିସ ତାଙ୍କୁ ପରାମର୍ଶ ଦେଇଥିଲା ଯେ, ଚାରିଜଣ ମୁଖ୍ୟ ଭାରତୀୟଙ୍କୁ ସେ ସହମତ କରାଇପାରିଲେ, ଭାରତରେ ତାଙ୍କ ଲକ୍ଷ୍ୟରେ ସଫଳ ହେବେ। ଏହି ଚାରି ବିଶିଷ୍ଟ ଭାରତୀୟମାନେ ହେଲେ ମହାତ୍ମା ଗାନ୍ଧୀ, ପଣ୍ଡିତ ନେହେରୁ, ସର୍ଦ୍ଦାର ପଟେଲ ଓ ମହମ୍ମଦ ଅଲ୍ଲୀ ଜିନ୍ନା। ଚାରିଜଣ ଯାକ ବାରିଷ୍ଟର। ତାଙ୍କୁ ପୁଣି ସୂଚନା ଦିଆ ହୋଇଥିଲା ଯେ, ଗାନ୍ଧିଜୀଙ୍କୁ କୌଣସି କଥାରେ ସହମତ କରାଇବାକୁ ହେଲେ, ପ୍ରଥମେ ପଟେଲଙ୍କୁ ସହମତ କରାଇବାକୁ ହେବ।

ବଲ୍ଲଭଭାଇ ପଟେଲଙ୍କ ଜନ୍ମସ୍ଥାନ ଗୁଜରାଟରେ। ପଟିଦାର ପରିବାରର ଲୋକ। ପଟିଦାରମାନେ ସ୍ୱଚ୍ଛଳ ଚାଷୀ। କଷ୍ଟ ସହିଷ୍ଣୁତା ଓ ବାସ୍ତବିକତା ହେଲା ସେମାନଙ୍କର ପାରିବାରିକ ଶିକ୍ଷା ଓ ପରମ୍ପରା। ସେ ଗାନ୍ଧିଜୀଙ୍କଠାରୁ ବୟସରେ ୬ ବର୍ଷ ସାନ ଓ ନେହେରୁଙ୍କଠାରୁ ୧୪ ବର୍ଷ ବଡ଼। ଜିନ୍ନା ତାଙ୍କଠାରୁ ବର୍ଷେ ସାନ। ଓକିଲ ହୋଇ ଭଲ ରୋଜଗାର କରୁଥିଲେ। ନିଜ ରୋଜଗାର ଟଙ୍କା ସଞ୍ଚୟ କରି ପ୍ରଥମେ ତାଙ୍କର ମୁକ୍ତିଆର ବଡଭାଇ ବିଠଲଭାଇ ପଟେଲଙ୍କୁ ବାରିଷ୍ଟରୀ ପଢ଼ିବା ପାଇଁ ଲଣ୍ଡନ ପଠାଇଥିଲେ। ବଡଭାଇଙ୍କ ଲଣ୍ଡନ ରହଣି ସମୟରେ ତାଙ୍କ ପରିବାରର ଦାୟିତ୍ୱ ନେଇଥିଲେ। ବିଠଲଭାଇ ବାରିଷ୍ଟର ପରବର୍ତ୍ତୀ ଜୀବନରେ ଇମ୍ପେରିଆଲ ଲେଜିସ୍‌ଲେଟିଭ୍ କାଉନସିଲର ଚେୟାରମ୍ୟାନ ପଦ ଅଳଙ୍କୃତ କରିଥିଲେ। ବଡଭାଇ ଫେରିଆସିବା ପରେ ବଲ୍ଲଭଭାଇ ନିଜ ସଞ୍ଚିତ ଅର୍ଥରେ ବାରିଷ୍ଟର ହେବାକୁ ଲଣ୍ଡନ ଗଲେ ଓ ଅଢେଇବର୍ଷ ପରେ ସଫଳକାମ ହୋଇ ଫେରିଆସିଲେ।

ବଲ୍ଲଭଭାଇ ଗାନ୍ଧିଜୀଙ୍କ ପ୍ରତି ଅତ୍ୟନ୍ତ ଅନୁଗତ ଥିଲେ ଓ ତାଙ୍କର ଡାହାଣ ହାତ ଭାବେ କାର୍ଯ୍ୟ କରୁଥିଲେ। ଅହମଦାବାଦ ମ୍ୟୁନିସିପାଲିଟିର ଚେୟାରମ୍ୟାନ ଭାବରେ ନିଜର ପ୍ରଶାସନିକ ଦକ୍ଷତା ଓ ବର୍ଦ୍ଦୋଲୀ ସତ୍ୟାଗ୍ରହରେ ସେ ସାଙ୍ଗଠନିକ ଦକ୍ଷତା ପ୍ରଦର୍ଶନ କରି ସର୍ଦ୍ଦାର ଭାବେ ନାମିତ ହୋଇଥିଲେ ଓ ଗାନ୍ଧିଜୀ ତାଙ୍କୁ ପୂର୍ଣ୍ଣ ବିଶ୍ୱାସକରି କଂଗ୍ରେସ ସଙ୍ଗଠନର ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରିଥିଲେ। ୧୯୨୭-୨୮ ବେଳକୁ ସେ ଜାତୀୟସ୍ତରର ନେତା ଭାବେ ସ୍ୱୀକୃତ ହେଲେ। ଗାନ୍ଧିଜୀ, ଜିନ୍ନା ଓ ନେହେରୁ ପାରିବାରିକ ଅର୍ଥରେ କିଶୋର ବୟସରେ ଇଂଲଣ୍ଡରେ ଶିକ୍ଷା ଅର୍ଜନ କରିଥିବା ସ୍ଥଳେ ପଟେଲ ସ୍ୱୋପାର୍ଜିତ ଅର୍ଥରେ ୩୫ ବର୍ଷ ବୟସରେ ଲଣ୍ଡନ ଯାଇଥିଲେ।

୧୯୩୬ ମସିହାର ନିର୍ବାଚନ ନେହେରୁ ଓ ପଟେଲଙ୍କ ଯୁଗ୍ମ ନେତୃତ୍ୱରେ କଂଗ୍ରେସ ଲଢ଼ିଥିଲା। ନେହେରୁ ଦେଶସାରା ବୁଲି ପ୍ରଚାର କରିଥିଲେ ଓ ପଟେଲ ପାର୍ଲାମେଣ୍ଟାରୀ ବୋର୍ଡର ସଭାପତି ଭାବରେ ପ୍ରାର୍ଥୀ ମନୋନୟନ, ନିର୍ବାଚନ ପରିଚାଳନା, ସାଙ୍ଗଠନିକ ବ୍ୟାପାର ଓ ଦଳୀୟ ଶୃଙ୍ଖଳା ଦାୟିତ୍ୱରେ ଥିଲେ। ୧୯୪୬ ନିର୍ବାଚନରେ ଏହାର ପୁନରାବୃତ୍ତି ଘଟିଥିଲା। ଫଳତଃ ନେହେରୁ ଜନତାର ପ୍ରିୟ ହେଲେ ଓ ପଟେଲ ଦଳର ନିୟନ୍ତ୍ରକ ହେଲେ। କଂଗ୍ରେସର ଯୁଗ୍ମ ନେତୃତ୍ୱ ପଟେଲଙ୍କ ମୃତ୍ୟୁକାଳ (୧୯୫୦) ପର୍ଯ୍ୟନ୍ତ ବଳବତ୍ତର ରହିଥିଲା। ୧୯୪୬ ମସିହାରେ କଂଗ୍ରେସ ସଭାପତି ନିର୍ବାଚନ ସମୟରେ ୧୫ଟି ପ୍ରାଦେଶିକ କଂଗ୍ରେସ କମିଟି ମଧ୍ୟରୁ ୧୨ଟି ପଟେଲଙ୍କୁ ସଭାପତି କରିବାକୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ଗାନ୍ଧିଜୀ ତାଙ୍କୁ ଏ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯିବାକୁ ପରାମର୍ଶ ଦେବାରୁ ସେ ତାକୁ ଗ୍ରହଣ କରିନେଇଥିଲେ। ଫଳତଃ ନେହେରୁ କଂଗ୍ରେସ ସଭାପତି ହେଲେ ଓ ସେଇ ପଦାଧିକାର ବଳରେ ମଧ୍ୟବର୍ତ୍ତିକାଳୀନ ସରକାରରେ ଭାଇସ୍‌ଚେୟାରମ୍ୟାନ ଓ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇପାରିଥିଲେ। କଂଗ୍ରେସ ଦଳର ଇଚ୍ଛାକୁ ସମ୍ମାନ ପ୍ରଦର୍ଶନ କରାଯାଇଥିଲେ ସର୍ଦ୍ଦାର ପଟେଲ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥାନ୍ତେ। କିନ୍ତୁ ସେ ଗାନ୍ଧିଜୀଙ୍କ ଆଦେଶକୁ ଶିରୋଧାର୍ଯ୍ୟ କରି ନେହେରୁଙ୍କ ମନ୍ତ୍ରିମଣ୍ଡଳରେ ଯୋଗଦେଇଥିଲେ। ଏପରି ଆତ୍ମୋତ୍ସର୍ଗ ଓ ତ୍ୟାଗ, ରାଜନୀତିଜ୍ଞମାନଙ୍କ ପାଖରେ ପ୍ରାୟତଃ ପରିଲକ୍ଷିତ ହୁଏନାହିଁ। ପକ୍ଷାନ୍ତରେ ଜିନ୍ନା ମଧ୍ୟବର୍ତ୍ତିକାଳୀନ ସରକାରରେ ଯୋଗଦେଇ ଦେଶରକ୍ଷା ବିଭାଗ ନେବେ ବୋଲି ବଡ଼ଲାଟ ୱାଭେଲଙ୍କୁ ଜଣାଇଥିଲେ (୧୯୪୬)। କିନ୍ତୁ ବୟସରେ କନିଷ୍ଠ ନେହେରୁ ଭାଇସ ଚେୟାରମ୍ୟାନ ହେବା ଜାଣିବା ପରେ ସେଥିରୁ ଓହରିଯାଇ ଲିଆକତ୍ ଅଲ୍ଲୀ ଖାନ୍‌ଙ୍କୁ ମନୋନୀତ କଲେ।

ମଧ୍ୟବର୍ତ୍ତିକାଳୀନ ସରକାର (୧୯୪୬-୪୭)ର ସ୍ୱରାଷ୍ଟ୍ରମନ୍ତ୍ରୀ ଭାବରେ ଦେଶରେ ଶାନ୍ତିଶୃଙ୍ଖଳା ରକ୍ଷା ପଟେଲଙ୍କ ଦାୟିତ୍ୱ। ଜିନ୍ନା ପ୍ରତ୍ୟକ୍ଷ ସଂଗ୍ରାମର ଡାକରା ଦେଲାପରେ ଦେଶରେ ସାମ୍ପ୍ରଦାୟିକ ଦଙ୍ଗା ଘଟି ରକ୍ତର ସ୍ରୋତ ବହିଲା। ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ପଟେଲଙ୍କ କୌଣସି ନିର୍ଦ୍ଦେଶ ବଙ୍ଗ ଓ ପଞ୍ଜାବର ମୁସ୍‌ଲିମ ସରକାରମାନେ ମାନୁ ନ ଥିଲେ। ପଟେଲଙ୍କ ପାଖରେ କେନ୍ଦ୍ର ସରକାରଙ୍କର ମାତ୍ର ଦୁଇ ବାଟାଲିୟନ ପୋଲିସ ଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷାକରିବା ଓ ସାମ୍ପ୍ରଦାୟିକତା ରୋକିବା ନିମନ୍ତେ ମିଲିଟାରୀ ଉପରେ ନିର୍ଭର କରିବାକୁ ପଡୁଥିଲା। କଂଗ୍ରେସ ନେତାଙ୍କ ମଧ୍ୟରେ ପ୍ରଥମେ ପଟେଲ ହିଁ ହୃଦୟଙ୍ଗମ କରିଥିଲେ ଯେ କଲିକତା ହାଣକାଟ (୧୯୪୬) ପରେ ମୁସଲିମ ଲିଗ୍ ସହିତ ସହଯୋଗ ସମ୍ଭବପର ନୁହେଁ ଓ ଆଉ ଅଧିକ ଦିନ ଭାରତ ଅବିଭକ୍ତ ରହିଲେ, ଦେଶରେ ସର୍ବତ୍ର ରକ୍ତନଦୀ ବହିବ। ଅଖଣ୍ଡ ଭାରତର ଭାବପ୍ରବଣତା ଦେଶକୁ ଚିରକାଳ ନିମନ୍ତେ ଗୃହଯୁଦ୍ଧ ମଧ୍ୟକୁ ଠେଲିଦେବ ବୋଲି ସେ ମହାତ୍ମା ଗାନ୍ଧୀଙ୍କୁ ବୁଝାଇଥିଲେ। ନେହେରୁ ଏଥିରେ ସହମତ ଥିଲେ। ପାକିସ୍ତାନ ଦାବି ଗ୍ରହଣ କଲେ ନେହେରୁ ଓ ପଟେଲ। ପଞ୍ଜାବ ଓ ବଙ୍ଗପ୍ରଦେଶର ବିଭାଜନ ଘଟାଇ ବୃହତ୍ତର ପାକିସ୍ତାନ ଗଠନ ପାଇଁ ଜିନ୍ନାଙ୍କର ଯେଉଁ ଉଚ୍ଚାକାଙ୍କ୍ଷା ଥିଲା ସେ ତାହାକୁ ଧୂଳିସାତ୍ କରିଦେଇଥିଲେ। ଯେତିକି ଭୂଭାଗ ପାକିସ୍ତାନ ଭାଗରେ ପଡ଼ିଲା, ତାହାଠାରୁ ଯଥେଷ୍ଟ ଅଧିକ ଭୂଭାଗ ସର୍ଦ୍ଦାର ପଟେଲ ଦେଶୀୟ ରାଜ୍ୟଗୁଡ଼ିକୁ ମିଶ୍ରଣ କରି ଭାରତର କଳେବର ବୃଦ୍ଧି କରିପାରିଥିଲେ। ହାଇଦ୍ରାବାଦ ଓ ଜୁନାଗଡ଼ ବ୍ୟତୀତ ଅନ୍ୟ ସମସ୍ତ ଦେଶୀୟ ରାଜ୍ୟରେ ଶାନ୍ତିପୂର୍ଣ୍ଣ ମିଶ୍ରଣ ହୋଇଥିଲା। ବ୍ରିଟିଶ ସମୟରେ ଦେଶୀୟ ରାଜ୍ୟ ମିଶ୍ରଣ ପ୍ରକ୍ରିୟା ବିରୋଧରେ ସବୁ ସମୟରେ ପ୍ରାୟ ବିଦ୍ରୋହ ହେଉଥିଲା। ସର୍ଦ୍ଦାର ପଟେଲ କୃତଜ୍ଞ ଭାରତୀୟଙ୍କର ଚିରସ୍ମରଣୀୟ ହୋଇ ରହିବେ। ଦେଶ ବିଭାଜନଜନିତ ପରବର୍ତ୍ତୀ ଅସ୍ଥିରତା ଦୂରୀକରଣ, ସ୍ୱାଧୀନ ଭାରତରେ ଶାସନକଳର ପ୍ରତିଷ୍ଠା, ସମ୍ବିଧାନ ପ୍ରଣୟନ ଓ ଦେଶରେ ସଂସଦୀୟ ଗଣତନ୍ତ୍ର ପ୍ରତିଷ୍ଠା ପ୍ରତି ପଟେଲଙ୍କ ଦାନ ଅତୁଳନୀୟ।



ସର୍ଦ୍ଦାର ପଟେଲଙ୍କ ତିରୋଧାନ ଦିବସ ଉପଲକ୍ଷେ

ପଟେଲଙ୍କ ମୃତ୍ୟୁ ପରେ ତାଙ୍କ ଅବଦାନ ନିମନ୍ତେ ତାଙ୍କୁ ଉଚିତ ସ୍ୱୀକୃତି ମିଳି ନ ଥିଲା। ପଟେଲଙ୍କ ମୃତ୍ୟୁର ଅବ୍ୟବହିତ ପରେ ତାଙ୍କ କନ୍ୟା ମଣିବେନ ପଟେଲ ଛାଡ଼ିଯାଇଥିବା ୩୫ ଲକ୍ଷ ଟଙ୍କା ଓ କଂଗ୍ରେସ ଦଳର ହିସାବ ଖାତା ନେଇ ନେହେରୁଙ୍କୁ ଦେଖାକରିଥିଲେ। ନେହେରୁ ଟଙ୍କା ଓ ଖାତା ଗ୍ରହଣ କରି ମଣିବେନଙ୍କୁ ଧନ୍ୟବାଦ ଦେଇ ବିଦା କରିଦେଇଥିଲେ। 'ଭାରତ ରତ୍ନ' ଉପାଧି ପ୍ରଦାନ ୧୯୫୪ରେ ଆରମ୍ଭ ହେଲା। ନରସିଂହ ରାଓଙ୍କ ପ୍ରଧାନମନ୍ତ୍ରିତ୍ୱ (୧୯୯୧-୧୯୯୬)ର ପ୍ରଥମ ବର୍ଷରେ ହିଁ ପଟେଲଙ୍କୁ ରାଜୀବ ଗାନ୍ଧୀ ଓ ମୋରାର୍‌ଜୀ ଦେଶାଇଙ୍କ ସହିତ ମରଣୋତ୍ତର ଉପାଧି ପ୍ରଦାନ କରାଗଲା। ଏହା ଫଳରେ ନରସିଂହ ରାଓ ଓ ସୋନିଆ ଗାନ୍ଧୀଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିବାର ଶୁଣାଗଲା। ଜାତୀୟ ପୋଲିସ ଏକାଡେମୀ ବ୍ୟତୀତ ଗୁଜରାଟ ବାହାରେ ତାଙ୍କ ନାମରେ କୌଣସି ଅନୁଷ୍ଠାନ ପ୍ରାୟ ନାମିତ ହୋଇନାହିଁ। ପଟେଲଙ୍କର ଏକ ବୃହତ୍ ପ୍ରତିମୂର୍ତ୍ତି ଅକ୍ଟୋବରରେ ସ୍ଥାପିତ ହୋଇଛି। କିନ୍ତୁ ତାଙ୍କ ମହାନତା ସ୍ୱୀକାର କରିବା ନିମନ୍ତେ ନେହେରୁଙ୍କ ଅବଦାନକୁ ଗୌଣ କରିବାର କୌଣସି ଆବଶ୍ୟକତା ନାହିଁ। ଉଭୟେ ଜାତିର ଚିର ନମସ୍ୟ।

ମୋ-୯୯୩୭୪୨୨୫୨୧

# ଦ୍ୱିତୀୟ ଚନ୍ଦ୍ରଯାନ ଅପେକ୍ଷାରେ



କମଳାକାନ୍ତ ଜେନା

ଯେତେବେଳେ ଆକାଶର ରୁପାଜହ୍ନକୁ ଦେଖେଇ ମା' କହେ- 'ଆ ଜହ୍ନମାମୁ ସରଗଶଶୀ, ମୋ କାହ୍ନୁ ହାତରେ ପଡରେ ଖସି' ସେତେବେଳେ ଶିଶୁଟି ଆକାଶକୁ ଅନେଇ ଜହ୍ନକୁ ଛୁଇଁବାର ସ୍ୱପ୍ନ ଦେଖେ। ସେଇ ମୁହୂର୍ତ୍ତରୁ ଚନ୍ଦ୍ର ସହିତ ସମ୍ପର୍କ ସ୍ଥାପନ କରିବାର ପ୍ରୟାସ ଜାରିରହେ। କିଏ ଦେବତା ରୂପରେ ବନ୍ଦନା କରି ଚନ୍ଦ୍ରକୁ ନିଜର କରିବାକୁ ଉଦ୍ୟମ କରେ, କିଏ ପୁଣି ଏହି ଖଗୋଳୀୟ ପିଣ୍ଡକୁ ଉପଗ୍ରହର ମାନ୍ୟତା ଦେଇ ତା' ନିକଟରେ ପହଞ୍ଚିବା ପାଇଁ ମହାକାଶଯାନ ନିର୍ମାଣ କରେ। ଚନ୍ଦ୍ରକୁ ଛୁଇଁବାରେ ପ୍ରଥମ ସଫଳ ମଣିଷ ହେଉଛନ୍ତି ଆମେରିକାର ନୀଲ ଆର୍ମଷ୍ଟ୍ରଙ୍ଗ୍। ସେ ୧୯୬୯ ମସିହା ଜୁଲାଇ ୨୧ ତାରିଖରେ ଚନ୍ଦ୍ରପୃଷ୍ଠରେ ପ୍ରଥମେ ପାଦ ଦେଇଥିଲେ। ତା' ପରେ ଅର୍ଦ୍ଧଶତାବ୍ଦୀ ବିତିଯାଇଥିଲେ ବି କୌଣସି ଭାରତୀୟ ଚନ୍ଦ୍ରପୃଷ୍ଠରେ ପାଦ ଦେଇ ନାହାନ୍ତି। କିନ୍ତୁ ଚନ୍ଦ୍ରାଭିଯାନ ପ୍ରକ୍ରିୟାରେ ଭାରତ କିଛି ପାଦ ଆଗକୁ ବଢେଇ ସାରିଛି। ଆଜକୁ ଦଶବର୍ଷ ତଳେ ଭାରତ ଚନ୍ଦ୍ରକୁ ନିଜର ମହାକାଶଯାନ ପଠେଇ ପାରିଛି।

୧୯୫୯ ସେପ୍ଟେମ୍ବର ୧୩ ତାରିଖରେ ରୁଷିଆର ଲୁନା-୨ ମହାକାଶଯାନ ପ୍ରଥମେ ଚନ୍ଦ୍ରପୃଷ୍ଠକୁ ଛୁଇଁଥିଲା। ଦୀର୍ଘ ୪୫ ବର୍ଷ ପରେ ୨୦୦୩ ଅଗଷ୍ଟ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଭାରତର ଚନ୍ଦ୍ରାଭିଯାନ ସମ୍ପର୍କରେ ଘୋଷଣା କଲେ। ୨୦୦୮ରେ 'ଚନ୍ଦ୍ରଯାନ-୧' ମହାକାଶଯାନରୁ ଭାରତୀୟ ଚନ୍ଦ୍ରାଭିଯାନ ଆରମ୍ଭ ହେଲା। ଏହି ପ୍ରକଳ୍ପରେ ସମୁଦାୟ ୩୮୬ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ୨୦୦୮ ଅକ୍ଟୋବର ୨୨ ତାରିଖରେ ଭାରତ ନିଜର ପ୍ରଥମ ମହାକାଶ ଯାନ 'ଚନ୍ଦ୍ରଯାନ-୧'କୁ ପୃଥିବୀର ପ୍ରାକୃତିକ ଉପଗ୍ରହ ଚନ୍ଦ୍ର ଅଭିମୁଖେ ପ୍ରେରଣ କରିଥିଲା। ଏହା ଥିଲା ଏକ ଅର୍ବିଟର ବା ଅନୁସନ୍ଧାନକାରୀ ମହାକାଶଯାନ। ଏହା ଚନ୍ଦ୍ରପୃଷ୍ଠରେ ଅବତରଣ କରି ନ ଥିଲା। ବରଂ ଚନ୍ଦ୍ରପୃଷ୍ଠରୁ ମାତ୍ର ୧୦୦ କି.ମି. ଉଚ୍ଚତାରେ ରହି ଚନ୍ଦ୍ରକୁ ପରିକ୍ରମା କରିଥିଲା। ୧୩୮୦ କେ.ଜି.ର ଏହି ଚନ୍ଦ୍ରଯାନକୁ 'ଇସ୍ରୋ' ନିର୍ମିତ ୪୪ ମିଟର ଲମ୍ବ ପି.ଏସ୍.ଏଲ୍.ଭି.-ଏକ୍ସ.ଏଲ.-ସି-୧୧ ରକେଟ ଦ୍ୱାରା ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ୍ ଧାବନ୍ ସ୍ପେଶ୍ ସେଣ୍ଟରରୁ ଉତ୍କ୍ଷେପଣ କରାଯାଇଥିଲା। ଆମର ପ୍ରଥମ ଚନ୍ଦ୍ରଯାନ ନଭେମ୍ବର ୮ ତାରିଖରେ ସେଠାରେ ପହଞ୍ଚି ଚନ୍ଦ୍ରକୁ ପରିକ୍ରମା କରିବା ଆରମ୍ଭ କରିଥିଲା। ନଭେମ୍ବର ୧୪ ତାରିଖରେ 'ମୁନ୍ ଇମ୍ପାକ୍ଟ ପ୍ରୋବ୍' ନାମକ ଗୋଟିଏ ଛୋଟ ଯନ୍ତ୍ର ଅର୍ବିଟରରୁ ଅଲଗା ହୋଇ ଚନ୍ଦ୍ରପୃଷ୍ଠରେ ପଡିଲା। ଯୋଜନା ମୁତାବକ ତାହା ଚନ୍ଦ୍ରର ଦକ୍ଷିଣ ମେରୁକୁ ସ୍ପର୍ଶ କରିଥିଲା ଏବଂ ଚନ୍ଦ୍ରପୃଷ୍ଠରେ ଭାରତର ତ୍ରିରଙ୍ଗା ପତକା ପୋତିଥିଲା। ଏହି 'ଇମ୍ପାକ୍ଟ ପ୍ରୋବ୍' ଚନ୍ଦ୍ରର ମାଧ୍ୟାକର୍ଷଣ ବଳ ସମ୍ପର୍କରେ ଆମକୁ ସୂଚନା ଦେଇଥିଲା। ଯୋଜନା ଥିଲା ଆମର ପ୍ରଥମ ଚନ୍ଦ୍ରଯାନଟି ୨ ବର୍ଷ ଚନ୍ଦ୍ର ଚାରିପଟେ ବୁଲି ବୁଲି ତଥ୍ୟ ସଂଗ୍ରହ କରିବ। କିନ୍ତୁ ଦୁଃଖର କଥା, ୧୦ ମାସ ୬ ଦିନ ପରେ ୨୦୦୯ ଅଗଷ୍ଟ ୨୮ ତାରିଖରେ ତାହା ଅକାମୀ ହୋଇଗଲା। ତେବେ ଅକାମୀ ହେବା ପୂର୍ବରୁ ଚନ୍ଦ୍ରପୃଷ୍ଠରେ ରହିଥିବା ଜଳ ସମ୍ପର୍କରେ ଆମକୁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଦେଇଥିଲା। ଏହି ସୂଚନାକୁ 'ଚନ୍ଦ୍ରଯାନ-୧'ର ବିଶେଷ ସଫଳତା ବୋଲି ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ଓ ୟୁରୋପର ଗବେଷଣା ସଂସ୍ଥା 'ଇସା' ମଧ୍ୟ ସ୍ୱୀକାର କରିଛି।

ପ୍ରଥମ ଚନ୍ଦ୍ରଯାନରୁ ଆମର ଯୋଜନା ମୁତାବକ ସମସ୍ତ ସୂଚନା ମିଳିପାରି ନ ଥିଲା। ତେଣୁ ଆଉ ଥରେ ଚନ୍ଦ୍ରଯାନ ପଠେଇବାର ଯୋଜନା ଚାଲିଛି। ଏହାର ନାମ ରହିବ 'ଚନ୍ଦ୍ରଯାନ-୨'। ଏହାର ଖର୍ଚ୍ଚ ଅଟକଳ ରହିଛି ପାଖାପାଖି ୮୦୦ କୋଟି ଟଙ୍କା। ପ୍ରଥମରୁ ରୁଷିଆ ଏହାର ନିର୍ମାଣ କାର୍ଯ୍ୟରେ ସହାୟତା କରିବ ବୋଲି କହିଥିଲା। ୨୦୧୩ ମସିହାରେ ଏହାକୁ ପଠାଯିବାର ଯୋଜନା ବି ଥିଲା। କିନ୍ତୁ ରୁଷିଆ ଠିକ୍ ସମୟରେ ଆମକୁ ଯନ୍ତ୍ରପାତି ଯୋଗାଇ ପାରିଲା ନାହିଁ। ତେଣୁ ଏହି ପ୍ରକଳ୍ପରୁ ରୁଷିଆକୁ ବାହାର କରାଯାଇଛି। ଗର୍ବର କଥା, ସମ୍ପୂର୍ଣ୍ଣ 'ଚନ୍ଦ୍ରଯାନ-୨' କୁ ଭାରତ ନିଜେ ତିଆରି କରୁଛି। ଏଥିରେ ଅର୍ବିଟର (୨୩୭୯ କେଜି) ରହିବ। ତା' ସହିତ ରୋଭର (୨୭ କେଜି) ଓ ଲ୍ୟାଣ୍ଡର (୧୪୭୧ କେଜି) ବି ରହିବ। ସମୁଦାୟ ୩୮୯୦ କେଜିର ଦ୍ୱିତୀୟ ଯାନକୁ ସତୀଶ୍ ଧାବନ କେନ୍ଦ୍ରରୁ ଚନ୍ଦ୍ର ନିକଟକୁ ବୋହିନେବା ପାଇଁ ଭାରତୀୟ ବିଶାଳ ରକେଟ୍ ଜି.ଏସ୍.ଏଲ୍.ଭି.-ଏମ୍.କେ.-୩ ବ୍ୟବହୃତ ହେବ। ଏହା ସେଠାରେ ପହଞ୍ଚିବା ପରେ ଗତଥର ପରି ଅର୍ବିଟର ଚନ୍ଦ୍ରକୁ ପରିକ୍ରମା କରିବ। ଚନ୍ଦ୍ରପୃଷ୍ଠରୁ ଏହାର ଦୂରତା ରହିବ ୧୦୦ କିଲୋମିଟର। ତେବେ ଗତ ଥର ୨ ବର୍ଷ ବୁଲିବାର ଯୋଜନା ଥିଲା। କିନ୍ତୁ ଏଥର ୧ ବର୍ଷ ପାଇଁ ଅର୍ବିଟର ଚନ୍ଦ୍ରକୁ ପରିକ୍ରମା କରିବ। ଏଥରର ରୋଭର ଓ ଲ୍ୟାଣ୍ଡର ବ୍ୟବସ୍ଥା ଭାରତ ପାଇଁ ନୂତନ ପଦକ୍ଷେପ। ଭାରତୀୟ ମହାକାଶ କାର୍ଯ୍ୟକ୍ରମର ଜନକ ବିକ୍ରମ ସରାଭାଇଙ୍କୁ ସମ୍ମାନ ଜଣାଇ ଲ୍ୟାଣ୍ଡର୍ ନାମ 'ବିକ୍ରମ' ରଖାଯାଇଛି। ଏହା ପ୍ରଥମେ ଅର୍ବିଟରଠାରୁ ଅଲଗା ହୋଇ ଚନ୍ଦ୍ରକୁ ପରିକ୍ରମା କରିବ ଏବଂ ନିଜର ସବୁ ଉପକରଣ ଠିକ୍‌ଠାକ୍ ଅଛି କି ନାହିଁ ପରୀକ୍ଷା କରିବ। ତା'ପରେ ଧୀରେ ଧୀରେ ଚନ୍ଦ୍ରପୃଷ୍ଠକୁ ଛୁଇଁବ। ୨୦୧୬ରେ କର୍ନାଟକର ଚିତ୍ରଦୁର୍ଗା ଜିଲାରେ ୧୦ଟି ବଡ ବଡ ଗାତ ଥିବା ଅଞ୍ଚଳରେ ଲ୍ୟାଣ୍ଡର୍‌ରେ ସେନ୍‌ସର ଲଗେଇ ୫୧୩ ସେକେଣ୍ଡ ପାଇଁ ଏହାର ଓହ୍ଲାଇବା ପରୀକ୍ଷା କରାଯାଇଥିଲା। ଏହା ଚନ୍ଦ୍ରର ଦକ୍ଷିଣମେରୁ ନିକଟରେ ମଞ୍ଜିନସ୍-ସି ଓ ସିମ୍ପେଲିୟସ୍-ଏନ୍ ନାମକ ଦୁଇଟି ବିରାଟ ଖାଲୁଆ ଅଞ୍ଚଳ ମଝିରେ ଥିବା ଉଚ୍ଚ ଭୂଇଁ ଉପରେ ଓହ୍ଲେଇବ। ଏଯାଏ କୌଣସି ଦେଶର ଯାନ ସେଠାରେ ଅବତରଣ କରିନାହିଁ। ସେଠାରେ ରହି ଏହା ୧୫ ଦିନ ବିଭିନ୍ନ ଗବେଷଣା କରିବ। ତା' ସହିତ ୬ ଚକିଆ ରୋଭର ମଧ୍ୟ ସେଇ ୧୫ ଦିନ ସେହି ଅଞ୍ଚଳରେ ବୁଲି ବୁଲି ପରୀକ୍ଷା କରିବ। ଏସବୁ କଥା 'ଇସ୍ରୋ' ବୁଝୁଛି।

ଭାରତ ପ୍ରଥମ ଚନ୍ଦ୍ରଯାନକୁ ପଠେଇବା ପରେ ୧୦ ବର୍ଷ ବିତିଗଲାଣି। ତେବେ ଏହାର ଆଂଶିକ ସଫଳତା ପରେ ଆମେ ସମସ୍ତେ ଦ୍ୱିତୀୟ ଚନ୍ଦ୍ରଯାନର ପୂର୍ଣ୍ଣ ସଫଳତାକୁ ଅପେକ୍ଷା କରିରହିଛୁ। କିନ୍ତୁ ଦୁଃଖର କଥା, ଦ୍ୱିତୀୟ ଚନ୍ଦ୍ରଯାନର ଉତ୍କ୍ଷେପଣ ନିର୍ଘଣ୍ଟ ଘୁଞ୍ଚି ଘୁଞ୍ଚି ଯାଉଛି। ଅନେକ ବିଚାର ବିମର୍ଶ ପରେ ୨୦୧୮ ମାର୍ଚ୍ଚରେ ଏହାକୁ ପଠେଇବା କଥା ଥିଲା। ପୁଣି କେତେକ ଅସୁବିଧା ହେତୁ ଅକ୍ଟୋବରରେ ପଠାହେବାର ଯୋଜନା ହେଲା, କିନ୍ତୁ ସମ୍ଭବ ହେଲା ନାହିଁ। ଆସନ୍ତା ୨୦୧୯ ଜାନୁୟାରୀରେ ଏହାକୁ ପଠାଯିବାର ଆଶା କରାଯାଉଛି। ଆମେ ସମସ୍ତେ ଏହାର ସଫଳ ଉତ୍କ୍ଷେପଣ ଅପେକ୍ଷାରେ ରହିଛୁ।

ମୋ-୯୪୩୯୫୦୧୬୫୧

## ଏଇ ଭାରତରେ

ଆମ ସମାଜରେ କିଛି କୁସଂସ୍କାର ତଥା ଅନ୍ଧବିଶ୍ୱାସ ଭରି ରହିଛି। ପ୍ରାଚୀନ ପରମ୍ପରାକୁ ମାନି ଚଳିଲେ ବିପଦରୁ ରକ୍ଷା ମିଳେ ବା ଗ୍ରହ ଶାନ୍ତି ହୋଇଥାଏ ବୋଲି ଲୋକଙ୍କର ବିଶ୍ୱାସ ରହିଛି। ଏମିତି ଏକ ପରମ୍ପରା ମଧ୍ୟରୁ ଗୋଟିଏ ହେଉଛି କୁକୁରକୁ ବିବାହ କରିବାର ପଦ୍ଧତି। କୁକୁରକୁ ବାହାହେଲେ କାଳେ ଗ୍ରହଦୋଷ କଟିଯାଏ ବୋଲି ବିଶ୍ୱାସ ରହିଛି। ଏଥିପାଇଁ ପରମ୍ପରା ନାମରେ ଏହି କୁସଂସ୍କାରକୁ ଲୋକେ ମାନିନେଇଥାଆନ୍ତି। ଆମ ଦେଶର କେତେକ ଅଞ୍ଚଳରେ ସୌଭାଗ୍ୟ ବୃଦ୍ଧି ପାଇଁ କୁକୁର ସହ ମଣିଷକୁ ବିବାହ କରାଯାଏ। ଜାତକରେ ଥିବା ମଙ୍ଗଳଦୋଷ ଏହାଦ୍ୱାରା ଦୂର ହୋଇଥାଏ ବୋଲି କେତେକେ କହିଥାଆନ୍ତି। ଝାଡ଼ଖଣ୍ଡ ଭଳି କେତେକ ରାଜ୍ୟରେ ପୁଅ ଅଥବା ଝିଅଙ୍କ ମଙ୍ଗଳ କାମନା କରି ଏଭଳି ପରମ୍ପରା ପାଳନ କରାଯାଏ। ଏହାଦ୍ୱାରା ଅମଙ୍ଗଳ ନାଶ ହୋଇଥାଏ ବୋଲି ଲୋକେ ବିଶ୍ୱାସ କରନ୍ତି। ଏଭଳି ବିବାହ ଉତ୍ସବରେ ବନ୍ଧୁବାନ୍ଧବ, ପ୍ରିୟ ପରିଜନ ସମସ୍ତେ ଯୋଗ ଦେଇଥାଆନ୍ତି। ସାଧାରଣ ବାହାଘର ପରି ଏହି ଉତ୍ସବ ଅନୁଷ୍ଠିତ ହୁଏ। ଭୋଜିଭାତର ଆସର ମଧ୍ୟରେ ନାଚଗୀତ ମଧ୍ୟ ଆୟୋଜିତ ହୋଇଥାଏ। ତେବେ ଆଧୁନିକ ଇଣ୍ଟରନେଟ୍ ଯୁଗରେ ଏଭଳି ବିବାହ ଉତ୍ସବକୁ ଅନେକେ ବିରୋଧ କରିବା ଆରମ୍ଭ କଲେଣି।

## ଚିରନ୍ତନୀ

ତଥାପି ନମଇଁ ତୋରେ ହେ ନିର୍ଜୀବ କର୍କଶ ପାଷାଣ !
ଘନୀଭୂତ ଏଥି ଯେଣୁ କେତେ ପୁଣ୍ୟ ଶିଳ୍ପୀର ପରାଣ,
ଯେ ରାଜନ ଗଢ଼ିଲା ଏ ପାଷାଣର ଗିରି,
ଯେ ବିରାଟ କଳ୍ପନାରୁ ଉଦ୍ଭୁତ ଏ ଶିରୀ,
ବିଶ୍ୱ ପାଇଁ କରିଲା ଦାଦନ
ଅନ୍ତରର ବିପୁଳ ବେଦନ,
ହେବାକୁ ନିର୍ବଂଶ
ଲୋଡ଼ିଲା ଅଯଶ
ବଂଶ ଗର୍ବ
କରି ଖର୍ବ!

(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଡିସେମ୍ବର ୧୯୯୩

- କଙ୍ଗୋରେ ସରକାରଙ୍କ ସମର୍ଥକ ଏବଂ ବିରୋଧୀମାନଙ୍କ ମଧ୍ୟରେ ସଂଘର୍ଷ ଘଟିବାରୁ ୫୭ ଜଣଙ୍କ ପ୍ରାଣହାନି।
- କୁଏଟରେ ପ୍ରଥମଥର ପାଇଁ ମହିଳାମାନଙ୍କୁ ସେନାବାହିନୀରେ ଯୋଗଦେବା ଲାଗି ସୁଯୋଗ ପ୍ରଦାନ କରାଯାଇଛି।
- ହିମାଚଳପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ରାମ ଲାଲଙ୍କ ରାଜ୍ୟ ବିଧାନସଭାର ବାଚସ୍ପତି ଭାବେ ଶପଥ ଗ୍ରହଣ।

## su|do|ku | ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ F ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆନନ୍ଦ ବଜାରରେ ଦର ତାଲିକା

ମହାଶୟ,

ଉଭୟ ମନ୍ଦିର ପ୍ରଶାସନ ଓ ସୁଆର ନିଯୋଗ ପ୍ରତିନିଧିଙ୍କ ଉପସ୍ଥିତିରେ ବରାଦି ରୋଷେଇ ହୋଇ ଯେଉଁ ଦର ସ୍ଥିର ହେଲା ତଦନୁଯାୟୀ ଆନନ୍ଦ ବଜାରରେ ମହାପ୍ରସାଦ ବିକ୍ରି ହେବ। ବିଭିନ୍ନ ଓଳିର ସାଇଜ ଅନୁଯାୟୀ ଦ୍ରବ୍ୟର ଦର ବୋଧହୁଏ ପ୍ରଶାସନ ସ୍ଥିର କରିବେ। ଏହି ବ୍ୟବସ୍ଥାରେ କେତେକ ସୂପକାର ଓଳିର ସାଇଜ ସାମାନ୍ୟ ଛୋଟକରି ଭକ୍ତମାନଙ୍କୁ ଠକିବାର ସମ୍ଭାବନା ଅଛି। ତେଣୁ ମନ୍ଦିର ପ୍ରଶାସନ ନିଜର ଷ୍ଟାମ୍ପ ଥାଇ ଦୁଇଟି ଧାତୁ ନିର୍ମିତ ପାତ୍ର ମାଧ୍ୟମରେ ଅବଢ଼ା ବିକ୍ରୟ ବ୍ୟବସ୍ଥା କରିପାରନ୍ତି। ଗୋଟିଏ ଅପେକ୍ଷାକୃତ ବଡ ପାତ୍ର ଅନ୍ନ, କାନିକା ଇତ୍ୟାଦି ପାଇଁ ଓ ଅନ୍ୟଟି ଡାଲି, ମହୁର, ବେସର ଇତ୍ୟାଦି ପାଇଁ। ପାତ୍ରରେ ଧରୁଥିବା ରନ୍ଧାଦ୍ରବ୍ୟର ପରିମାଣ ଅନୁଯାୟୀ ସ୍ଥିରୀକୃତ ମୂଲ୍ୟ ତାଲିକା ପ୍ରଦର୍ଶିତ ହେଉ। ଭକ୍ତମାନେ ମାଟି ଓଳି ବା ଖଲିପତ୍ର ଠୋଲାରେ ଅବଢ଼ା କିଣିପାରିବେ। ପ୍ରତି ମାସରେ ବଜାର ଦର ଦେଖି, ଆବଶ୍ୟକ ସ୍ଥଳେ ମହାପ୍ରସାଦ ଦର ବଢ଼ାଇବା, କମାଇବା ବା ସ୍ଥିର ରଖିବା ବ୍ୟବସ୍ଥା ହେଉ। ବିକ୍ରି ହେଉଥିବା ଅବଢ଼ାର ମାନ ବଜାୟ ରଖିବା ମନ୍ଦିର ପ୍ରଶାସନର ଦାୟିତ୍ୱ ରହୁ। ଏହି ପ୍ରସ୍ତାବିତ ବ୍ୟବସ୍ଥା ମାଧ୍ୟମରେ ଆନନ୍ଦ ବଜାରର ଶୃଙ୍ଖଳା ବଜାୟ ରହିବ ବୋଲି ଆଶା।

ଧବଳ ପ୍ରସାଦ ଚୌଧୁରୀ, ଶହୀଦନଗର, ଭୁବନେଶ୍ୱର

### ଛାତ୍ରଛାତ୍ରୀଙ୍କୁ କିପରି ଦଣ୍ଡଦେବା ଉଚିତ

ଧରିତ୍ରୀରେ ପ୍ରକାଶିତ ସୋନାମିକା ରାୟଙ୍କ 'ଦଣ୍ଡମୁକ୍ତ ବିଦ୍ୟାଳୟ' ପ୍ରବନ୍ଧଟି ପାଠ କଲି। ମୁଁ ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ହୋଇଥିବାରୁ ଦୁଇପଦ ନ ଲେଖି ରହିପାରୁ ନାହିଁ। କେତେକ ଅଭିଭାବକ ତାଙ୍କ ପିଲାଙ୍କୁ ଦଣ୍ଡ ଦେବା ପାଇଁ ଶିକ୍ଷକଙ୍କୁ କହିଥାନ୍ତି। କିନ୍ତୁ ସେହି ଦଣ୍ଡ ଯଦି କଠୋର ହୁଏ ତେବେ ଅଭିଭାବକ ପ୍ରତିବାଦ କରିଥାନ୍ତି। ପ୍ରକୃତପକ୍ଷରେ ଛାତ୍ରୀଛାତ୍ରଙ୍କର ଅନୁଚିତ ଆଚରଣରେ ପରିବର୍ତ୍ତନ ଆଣିବା ପାଇଁ ଦଣ୍ଡ ସ୍ୱରୂପ ବୃକ୍ଷ ରୋପଣ ବିଦ୍ୟାଳୟ ପରିସର ସଫେଇ ଆଦି କାର୍ଯ୍ୟରେ ନିୟୋଜିତ କରିବା ଉଚିତ। ଅଭିଭାବକ, ଛାତ୍ରୀଛାତ୍ର, ଶିକ୍ଷକ ପ୍ରତ୍ୟେକ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ସମ୍ବନ୍ଧରେ ସଚେତନ ହେବା ଉଚିତ।

ମୀନା କୁମାରୀ ମହାପାତ୍ର, ମହତାବ ରୋଡ, ପୁରୁଣା ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନାଳରେ ବୁଡ଼ିଯାଇ ବୃଦ୍ଧ ମୃତ

**ଭୁବନ,୧୪।୧୨(ଡି.ଏନ.ଏ.)-** କାମାକ୍ଷାନଗର ଥାନା ମଠକରଗୋଳା ଗ୍ରାମର ଲକ୍ଷ୍ମୀଧର ମହାରଣା (୭୦) ଗ୍ରାମ ନିକଟରେ ବହିଯାଇଥିବା ନାଳରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ଶୁକ୍ରବାର ସକାଳେ ଗାଧୋଇବାକୁ ଯାଇଥିବାବେଳେ ଏହି ଦୁର୍ଘଟଣା ଘଟିଛି। ଗ୍ରାମର କେତେଜଣ ଯୁବକ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ବିଜୁ ଯୁବବାହିନୀ କ୍ରିକେଟ: ସେମିରେ କାଇମାଟି, ଦୁଦୁରକୋଟ

**ଢେଙ୍କାନାଳ ଅଫିସ, ୧୪।୧୨:** ଢେଙ୍କାନାଳ ଷ୍ଟାଡିୟମ୍‌ରେ ଚାଲିଥିବା ଜିଲାସ୍ତରୀୟ ବିଜୁ ଯୁବବାହିନୀ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ମୃଦଙ୍ଗାକୁ ହରାଇ କାଇମାଟି ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ରେଣ୍ଟାପାଟକୁ ହରାଇ ଦୁଦୁରକୋଟ ଦଳ ସେମିଫାଇନାଲରେ ପ୍ରବେଶ କରିଛି । ଦିଲୀପ ପାଳ, ପ୍ରାଣବନ୍ଧୁ ସାହୁ, ସୁବ୍ରତ ମିଶ୍ର, ଶିଶିର ସାହୁ, ସୁରେନ୍ଦ୍ର ସାହୁ, ବିପିନ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ମଳୟ ରଞ୍ଜନ ତ୍ରିପାଠୀ, ଅଶୋକ ଭୂତିଆ, ଅନନ୍ତ ଜେନା, ରଞ୍ଜନ ଦେହୁରୀ, ସନ୍ତୋଷ ପରିଡ଼ା ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଜିଲା ପ୍ରଶାସନର ମିଳିତ ସହଯୋଗରେ ଢେଙ୍କାନାଳରେ ପ୍ରଥମ ଥର ଏହି ପ୍ରତିଯୋଗିତାରେ ଅନୁଷ୍ଠିତ ହେଉଛି। ୧୬ ତାରିଖରେ ଏହାର ଫାଇନାଲ ମ୍ୟାଚ୍ ଖେଳାଯିବ।

■ପିଠା, ଯୁବ ସମାବେଶ ପ୍ରସ୍ତୁତି ଶିବିର

# ସଫଳ ପଞ୍ଚାୟତକୁ ୫ଲକ୍ଷ

**ଢେଙ୍କାନାଳ ଅଫିସ, ୧୪।୧୨**

ଢେଙ୍କାନାଳ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶୁକ୍ରବାର ଅପରାହ୍ନରେ ପିପୁଲ୍ସ ଏମ୍‌ପାୱାରମେଣ୍ଟ ଏନାବ୍ଲିଙ୍ଗ୍ ଟ୍ରାନ୍ସପାରେନ୍ସି ଆଣ୍ଡ୍ ଆକାଉଣ୍ଟବିଲିଟି ଅନ୍ ଓଡ଼ିଶା ଇନିସିଏଟିଭ୍ (ପିଠା) ଏବଂ ଯୁବ ସମାବେଶ ସମ୍ପର୍କିତ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ନିଖିଲ ପଓ୍ବନ କଲ୍ୟାଣ ଏଥିରେ ଅଧ୍ୟକ୍ଷତା କରି କହିଲେ, 'ଆମ ଗାଁ, ଆମ ବିକାଶ' ଯୋଜନାର ଏକ ଉପଯୋଜନା ହେଉଛି 'ପିଠା'। ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସହାୟତା ବିତରଣ ପ୍ରକ୍ରିୟାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ତୁଲାଇବା, ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ପ୍ରଚାରପ୍ରସାର, ଜନସଚେତନତା ଲାଗି ପ୍ଲାଟ୍‌ଫର୍ମ ଯୋଗାଇବା ଏହାର ପ୍ରମୁଖ ଉଦ୍ଦେଶ୍ୟ। ପ୍ରତ୍ୟେକ ମାସ ୧୫ରୁ ୨୦ ତାରିଖ ମଧ୍ୟରେ ପଞ୍ଚାୟତ ସଦରରେ 'ପିଠା' ଶିବିର କରାଯିବ। ବିଡିଓ ଏବଂ ବ୍ଲକସ୍ତରୀୟ କର୍ମକର୍ତ୍ତା ଏହାର ଆୟୋଜନ କରିବେ। ଏହାର ସମୟ ନିର୍ଦ୍ଧିଷ୍ଟ ରହିବ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା। ଯୋଜନାର ହିତାଧିକାରୀମାନେ ଧାର୍ଯ୍ୟ ଦିବସରେ ଉପସ୍ଥିତ ରହିବେ। ସେଠାରେ ସେମାନଙ୍କୁ ସମସ୍ତ ଯୋଜନାଭିତ୍ତିକ ସହାୟତା ପ୍ରଦାନ କରାଯିବ। କାର୍ଯ୍ୟକ୍ରମର ସଫଳ ରୂପାୟନ ଲାଗି ବ୍ଲକ ପ୍ରଶାସନ ପକ୍ଷରୁ ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ ୱାର୍ଡସ୍ତରରେ ନିୟୋଜିତ ହେବେ। ସଚେତନତା ସୃଷ୍ଟି ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ପ୍ରତି ପଞ୍ଚାୟତରେ ହେଉଥିବା ଶିବିରରେ ୨୫ ହଜାର ଟଙ୍କା ଖର୍ଚ୍ଚ ହେବ। ବ୍ଲକସ୍ତରରେ ପିଠା ଶିବିରର ସଫଳ ଆୟୋଜକ ପଞ୍ଚାୟତକୁ ୫ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ରାଜ୍ୟସ୍ତରରେ ମଧ୍ୟ ସଫଳ ଜିଲା ପୁରସ୍କୃତ ହେବେ। ଜିଲାପାଳ ସମସ୍ତ କାର୍ଯ୍ୟକ୍ରମର ଯାଞ୍ଚ କରିବେ ବୋଲି ସୂଚନା ଦିଆଯାଇଥିଲା।

ସେହିପରି ୧୬ତାରିଖରୁ ଆୟୋଜିତ ହେଉଥିବା ଜିଲାସ୍ତରୀୟ ଯୁବ ସମାବେଶରେ ୧୫୦୦ ଯୁବତୀଯୁବକ ଯୋଗଦେବେ। ସେମାନଙ୍କ ଲାଗି ଏଲ୍‌ଇଡି ସ୍କ୍ରିନ୍ ମାଧ୍ୟମରେ ବିଶ୍ୱକପ୍ ହକି ଫାଇନାଲ ମ୍ୟାଚ ଦେଖିବା ବ୍ୟବସ୍ଥା କରାଯାଇଛି। ସମାବେଶରେ ଶ୍ରେଷ୍ଠ ବିଜୁ ଯୁବ ବାହିନୀ, ମୁଁ ହିରୋ କାର୍ଯ୍ୟକ୍ରମର ପ୍ରତିଭାବାନ ବ୍ୟକ୍ତି ଏବଂ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ସହାୟତା କରୁଥିବା ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯିବ ବୋଲି ଜିଲାପାଳ କହିଛନ୍ତି। ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, କାମାକ୍ଷାନଗର ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ହିନ୍ଦୋଳ ଉପଜିଲାପାଳ ଭବେଶ କୁମାର ନାୟକ, ଢେଙ୍କାନାଳ ଉପଜିଲାପାଳ ପୀତାମ୍ବର ସାମଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

### ଜିଲାରେ କାର୍ଯ୍ୟକରୁଛି ୨୩୨ ଯୁବବାହିନୀ

ଢେଙ୍କାନାଳ ଜିଲାରେ ୨୩୨ଟି ବିଜୁ ଯୁବବାହିନୀ ଗଠିତ ହୋଇଛି। ତନ୍ମଧ୍ୟରୁ ପଞ୍ଚାୟତସ୍ତରରେ ୨୧୨ ଏବଂ ପୌରାଞ୍ଚଳରେ ୨୦ଟି କାର୍ଯ୍ୟ କରୁଛି। ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଉଦ୍ଧାର କରିବା, ଚିକିତ୍ସା ସହାୟତା ଯୋଗାଇଦେବା, ଅବହେଳିତ ଲୋକଙ୍କୁ ସହାୟତା କରିବାକୁ ୬୨୦ଜଣ ଯୁବକଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ସେହିପରି ପ୍ରଦୂଷଣମୁକ୍ତ ପରିବେଶ ଗଠନ ଲାଗି ୨୧୫ଟି ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇ ଲୋକଙ୍କୁ ସଚେତନ କରାଯାଇଛି। ଯୁବବାହିନୀ ସଦସ୍ୟଙ୍କ ସହାୟତାରେ ଚଳିତବର୍ଷ ଜିଲାରେ ୧୪,୮୨୮ ଚାରାରୋପଣ ହୋଇଛି। ସ୍ୱଚ୍ଛ ଭାରତ ଅଭିଯାନ ଆନୁକୂଲ୍ୟରେ ୨୩୨ ଗ୍ରାମରେ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ଜିଲାପାଳ ନିଖିଲ ପଓ୍ବନ କଲ୍ୟାଣ ସୂଚନା ଦେଇଛନ୍ତି।

# ୨୮ରେ ଜିଲା କାର୍ଯ୍ୟାଳୟ ଘେରିବେ ପାଚିକା ସହାୟିକା

**ଢେଙ୍କାନାଳ ଅଫିସ, ୧୪।୧୨**

ଢେଙ୍କାନାଳ ଯାଉଁଳି ପୋଖରୀ ମଠରେ ବୁଧବାର ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରବି ରଥ ସଭାପତିତ୍ୱ କରିଥିଲେ। ନିର୍ଦ୍ଦେଶ ନ ଥାଇ ଜିଲା ପ୍ରଶାସନ ୬୦ ବର୍ଷୀୟା ପାଚିକାଙ୍କୁ ଅବସର ଦେବା ଏବଂ ବିଦ୍ୟାଳୟ ମିଶ୍ରଣ ପରେ କମ୍ ପିଲା ଦର୍ଶାଇ ପାଚିକାଙ୍କୁ ନିଲମ୍ବିତ କରାଯିବାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ପାଚିକା ସହାୟିକାଙ୍କୁ ସର୍ବନିମ୍ନ ମଜୁରି, ୧୦ ମାସ ପରିବର୍ତ୍ତେ ୧୨ମାସର ପ୍ରାପ୍ୟ, ଦୁର୍ଘଟଣାଜନିତ କ୍ଷତିପୂରଣ, ଶାଢ଼ି ଏବଂ ପରିଚୟପତ୍ର ପ୍ରଦାନ, ହାଇସ୍କୁଲରୁ ଛଟେଇ ହୋଇଥିବା କର୍ମଚାରୀଙ୍କୁ ପୁନଃନିଯୁକ୍ତି ଆଦି ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ଉପରୋକ୍ତ ଦାବି ନେଇ ଆସନ୍ତା ୨୮ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏ ନେଇ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ସମ୍ପାଦିକା ଗୀତାଞ୍ଜଳି ବେହେରା, କାଞ୍ଚନ ବେହେରା, ରୀନା ରାଉତ, ରଞ୍ଜିତା ସାହୁ, ରେବତୀ ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଅହଲ୍ୟା ସାହୁ ଧନ୍ୟବାଦ ଦେଇଥିଲେ।



■ଦନ୍ତା ଚିନ୍ତାରେ ବନ ବିଭାଗ

# ଆଜି ହୋଇପାରେ ଟ୍ରାଙ୍କୁଲାଇଜ୍

**ପରଜଙ୍ଗ, ୧୪।୧୨(ଡି.ଏନ.ଏ.)**

ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନରେ ନରହନ୍ତା ଦନ୍ତା ଉତ୍ପାତ ବଢ଼ିବାରେ ଲାଗିଛି। ଉକ୍ତ ହାତୀ ଆକ୍ରମଣରେ ମାସକ ମଧ୍ୟରେ ୩ ଜଣଙ୍କ ମୃତ୍ୟୁ ଘଟିଲାଣି। ସେହିପରି ୬ରୁ ଊର୍ଦ୍ଧ୍ୱ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ଭୟଆତଙ୍କରେ ଦିନ କାଟୁଥିବା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେଉଥିବାବେଳେ ବନ ବିଭାଗ ହାତରେ ଏକମାତ୍ର ବିକଳ୍ପ ରହିଛି ଦନ୍ତାକୁ ଟ୍ରାଙ୍କୁଲାଇଜ୍ କରି ଦାନ୍ତ କାଟିବା। ଏଥିଲାଗି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ହାତୀକୁ ଟ୍ରାଙ୍କୁଲାଇଜ୍ କରାଯିବ ବୋଲି କହିଛନ୍ତି ରେଞ୍ଜର ହରମୋହନ ନାୟକ।

ଶୁକ୍ରବାର ଦିନତମାମ ଜନବସତିରେ ନିଜର ଉପସ୍ଥିତି ଜାହିର କରିଥିଲା ଉନ୍ମତ୍ତ ଦନ୍ତା। ସକାଳୁ ସନ୍ଧ୍ୟା ଯାଏ କନ୍ଦରସିଂହା ଅଞ୍ଚଳରେ ଘୂରିବୁଲୁଥିବା ବେଳେ ସନ୍ଧ୍ୟାରେ କନ୍ଦରସିଂହା ଅଞ୍ଚଳରେ ପଶିଥିଲା। ବନ ବିଭାଗ କର୍ମଚାରୀ ସେଠାରୁ ଘଉଡ଼ାଇ ଦେବାପରେ ରାତି ପ୍ରାୟ ୮ଟା ବେଳକୁ ହାତୀ ପରଜଙ୍ଗ ଥାନା ଅଞ୍ଚଳକୁ ଚାଲି ଆସିଥିଲା। ସେଠାରେ ଥିବା ହନୁମାନ ମନ୍ଦିର ଭିତରକୁ ପଶିବାକୁ ଉଦ୍ୟମ କରୁଥିବାବେଳେ ଲୋକମାନେ ହୋହଲ୍ଲା କରିଥିଲେ। ସେଠାରୁ ହାତୀ ପରଜଙ୍ଗ ସହର ମୁହାଁହୋଇଛି। ଏହାକୁ ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି।

ଏ ନେଇ ରେଞ୍ଜର କୁହନ୍ତି, ହାତୀର ଗତିବିଧି ଉପରେ ବନ କର୍ମଚାରୀ ତୀକ୍ଷ୍ଣ ନଜର ରଖିଛନ୍ତି। ରାତି ଅଧରେ ଘରୁ ନ ବାହାରିବାକୁ ଲୋକଙ୍କୁ ସତର୍କ କରାଯାଇଛି। ହାତୀକୁ ଟ୍ରାଙ୍କୁଲାଇଜ୍ କରିବାକୁ ଶନିବାର ଭୁବନେଶ୍ୱର ଓୟୁଏଟିରୁ ଏକ ଟିମ୍ ଆସୁଥିବା ସେ ସୂଚନା ଦେଇଛନ୍ତି।



# ‘ଓଡ଼ିଶା ଆଥଲେଟିକ୍ସର ପ୍ରାଣକେନ୍ଦ୍ର ସୁନ୍ଦରଗଡ଼’

ଭୁବନେଶ୍ୱର, ୧୪।୧୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାରେ ହକି ବିଶ୍ୱକପ ଚାଲିଥିବାବେଳେ ଓଡ଼ିଶାର ଜନଜାତୀ ହକି ଖେଳାଳିଙ୍କ କୃତି ଉପରେ ଆଧାରିତ ପୁସ୍ତକ ‘ହକି ହେ ଜିନ୍ଦେଗୀ’ ଉନ୍ମୋଚିତ ହୋଇଛି। ଦେଶର ଅନ୍ୟତମ ବିଶିଷ୍ଟ କ୍ରୀଡ଼ା ସାମ୍ବାଦିକ ସତ୍ୟେନ୍ଦ୍ର ପାଲ ସିଂଙ୍କ ରଚିତ ଏହି ପୁସ୍ତକକୁ ଶୁକ୍ରବାର ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାରତୀୟ ହକି ଦଳର ଅଧିନାୟକ ମନପ୍ରୀତ ସିଂ, ପୂର୍ବତନ ଭାରତୀୟ ଖେଳାଳି ଲାଜରୁସ ବାର୍ଲା ଓ ନ୍ୟାଶନାଲ ୟୁଥ୍ କୋଅପରେଟିଭ୍‌ର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାଜେଶ ପାଣ୍ଡେ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଓଏନ୍‌ଜିସି ପକ୍ଷରୁ ଭାରତୀୟ ହକି ଦଳର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। “ବିଶ୍ୱ ଦରବାରରେ ଓଡ଼ିଆ ଖେଳାଳିଙ୍କର ସ୍ୱତନ୍ତ୍ର ସ୍ଥାନ ରହିଛି। ସେମାନେ ନିଜର ଦକ୍ଷତା ପ୍ରତିପାଦନ କରି ରାଜ୍ୟ ଏବଂ ଦେଶ ପାଇଁ ଗୌରବ ଆଣିଛନ୍ତି। ସୁନ୍ଦରଗଡ଼ ଜିଲ୍ଲା ଓଡ଼ିଶା ହକି ଓ ଆଥଲେଟିକ୍ସର ପ୍ରାଣକେନ୍ଦ୍ର। ସେଠାରେ ଷ୍ଟାଡିୟମ ଅଭାବରୁ ଅଭ୍ୟାସ



ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ (ବାମରୁ ତୃତୀୟ)ଙ୍କ ସହ ଅନ୍ୟ ଅତିଥିମାନେ ‘ହକି ହେ ଜିନ୍ଦେଗୀ’ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**‘ହକି ହେ ଜିନ୍ଦେଗୀ’ ପୁସ୍ତକ ଉନ୍ମୋଚିତ**

ପାଇଁ ପର୍ଯ୍ୟାପ୍ତ ସୁବିଧା ନ ଥିବା ସତ୍ତ୍ୱେ ଖେଳାଳିମାନେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି। ଓଡ଼ିଶା ଆସି ବିଭିନ୍ନ ସ୍ଥାନକୁ ଯାଇ ଖେଳାଳିଙ୍କ ଉପରେ ତଥ୍ୟ ସଂଗ୍ରହ କରି ଏପରି ଏକ ପୁସ୍ତକ ରଚନା କରିଥିବାରୁ ସତ୍ୟେନ୍ଦ୍ର ପାଲ ସିଂଙ୍କୁ ଯେତେ ପ୍ରଶଂସା କଲେ କମ୍ ହେବ” ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଛନ୍ତି। ‘ହକି ହେ ଜିନ୍ଦେଗୀ’ ପୁସ୍ତକର ଓଡ଼ିଆ ଓ ଇଂଲିଶ ଅନୁବାଦ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏଥର ନ ହେଲେ ମଧ୍ୟ ଭାରତ ଆସନ୍ତା ହକି ବିଶ୍ୱକପରେ ନିଶ୍ଚିତ ସଫଳ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। “ଓଡ଼ିଶାର ଖେଳାଳିମାନେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ। ସେମାନେ କେତେବେଳେ ଦେଖେଇ ହେବାକୁ ପସନ୍ଦ କରି ନ ଥାନ୍ତି, ସବୁବେଳେ ଦୃଷ୍ଟି ଆଢୁଆଳରେ ରହିଥାନ୍ତି। ତେଣୁ ଏହି ରାଜ୍ୟର ହକି ଖେଳାଳିଙ୍କ କୃତିକୁ ନେଇ ମୁଁ ଏହି ପୁସ୍ତକ ରଚନା କରିଥିବାରୁ ବହୁତ ଖୁସୀ” ବୋଲି ସତ୍ୟେନ୍ଦ୍ରପାଲ କହିଛନ୍ତି। ଅନ୍ୟପକ୍ଷରେ “ଓଡ଼ିଶାରେ ମୋତେ ଅନେକ ଭଲ ପାଇବା ମିଳିଛି। ଏଠାରେ ଥିବାବେଳେ ମୁଁ ପରିବାର ସହିତ ରହୁଥିବାପରି ଅନୁଭବ ହୁଏ। ଏଠାରେ ଭାରତୀୟ ହକି ଦଳକୁ ଯେତେ ସମ୍ମାନ ଓ ଭଲ ପାଇବା ମିଳୁଛି ସେପରି ଅନ୍ୟ କୌଣସି ରାଜ୍ୟରେ ମିଳି ପାରିବ ବୋଲି ଭାବିପାରୁନି। ଏଠାକାର ଦର୍ଶକ ବହୁତ ଭଲ। ଦୁର୍ଭାଗ୍ୟବଶତଃ ଆମେ ସେମିଫାଇନାଲରେ ପ୍ରବେଶ କରି ପାରିଲୁନି। ତେବେ ପୁଣି ଯେତେବେଳେ ସୁଯୋଗ ମିଳିବ ମୁଁ ଓଡ଼ିଶା ଆସିବାକୁ ନିଶ୍ଚିତ ପସନ୍ଦ କରିବି ବୋଲି ମନପ୍ରୀତ କହିଛନ୍ତି। ଉକ୍ତ ଉତ୍ସବରେ ଅନ୍ୟ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ପୂର୍ବତନ ହକି ଖେଳାଳି ଏ.ବି.ସୁବାୟା, ୱିଲିୟମ ଖାଲ୍‌କୋ, କ୍ରିକେଟର ଶିବସୁନ୍ଦର ଦାସ, ପରେଶ ପଟେଲ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ତାଙ୍କ କନ୍ୟା ପ୍ରତିଭା ସମ୍ପନ୍ନ ଶଟ୍‌ପୁଟର ଅଂଶିକା ରାଉତରାୟ, ଚେସ୍ ପ୍ରତିଭା ପ୍ରିୟାଂଶ ଦାସ ଓ ଶ୍ରେୟାଂଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସନମାନ କରି ଛାଡ଼ିଲା ମତେ,**
**ତା’ପରି ବାନ୍ଧବ ନାହିଁ ଯୁଗତେ।**

କୁହାଯାଏ ପଇସା ଦେଇ ଅନେକ କିଛି କିଣି ହେବ ହେଲେ ଭଲ ବନ୍ଧୁଟିଏ ପାଇବା ସହଜ ନୁହେଁ। ମଣିଷ ଜୀବନରେ ଜଣେ ଭଲ ବନ୍ଧୁ ପାଇବା ବଡ଼ ଭାଗ୍ୟର କଥା ହୋଇଥାଏ। ଅଗଣିତ ତାରା ଅପେକ୍ଷା ଯେମିତି ଗୋଟିଏ ଚନ୍ଦ୍ର ଶ୍ରେୟସ୍କର ସେମିତି ଅନେକ ବନ୍ଧୁ ଅପେକ୍ଷା ପ୍ରକୃତ ହିତାକାଂକ୍ଷୀ ବନ୍ଧୁ ଶ୍ରେଷ୍ଠତର। ଉତ୍ତମ ବନ୍ଧୁ ହିଁ ବନ୍ଧୁତ୍ୱର ଗାରିମାକୁ ଚିରକାଳ ବଜାୟ ରଖିବାକୁ ସମର୍ଥ ହେଉଥିବା ବେଳେ ବନ୍ଧୁଦ୍ୱାରା ସମ୍ମାନିତ ବାନ୍ଧବର ମନ ଖୁସିରେ ପୁଲକିତ ହୋଇଉଠିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସାଆନ୍ତଙ୍କ ଘର ଢମ ଦେଖ,**
**ପେଜ ପିଆଠେଇଁ ବାଜୁଛି ଶଙ୍ଖ।**

ବଡ଼ ବା ଧନୀ ଲୋକ ଭୁଲ୍ କଲେ କିଛି ହଇଗୋଳ ହୋଇ ନ ଥାଏ। କିନ୍ତୁ ଗରିବ ବା ଅଭାବୀ ଲୋକଙ୍କର ସାମାନ୍ୟତମ ଭୁଲ୍ ପାଇଁ ବି କଥା କୋର୍ଟକଚେରିକୁ ଯାଏ, ନ ହେଲେ ସଭା କିମ୍ବା ନିଶାପ ବସିଥାଏ। ଆଜିର ଦୁନିଆରେ ଏହା ହିଁ ରୀତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ରାଜ୍ୟରେ ଆଉ ୭ ଡାଏଲିସିସ୍ କେନ୍ଦ୍ର କାର୍ଯ୍ୟକ୍ଷମ ହେବ

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ):

ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପିପିପି ମୋଡ଼ରେ ଗୁରୁବାର ଏକ ଡାଏଲିସିସ୍ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ଏହାକୁ ମିଶାଇ ଚଳିତ ୨୦୧୮-୧୯ ଆର୍ଥିକବର୍ଷରେ ଏ ପର୍ଯ୍ୟନ୍ତ ୧୯ଟି ନୂତନ ଡାଏଲିସିସ୍ କେନ୍ଦ୍ର କାର୍ଯ୍ୟକ୍ଷମ ହେଲାଣି। ଖୁବ୍‌ଶୀଘ୍ର ଆଉ ୭ଟି କାର୍ଯ୍ୟକ୍ଷମ ହେବାକୁ ଯାଉଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି। ପୂର୍ବରୁ ରାଜ୍ୟର ୧୭ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏସବୁ ଡାଏଲିସିସ୍ କେନ୍ଦ୍ର ମଧ୍ୟରେ କ୍ୟାପିଟାଲ ହସ୍ପିଟାଲ ସମେତ ଅନୁଗୋଳ, ବାଲେଶ୍ୱର, ବଲାଙ୍ଗୀର, ବୌଦ୍ଧ, କନ୍ଧମାଳ, ଢେଙ୍କାନାଳ, କଳାହାଣ୍ଡି, ନୂଆପଡ଼ା, କେନ୍ଦୁଝର, କୋରାପୁଟ, ନୟାଗଡ଼, ପୁରୀ, ରାୟଗଡ଼ା, ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟଚିକିତ୍ସାଳୟ ଓ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଭୁକ୍ତ। ଏହି କେନ୍ଦ୍ରଗୁଡ଼ିକ ପିପିପି ମୋଡ଼ରେ କାର୍ଯ୍ୟ କରୁଛି। ବିନା ମୂଲ୍ୟରେ ରୋଗୀ ଟିକେଟ, ଡାକ୍ତରୀ ପରୀକ୍ଷା ଓ ଚିକିତ୍ସା ସୁବିଧା ସହ ମାଗଣା ଡାଏଲିସିସ୍ ସୁବିଧା ଉପଲବ୍ଧ କରାଯାଇଛି। ଉପରୋକ୍ତ ସମସ୍ତ କେନ୍ଦ୍ରରେ ଚଳିତବର୍ଷ ଏ ପର୍ଯ୍ୟନ୍ତ କିଡ୍‌ନୀ ଜନିତ ରୋଗୀଙ୍କର ମୋଟ ୨୮୬୬୫ଥର ମାଗଣାରେ ଡାଏଲିସିସ୍ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ୧୯୫୦ ସହକାରୀ ସର୍ଜନ ନିଯୁକ୍ତି ନିମନ୍ତେ ଓପିଏସ୍‌ସିକୁ ଚିଠି

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)

ରାଜ୍ୟରେ ଖାଲିଥିବା ଗ୍ରୁପ୍-ଏ (ଜୁନିୟର ବ୍ରାଞ୍ଚ)ର ୧୯୫୦ଜଣ ମେଡିକାଲ ଅଫିସର (ସହକାରୀ ସର୍ଜନ) ନିଯୁକ୍ତି ପାଇଁ ନାମ ସୁପାରିଶ କରିବାକୁ ଓଡ଼ିଶା ଲୋକ ସେବା ଆୟୋଗକ (ଓପିଏସ୍‌ସି)ଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଅନୁରୋଧ କରାଯାଇଛି। ଏନେଇ ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଧା ଓପିଏସ୍‌ସିଙ୍କୁ ପତ୍ର ଲେଖିଛନ୍ତି। ଖାଲିଥିବା ୧୯୫୦ ପଦବୀ ମଧ୍ୟରୁ ୫୮୫ଟି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ। ସେଥିମଧ୍ୟରୁ ସାଧାରଣ ବର୍ଗର ୮୩୮ ପଦବୀରୁ ୨୫୧ ମହିଳାଙ୍କ ପାଇଁ ରହିଥିବାବେଳେ ଏସ୍‌ସି ବର୍ଗରେ ୪୩୫ ପଦବୀରୁ ୧୩୧ଜଣ ଓ ଏସ୍‌ଟି ବର୍ଗରେ ୬୭୭ ପଦବୀରୁ ୨୦୩ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ।

■ରାଫେଲ ଦୁର୍ନୀତି ପ୍ରସଙ୍ଗ

# ଦେଶବାସୀଙ୍କୁ କ୍ଷମା ମାଗନ୍ତୁ ରାହୁଲ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ):

ରାଫେଲ ଡିଲ୍‌ରେ କୌଣସି ପ୍ରକାର ଅନିୟମିତତା ହୋଇନାହିଁ। ସୁପ୍ରିମକୋର୍ଟରେ ଏନେଇ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ପଷ୍ଟ କରିଛନ୍ତି । ହକି ସମ୍ବନ୍ଧୀୟ ଏକ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ପରେ ଧର୍ମେନ୍ଦ୍ର ଏଥିପାଇଁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କ୍ଷମା ମାଗିବା ଆବଶ୍ୟକ ବୋଲି କହିଛନ୍ତି। ସେ ଆହୁରି କହିଛନ୍ତି ଯେ, କଂଗ୍ରେସର ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସୁପ୍ରିମକୋର୍ଟ କହିଛନ୍ତି। । ଏହି ମାମଲାରେ ବାରମ୍ବାର ରାହୁଲ ମିଛ କହିଛନ୍ତି। ତେଣୁ ସେ ଦେଶବାସୀଙ୍କ ନିକଟରେ କ୍ଷମା ମାଗିବା ଦରକାର । ରାଫେଲ ଡିଲରେ ଅନିୟମିତତା ହୋଇଥିବା ସମ୍ପର୍କରେ ସେ ଲଗାତର ମିଥ୍ୟା ପ୍ରଚାର ଚଳାଇ ଆସିଥିଲେ । ବିନା ତଥ୍ୟରେ ଏପରି ଅଭିଯୋଗ ଆଣି ସେ ଦେଶର ସୁରକ୍ଷା ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ । ତେଣୁ ସେ ଦେଶବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଧର୍ମେନ୍ଦ୍ରଙ୍କ ଏଭଳି ପ୍ରତିକ୍ରିୟାର ଜବାବରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଏହି ପ୍ରସଙ୍ଗରେ ଯୁଗ୍ମ ସଂସଦୀୟ କମିଟି(ଜେପିସି) ତଦନ୍ତ କାହିଁକି କରୁନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏନେଇ ତାଙ୍କ ପାଖରେ କୌଣସି ସ୍ପଷ୍ଟ ତଥ୍ୟ ନ ଥିବାରୁ ଅଧିକ କହିବାକୁ ନିରଞ୍ଜନ ମନା କରିଦେଇଛନ୍ତି।

# ଏମ୍‌ପି ରବୀନ୍ଦ୍ର ଜେନାଙ୍କ ଅନ୍ତରୀଣ ସୁରକ୍ଷା ଅବଧି ବୃଦ୍ଧି

କଟକ ଅଫିସ, ୧୪।୧୨:

**ସି-ଶୋର ଚିଟ୍‌ଫଣ୍ଡ ଠକେଇ**

ସି-ଶୋର ଚିଟ୍‌ଫଣ୍ଡ ଠକେଇ ସହ ଲିଙ୍କ୍ ଥିବା ନେଇ ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନାଙ୍କୁ ସିବିଆଇ ପୂର୍ବରୁ ଜେରା କରିବା ସହ ତାଙ୍କ ଘର ଓ ବ୍ୟବସାୟ ପ୍ରତିଷ୍ଠାନରେ ଚଢ଼ାଉ କରିଥିଲା। ସିବିଆଇର ସମ୍ଭାବ୍ୟ ଗିରଫଦାରିରୁ ବର୍ତ୍ତିବା ପାଇଁ ଏମ୍‌ପି ଜେନା ୨୦୧୭ ଜାନୁୟାରୀ ୧୩ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୭ ମାର୍ଚ୍ଚ ୬ରେ ହାଇକୋର୍ଟ ତାଙ୍କୁ ଅନ୍ତରୀଣ ସୁରକ୍ଷା ଯୋଗାଇ ଦେଇଥିଲେ। ଶୁକ୍ରବାର ଏହି ସୁରକ୍ଷା ଅବଧିକୁ ହାଇକୋର୍ଟ ବୃଦ୍ଧି କରିଛନ୍ତି। ଅନ୍ୟାଦେଶ ପର୍ଯ୍ୟନ୍ତ ଜେନାଙ୍କ ବିରୋଧରେ ସିବିଆଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ। ଅନ୍ୟପକ୍ଷରେ ସିବିଆଇ ପକ୍ଷରୁ ଶୁକ୍ରବାର ଏହି ମାମଲାରେ ଜବାବ ଦାଖଲ ପାଇଁ ଅଦାଲତଙ୍କଠାରୁ ସମୟ ଲୋଡ଼ା ଯାଇଥିଲା। ବିଚାରପତି ଜଷ୍ଟିସ ସି.ଆର୍. ଦାସ ସିବିଆଇ ପିଟିଶନକୁ ଗ୍ରହଣ କରି ଆସନ୍ତା ଜାନୁୟାରୀ ୧୪ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ କରିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎0674 - 2310255, 9861146916
ଅର୍ଶ (PILES)
ମଳଦ୍ୱାର ଫାଟ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ
50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲ୍ୟୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମାମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜକମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

BUSINESS
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୬୫ ଲକ୍ଷ
ଭଡ଼ା ୭୫,୦୦୦
କୌଣସି ଏଗ୍ରିମେଣ୍ଟ ଦେୟ ନାହିଁ
6391829110
6391829112
Add : T-51, Gautampuri Delhi-53

ନବବର୍ଷ ଧମାକା !!!
କୁବେର ଫାଇନାନ୍ସ
ଖର୍ଚ୍ଚ ଋଣରୁ କଟିବ (ପଞ୍ଜୀକୃତ)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍
ସମସ୍ତ ଋଣ ୧% ସୁଧ, ୪୦% ରିହାତି
9354181401
8375014500
41/14, ସେକ୍ଟର-1, ପୁଷ୍ପ ବିହାର, ଦିଲ୍ଲୀ-110017

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୮୫୯୬୬୮୫୫୮
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

FINANCE
National Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
(B.B.28, Sec. 4, Salt Lake City Kolkatta- 700064)
7606086442
7606062768
nationalcoop98@gmail.com

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

BUSINESS
ନ୍ୟାଶନାଲ କମ୍ପାନୀ
ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୭୦ ଲକ୍ଷ
ଭଡ଼ା ୩୫,୦୦୦
୧ ବ୍ୟକ୍ତିଙ୍କ ପାଇଁ ୩୫,୦୦୦ର ଅନ୍ୟାନ୍ୟ ସୁବିଧା
7048574723
7048574637
Add : 41/14, Sce.1, Pushp Vihar, Delhi-17

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

# ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି ପ୍ରାକୃତିକ ଶୋଭା

- ପଞ୍ଚଲିଙ୍ଗେଶ୍ୱର ଓ କୁଲଡ଼ିହାରେ ଜମୁଛି ଭିଡ଼
- ରିଷିଆ ଡ୍ୟାମ୍‌ରେ ମନ ମୋହୁଛି ବୋଟିଂ ସେବା




ପର୍ଯ୍ୟଟକଙ୍କ ପାଇଁ ଥିବା ତମ୍ବୁ ଘର।

**ପ୍ରଶାନ୍ତ ବିଶ୍ୱାଳ**
**ସଜନାଗଡ଼, ୧୪।୧୨**

ଆସିଛି ପିକ୍‌ନିକ୍ ଋତୁ। ପର୍ଯ୍ୟଟକଙ୍କ ଆଗମନ ଯୋଗୁ ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳର କୁଲଡ଼ିହା ଅଭୟାରଣ୍ୟ ଚଳଚଞ୍ଚଳ ହୋଇପଡ଼ିଛି। ବଣଭୋଜି କରିବାକୁ ବିଭିନ୍ନ ଅଞ୍ଚଳରୁ ଆସୁଥିବା ଲୋକେ ପଞ୍ଚଲିଙ୍ଗେଶ୍ୱର ଶୈବପୀଠ, ନୀଳଗିରି ଜଗନ୍ନାଥ ମନ୍ଦିର, ନୀଳଗିରି ରାଜବାଟୀ, ଭୂଧାରଚଣ୍ଡୀ ମନ୍ଦିର, ରିଷିଆ ଡ୍ୟାମ୍, ସାତଘାଟି ଡ୍ୟାମ୍ ଆଦି ସ୍ଥାନରେ ଭିଡ଼ ଜମାଉଛନ୍ତି। ସେମାନେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସାଙ୍ଗକୁ ବଣଭୋଜି ମଜା ନେଇଫେରୁଛନ୍ତି।

ନୀଳଗିରି ଅଞ୍ଚଳରେ ପଞ୍ଚଲିଙ୍ଗେଶ୍ୱର, କୁଲଡ଼ିହା ଅଭୟାରଣ୍ୟ, ରିଷିଆ ଡ୍ୟାମ୍ ଭଳି ଏକାଧିକ ପର୍ଯ୍ୟଟନସ୍ଥଳୀ ରହିଛି। ଏସବୁ ସ୍ଥାନକୁ ଅଧିକ ସଂଖ୍ୟାରେ ବଙ୍ଗୀୟ ପର୍ଯ୍ୟଟକ ଆସୁଥିବା ଦେଖାଯାଉଛି। ଉତ୍ତରଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ମଧ୍ୟରେ ନୀଳଗିରିର ପଞ୍ଚଲିଙ୍ଗେଶ୍ୱର ଅନ୍ୟତମ। ଏହି ସ୍ଥାନର ପ୍ରାକୃତିକ ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ। ଝରଣାର ପଥର ଖୋଲ ମଧ୍ୟରେ ବିଜେ ପଞ୍ଚଲିଙ୍ଗେଶ୍ୱର ମହାଦେବଙ୍କୁ ଦର୍ଶନ କରିବା ପାଇଁ ୨୫୬ ପାହାଚ ଅତିକ୍ରମ କରିବାକୁ ପଡ଼ିଥାଏ। ନିକଟସ୍ଥ ପାହାଡ଼ରେ କେତେକ ଛୋଟବଡ଼ ଗୁମ୍ଫା ରହିଛି, ଯାହାକି ପର୍ଯ୍ୟଟକଙ୍କୁ ମୋହିତ କରିଥାଏ। ସେଠାରେ ପର୍ଯ୍ୟଟକଙ୍କ ରାତ୍ରି ଯାପନ ପାଇଁ ପର୍ଯ୍ୟଟନ ବିଭାଗ, ପାନ୍ଥନିବାସ, ଘରୋଇ ନିବାସ ସୁବିଧା ଥିବାରୁ ପର୍ଯ୍ୟଟକଙ୍କ ଭିଡ଼ ଜମିବାରେ ଲାଗିଛି। ବାଲେଶ୍ୱର ଷ୍ଟେଶନ ଓ ବସ୍‌ଷ୍ଟାଣ୍ଡରୁ ଏଠାକୁ ଆସିବା ସୁବିଧା ରହିଛି। ଜାତୀୟ ରାଜପଥରେ ଶେରଗଡ଼ ଛକରୁ ନୀଳଗିରି ରାସ୍ତା ଦେଇ ପଞ୍ଚଲିଙ୍ଗେଶ୍ୱର ପୀଠକୁ ଆସିଲେ ୩୫ କି.ମି. ଦୂରତା ଅତିକ୍ରମ କରିବାକୁ ପଡ଼ିଥାଏ। ଶୀତ ପଡ଼ିବା ପରେ ପ୍ରତ୍ୟହ ପୀଠ ରାସ୍ତାରେ ପର୍ଯ୍ୟଟକଙ୍କୁ ନେଇ ଆସୁଥିବା ଟ୍ରେକର ଓ ଯାତ୍ରୀବାହୀ ବସରେ ଭିଡ଼ ଜମୁଛି। ପ୍ରଶାସନ ପକ୍ଷରୁ ଶୌଚାଳୟ, ପାନୀୟଜଳ, ବିଶ୍ରାମାଗାର, ଗମନାଗମନ ସୁବିଧା କରାଯାଇଛି। ପଞ୍ଚଲିଙ୍ଗେଶ୍ୱର ପୀଠରୁ ୨କି.ମି. ପର୍ଯ୍ୟନ୍ତ ମୁଖ୍ୟରାସ୍ତାର ଦୁଇ ପାର୍ଶ୍ୱରେ ଏଥର ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ପରିବେଶ ସୁରକ୍ଷା ଦୃଷ୍ଟିରୁ ପଞ୍ଚଲିଙ୍ଗେଶ୍ୱର ଟ୍ରଷ୍ଟବୋର୍ଡ଼ ପକ୍ଷରୁ ପ୍ଲାଷ୍ଟିକ ବ୍ୟବହାରକୁ ନିଷେଧ କରାଯାଇଛି। ପ୍ରଶାସନ ପକ୍ଷରୁ ମଧ୍ୟ କଟକଣା ଜାରି ହୋଇଛି।




କୁଲଡ଼ିହା ଅଭୟାରଣ୍ୟରେ ବିଭିନ୍ନ ବନ୍ୟପ୍ରାଣୀଙ୍କୁ ଅତି ପାଖରୁ ଦେଖିବାର ସୁଯୋଗ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ସାଜିଛି। ୨୭୨.୭୫ ବର୍ଗ କି.ମି. ପରିବ୍ୟାପ୍ତ ଏହି ଜଙ୍ଗଲରେ ହାତୀ, ବାଘ, ଭାଲୁ, ଗୟଳ, କୁଟାରୀ, ହରିଣ, ସମ୍ବର ପ୍ରଭୃତି ବନ୍ୟପ୍ରାଣୀଙ୍କ ସମେତ ବିଭିନ୍ନ ପ୍ରଜାତିର ପକ୍ଷୀ ରହିଛନ୍ତି। ଅଭୟାରଣ୍ୟ ଅଧୀନରେ ଥିବା ଗୋହିରାଭୋଳ ଠାରେ ପର୍ଯ୍ୟଟକଙ୍କ ସକାଶେ ତମ୍ବୁ ଘର ଓ ବୋଟିଂ ବ୍ୟବସ୍ଥା ହୋଇଛି। ସେଠାରେ ରାତ୍ରିଯାପନ କରୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା ସକାଶେ ଟ୍ରେଞ୍ଚ ଖୋଳାଯାଇଛି। ଗୋହିରାଭୋଳ ପରି ଯୋଡ଼ାଚୁଆ, ପୁରୁଣାପାଣି, ମୁଖଚତୁରୀ ଏବଂ କୁଲଡ଼ିହା ଡାକବଙ୍ଗଳା ପ୍ରଭୃତି ଅଞ୍ଚଳକୁ ଏବେ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇଛି। ଅଭୟାରଣ୍ୟରେ ଥିବା ରିଷିଆ ଡ୍ୟାମ୍ ବୁଲି ଦେଖିବାକୁ ଆସୁଥିବା ଲୋକେ କ୍ଷୁଦ୍ର ଜଳସେଚନ ବିଭାଗର ଡାକବଙ୍ଗଳାରେ ଅବସ୍ଥାନ କରିବା ସୁବିଧା ପାଉଛନ୍ତି। ସେଠାରେ ଗାଡ଼ି ପାର୍କିଂ ବ୍ୟବସ୍ଥା ରହିଛି। କୁଲଡ଼ିହା ଅଭୟାରଣ୍ୟ ପାଦଦେଶରେ ସାତଘାଟି ଡ୍ୟାମ୍‌ରେ ପ୍ରତିଦିନ ହାତୀପଲଙ୍କ ଜଳକ୍ରୀଡ଼ା ଦୃଶ୍ୟ ବଣଭୋଜି ପ୍ରେମୀଙ୍କ ପାଇଁ ଆକର୍ଷଣ ସାଜିଛି। ତୃତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ନୀଳଗିରିର ଜଗନ୍ନାଥ ମନ୍ଦିର, ରାଜବାଟି, ସଜନାଗଡ଼ର ମା' ଭୂଧାରଚଣ୍ଡୀ ମନ୍ଦିର ବୁଲି ଦେଖିବାକୁ ମଧ୍ୟ ଅନେକ ପର୍ଯ୍ୟଟକ ଆସୁଛନ୍ତି।



ପଞ୍ଚଲିଙ୍ଗେଶ୍ୱର ଶୈବପୀଠ।

■ ଅନୁଦାନ ଘୋଷଣା କଲା ସଂସ୍କୃତି ବିଭାଗ

# ବିଭିନ୍ନ ଅନୁଷ୍ଠାନ ପାଇଁ ୨.୨୬ କୋଟି

**ଭୁବନେଶ୍ୱର,୧୪।୧୨(ବ୍ୟୁରୋ)**

ଚଳିତ ଆର୍ଥିକ ବର୍ଷରେ ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ଅନୁଷ୍ଠାନ ପାଇଁ ଶୁକ୍ରବାର ସହାୟତା ରାଶି ଯୋଗାଇ ଦିଆଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ୬୩୧ଟି ଅନୁଷ୍ଠାନକୁ ୨,୨୬,୧୨,୦୦୦ ଟଙ୍କାର ସହାୟତା ରାଶି ଦିଆଯାଇଛି। ରାଜ୍ୟର ଉପାନ୍ତ ଅଞ୍ଚଳ ଓ ରାଜ୍ୟ ବାହାର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଏହି ସହାୟତା ରାଶି ପାଇବେ। ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ରାଜ୍ୟର ୩୦ ଜିଲାରେ କାର୍ଯ୍ୟରତ ୪୩୬ଟି ସାଂସ୍କୃତିକ ଅନୁଷ୍ଠାନକୁ ୧୬.୭୭ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦିଆଯାଇଛି। ସେହିପରି ମଞ୍ଚ ଓ ନାଟକର ଅଭିବୃଦ୍ଧି ଦିଗରେ କାର୍ଯ୍ୟରତ ୩୫ଟି ସଂଗଠନକୁ ୨୯.୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ୯୧ଟି ନୃତ୍ୟ–ସଂଗୀତ ବିଦ୍ୟାଳୟକୁ ୬୩ ଲକ୍ଷ ଟଙ୍କା, ବିଭିନ୍ନ ସ୍ଥାନରେ ପ୍ରତିଷ୍ଠିତ ୫୯ଟି ଛଉନୃତ୍ୟ ଅନୁଷ୍ଠାନକୁ ୨୭.୫୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହା ବ୍ୟତୀତ ଉପାନ୍ତ ଅଞ୍ଚଳ ତଥା ରାଜ୍ୟ ବାହାରେ କାର୍ଯ୍ୟରତ ୧୦ଟି ଓଡ଼ିଆ ସାଂସ୍କୃତିକ ସଂଗଠନକୁ ୯.୩ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି।

ଏନେଇ ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ କହିଛନ୍ତି ଯେ, ରାଜ୍ୟରେ ତଥା ରାଜ୍ୟ ବାହାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ନାଟକ ପରିବେଷଣ, ନୃତ୍ୟ ଓ ସଂଗୀତ ଶିକ୍ଷାଦାନ, ଛଉନୃତ୍ୟ ଶିକ୍ଷଣ, ସଂଗ୍ରହଣ ଓ ଗବେଷଣା ସାଙ୍ଗକୁ ଆନ୍ତଃରାଜ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରସାରିତ କରୁଥିବା ଅନୁଷ୍ଠାନଗୁଡ଼ିକୁ ଏହି ସହାୟତା ଯୋଗାଇଦେବା ଫଳରେ ସେମାନଙ୍କ କାର୍ଯ୍ୟକ୍ରମ ଅଧିକ ସଫଳ ଓ ଫଳପ୍ରଦ ହେବ।


# ନିୟନ୍ତ୍ରିତ ବଜାର କମିଟି, ତାଳଚେର

ବିଜ୍ଞାପନ ସଂଖ୍ୟା: ୨୧ — ତା: ୧୪।୧୨।୨୦୧୮

ଏତଦ୍ୱାରା ତାଳଚେର ରାଜସ୍ୱ ଉପଖଣ୍ଡ ଅଧୀନସ୍ଥ ସମସ୍ତ ପ୍ରାଥମିକ ସେବା ସମବାୟ ସମିତିମାନଙ୍କରେ ଚଳିତ ୨୦୧୮–୨୦୧୯ ଖରିଫ୍ ବର୍ଷ ପାଇଁ ଧାନ ବିକ୍ରୟ ନିମନ୍ତେ ନାମ ପଞ୍ଜୀକରଣ କରିଥିବା ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଅନୁଗୋଳ ଜିଲ୍ଲା ପ୍ରଶାସନ ନିଷ୍ପତ୍ତିକ୍ରମେ ତାଳଚେର ଉପଖଣ୍ଡ ଅଧୀନସ୍ଥ ନିମ୍ନଲିଖିତ ୧୪ଗୋଟି ସେବା ସମବାୟ ସମିତିରେ ଧାନକ୍ରୟ ଆସନ୍ତା ତା୧୪।୧୨।୧୦୧୮ରିଖଠାରୁ ଆରମ୍ଭ ହୋଇ ତା୩୦।୦୪।୨୦୧୯ରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏଣୁ ଚାଷୀଭାଇ ଓ ଭଉଣୀମାନେ ସେମାନଙ୍କର ଉତ୍ପାଦିତ ଧାନକୁ ଭଲଭାବରେ ଶୁଖାଇ ଏବଂ ପରିଷ୍କାର କରି ଧାନ କ୍ରୟକେନ୍ଦ୍ରକୁ ଆଣନ୍ତୁ ଓ ଧାନର ସହାୟକ ମୂଲ୍ୟ ପ୍ରାପ୍ତ ହୁଅନ୍ତୁ। ସବିଶେଷ ବିବରଣୀ ପାଇଁ ନିକଟସ୍ଥ ସେବା ସମବାୟ ସମିତିର ସମ୍ପାଦକଙ୍କ ସହ ଯୋଗାଯୋଗ କରନ୍ତୁ।

| ଚଳିତ ଖରିଫ୍ ୨୦୧୮–୧୯ ବର୍ଷ ପାଇଁ ଧାନର ସହାୟକ ମୂଲ୍ୟ | |
|---|---|
| ଧାନର କିସମ | କ୍ୱିଣ୍ଟାଲ ପ୍ରତି ଦର |
| ସାଧାରଣ କିସମ (ଏଫ୍.ଏ.କ୍ୟୁ.) | ଟ.୧୭୫୦/–ଙ୍କା |
| ଗ୍ରେଡ୍ 'ଏ' କିସମ | ଟ.୧୭୭୦/–ଙ୍କା |

ସାଧାରଣ ଏଫ୍.ଏ.କ୍ୟୁ. ଧାନର ମାନ:

| କ୍ର. ନଂ. | ଧାନର ଗ୍ରହଣୀୟ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ. ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (ଶତକଡ଼ା) |
|---|---|---|
| ୧. | ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧.୦% |
| ୨. | କାଠି, କୁଟା, ଧୂଷ, ଅଗାଡ଼ି ବା ପୋକା ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ବା ପୋକା ଇତ୍ୟାଦି (ଖରାପ, ପାଣିଫୁଲା ଓ ପୋକା ୪% ଭିତରେ ସୀମିତ ରହିବା ଆବଶ୍ୟକ) | ୫.୦% |
| ୪. | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩.୦% |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ 'ଏ' ଧାନ ନିମନ୍ତେ) | ୬.୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

ଧାନ କ୍ରୟକେନ୍ଦ୍ରର ନାମ, ତାଲିକା ଓ କ୍ରୟ ଦିବସର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ସେବା ସମବାୟ ସମିତିର ନାମ | ଗ୍ରା.ପ. ନାମ | ଗ୍ରାମର ନାମ | କାର୍ଯ୍ୟ ଦିବସ |
|---|---|---|---|---|
| | | | **ତାଳଚେର ବ୍ଲକ୍** | |
| ୧. | ବଡ଼ଯୋରଡ଼ା | ବଡ଼ଯୋରଡ଼ା | ବଡ଼ଯୋରଡ଼ା, ସାନସିଙ୍ଗଡ଼ା, ବଡ଼ସିଙ୍ଗଡ଼ା | ସୋମବାର |
| | | କର୍ଣ୍ଣପୁର | କର୍ଣ୍ଣପୁର, ସାନଜରଡ଼ା, ନାତିଡ଼ି | |
| | | ଗୋବରା | ଗୋବରା, କରଡ଼ାପାଲି | |
| ୨. | ଧରମପୁର | ଗୁରୁଜାଙ୍ଗ | ଗୁରୁଜାଙ୍ଗ, ସିରିଗିଡ଼ା | ସୋମବାର |
| | | କଙ୍କିଳି | କଙ୍କିଳି, ହରିହରପୁର, କାକୁଡ଼ି, ଶିମିଳିପାଳ, ବିହାରୀପୁର, କଟାନାଳୀ | |
| | | ଧରମପୁର | ଧରମପୁର, କିଶୋରିପାଳ, ସେଲଦୁପୁର, ଜନ୍ଦାବାହାଳ, ରାମଚନ୍ଦ୍ରପୁର | |
| | | ପୌର ତାଳଚେର ସଭା | ନିଜଗଡ଼, ବେବର୍ତ୍ତାମୁଣ୍ଡା, ଗୋପୀନାଥପୁର, ଦେଉଳବେଡ଼ା, ବାଘୁଆବୋଳ | |
| ୩. | ଗୁରୁଜାଙ୍ଗୁଲି | ଗୁରୁଜାଙ୍ଗୁଲି | ଗୁରୁଜାଙ୍ଗୁଲି, ଖୋଲୁଆ, ଚାଇଁପାଳ, ଲିଙ୍ଗରାକଟା, ପଡ଼ିଆଭଙ୍ଗା, ନୂଆଗାଁ | ମଙ୍ଗଳବାର ଓ ବୁଧବାର |
| | | ସନ୍ଥପଡ଼ା | ସନ୍ଥପଡ଼ା, ନୂଆପଡ଼ା, ଦାସନାଳୀ, ଝାରିଅମ୍ବ | |
| | | ବନ୍ତୋଲ | ବନ୍ତୋଲ, ବହ୍ଲର, କୁକୁଡୁଲା | |
| | | ଜଗନ୍ନାଥପୁର | ଜଗନ୍ନାଥପୁର, ଦେହେରାଜପୁର | |
| | | ଘଣ୍ଟପଡ଼ା | ଘଣ୍ଟପଡ଼ା, ଚାଳଗଡ଼ | |
| | | ତେଣ୍ଟୁଲେଇ | ତେଣ୍ଟୁଲେଇ | |
| ୪. | କଳମଛୁଇଁ | କଳମଛୁଇଁ | କଳମଛୁଇଁ, ମଝିକା, ସୋଲଚା, ତିଳେଇପଶି, ତେଲିପୁର, ଖୁରିଗାଁ | ସୋମବାର ଓ ଶନିବାର |
| | | କୁମଣ୍ଡା | କୁମଣ୍ଡା, ଟିଓଲପୁର, ମରଧାଇକାନପୁର | |
| | | ପଦ୍ମାବତୀପୁର | କନ୍ଧବେରେଣୀ, ଯୋରାଗାଡ଼ିଆ, ନକେଇପଶି, ରାକଶ, ପଦ୍ମାବତୀପୁର | |
| | | ଡଅଁରା | ଡଅଁରା, ଜାମ୍ବୁବାହାଳୀ | |
| | | ଗୋପାଳପ୍ରସାଦ | ଗୋପାଳପ୍ରସାଦ, କୁସୁମପାଳ, ବନବାସପୁର, ମଲ୍ଲିବନ୍ଧ, ବାଘବାସ୍‌ପୁର | |
| ୫. | କଣ୍ଟୋଳ | କଣ୍ଟୋଳ | କଣ୍ଟୋଳ, ବାଲୁଗାଁ, ତାଳବେଡ଼ା, ଲାଙ୍ଗିଯୋଡ଼ା, ମଦନମୋହନପୁର, କୃଷ୍ଣଚନ୍ଦ୍ରପୁର, ରସାଲପୁର, ଦାୟାନିଧିପୁର, ଯଦୁନାଥପୁର, ଅନାଦିପୁର | ମଙ୍ଗଳବାର |
| | | ବ୍ରଜନାଥପୁର | ବ୍ରଜନାଥପୁର, ଅରଖପାଳ, ରାଧାରମଣପୁର, ଲୁହୁଣ୍ଡି, ବେଲପଡ଼ା, କଣ୍ଟେଇକୁଳିଆ, ବୀରଚନ୍ଦ୍ରପୁର | |
| | | ହେସମ୍ବଳ | ହେସମ୍ବଳ, ନରହରିପୁର, ଜିଳିଣ୍ଡା | |
| | | | **କଣିହାଁ ବ୍ଲକ୍** | |
| ୧. | ବିଜିଗୋଳ | ବିଜିଗୋଳ | ବିଜିଗୋଳ, ରଙ୍ଗବଡ଼ା, ଆମ୍ବପାଳି | ସୋମବାର ଓ ମଙ୍ଗଳବାର |
| | | କୁଲେଇ | କୁଲେଇ, ସମଲ, ଡୁମୁଗୋଳା, କଟରାପଡ଼ା, ସମଲ, ବିଲିଣ୍ଡା, ବିକିସର | |
| | | କଣିହାଁ | ପଥରମୁଣ୍ଡା, ଟୋଲକବଡ଼ା, ସାରଥିପାଳ | |
| | | କମରେଇ | ଦଣ୍ଡସିଙ୍ଗା, ଦେହୁରୀଭୂଇଁ, ଜୁଲିବନ୍ଧ, ନକନକା, ଟେଟେଇବେରେଣୀ, ଗଣ୍ଡବେରେଣା | |
| | | ଗୋଡ଼ିସାହି | ଗୋଡ଼ିସାହି, ବୁନିବାହାଳ, ଚିନ୍ତାମଣିପୁର, କରଡ଼େଇ | |
| | | ହରିହରପୁର | ରଙ୍ଗପୁର, ଦୁମୁଦୁମା | |
| | | ହନୁମାନପୁର | ଝରାବେରେଣୀ, ହନୁମାନପୁର | |
| ୨. | ବଜ୍ରକୋଟ | ବଜ୍ରକୋଟ | ବଜ୍ରକୋଟ, ଦାମନଯୋଡ଼ି, ଗୋଡ଼ିଗୋଠ, ଫୁଲଝରୀ, ଜହଡ଼ାବନ୍ଧ, କେନ୍ଦୁବେରେଣୀ, କହରିଆପାଳ | ମଙ୍ଗଳବାର |
| | | ରେଙ୍ଗାଳି | ରେଙ୍ଗାଳି, ଗୁଣ୍ଠୁରୀ, କହଲାପାଳ, ଦେନାଳୀ, ହାତିଆଦଣ୍ଡା | |
| ୩. | ବୁରୁକୁନା | ବୁରୁକୁନା | ବୁରୁକୁନା, ମହୀଧରପୁର, ଝୁଲାଖୁଣ୍ଟିଆ, ବାଦିବାହାଳ, ସରଧାପୁର, ଗଙ୍ଗାଧରପୁର, ଡେରାଗୋଳା, ଶିଆରିଆ, ମହୁଲିଆପଶି, କୁପାଳ | ଶୁକ୍ରବାର |
| | | ପରାବିଲ | ଗୌଣିଘସା, ଝଡ଼ାଗ୍ରାମ | |
| | | ବିରୁ | କଡ଼ାଖମଣ, ଲଙ୍ଗଳଖୋଲ, କଣିଆ, ବାଲିଝରଣ | |
| ୪. | କାକୁଡ଼ିଆ | କାକୁଡ଼ିଆ | କାକୁଡ଼ିଆ, ବାଲିପଟା, ଚାଙ୍ଗୁଡ଼ିଆ, ସାନ୍ତରାବନ୍ଧ | ମଙ୍ଗଳବାର |
| | | ଡେରେଙ୍ଗ | ଡେରେଙ୍ଗ, ଘଣ୍ଟିଆନାଳୀ, ବୋଲ, ମହିନିପାଳ | |
| | | ବଡ଼ଗୁଣ୍ଠୁରୀ | ବଡ଼ଗୁଣ୍ଠୁରୀ, ବଇଣ୍ଡା, ଜରାଡାଙ୍ଗ, ବଡ଼ହିରା, ଦେହୁନିମ, ଲୁହମରା | |
| ୫. | ଜରଡ଼ା | ଜରଡ଼ା | ଜରଡ଼ା, ଗୁଣ୍ଠୁରୀନାଳୀ, ଆଦ୍ୱିତ୍ୱପ୍ରସାଦ, ମାଳିପଶି, ଜମାନିଆ, ଗୁଲଣ୍ଡ | ବୁଧବାର |
| | | କଣିହାଁ | କଣିହାଁ, କଂସମୁଣ୍ଡା, ଟୁକୁଡ଼ା, ଭୁଇଁପୁର, ମଶୁଣିହତା, ବନାଶିଘା, ପଟାଖମଣ | |
| | | ସାନତ୍ରିବିଡ଼ା | କମକରଲି, ଖଇରନାଳୀ, ସାନତ୍ରିବିଡ଼ା, ସାନହାର, ବଡ଼ହାର, ଧୋବାପଶି, ଚନ୍ଦ୍ରବିଲି, ରବିପୁର, ରଞ୍ଜାଗୋଳ | |
| | | ବଡ଼ତ୍ରିବିଡ଼ା | ବଡ଼ତ୍ରିବିଡ଼ା, ଛେଳିଆ, ସରଧାପୁର, ହରିଚନ୍ଦନପୁର, ବରିହାପୁର, ଜାମୁଯୋଡ଼ି | |
| ୬. | ପରାବିଲ | ପରାବିଲ | ପରାବିଲ, ସିଲିଙ୍ଗ, ଗହମ, ଗୌଣିଘସା, ଝାଡ଼ଗ୍ରାମ | ଶନିବାର |
| | | ବିରୁ | ବିରୁ, କୁଲାଝର, ଡୋଲପାଡ଼ିଆ | |
| | | କର୍ଣ୍ଣପାଳ | ଶିପୁର, କର୍ଣ୍ଣପାଳ, କୁସୁମପାଳ | |
| ୭. | ନାଲମ | ଦଳକ | ଦଳକ, ନାଲମ, ଜିଦିରି, ପୋଇପାଳ, କକଟାପାଳ | ମଙ୍ଗଳବାର |
| | | ଡାଳପଦା | ଡାଳପଦା, ଦୁର୍ଗାପୁର, କିଆଝର, ଖଣ୍ଡାଗ୍ରାମ | |
| | | ହନୁମାନପୁର | ହନୁମାନପୁର, ଖଜୁରିଆ, ରଞ୍ଜା, ବିରଭୁଞ୍ଜ, ବ୍ରାହ୍ମଣଦେଇ, ବଉଦବଡ଼ା, ଝାରବେଡ଼ା | |
| ୮. | ବାଲିପଶି | ବାଲିପଶି | ବାଲିପଶି, କଡ଼ରାପାଲି, ଝାଙ୍କରପଶି, ନାକଟିଦେଉଳ, କାଳିଆଦମା, କୁଆଦରା, ଲୁଧାଯହରୀ, ନିଆଳି, ଶଙ୍କରପୁର, ବନପଡ଼ା, ଶୁଆଝରୀ, ବନାଖୋଲ, ବଳରାମପୁର, ସୁନିଆପୁର, ପଳାଶବାହାଳୀ, ବିଶ୍ୱାଳମୁଣ୍ଡା, ଲୁହାମୁଣ୍ଡା | ସୋମବାର |
| | | କୁଲୁମା | କୁଲୁମା, ଓଲଣ୍ଡା, ଲକ୍ଷ୍ମଣପୁର, ନୀଳପସି, ଖିଣ୍ଡା | |
| | | ହନୁମାନପୁର | ସାପକଟା | |
| ୯. | ଗଣ୍ଡମଳା | ଗଣ୍ଡମଳା | ଗଣ୍ଡମଳା, ସୁଲେଇପାଳ, କୁଲାବିର | ଶୁକ୍ରବାର |
| | | ଅର୍କିଲ | ଅର୍କିଲ, ବେହେରାଭୂଇଁ, କନ୍ତୋଲ, ପରମାପଶି, କରଡ଼ାଖମଣ, ଦ୍ୱାରବନ୍ଧ | |
| | | ଶୁଶୁବା | ଶୁଶୁବା, ଭାଲିଆବେଡ଼ା, ପୋଡ଼ାଗଡ଼, ଗେଙ୍ଗୁଟିଆ | |

ବି.ଦ୍ର.: ଧାନ କ୍ରୟକେନ୍ଦ୍ରରେ ପୂର୍ବାହ୍ନ ୮.୦୦ଘଟିକାଠାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ ଧାନ ସଂଗ୍ରହ କରାଯିବ।

ସ୍ୱା./– ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ତାଳଚେର

ସ୍ୱା./– ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ତାଳଚେର


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କେନ୍ଦ୍ରକୁ ରାଫାଲ୍...

ନିଷ୍ପତ୍ତି ପ୍ରକ୍ରିୟା, ମୂଲ୍ୟ ଓ ଭାରତୀୟ ଅଫ୍‌ସେଟ୍ ପାର୍ଟନର ଚୟନ ଆଦି ୩ଟି ପ୍ରସଙ୍ଗ ଉପରେ ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ବିଚାର କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ୩୬ ଯୁଦ୍ଧବିମାନ କିଣାଯିବା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଏଥିରେ କୋର୍ଟ ହସ୍ତକ୍ଷେପ କରିବାର କୌଣସି କାରଣ ନାହିଁ। ଭାରତୀୟ ବାୟୁସେନାକୁ ଉଚ୍ଚକ୍ଷମତାସମ୍ପନ୍ନ ଯୁଦ୍ଧବିମାନର ଆବଶ୍ୟକତା ରହିଛି। ଉପରୋକ୍ତ ସମସ୍ତ ୩ଟି ଦିଗ ଉପରେ ଅଦାଲତ ବିସ୍ତୃତ ଭାବେ ବିଚାର କରି ଏଥିରେ ହସ୍ତକ୍ଷେପ କରିବା ପାଇଁ କୌଣସି କାରଣ ନ ଥିବା ଜାଣିବାକୁ ପାଇଛନ୍ତି ବୋଲି ଜଷ୍ଟିସ୍ ଏସ୍.କେ. କୌଲ ଏବଂ କେ.ଏମ୍. ଜୋସେଫ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ୨୯ ପୃଷ୍ଠାର ରାୟରେ କହିଛନ୍ତି। ଶୀର୍ଷ ଅଦାଲତ ଆହୁରି କହିଛନ୍ତି, ଲୋକଙ୍କ ଧାରଣା ଓ ଗଣମାଧ୍ୟମରେ ପ୍ରକାଶିତ ସାକ୍ଷାତ୍‌କାର ବା ପ୍ରସ୍ତାବକୁ ଭିତ୍ତିକରି କୋର୍ଟ ରାୟ ଦେଇପାରିବେ ନାହିଁ କିମ୍ବା ୧୨୬ ବଦଳରେ ୩୬ ବିମାନ କଣିବା ପାଇଁ ସରକାରଙ୍କ ନିଷ୍ପତ୍ତିକୁ ଅଟକାଇ ପାରିବେ ନାହିଁ। କାରଣ ୩୬ଟି ଯୁଦ୍ଧବିମାନ କିଣିବା ପାଇଁ ୨୦୧୬ ସେପ୍ଟେମ୍ବର ୨୩ରେ ନିଷ୍ପତ୍ତି ନିଆଯିବାବେଳେ କୌଣସି ପ୍ରଶ୍ନ ଉଠାଯାଇ ନ ଥିଲା। ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଫ୍ରାଁସୁଆ ହଲାନ୍ଦ ଭାରତୀୟ ଅଫ୍‌ସେଟ୍ ପାର୍ଟନର ଚୟନ ନେଇ ମନ୍ତବ୍ୟ ଦେବା ପରେ ଆବେଦନକାରୀମାନେ ପିଟିଶନ ଦାଏର କରିଥିଲେ। ତେଣୁ ଯୁଦ୍ଧବିମାନର ମୂଲ୍ୟକୁ ନେଇ ତୁଳନା କରିବା କୋର୍ଟଙ୍କ କାମ ନୁହେଁ ଏବଂ ଏହି ବିଷୟକୁ ଗୋପନୀୟ ରଖାଯିବା ଉଚିତ। ଅଫ୍‌ସେଟ୍ ପାର୍ଟନର ନେଇ ଖଣ୍ଡପୀଠ କହିଛନ୍ତି, ଏହି ପ୍ରସଙ୍ଗରେ ଆବେଦନକାରୀମାନେ ଅଭିଯୋଗ ଆଣିଛନ୍ତି ଯେ, ସରକାର ଡାସଲ୍ଟ ଆଭିଏଶନ୍‌କୁ ରିଲାଏନ୍ସ ଏରୋଷ୍ଟ୍ରକ୍ଚର ଲିମିଟେଡ୍ ସହ ଚୁକ୍ତିନାମା କରିବା ପାଇଁ ବାଧ୍ୟ କରିଛନ୍ତି। ସରକାରୀ ଉଦ୍ୟୋଗ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ଏଚ୍‌ଏଏଲ୍) ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟରେ ଚୁକ୍ତିନାମା ପାଇଁ କହିଥିବାରୁ ରିଲାଏନ୍ସ ଏରୋଷ୍ଟ୍ରକ୍ଚରକୁ ଫାଇଦା ମିଳିଛି। କିନ୍ତୁ ବାସ୍ତବରେ କୌଣସି ପକ୍ଷକୁ ବ୍ୟବସାୟିକ ଲାଭ ଦେବା ପାଇଁ ସରକାର ଅନୁକମ୍ପା ଦେଖାଇଥିବା ନେଇ ରେକର୍ଡରେ କିଛି ପ୍ରମାଣ ମିଳିନାହିଁ। ଭାରତୀୟ ଅଫ୍‌ସେଟ୍ ପାର୍ଟନର ଚୟନ କରିବା ମଧ୍ୟ ଭାରତ ସରକାରଙ୍କ ହାତରେ ନ ଥିଲା। ତେଣୁ ଏହାର ତଦନ୍ତ ଅନାବଶ୍ୟକ ବୋଲି ଖଣ୍ଡପୀଠ ରାୟ ଦେଇଛନ୍ତି।

ପ୍ରକାଶ ଯେ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନା, ଅରୁଣ ସୌରୀ ଏବଂ ଆଇନଜୀବୀ ପ୍ରଶାନ୍ତ ଭୂଷଣ ରାଫାଲ୍ ଡିଲ୍‌ରେ ଦୁର୍ନୀତି ହୋଇଥିବା ଦର୍ଶାଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ସିବିଆଇ ତଦନ୍ତ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେମାନେ ଦାବି କରିଥିଲେ। ସେମାନଙ୍କ ପୂର୍ବରୁ ଆଇନଜୀବୀ ଏମ୍.ଏଲ୍. ଶର୍ମା ଓ ବିନୀତ ଧଣ୍ଡା ଏବଂ ଏଏପି ନେତା ସଞ୍ଜୟ ସିଂ ମଧ୍ୟ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଶୀର୍ଷ ଅଦାଲତଙ୍କ ସଦ୍ୟ ରାୟ କେନ୍ଦ୍ର ସରକାରଙ୍କୁ ଆଶ୍ୱସ୍ତି ପ୍ରଦାନ କରିଥିବାବେଳେ ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବିରେ ଅଟଳ ରହିଛି କଂଗ୍ରେସ।

### ପ୍ରଥମ ଦିନରେ ମରାଗଲା ...

ପ୍ରଥମ ଦିନର ଅଭିଯାନ ସାରି ଟିମ୍ ମାଲୁଦ ପଞ୍ଚାୟତ ନିକଟ ଫତେପୁର ଗାଁରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀକୁ ଫେରିଛନ୍ତି। ଏହି ଟିମ୍ ୧୦ ଦିନ ସେଠାରେ ରହି କୁକୁଡାମରା ସହିତ ଭୂତାଣୁ ନଷ୍ଟ କାର୍ଯ୍ୟ କରିବେ ବୋଲି ସୂଚନା ମିଳିଛି।

ଏ ସମ୍ପର୍କରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଗିରିଜା ପ୍ରସାଦ ପଟ୍ଟନାୟକ କହିଛନ୍ତି, ପ୍ରଥମ ଦିନରେ ୨ଟି ଫାର୍ମରୁ ୩୯୯ଟି ବ୍ରଏଲର କୁକୁଡା ମରାଯାଇ ପୋତାଯାଇଛି। ଫାର୍ମ ମାଲିକଙ୍କୁ ପ୍ରତି କୁକୁଡା ପିଛା ୨୦ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ। ଏହା ବ୍ୟତୀତ ଏଚ୍‌ଫାଇଭଏନ୍‌ୱାନ୍ ଭୂତାଣୁ ଯେପରି ଅନ୍ୟ ଅଞ୍ଚଳକୁ ସଂକ୍ରମିତ ନ ହେବ ତାହା ଉପରେ ସତର୍କ ଦୃଷ୍ଟି ରଖାଯାଇଛି। ଶନିବାରଠାରୁ ପ୍ରଭାବିତ ସାନସାହି, ପଥରଗଞ୍ଜି, ମାଲୁଦ ଓ ନଳିତାକୁଦି ସମେତ ଏହାର ୧ କିମି ମଧ୍ୟରେ ଥିବା ଫାର୍ମ ଏବଂ ଘରୋଇ କୁକୁଡାଙ୍କୁ ମରାଯିବ। ନିକଟସ୍ଥ ବ୍ରହ୍ମଗିରି, କଣାସ, ଡେଲାଙ୍ଗ ଆଦି ବ୍ଲକର ଜନସାଧାରଣଙ୍କୁ କୁକୁଡ଼ା ମାଂସ ଓ ଅଣ୍ଡା ନ ଖାଇବା ଲାଗି ସତର୍କ କରାଯାଉଛି। ଅନ୍ୟପକ୍ଷରେ ବ୍ଲକ ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ରଶ୍ମିରଞ୍ଜନ ନନ୍ଦ କହିଛନ୍ତ, ସଂକ୍ରମିତ ଅଞ୍ଚଳ ନିକଟରେ ଚିଲିକା ରହିଛି। ନଳବଣକୁ ଏବେ ବିଦେଶାଗତ ପକ୍ଷୀ ଆସୁଛନ୍ତି। ତେଣୁ ନଳବଣକୁ ଯେପରି ଏହା ନ ବ୍ୟାପିବ ତାହା ଉପରେ ସତର୍କତା ଅବଲମ୍ବନ କରାଯାଉଛି। ୧୦ ଦିନ ମଧ୍ୟରେ ପରିସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି। ଶୁକ୍ରବାର କୃଷ୍ଣପ୍ରସାଦ ବ୍ଲକର ଉଦୟଗିରି, ବ୍ରାହ୍ମଣଡିହ ଏବଂ ନନ୍ଦଳା ଗାଁରୁ ମୃତ କାଉ, କୁକୁଡ଼ାଙ୍କ ମଳ, ରକ୍ତ ସହିତ ଲୋକେ ବ୍ୟବହାର କରୁଥିବା ପାନୀୟ ଜଳର ପ୍ରାୟ ୭୦ଟି ନମୁନା ସଂଗ୍ରହ କରାଯାଇ ଫୁଲନଖରାସ୍ଥିତ ଗବେଷଣା କେନ୍ଦ୍ରକୁ ପଠାଯାଇଛି। ଏହାର ରିପୋର୍ଟ ଶନିବାର ସୁଦ୍ଧା ଆସିପାରେ ବୋଲି ନନ୍ଦ କହିଛନ୍ତି।

ଜିଲାପାଳ ଜ୍ୟୋତିପ୍ରକାଶ ଦାସ କହିଛନ୍ତି, ଷ୍ଟାଣ୍ଡାର୍ଡ ଅପରେଶନ ପ୍ରୋସିଜିଓର (ଏସ୍‌ଓପି) ଅନୁସାରେ ସଂକ୍ରମିତ ଏବଂ ଏହାର ଆଖପାଖ ଗାଁରେ ଲୋକଙ୍କୁ ସଚେତନ କରାଯାଉଛି। ବାର୍ଡ ଫ୍ଲୁ ଯେପରି ଅନ୍ୟ ଅଞ୍ଚଳକୁ ସଂକ୍ରମିତ ନ ହେବ ସେଥିଲାଗି ସମସ୍ତ ପ୍ରକାର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସଂକ୍ରମିତ ଗାଁ ଓ ଏହାର ୧୦ କିମି ମଧ୍ୟରେ କୁକୁଡ଼ା, ଅଣ୍ଡା ବିକ୍ରି ନିଷେଧ କରାଯାଇଛି। ସ୍କୁଲ, ଅଙ୍ଗନୱାଡି କେନ୍ଦ୍ରରେ ମଧ୍ୟାହ୍ନ ଭୋଜନରେ ଅଣ୍ଡା ବନ୍ଦ ରହିଛି। କୃଷ୍ଣପ୍ରସାଦ ବ୍ଲକରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଯଥେଷ୍ଟ ପରିମାଣର ଟାମି ଫ୍ଲୁ ବଟିକା ମହଜୁଦ୍ ରହିଛି। ପ୍ରଭାବିତ ଅଞ୍ଚଳରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି। ପ୍ରଶାସନ ପକ୍ଷରୁ ପ୍ରତିଷେଧକମୂଳକ ବ୍ୟବସ୍ଥା ଯାହା ଗ୍ରହଣ କରାଯାଇଛି ତାହାକୁ ସମସ୍ତେ ମାନିବା ଦରକାର। ପରିସ୍ଥିତି ଏବେ ନିୟନ୍ତ୍ରଣାଧୀନ ରହିଛି। ବାର୍ଡ ଫ୍ଲୁକୁ ନେଇ ଆତଙ୍କିତ ନ ହେବାକୁ ଜିଲାପାଳ କହିଛନ୍ତି।

## ଜଳଯୋଗାଣ ପ୍ରକଳ୍ପ ଲାଗି ଭିତ୍ତିପ୍ରସ୍ତର

**ବାଲିଆପାଳ,୧୪।୧୨(ସ୍ୱ.ପ୍ର.):** ବାଲିଆପାଳ ବ୍ଲକର ଦେଭୋଗ ପଞ୍ଚାୟତର ବିଷ୍ଣୁପୁର ଗ୍ରାମଠାରେ ହେବାକୁ ଥିବା ୧ କୋଟି ଟଙ୍କାର ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଲାଗି ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଜିଲାପରିଷଦ ସଦସ୍ୟ ରବୀନ୍ଦ୍ର କୁମାର ଅଣ୍ଡିଆ, ପୂର୍ବତନ ସରପଞ୍ଚ ଅଜୟ ପାତ୍ର, ବିଭାଗୀୟ ଏସ୍‌ଡ଼ିଓ ଅରୁଣ ବାରିକ, କନିଷ୍ଠ ଯନ୍ତ୍ରୀ ସର୍ବେଶ୍ୱର ଜେନା ପ୍ରମୁଖ ଅତିଥି ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ମୃତ୍ୟୁଞ୍ଜୟ ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।


SBI
# ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ ନଂ.: ୭୭୮, ୧ମ ମହଲା, ଶହୀଦ ନଗର, ଭୁବନେଶ୍ୱର, ଫୋ:୦୬୭୪-୨୫୪୯୬୬୩, ୨୫୪୯୬୧୨

**ଦଖଲ ନୋଟିସ୍**
[ରୁଲ୍-୮(୧)](ସ୍ଥାବର ସମ୍ପତ୍ତି ନିମନ୍ତେ)

ସରଫେସୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା / ଜାମିନଦାର କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା, ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା / ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା / ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।

ଋଣଗ୍ରହୀତାଙ୍କୁ ଜଣାଇ ଦିଆଯାଉଛି ଯେ, କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସମୟ ମତେ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।

| ଋଣଗ୍ରହୀତାଙ୍କ ନାମ ଓ ଠିକଣା | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| ଋଣଗ୍ରହୀତା: ମେସର୍ସ ମା' ଜୟ ଦୁର୍ଗା ଷ୍ଟୋନ୍ କ୍ରସର, ସ୍ୱତ୍ୱାଧିକାରୀ: ଶ୍ରୀ ସୌଭାଗ୍ୟ ରଞ୍ଜନ ରାୟସିଂହ ପିତା: ଶ୍ରୀ ସୁଧାଂଶୁ ଭୂଷଣ ରାୟସିଂହ, ସା: ଦୁର୍ଗାପ୍ରସାଦ, ପୋ: ରାମଚଣ୍ଡୀ, ଥାନା: ଖୋର୍ଦ୍ଧା ସଦର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା | ସୌଭାଗ୍ୟ ରଞ୍ଜନ ରାୟସିଂହଙ୍କ ନାମରେ ଥିବା ଜମିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ମଳିପଡ଼ା, ତହସିଲ: ଖୋର୍ଦ୍ଧା, ଥାନା: ଖୋର୍ଦ୍ଧା ସଦର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୭୨୬/୨୦୨, ପ୍ଲଟ୍ ନଂ: ୭୧୪/୨୪୯୯, କ୍ଷେତ୍ର: ଏକର ୦.୬୨୫ ଡିସିମିଲ କିସମ-ଘରବାରି | ୦୭.୦୯.୨୦୧୮ / ୧୪.୧୨.୨୦୧୮ | ୦୪.୦୯.୨୦୧୮ ପର୍ଯ୍ୟନ୍ତ ସୁଧ ଏବଂ ଖର୍ଚ୍ଚ ସହିତ ଟ.୧୮,୧୫,୦୪୬/- + ସେବାବଦ ସୁଧ ଏବଂ ଖର୍ଚ୍ଚ |

ତାରିଖ : ୧୪.୧୨.୨୦୧୮, ସ୍ଥାନ : ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ଦଣ୍ଡପଡ଼ିଆ ଜମି ବିବାଦର ତଦନ୍ତ ନିର୍ଦ୍ଦେଶ

**ଢେଙ୍କାନାଳ ଅଫିସ, ୧୪।୧୨-** ଢେଙ୍କାନାଳ ପୌରାଞ୍ଚଳର ସିମିଳିଆସ୍ଥିତ କାମନାଦେବୀ ଦଣ୍ଡ ପଡ଼ିଆ ସରକାରୀ ଜାଗାକୁ ନେଇ ମୁହାଁମୁହିଁ ହୋଇଛନ୍ତି ଗ୍ରାମ କମିଟି ସଦସ୍ୟ ଏବଂ ଜମି ସ୍ୱତ୍ୱାଧିକାରୀ ଦାବିଦାର। ବିବାଦର ସମାଧାନ କରିବାକୁ ଗ୍ରାମବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହେବାପରେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ଜମିର ସ୍ୱତ୍ୱାଧିକାରୀ ଦାବି କରୁଥିବା ଭୁବନେଶ୍ୱର ଶୈଳଶ୍ରୀ ବିହାର ଅଞ୍ଚଳର ବିମଳା ବିହାରୀଙ୍କ ଅଭିଯୋଗକ୍ରମେ ଚଳିତମାସ ୧୮ ତାରିଖରେ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ତହସିଲଦାର ସଦର ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ତହସିଲଦାର ଉଦୟନାଥ ମହାପାତ୍ର କୁହନ୍ତି, ଜାଗା ଚିହ୍ନଟ ଏବଂ ତଦନ୍ତ ଲାଗି ୧୧ ତାରିଖ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଉକ୍ତ ଦିନ ଗ୍ରାମ କମିଟିର କେତେଜଣ ସଦସ୍ୟ ଅନୁପସ୍ଥିତ ଥିବାରୁ ଏହାକୁ ୧୮ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଉକ୍ତ ଦିନ ଉଭୟ ପକ୍ଷଙ୍କ ଉପସ୍ଥିତିରେ ମାମଲାର ସମାଧାନ କରାଯିବ।

### ୨୦ ଜଣଙ୍କୁ ଉଜ୍ଜ୍ୱଳା ଗ୍ୟାସ ସଂଯୋଗ



**ଭୁବନ, ୧୪।୧୨(ଡି.ଏନ.ଏ.)-** ଭୁବନ ମହାବୀର ଗ୍ୟାସ୍ ଏଜେନ୍ସି ପକ୍ଷରୁ ବାଲିବୋ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ରନ୍ଧନ ଗ୍ୟାସ ସୁରକ୍ଷା ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସନ୍ତୋଷ ଖୁଣ୍ଟିଆ, ସମିତିସଭ୍ୟା ରଶ୍ମିତା ସାଇଁ, ଜିଲା ସଂଯୋଜକ ନୀହାର ରଞ୍ଜନ ରାଉତରାୟ, ଇଂ. ମନୋରଞ୍ଜନ ପତି ଅତିଥି ଭାବେ ଯୋଗଦେଇ ରନ୍ଧନ ଗ୍ୟାସର ସୁରକ୍ଷିତ ବ୍ୟବହାର ସମ୍ପର୍କରେ ବହୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ପଞ୍ଚାୟତର ଶତାଧିକ ମହିଳା ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ୨୦ଜଣ ହିତାଧିକାରୀଙ୍କୁ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍ ସଂଯୋଗ ଦିଆଯାଇଥିଲା। ମହାବୀର ଗ୍ୟାସ୍ ପ୍ରୋପାଇଟର ସାଗରିକା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସାମାଜିକ କର୍ମୀ ମୁରଲୀମନୋହର ରାଉତ, ବିନୋଦ ପଟ୍ଟନାୟକଙ୍କ ସମେତ ଏଜେନ୍ସିର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ଲିଜାରାଣୀ, ସୁନ୍ଦରା ଶ୍ରେଷ୍ଠ ଖେଳାଳି

**ଢେଙ୍କାନାଳ ଅଫିସ, ୧୪।୧୨-** ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ କାମାକ୍ଷା ପ୍ରସାଦ ସରକାରୀ ହାଇସ୍କୁଲର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗ୍ରାମ ସଭାପତି ସୁବାସ ମହାନ୍ତି, ସମ୍ମାନିତ ଅତିଥି ପ୍ରଧାନ ଶିକ୍ଷକ ଅକ୍ଷୟ ପତି ଯୋଗଦେଇଥିଲେ। ନିଷ୍ଠା ରହିଲେ ସଫଳତା ମିଳିବ। ଛାତ୍ରୀଛାତ୍ରମାନେ ବୌଦ୍ଧିକ ଏବଂ ଶାରୀରିକ ବିକାଶ ପ୍ରତି ଧ୍ୟାନ ଦେବା ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପରିଚାଳନା କମିଟି ସଭାପତି ଅରୁଣ କୁମାର ରାଉତ ଅତିଥିଭାବେ ଯୋଗଦେଇଥିଲେ। ବରିଷ୍ଠ ବାଳିକା ବିଭାଗରେ ଲିଜାରାଣୀ ବେହେରା, ବାଳକରେ ସୁନ୍ଦରା ସୋରେନ୍ ଚାମ୍ପିୟନ ହୋଇଛନ୍ତି। ଶାରୀରିକ ଶିକ୍ଷା ଶିକ୍ଷକ ନରେଶ କୁମାର ମହାରଣା କ୍ରୀଡ଼ା ପରିଚାଳନା କରିଥିବାବେଳେ ଭ୍ରମରବର ପ୍ରଧାନ, ସଦାନନ୍ଦ ଭୋଳ, ବିଦ୍ୟୁତ୍‌ପ୍ରଭା ନନ୍ଦ, ବିଦ୍ୟୁତ୍‌ପ୍ରଭା ଶତପଥୀ, ବିଷ୍ଣୁପ୍ରିୟା ସାହୁ, ଆଦିତ୍ୟ କବିଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

### ସଂଗ୍ରାମୀ ବାଇଧରଙ୍କ ବିୟୋଗରେ ଶୋକ

**ଢେଙ୍କାନାଳ ଅଫିସ, ୧୪।୧୨-** ଢେଙ୍କାନାଳର ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବାଇଧର ସ୍ୱାଇଁଙ୍କ ବିୟୋଗରେ ଶିକ୍ଷକ ମହାସଂଘ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ଶୁକ୍ରବାର ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ସଂଗ୍ରାମୀ ବାଇଧରଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଶିକ୍ଷକ ଏବଂ ଛାତ୍ର ସମାଜକୁ ନିର୍ଭୀକ ହେବାକୁ ପରାମର୍ଶ ଦେଉଥିଲେ ବାଇଧର। ତାଙ୍କ ଉପଦେଶ ସବୁବେଳେ ମନେରହିବ ବୋଲି ମତପ୍ରକାଶ ପାଇଥିଲା। ଶୋକସଭାରେ ଅଧ୍ୟକ୍ଷ ସମୀର ସାହୁ, ଶ୍ରୀପତି ସେନାପତି, ବିପ୍ରବର ସାହୁ, ସଞ୍ଜୟ ହୋତା, ଶଙ୍କର୍ଷଣ ଶତପଥୀ, ଅଭୟ ପଟ୍ଟନାୟକଙ୍କ ସମେତ ବହୁ ଶିକ୍ଷକ ଉପସ୍ଥିତ ଥିଲେ।

■ବିଦ୍ୟାଳୟ ସମ୍ମିଶ୍ରଣକୁ ତୀବ୍ର ବିରୋଧ

# ସ୍କୁଲରେ ତାଲା ପକାଇ ପ୍ରତିବାଦ

**ଭୁବନ, ୧୪।୧୨(ଡି.ଏନ୍.ଏ.)**

ଭୁବନ ସରକାରୀ ବାଳିକା ବିଦ୍ୟାଳୟକୁ ବାଳକ ବିଦ୍ୟାଳୟରେ ସମ୍ମିଶ୍ରଣ କରାଯିବା ନିଷ୍ପତ୍ତିକୁ ତୀବ୍ର ବିରୋଧ କରିଛନ୍ତି ଅଞ୍ଚଳବାସୀ। ଏହାର ପ୍ରତିବାଦରେ

> ■ରାସ୍ତାରେ ବହିବସ୍ତାନି ଧରି ପଢ଼ିଲେ ଛାତ୍ରୀ
>
> ■ନିଷ୍ପତ୍ତିର ପୁନର୍ବିଚାର ନ ହେଲେ ଆନ୍ଦୋଳନ

ଶୁକ୍ରବାର ସ୍କୁଲରେ ତାଲାପକାଇ ଦେଇଥିଲେ ଅଞ୍ଚଳର ବୁଦ୍ଧିଜୀବୀ। ଶିକ୍ଷା ବିଭାଗ ଅଧିକାରୀ ଏବଂ ପୋଲିସ ପହଞ୍ଚି ବୁଝାଶୁଝା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ହେଲେ ନିଷ୍ପତ୍ତିର ପୁନର୍ବିଚାର ନ କରାଗଲେ ସ୍କୁଲରେ ଅନିର୍ଦ୍ଦିଷ୍ଟ କାଳ ଯାଏ ତାଲା ଝୁଲିବ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି।



ରାସ୍ତା ଉପରେ ବସି ଛାତ୍ରୀମାନେ ପାଠପଢୁଛନ୍ତି।

ଛାତ୍ରୀମାନଙ୍କୁ ଶିକ୍ଷାସ୍ରୋତରେ ସାମିଲ କରିବାକୁ ୧୯୬୩ରେ ସ୍ଥାପିତ ହୋଇଥିଲା ଭୁବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ। ସ୍କୁଲରେ ଷଷ୍ଠରୁ ଦଶମ ଶ୍ରେଣୀ ଯାଏ ଥିବାବେଳେ ଭୁବନ ସମେତ ଆଖପାଖ ଅଞ୍ଚଳର ୬୫୦ ଜଣ ଛାତ୍ରୀ ପାଠ ପଢୁଛନ୍ତି। ବାଳିକା ଶିକ୍ଷାର ପ୍ରସାର ଦିଗରେ ଉକ୍ତ ଶିକ୍ଷାନୁଷ୍ଠାନର ଗୌରବ ରହିଛି। ହେଲେ ସରକାରୀ ନିୟମ ଅନୁଯାୟୀ ନିକଟରେ ଏହାକୁ ବାଳକ ହାଇସ୍କୁଲ ସହ ମିଶ୍ରଣ କରାଯିବାକୁ ନିର୍ଦ୍ଦେଶନାମା ଆସିଛି, ଯାହାକୁ ନେଇ ସୃଷ୍ଟି ହୋଇଛି ବିରୋଧାଭାସ। ଛାତ୍ରୀଙ୍କ ସୁରକ୍ଷା ପ୍ରମୁଖ ପ୍ରସଙ୍ଗ ପାଲଟିଥିବାବେଳେ ଗୋଟିଏ ସ୍ଥାନରେ ଝିଅପୁଅଙ୍କୁ ଏକାଠି ପଢ଼ାଇବାକୁ ଅମଙ୍ଗ ହେଉଛନ୍ତି ଅଧିକାଂଶ ଅଭିଭାବକ।

ସ୍କୁଲ ମିଶ୍ରଣ ହେଉଥିବା ଜଣାପଡ଼ିବା ପରେ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଶତାଧିକ ଅଭିଭାବକ ବିଭାଗୀୟ ମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ଜିଲା ପ୍ରଶାସନ, ଶିକ୍ଷା ବିଭାଗ ଅଧିକାରୀ ଏବଂ ଖଣିମନ୍ତ୍ରୀ ଭେଟି ଆଲୋଚନା ମଧ୍ୟ କରିଥିଲେ। ସରକାରୀ ନିର୍ଦ୍ଦେଶନାମା ଉପରେ ବିଚାରବିମର୍ଶ କରି ମିଶ୍ରଣ ବନ୍ଦ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା ପ୍ରଶାସନ। ତେବେ ଗୁରୁବାର ମିଶ୍ରଣ ଯୋଜନା ସମ୍ପର୍କିତ ପତ୍ର ଆସିବା ପରେ ତାତିଥିଲେ ଲୋକେ। ଏହାର ପ୍ରତିବାଦରେ ପୂର୍ବାହ୍ନ ୧୦ଟାରେ ଛାତ୍ରୀ ଏବଂ ବୁଦ୍ଧିଜୀବୀ ସ୍କୁଲରେ ତାଲା ପକାଇ ବ୍ଲକ କାର୍ଯ୍ୟାଳୟକୁ ଯାଇଥିବା ରାସ୍ତା ଉପରେ ଧାରଣାରେ ବସିଥିଲେ। ବିଦ୍ୟାଳୟରେ ତାଲା ପଡିଥିବାରୁ ଛାତ୍ରୀମାନେ ରାସ୍ତାରେ ବହିଧରି ପାଠ ପଢ଼ିଥିଲେ। ଏ ନେଇ ଲୋକେ ଜିଲାପାଳ, ଶିକ୍ଷାଧିକାରୀ ଏବଂ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଅପରାହ୍ନରେ ଏବିଇଓ ରାଜଲକ୍ଷ୍ମୀ ଟୁଡୁ, ଥାନାଧିକାରୀ ପ୍ରମୋଦ ଲେଙ୍କା ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରାଇବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ହେଲେ ସରକାର ନିଷ୍ପତ୍ତିରୁ ନ ଓହରିଲେ ବିଦ୍ୟାଳୟରେ ତାଲା ଝୁଲିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ମୁଣ୍ଡ ଉପରେ ମାଟ୍ରିକ ପରୀକ୍ଷା ଥିବାବେଳେ ସ୍କୁଲ ସମ୍ମିଶ୍ରଣକୁ ନେଇ ଚିନ୍ତାପ୍ରକଟ କରିଛନ୍ତି ଛାତ୍ରୀ। ଏହାର ତୁରନ୍ତ ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି।



ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ସଚେତନତା ଶୋଭାଯାତ୍ରା।

■ଜାତୀୟ ଶକ୍ତି ସଂରକ୍ଷଣ ଦିବସ

# ଛାତ୍ରୀ ବାଣ୍ଟିଲେ ସଚେତନତା

**ଢେଙ୍କାନାଳ ଅଫିସ, ୧୪।୧୨**

ଢେଙ୍କାନାଳ ସହରସ୍ଥିତ ସୁଲକ୍ଷଣା ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ଡ. ଦାଶରଥି ମିଶ୍ର ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ ପକ୍ଷରୁ ଶୁକ୍ରବାର ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସୁଲକ୍ଷଣା ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି ଶକ୍ତି ସଂରକ୍ଷଣର ଉପାଦେୟତା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

ସେହିପରି ଡ. ଦାଶରଥି ମିଶ୍ର ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ମିଶ୍ରଙ୍କ ପୌରୋହିତ୍ୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଥିଲା। ଶକ୍ତି ବିନା ମନୁଷ୍ୟ ଅସମ୍ପୂର୍ଣ୍ଣ। ପାରମ୍ପରିକ ଶକ୍ତି ଉତ୍ସ ଉପରେ ମନୁଷ୍ୟ ଅତ୍ୟଧିକ ନିର୍ଭରଶୀଳ ହୋଇପଡ଼ିଲାଣି। ଫଳରେ ସୀମିତ ପରିମାଣରେ ଗଚ୍ଛିତ ଥିବା ଉକ୍ତ ଶକ୍ତିର ଉତ୍ସ ଆଉମାତ୍ର ଦିନ କେଇଟାରେ ଶେଷ ହୋଇଯିବ। ଏଥିପ୍ରତି ସମସ୍ତେ ସଚେତନ ହେବା ଆବଶ୍ୟକ। ଅଣପାରମ୍ପରିକ ଶକ୍ତି ବ୍ୟବହାର ଅଧିକରୁ ଅଧିକ ହେଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ। ଏ ଦିଗରେ ସରକାର ମଧ୍ୟ ଧ୍ୟାନ ଦେଉଛନ୍ତି। ସଚେତନ ନାଗରିକ ଭାବେ ଶକ୍ତି ଅପଚୟ ରୋକିବା, ଯଥାସାଧ୍ୟ ଅସରନ୍ତି ଶକ୍ତି ଉତ୍ସର ଉପଯୋଗ କରିବା ଏବଂ ଏ ଦିଗରେ ସମସ୍ତେ ସଚେତନ ହେବାକୁ ପ୍ରଧାନଶିକ୍ଷୟିତ୍ରୀ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଶୁଚୀସ୍ମିତା ନାଥ ପ୍ରଥମ, କରିସ୍ମା ଦେହୁରୀ ଦ୍ୱିତୀୟ ଏବଂ ସୁମିତ ନାଥ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶିକ୍ଷକ ଅଶୋକ କୁମାର ପ୍ରଧାନ ସୌରଶକ୍ତି ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଶିକ୍ଷକ ସୁଶୀଲ ସାହୁ, କବିତା ମିଶ୍ର, କମଳା ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ବିନା ଡାକ୍ତରରେ ଚାଲିଛି ପରଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର

# ଭାଜପାର ଗଣଧାରଣା



ଧାରଣାରତ ଭାଜପା କର୍ମୀ ଓ ନେତୃବୃନ୍ଦ।

**ପରଜଙ୍ଗ, ୧୪।୧୨(ଡି.ଏନ.ଏ.)**

ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ଦାବିରେ ଶୁକ୍ରବାର ଭାଜପା ପକ୍ଷରୁ ଗଣଧାରଣା ଦିଆଯାଇଛି। ଜିଲା ସଭାପତି ବିଭୂତି ଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

ଉକ୍ତ ଡାକ୍ତରଖାନା ଉପରେ ପରଜଙ୍ଗ, କଙ୍କଡ଼ାହାଡ଼ ବ୍ଲକର ହଜାର ହଜାର ଜନସାଧାରଣ ନିର୍ଭର କରୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ୬ ଡାକ୍ତର ପଦବୀ ଖାଲିପଡ଼ିଛି। ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ଆସି ଦାୟିତ୍ୱ ସମ୍ପାଦନ କରୁଛନ୍ତି। ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିଚାଲିଛି। ପ୍ରତିଦିନ କେହି ନା କେହି ଆକ୍ରମଣରେ ଗୁରୁତର ହୋଇ ଆସୁଛନ୍ତି। ସେମାନଙ୍କୁ ସାମାନ୍ୟ ପ୍ରାଥମିକ ଚିକିତ୍ସା ମିଳିପାରୁନାହିଁ। ଗୁରୁତର ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିଦିଆଯାଉଛି। ମୃତଦେହ ବ୍ୟବଚ୍ଛେଦ କରିବାରେ ସମସ୍ୟା ସୃଷ୍ଟିହେଉଛି। ଦୁଇ ବ୍ଲକବାସୀଙ୍କ ବୃହତ୍ତର ସ୍ୱାର୍ଥଦୃଷ୍ଟିରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ତୁରନ୍ତ ଡାକ୍ତର ନିଯୁକ୍ତି କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି।

ଜିଲା ପରିଷଦ ସଭ୍ୟ ଶରତ ସାହୁ, କୃଷକ ମୋର୍ଚ୍ଚା ସଭାପତି ଦୟାନିଧି ସାହୁ, ବରିଷ୍ଠ ନେତା ନିରାକାର ପ୍ରଧାନ, ଦୁର୍ଗାପ୍ରସାଦ ସାହୁ, ଦୁର୍ଗାଚରଣ ନାୟକ, ସନ୍ତୋଷ ସାହୁ, ହେମନ୍ତ ସାମଲ, କଳ୍ପତରୁ ବିଶ୍ୱାଳ, ଜୟନ୍ତ ନାୟକ ପ୍ରମୁଖ ଧାରଣରେ ସାମିଲ ହୋଇଥିଲେ।

ଏ ନେଇ କାମାକ୍ଷାନଗର ଏସ୍‌ଡିଏମଓ ରତ୍ନାକର ସାମଲ କୁହନ୍ତି, ସ୍ୱାସ୍ଥ୍ୟକେନ୍ଦ୍ରରେ ୬ଜଣ ଡାକ୍ତର ନିଯୁକ୍ତି ହେବା କଥା, ହେଲେ ସବୁ ପଦବୀ ଖାଲିପଡ଼ିଛି। ଏ ସଂକ୍ରାନ୍ତରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି।

## ଆଶ୍ରମ ସ୍କୁଲ ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ

**ବଡ଼ସାହି,୧୪।୧୨(ସ୍ୱ.ପ୍ର)**

ବଡ଼ସାହି ବ୍ଲକ ଅଧୀନ ଯୋଗୀନୂଆଗାଁ ଆଶ୍ରମସ୍କୁଲର ପ୍ରଥମ ଶ୍ରେଣୀ ଛାତ୍ର ତପନ ଟୁଡୁ (୭)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ବାରିପଦା ଡ଼ାକ୍ତରଖାନାରେ ଶୁକ୍ରବାର ମୃତ୍ୟୁଘଟିଛି। ଆଶ୍ରମ ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ପୁଅ ଜୀବନ ଚାଲିଗଲା ବୋଲି ମୃତ ତପନଙ୍କ ବାପା ଇଟାମୁଣ୍ଡିଆର ଶ୍ୟାମସୁନ୍ଦର ହାଁସଦା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ଶିଶୁ ମଙ୍ଗଳ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଡିଡବ୍ଲ୍ୟୁଓ, ଡିଡବ୍ଲ୍ୟୁଇଓ ଆଶ୍ରମ ସ୍କୁଲ ପରିଦର୍ଶନରେ କରି ବୟାନ ରେକର୍ଡ କରିଛନ୍ତି। ମୃତଛାତ୍ରଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ସ୍କୁଲ କର୍ତ୍ତୃପକ୍ଷଙ୍କ କହିବାନୁଯାୟୀ ଗୁରୁବାର ବାନ୍ତି ହେବାରୁ ତପନ ଗୁରୁତର ହୋଇପଡ଼ିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି।

■କଂଗ୍ରେସର ସାଂଗଠନିକ ବୈଠକ

# ଏକଜୁଟ୍ ହେବାକୁ ଆହ୍ୱାନ



ବୈଠକରେ ଯୋଗଦେଇଥିବା କଂଗ୍ରେସ କର୍ମକର୍ତ୍ତାମାନେ।

**କାମାକ୍ଷାନଗର, ୧୪।୧୨(ଡି.ଏନ୍.ଏ.)**

କାମାକ୍ଷାନଗର ବ୍ଲକ ଆଳତୁମା ଗ୍ରାମରେ ଶୁକ୍ରବାର କଂଗ୍ରେସର ନିର୍ବାଚନମଣ୍ଡଳୀସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଜିଲା ଉପସଭାପତି ପ୍ରଭୁଦତ୍ତ ଭଞ୍ଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କାମାକ୍ଷା ପ୍ରସାଦ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ସଭାପତି ସୁରେଶ ପାଣିଗ୍ରାହୀ ଯୋଗଦେଇ କହିଲେ, କାମାକ୍ଷାନଗର ନିର୍ବାଚନମଣ୍ଡଳୀରେ ଦଳକୁ ସୁଦୃଢ଼ କରାଇବାକୁ ହେଲେ ସମସ୍ତଙ୍କୁ ଏକଜୁଟ୍ ହେବାକୁ ପଡ଼ିବ। ଆଗାମୀ ନିର୍ବାଚନର ସବୁକ୍ଷେତ୍ରରେ ଆକୁଣ୍ଠ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଜିଲା କାର୍ଯ୍ୟକାରୀ ସଭାପତି ପ୍ରବାଳକାନ୍ତି ସାହୁ, ସରୋଜ ପଟ୍ଟନାୟକ, ଭବାନୀଶଙ୍କର ମହାପାତ୍ର, ପୂର୍ବତନ କାଉନ୍‌ସିଲର ସନ୍ତୋଷ ମହାରଣା, ରାଜ୍ୟ କଂଗ୍ରେସ ଶିକ୍ଷକ ସେଲ୍ ଉପସଭାପତି ବିପ୍ରବର ସାହୁ, ନଟବର ସାହୁ, ଅଦ୍ୱୈତ ବିଶ୍ୱାଳଙ୍କ ସମେତ କାମାକ୍ଷାନଗର ନିର୍ବାଚନମଣ୍ଡଳୀର ବହୁ କର୍ମୀ ଉପସ୍ଥିତ ଥିଲେ। ଦୋଳଗୋବିନ୍ଦ ବେହେରା ଧନ୍ୟବାଦ ଦେଇଥିଲେ।

# ଶିଳ୍ପାଞ୍ଚଳକୁ ଛଡ଼ାଯିବନି ବ୍ରାହ୍ମଣୀ ପାଣି

**ଭୁବନ, ୧୪।୧୨(ଡି.ଏନ.ଏ.)**

**ଚେତାବନୀ ଦେଲେ ବରିଷ୍ଠ ନାଗରିକ**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ପ୍ରହରାଜପୁର ଗ୍ରାମ ନିକଟ ବ୍ରାହ୍ମଣୀ ନଦୀରୁ ଯାଜପୁର ଜିଲାର ଶିଳ୍ପ ପ୍ରଭାବିତ ଗ୍ରାମକୁ ଜଳଯୋଗାଣ ଲାଗି ଆରମ୍ଭ ହୋଇଥିବା ପ୍ରକଳ୍ପ ବନ୍ଦ କରିବାକୁ ଦାବି କରିଛି ବରିଷ୍ଠ ନାଗରିକ ଜନସ୍ୱାର୍ଥ ସୁରକ୍ଷା ଟ୍ରଷ୍ଟ। ଏଥିଲାଗି ପ୍ରଶାସନକୁ ୧୫ଦିନ କଣ୍ଟ ଦିଆଯାଇଛି। ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ବନ୍ଦ ନ ହେଲେ ଆନ୍ଦୋଳନ ତୀବ୍ର କରିବାକୁ ସଭାପତି ରଥ ସେଠୀ, ଉପସଭାପତି ବ୍ରଜ ରାଉତ, ସମ୍ପାଦକ ସଦାଶିବ ସାହୁ, ସହସମ୍ପାଦକ ଦୁର୍ଗାପ୍ରସାଦ ପୃଷ୍ଟି ପ୍ରମୁଖ ଚେତାବନୀ ଦେଇଛନ୍ତି।

ଏସିଆ ମହାଦେଶର ସର୍ବବୃହତ୍ ଗ୍ରାମ ଭୁବନ ଜଳ ସମସ୍ୟାରେ ଯୁଝି ହେଉଛି। ଖରାଦିନେ ପାଣି ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହେଉଛି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରହରାଜପୁର ନିକଟ ବ୍ରାହ୍ମଣୀ ନଦୀରୁ ଏନ୍‌ଏସିର ୧୫ ୱାର୍ଡକୁ ପାଣି ଯୋଗାଣ ହେଉଛି। ପୁଣିଥରେ ଉକ୍ତ ସ୍ଥାନରୁ ସୁକିନ୍ଦା ବ୍ଲକର ୩୭ ଗ୍ରାମକୁ ପାନୀୟ ଜଳଯୋଗାଣ ଲାଗି ସରକାର ପଦକ୍ଷେପ ନେଇଛନ୍ତି। ଏହା କାର୍ଯ୍ୟକାରୀ ହେଲେ ଭୁବନରେ ଜଳସଙ୍କଟ ଉତ୍କଟ ହେବ। କୌଣସି ପରିସ୍ଥିତିରେ ପ୍ରକଳ୍ପ କରାଇ ଦିଆଯିବନାହିଁ। ଶିଳ୍ପାଞ୍ଚଳକୁ ଟେପେ ପାଣି ଛଡ଼ାଯିବନି। ଆବଶ୍ୟକ ପଡ଼ିଲେ ଆନ୍ଦୋଳନ ତୀବ୍ର ହେବ ବୋଲି ସଭାପତି ଚେତାବନୀ ଦେଇଛନ୍ତି।

ଅନ୍ୟପଟେ ବିନା ଜନମତରେ ଏହି ପ୍ରକଳ୍ପକୁ ଏକତରଫା ଭାବେ କାର୍ଯ୍ୟକାରୀ କରାଯାଉଥିବା ଅଭିଯୋଗ ଆଣିଛନ୍ତି ବରିଷ୍ଠ ନାଗରିକ। ୨ ଜିଲାବାସୀ ଏବଂ ଜଳଯୋଗାଣ ବିଭାଗ ପକ୍ଷରୁ ପଲ୍ଲିସଭା କରାଯାଇ ଏହାର ସମାଧାନ କରିବାକୁ ଦାବି କରାଯାଇଛି। ଅଞ୍ଚଳର ଜଳ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଅନ୍ୟ ଏକ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କରିବାକୁ ଦାବି କରାଯାଇଛି। ଆଲୋଚନାବେଳେ କୋଷାଧ୍ୟକ୍ଷ ଭିକାରି ସାହୁ, ରାମଚନ୍ଦ୍ର ନାୟକ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ୨୪୭ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

**କାମାକ୍ଷାନଗର, ୧୪।୧୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାନପୁରାସ୍ଥିତ ପଞ୍ଚାୟତିରାଜ ଉଚ୍ଚବିଦ୍ୟାଳୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ୩୭ତମ ଜିଲାସ୍ତରୀୟ ବିଜ୍ଞାନ ମେଳା ଏବଂ ୬ଷ୍ଠ ପ୍ରକଳ୍ପ ପ୍ରଦର୍ଶନୀ। ଏଥିରେ ବିଜ୍ଞାନ, ଗଣିତ ଏବଂ ପରିବେଶଭିତ୍ତିକ ୨୪୭ ପ୍ରକଳ୍ପ ପ୍ରଦର୍ଶିତ ହେଉଛି। ଏହା ଦୁଇଦିନ ଧରି ଚାଲିବ। ଜିଲାସ୍ତରରୁ ଚୟନ ହୋଇଥିବା ଶ୍ରେଷ୍ଠ ପ୍ରକଳ୍ପ ରାଜ୍ୟସ୍ତରରେ ପ୍ରଦର୍ଶିତ ହେବ।

ଉଦ୍‌ଘାଟନୀ ସମାରୋହରେ ଜିଲା ଶିକ୍ଷାଧିକାରୀ ସୁଧାନନ୍ଦ ପରିଡ଼ା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ କହିଲେ, ଦେଶର ଉନ୍ନତିରେ ବିଜ୍ଞାନ ଅଗ୍ରଣୀ ଭୂମିକା ବହନ କରିଛି। ଛାତ୍ରୀଛାତ୍ରମାନେ ନିଜର ବୈଜ୍ଞାନିକ ମନୋଭାବ ପ୍ରକଳ୍ପ ମାଧ୍ୟମରେ ପରିପ୍ରକାଶ କରିବା ଆଗାମୀ ପିଢ଼ିଲାଗି ଶୁଭସଙ୍କେତ ବୋଲି ସେ ମତବ୍ୟକ୍ତ କରିଥିଲେ।



ଅତିଥିମାନେ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖୁଛନ୍ତି।

ମୁଖ୍ୟବକ୍ତା ଭାବେ ଶିକ୍ଷା ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ନିମାଇଁ ଚରଣ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ମିଶନ ଯୁଗ୍ମ ନିର୍ଦ୍ଦେଶକ ବିଜୟା ପାତ୍ର, ଆଇଜିଆଇଟି ନିର୍ଦ୍ଦେଶକ ସତ୍ୟବ୍ରତ ମହାନ୍ତ, ବିଇଓ ଅଜୟ କୁମାର ପାତ୍ର, ହରିହର ଦେହୁରୀ, ଶ୍ରୀହର୍ଷ ନାୟକ, ଓକିଲ ସଂଘ ସଭାପତି ଧର୍ମାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ଅତିଥି ପରିଚୟ ଦେଇଥିବାବେଳେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସୁକାନ୍ତ ଚରଣ ସାହୁ ବିବରଣୀ ପାଠ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶିକ୍ଷକ ନିରଞ୍ଜନ ସାହୁ।

## ସଂକ୍ଷେପରେ

### ପ୍ରବାସୀ ଓଡ଼ିଆ ପୁଡୁଚେରୀ ସମ୍ମାନ



ତାଳଚେର,୧୪।୧୨(ନି.ପ୍ର.): ପଣ୍ଡିଚେରୀର ବିଶ୍ୱ ଓଡ଼ିଶା ପରିବାର ଓ ପଣ୍ଡିଚେରୀ ଉତ୍କଳ ସମାଜ ପକ୍ଷରୁ ପୁଦୁଚେରୀର ଜିପମର ଅଡିଟୋରିଅମ୍ ଠାରେ ଆୟୋଜିତ ସଙ୍ଗମ ପ୍ରବାସୀ ଓଡ଼ିଆ ସମ୍ପର୍କ ମିଳନୀ ମହୋତ୍ସବରେ ତାଳଚେରର ଜନ୍ମେଶ୍ୱର ପଟ୍ଟନାୟକଙ୍କୁ ପ୍ରବାସୀ ଓଡ଼ିଆ ପୁଡୁଚେରୀ ସମ୍ମାନ-୨୦୧୮ରେ ସମ୍ମାନିତ କରାଯାଇଛି। ଗତ ୫ ତାରିଖରେ ଆୟୋଜିତ ଉତ୍ସବରେ ବିଶିଷ୍ଟ ଲେଖକ ମନୋଜ ଦାସ, ମୀନକେତନ ଦାସ, ଆଶୁତୋଷ ସାମନ୍ତ ସିଂହାର, ବିଶ୍ୱ ଓଡ଼ିଶା ପରିବାରର ସଭାପତି ବାହାଦୁର ପାଟସାହାଣୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପଟ୍ଟନାୟକଙ୍କୁ ସମ୍ମାନିତ କରିଥିଲେ।

### କ୍ରୀଡ଼ା ଦ୍ୱାରା ଶିଶୁଙ୍କ ବିକାଶ ସମ୍ଭବ

**ଅନୁଗୋଳ ଅଫିସ, ୧୪।୧୨:** ଅନୁଗୋଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ଶିକ୍ଷା ସହିତ କ୍ରୀଡ଼ାକୁ ଧ୍ୟାନ ଦେଲେ ଶିଶୁର ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ପରିଚାଳନା ସମିତି ସଭାପତି ଡ. ସୁଧାକର ପାଳ, ଯୁକ୍ତ୨ ମହାବିଦ୍ୟାଳୟ ଅଧକ୍ଷ ଡ.ସୁରଥ କୁମାର ପାଢ଼ୀ, ସହ ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଅନିଲ କୁମାର ଦେହୁରୀ ସ୍ୱାଗତ ଭାଷଣ ଓ ସମ୍ପାଦକ ବିଜୟ କୁମାର ମୋଦି ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

### ବଞ୍ଚିବାର ଅଧିକାର କେହି ଛଡ଼ାଇ ପାରିବେ ନାହିଁ

**ଅନୁଗୋଳ ଅଫିସ, ୧୪।୧୨:** ସ୍ଥାନୀୟ ତାମ୍ରିତ କଲୋନୀସ୍ଥିତ କାର୍ଯ୍ୟାଳୟରେ ସଭାପତି ରାମଚନ୍ଦ୍ର ରାଉତରାୟଙ୍କ ଅଧକ୍ଷତାରେ ବିଶ୍ୱ ମାନବ ଅଧିକାର ସଙ୍ଗଠନର ୭୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭବେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଓ ମୁଖ୍ୟବକ୍ତା ଭାବେ ଶରତ ଚନ୍ଦ୍ର ପ୍ରଧାନ ଯୋଗଦେଇ ବଞ୍ଚିବାର ଅଧିକାରକୁ କେହି ଛଡ଼ାଇ ପାରିବେ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ମାଣିକ ପ୍ରଭା, ଜନନୀ ମିଶ୍ର, ସବିତା ଧୀର, ରିତାଞ୍ଜଳି ନନ୍ଦ, ସୌମ୍ୟଶ୍ରୀ ମିଶ୍ର, ଅଳକା ମହାପାତ୍ର, ଉପସଭାପତି ଶରତ କୁମାର ମିଶ୍ର, ଅଶୋକ ଜେନା, ସଞ୍ଜୟ ସାହୁ ପ୍ରମୁଖ ଅଭିଭାଷଣ ରଖିଥିଲେ। ତ୍ରିନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଶକ୍ତି ସଂରକ୍ଷଣ ସଚେତନତା



**କଣିହାଁ, ୧୪।୧୨(ଡି.ଏନ.ଏ.):** କଣିହାଁ ବ୍ଲକ ମହକୁମାସ୍ଥିତ ପବିତ୍ରମୋହନ ହାଇସ୍କୁଲରେ ଶୁକ୍ରବାର ଶକ୍ତି ସଂରକ୍ଷଣକୁ ନେଇ ସଚେତନତା ଶୋଭାଯାତ୍ରା ସହ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁତ୍, ଗ୍ୟାସ, ସୌର ଶକ୍ତି ସହ ଅନ୍ୟାନ୍ୟ ପ୍ରାକୃତିକ ଶକ୍ତି ସଂରକ୍ଷଣ ଉପରେ ଛାତ୍ରୀଛାତ୍ର ସଚେତନତା ବାଣ୍ଟିଥିଲେ। ପରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଦାଶରଥି ଜେନା ବକ୍ତୃତା ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ସହକାରୀ ଶିକ୍ଷକ ସିଦ୍ଧିପ୍ରସାଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀ ପ୍ରୀତି ମଞ୍ଜରୀ ସାହୁ ପ୍ରଥମ, ପାୟଲ ପ୍ରିୟା ସାହୁ ଦ୍ୱିତୀୟ ଓ ରାଜେଶ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ନିଲମ୍ବିତ ହେଲେ ଶିକ୍ଷୟିତ୍ରୀ

ହାଟଡିହୀ, ୧୪।୧୨(ଡି.ଏନ.ଏ.): ହାଟଡିହୀ ବ୍ଲକ କାହାଳିଗଡିଆ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁକାନ୍ତି ଜେନାଙ୍କୁ ଡିପିସିଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ବିଇଓ ଗୁଣନିଧିପ ଦାସ ନିଲମ୍ବିତ କରିଛନ୍ତି। ସରକାରୀ ଅନୁଦାନରେ ଅନିୟମିତତା ସହ ମଧ୍ୟାହ୍ନ ଭୋଜନ ପରିଚାଳନାରେ ବିଫଳ ହୋଇଥିବାରୁ ଶିକ୍ଷୟିତ୍ରୀ ଜେନାଙ୍କ ବିରୋଧରେ ଏହି ପଦକ୍ଷେପ ନିଆଯାଇଥିବା ବିଇଓ କହିଛନ୍ତି।

## ■ଅନୁଗୋଳରେ ଧାନ ସଂଗ୍ରହ ଆରମ୍ଭ

# ୧୦ ଚାଷୀ ବିକିଲେ ୫ଶହ କୁଇଣ୍ଟାଲ

ଅନୁଗୋଳ ଅଫିସ, ୧୪।୧୨



ମଣ୍ଡି ଉଦ୍‌ଘାଟନ ଅବସରରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

■ରଙ୍ଗାସିଙ୍ଗାରେ ଜିଲାପାଳ କଲେ ଉଦ୍‌ଘାଟନ
■୨୯,୩୫୮ ଚାଷୀ ପଞ୍ଜୀକୃତ ହୋଇଛନ୍ତି
■ଏପ୍ରିଲ ୧୫ ଯାଏ ଚାଲୁ ରହିବ ମଣ୍ଡି

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ବିଭାଗ ଓ ନିୟନ୍ତ୍ରିତ ବଜାର କମିଟିର ମିଳିତ ଆନୁକୂଲ୍ୟରେ ଅନୁଗୋଳ ଜିଲାରେ ୨୦୧୮-୧୯ ଖରିଫ ବିପଣନ ବର୍ଷ ପାଇଁ ଶୁକ୍ରବାରଠାରୁ ଧାନ ସଂଗ୍ରହ ଆରମ୍ଭ ହୋଇଛି। ବଣ୍ଟରପାଳ ବ୍ଲକ ରଙ୍ଗାସିଙ୍ଗା ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ ପ୍ରାଙ୍ଗଣରେ ଖୋଲିଥିବା ଧାନ ମଣ୍ଡିକୁ ଉଦ୍‌ଘାଟନ କରାଯାଇଥିଲା। ଜିଲାପାଳ ଅନିଲ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିବା ସହ ଉତ୍ତମ ଗୁଣବତ୍ତାର ଧାନ ଅମଳ କରି ମଣ୍ଡିରେ ବିକ୍ରି କରିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲାରେ ଥିବା ୭ଟି ମିଲର କ୍ରିଷ୍ଣା ପ୍ୟାଡି ଓ ଫୁଡ୍ ପ୍ରଡକ୍ଟ ଲି଼., ବାବା ଗଙ୍ଗାରାମ ଫୁଡ ପ୍ରଡକ୍ଟ (ମୁକୁନ୍ଦପୁର), ସାର ହାଇଟେକ୍ ରାଇସ୍ ଇଣ୍ଡଷ୍ଟ୍ରି, ସରଳିଆ ଫୁଡ୍ ପ୍ରା ଲି଼., ତୁସି ରାଇସ୍‌ଟେକ ଫୁଡ୍ ପ୍ରା.ଲି଼., ମା' ମାହେଶ୍ୱରୀ ରାଇସ ମିଲ ଓ ମା' ଭୈରବୀ ଇଣ୍ଡଷ୍ଟ୍ରିଆଲ ଏଲ୍‌ଏଲ୍‌ପି ସମେତ ୯୪ଟି ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଧାନ କ୍ରୟ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୫ ଶହ କୁଇଣ୍ଟାଲ ଧାନ ୧୦ ଜଣ ଚାଷୀଙ୍କ ଠାରୁ କିଣାଯାଇ ମିଲର ବାବା ଗଙ୍ଗାରାମ ଫୁଡ ପ୍ରଡକ୍ଟ ଲି଼. (ମୁକୁନ୍ଦପୁର)କୁ ଦିଆଯାଇଛି। ଗତବର୍ଷ ୨୬ ହଜାର ୩୨୫ ଚାଷୀ ପଞ୍ଜୀକରଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୧୩ ହଜାର ୭୨୫ ଜଣ ଧାନ ବିକ୍ରି କରିଥିଲେ। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୨୯ ହଜାର ୩୫୮ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ପ୍ରତ୍ୟେକ ଦିନ ମଣ୍ଡିରେ ଜଣେ ଚାଷୀ ୫୦ କୁଇଣ୍ଟାଲ ଧାନ ବିକ୍ରୟ କରିପାରିବେ। ଏଫ୍‌ଏକ୍ୟୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୭୫୦ ଟଙ୍କା ଓ ଏ ଗ୍ରେଡ୍ ଧାନର ସହାୟକ ମୂଲ୍ୟ ୧୭୭୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଚାଷୀମାନଙ୍କୁ ଧାନ ବିକ୍ରୟର ମୂଲ୍ୟ ୨୪ ଘଣ୍ଟାରୁ ୭୨ ଘଣ୍ଟା ମଧ୍ୟରେ ତାଙ୍କ ଆକାଉଣ୍ଟରେ ଅନ୍‌ଲାଇନରେ ପେମେଣ୍ଟ କରାଯିବ। ପ୍ରାରମ୍ଭରେ ଜିଲା ଯୋଗାଣ ଅଧିକାରୀ ଉମା ଶଙ୍କର ପତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଧାନ ସଂଗ୍ରହ ପ୍ରକ୍ରିୟା ଆସନ୍ତା ବର୍ଷ ଏପ୍ରିଲ ୧୫ ପର୍ଯ୍ୟନ୍ତ ଚାଲୁ ରହିବ। ଅନ୍ୟମାନଙ୍କ ମଧ୍ୟରେ ଏୟୁସି ବ୍ୟାଙ୍କର ସମ୍ପାଦକ ଭଗ୍ନେଶ୍ୱର ମଲ୍ଲିକ, ଏଆଇସିଏସ୍ ସଂଗ୍ରାମ କେଶରୀ ରାଉତ, କୁରୁଡ଼ୋଲ ସରପଞ୍ଚ ଦୀପାଳି ପ୍ରଧାନ, କୁକୁଡ଼ାଙ୍ଗ ସରପଞ୍ଚ ପ୍ରତାପ ସେନାପତି ଓ କୁକୁଡ଼ାଙ୍ଗ ପ୍ରାଥମିକ କୃଷି ସମବାୟ ସମିତି ସଭାପତି ବଳରାମ ସାହୁଙ୍କ ସମେତ କୁରୁଡ଼ୋଲର ଚାଷୀ, ନିୟନ୍ତ୍ରିତ ବଜାର କମିଟି କର୍ମକର୍ତ୍ତା ଓ ବିଭିନ୍ନ ବିଭାଗର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ସହକାରୀ ଜିଲା ଯୋଗାଣ ଅଧିକାରୀ ଶ୍ରୀନିବାସ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବାର୍ଷିକ ପ୍ରଦର୍ଶନୀ ସ୍ପନ୍ଦନରେ ୯୫ ଷ୍ଟଲ



ପ୍ରଦର୍ଶନୀରେ ଭାଗ ନେଇଥିବା ଛାତ୍ରମାନେ।

ଛେଣ୍ଡିପଦା,୧୪।୧୨(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବଡମହିତଳା ସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବାର୍ଷିକ ପ୍ରଦର୍ଶନୀ ସ୍ପନ୍ଦନ-୨୦୧୮ ଅନୁଷ୍ଠିତ ହୋଇଯାଇଛି। ଜେଏସ୍‌ପିଏଲର ଆଡଭାଇଜର ସିକ୍ୟୁରିଟି ଆଣ୍ଡ ହେଡ ଆଡମିନ ବିଗ୍ରେଡିୟର କେ. କେ. ଚୋପ୍ରା ପ୍ରଦର୍ଶନୀ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରୋଜେକ୍ଟ ବୁଲି ଦେଖିବା ସହିତ ପ୍ରଶଂସା କରିଥିଲେ। ଜେଏସ୍‌ପିଏଲର ସିଏସଆରର ତାପସ ମହାନ୍ତି, ଓପି ଜିନ୍ଦଲ ବିଦ୍ୟାଳୟର ପ୍ରିନ୍ସିପାଲ ଛନ୍ଦା ଚରଣ ଦାସଙ୍କ ସମେତ ଅଭିଭାବକମାନେ ପ୍ରଦର୍ଶିତ ୯୫ଟି ଷ୍ଟଲ ବୁଲି ଦେଖିଥିଲେ। ଏଥିରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ

## ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ

ତାଳଚେର,୧୪।୧୨(ନି.ପ୍ର.)

ସରସ୍ୱତୀ ଶିଶୁ ମନ୍ଦିର ଦେଉଳବେଡା କୋଲିୟରୀର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ବିକାଶ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଏନ୍‌ଟିପିସି କଣିହାଁ ଉପ ମହାପ୍ରବନ୍ଧକ ପ୍ରମୋଦ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଗିରିଶ ଚନ୍ଦ୍ର ମହନ୍ତ ପ୍ରମୁଖ ଯୋଗ ଦେଇ ଗୁଣାତ୍ମକମାନର ଶିକ୍ଷା ପ୍ରତି ଧ୍ୟାନ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ସଭାପତି ନିରୋଦ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବାବୁଲି ସାମଲ, ସମ୍ପାଦକ ତାରା ସିଂ, ଟଙ୍କଧର ଶତପଥୀଙ୍କ ସହ ଗୁରୁଜୀ, ଗୁରୁମା ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଶକ୍ତିର ସୁବିନିଯୋଗ କର




ବନ୍ତଳା, ୧୪।୧୨ (ଡି.ଏନ.ଏ.)

ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ବଣ୍ଟରପାଳ ବ୍ଲକ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ଜରଡ଼ାଠାରେ ପାଳିତ ହୋଇଯାଇଛି। ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ବିନୋଦ କୁମାର ସାହୁ ଅଧକ୍ଷତା କରିଥିଲେ। ପ୍ରାକୃତିକ ସମ୍ପଦରୁ ଉତ୍ପନ୍ନ କରାଯାଉଥିବା ଶକ୍ତି ମୂଲ୍ୟବାନ ଏବଂ ଉପଯୋଗୀ ଅଟେ। ତେଣୁ ଛାତ୍ରୀଛାତ୍ରମାନେ ଶକ୍ତି ସଂରକ୍ଷଣ ଆରମ୍ଭ କରିବାକୁ ପରାମର୍ଶ ଦିଆଯାଇଥିଲା। ବିଦ୍ୟୁତ୍ ଶକ୍ତିର ସତ୍ ବିନିଯୋଗ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ସମିତି ସମ୍ପାଦକ ପ୍ରସନ୍ନ କୁମାର ବେହେରା, ଓଷ୍ଟାର ତରଣୀସେନ ସାହୁ, ସହକାରୀ ଶିକ୍ଷକ ମଦନ ସୁନ୍ଦର ସାହୁ, ଦୁଷ୍ମନ୍ତ କୁମାର ଦାସ, ସୁବ୍ରତ କୁମାର ପାତ୍ର, ପ୍ରତୀକ୍ଷା ପରିଡ଼ା ଓ ବୀରେନ୍ଦ୍ର ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ବଚସାରୁ କାମୁଡ଼ି ଛିଣ୍ଡାଇଦେଲେ ଆଙ୍ଗୁଠି

ବଣ୍ଟରପାଳ,୧୪।୧୨(ଡି.ଏନ.ଏ.)

କୌଣସି କାରଣରୁ ଝଗଡାକୁ ନେଇ ବଣ୍ଟରପାଳ ବ୍ଲକ ତଳମୂଳ ଗ୍ରାମର ମାନସ ରଞ୍ଜନ ମୁଦୁଲି ପଡୋଶୀ ଡମ୍ବରୁଧରଙ୍କ ଆଙ୍ଗୁଠି କାମୁଡ଼ି ଛିଣ୍ଡାଇଦେଇଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ବଣ୍ଟରପାଳ ପୋଲିସ ନଂ. ୨୫୪/୧୮ରେ ଏକ ମାମଲା ରୁଜୁ କରିଛି। ଏଥିସହ ମହୀଧରପୁର ଫାଣ୍ଡି ପୋଲିସ ମାନସଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଘଟଣାରୁ ଜଣାପଡିଛି, ଗୁରୁବାର ମାନସ ଓ ଡମ୍ବରୁଧରଙ୍କ ମଧ୍ୟରେ କୌଣସି କାରଣୁ ବଚସା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ମାନସ ଡମ୍ବରୁଧରଙ୍କ ଡାହାଣ ହାତ ମଝି ଆଙ୍ଗୁଠିକୁ କାମୁଡ଼ି ଛିଣ୍ଡାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ଡମ୍ବରୁଧରଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ୪ ମଦ ବେପାରୀ ଗିରଫ

**ବାଲେଶ୍ୱର ଅଫିସ,୧୪।୧୨:** ବାଲେଶ୍ୱର ଅବକାରୀ ବିଭାଗ ଶୁକ୍ରବାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ୬୬ ଲିଟର ଦେଶୀ ଚୋରାମଦ ଜବତ ସହ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଶ୍ୟାମ ସିଂ, ଶ୍ରୀଧର ବେହେରା, କୈଳାସ ନାୟକ ଓ ଅମୂଲ୍ୟ ବାରିକ।

## ପକ୍କା ରାସ୍ତା ଦାବିରେ ଘେରାଉ




ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଅନୁଗୋଳ ଅଫିସ/ବନ୍ତଳା, ୧୪।୧୨ (ଡି.ଏନ.ଏ.)

ଅନୁଗୋଳ ଜିଲାର ମାଣିକଯୋଡ଼ି ଠାରୁ ଲେମ୍ବୁଡଇଲା ଓ ବେତରକୁ ରାସ୍ତା ନିର୍ମାଣ ଦାବିରେ ଶୁକ୍ରବାର ପୂର୍ବାହ୍ନରେ ଶତାଧିକ ଲୋକ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଜିଲା ସଦର ମହକୁମା ଠାରୁ ମାତ୍ର ୩୦ କିଲୋମିଟର ଦୂରରେ ଥିବା ଗ୍ରାମଗୁଡ଼ିକୁ ଯୋଗାଯୋଗର ସେପରି ସୁବିଧା ନ ଥିବାରୁ ପ୍ରଶାସନ ତୁରନ୍ତ ପକ୍କା ରାସ୍ତା ସଂଯୋଗ କରିବାକୁ ଆନ୍ଦୋଳନକାରୀ ଦାବି କରିଥିଲେ।

ଅନୁଗୋଳ ଷ୍ଟାଡିୟମ ଠାରୁ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା ପରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ମାନସ ପାଳଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ କନ୍ଧକୋଇଲି ଗ୍ରାମ ସଭାପତି କୁମୁଦ ପ୍ରଧାନ, ସମିତିସଭ୍ୟ ପ୍ରକାଶ ଚିରିଗୁଣି, ତୀର୍ଥବାସୀ ବିଶ୍ୱାଳ, ହାଡ଼ିବନ୍ଧୁ ବେହେରା, ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ଜିଲା ସମ୍ପାଦକ ଭିକାରି ପ୍ରଧାନ, ନବକିଶୋର ପ୍ରଧାନ, ସୁବାସ ପ୍ରଧାନ, ସାମାଜିକ କର୍ମୀ ପର୍ଶୁରାମ ଦାସ, ପ୍ରତାପ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉପଜିଲାପାଳ ବାସୁଦେବ ଶତପଥୀ ସମସ୍ୟା ସମ୍ପର୍କରେ ୨୧ ତାରିଖରେ ଉପଜିଲାପାଳଙ୍କ ପ୍ରକୋଷ୍ଠରେ ବିଭିନ୍ନ ବିଭାଗର ଅଧିକାରୀ ଓ ଗ୍ରାମ୍ୟ ପ୍ରତିନିଧିଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ତୁରନ୍ତ ରାସ୍ତା ନିର୍ମାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଯଦି ପ୍ରଶାସନ ତ୍ୱରିତ ପଦକ୍ଷେପ ନ ନିଏ ତା'ହେଲେ ପୁଣି ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଅକ୍ଷୟ ଦେହୁରୀ, ବୈରାଗୀ ଭୋଇ, ପ୍ରଦୀପ ଦେହୁରୀ, ପ୍ରଫୁଲ୍ଲ ଦେହୁରୀ, ଜେମା ସାହୁ, ଦେବ ବିଶ୍ୱାଳ, କାର୍ତ୍ତିକ ପଧାନ, ଗୁବୁରି ମହାକୁଡ଼ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଶୋଭାଯାତ୍ରାରେ ଶକ୍ତି ସଂରକ୍ଷଣ ବାର୍ତ୍ତା



ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଛାତ୍ରୀଛାତ୍ରମାନେ।

ଛେଣ୍ଡିପଦା,୧୪।୧୨(ସ୍ୱ.ପ୍ର.)

ଛେଣ୍ଡିପଦା ସ୍ଥିତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଛେଣ୍ଡିପଦା ଗ୍ରାମ ଓ ବଜାର ପରିକ୍ରମା କରିବା ସହିତ ଶକ୍ତି ସଂରକ୍ଷଣ ପାଇଁ ଜନସାଧାରଣଙ୍କୁ ସଚେତନ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ଭୂତିଆଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଋଷଭ ସାହୁ, ଦୁର୍ଲଭ ପ୍ରଧାନ, ଭିକାରିବନ୍ଧୁ ସାହୁ, ପ୍ରଶାନ୍ତ କୁମାର ସେଠୀ, ଭବାନିଶଙ୍କର ବେହେରା, ନରେନ୍ଦ୍ର କୁମାର ସେଠୀ, ବିଶ୍ୱାମିତ୍ର ସାହୁ, ଶିକ୍ଷୟିତ୍ରୀ ମଧୁସ୍ମିତା ପ୍ରଧାନ, ସ୍ୱର୍ଣ୍ଣଲତା ସାହୁ, ମମତା ବିଲୁଙ୍ଗଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର



ତାଲିମ ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ।

ଛେଣ୍ଡିପଦା, ୧୪।୧୨(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ସନ୍ତରାବନ୍ଧ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ପଞ୍ଚୁନାଥ ସାହୁ ଶିବିର ଉଦ୍‌ଘାଟନ କରିଥିଲେ । ତର୍କଶାସ୍ତ୍ର ଅଧ୍ୟାପିକା ପଦ୍ମିନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଗଙ୍ଗାଧର ମେହେର, ଛାତ୍ରୀ ଗିତାଳି ଦେହୁରୀ ପ୍ରଶିକ୍ଷଣ ଦେଇଥିଲେ। ୧୨ ଦିନ ପର୍ଯ୍ୟନ୍ତ ଏହି ଶିବିର ଚାଲିବ। ଇତିହାସ ଅଧ୍ୟାପିକା ବିଦ୍ୟୁତ୍‌ପ୍ରଭା ପ୍ରଧାନ, ଓଡ଼ିଆ ଅଧ୍ୟାପିକା ଜ୍ୟୋତି ଶ୍ୱେତାଲିନ, ଯୋଗ ଅଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ■ସଫେଇ କର୍ମଚାରୀ ସଂଘର ଅଭିଯୋଗ

# ଗାଳି ଦେଉଛନ୍ତି ପୌର ପ୍ରଶାସନ

ଅନୁଗୋଳ ଅଫିସ, ୧୪।୧୨

■ସତ୍ୟତା ନ ଥିବା କହିଲେ ନିର୍ବାହୀ ଅଧିକାରୀ
■ଖଳ ପ୍ରକୃତିର ଲୋକ ସେମାନଙ୍କୁ ଢାଲ କରୁଛନ୍ତି

ଅନୁଗୋଳ ପୌରପ୍ରଶାସନ ସମସ୍ୟା ସମ୍ପର୍କରେ ଆଲୋଚନା ନ କରି ସେମାନଙ୍କୁ ଉପେକ୍ଷା କରିଥିବା ଅଭିଯୋଗ କରିଛି ଜିଲା ସଫେଇ କର୍ମଚାରୀ ସଂଘ। ଏଥିସହ ନିର୍ବାହୀ ଅଧିକାରୀ ସଫେଇ କର୍ମଚାରୀମାନଙ୍କ ସ୍ତ୍ରୀଙ୍କୁ ଅଫିସକୁ ଡାକି ଗାଳିଗୁଲଜ କରିବା ଓ କାମରେ ଯୋଗ ଦେବାକୁ ସ୍ୱାମୀମାନଙ୍କୁ କୁହ ବୋଲି ବାଧ କରିଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି।

ସଂଘ ଏକ ପ୍ରେସ୍ ବିବୃତିରେ ଦର୍ଶାଇଛି ଯେ, ବିଗତ ବର୍ଷରେ ୨ ଶହ ସଫେଇ କର୍ମଚାରୀଙ୍କ ମଧ୍ୟରୁ ୧୩୭ ଜଣ କାର୍ଯ୍ୟ କରିଆସୁଥିଲେ। ସରକାରଙ୍କ ଆଇନ ଅନୁମୋଦିତ ବର୍ଦ୍ଧିତ ଦରମାରେ ଜଣେ ସଫେଇ କର୍ମଚାରୀ ଚଳିବା କଷ୍ଟକର। ସେଥିପାଇଁ ପାଉଣା ବଢ଼ାଇବାକୁ କହିଥିଲୁ। କିନ୍ତୁ ପୌର କର୍ତ୍ତୃପକ୍ଷ ଏଥିରେ ରାଜି ହେଉ ନ ଥିବାରୁ କାର୍ଯ୍ୟ ବନ୍ଦ କରାଯାଇଛି। ବର୍ଦ୍ଧିତ ଦରମା ବ୍ୟତୀତ ଅଧିକ ମଜୁରି ଦାବି କରାଯାଇ ନାହିଁ। ବର୍ତ୍ତମାନ ସଫେଇ ଠିକା ନେଇଥିବା ନୂଆ ଠିକାଦାର ୯୦ କର୍ମଚାରୀଙ୍କୁ କାର୍ଯ୍ୟକରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ଆନ୍ଦୋଳନ କରାଯାଇଛି ବୋଲି ସଂଘ ପକ୍ଷରୁ କୁହାଯାଇଛି।

ଅପରପକ୍ଷରେ ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା କହିଛନ୍ତି, ଅଭିଯୋଗ ଭିତ୍ତିହୀନ। ଏପରି ଆଦୌ ହୋଇନାହିଁ। କର୍ମଚାରୀମାନେ ସଫେଇ କାର୍ଯ୍ୟରେ ସହଯୋଗ କରୁନାହାଁନ୍ତି। ବରଂ ସେମାନଙ୍କ ପରିବାର ଲୋକମାନେ ଆସି କର୍ମଚାରୀଙ୍କୁ କାର୍ଯ୍ୟରେ ଲଗାଇବା ପାଇଁ ନିବେଦନ କରିଛନ୍ତି। ୨ ମାସ ତଳେ ଠିକାଦାରଙ୍କ ସହ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ସଫେଇ କର୍ମଚାରୀଙ୍କ ସହ କୌଣସି ଚୁକ୍ତି ହୋଇନାହିଁ। ସେମାନଙ୍କୁ ଢାଲ କରି କେତେଜଣ ଖଳ ପ୍ରକୃତିର ଲୋକ ସହର ସଫେଇ ବନ୍ଦ କରୁଛନ୍ତି ବୋଲି ନିର୍ବାହୀ ଅଧିକାରୀ ଜେନା କହିଛନ୍ତି।

## ପିଡିଙ୍କ ତଦାରଖ



ବୈଠକରେ ପିଡିଙ୍କ ସମେତ ନିର୍ବାହୀ ଅଧିକାରୀ ଓ ମୁଖ୍ୟଯନ୍ତ୍ରୀ।

ଅନୁଗୋଳ ଅଫିସ, ୧୪।୧୨

ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ଶୁକ୍ରବାର ପୌରପାଳିକାରେ ପହଞ୍ଚି କାର୍ଯ୍ୟ ତଦାରଖ କରିଛନ୍ତି। ପୌରପରିଷଦ ଭାଙ୍ଗିବା ପରେ ପିଡି ପ୍ରଥମ ଥର ପାଇଁ ପୌରପାଳିକାର ତଦାରଖ କରିବାକୁ ଆସିଥିଲେ। ପରେ ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା ଓ ମୁଖ୍ୟଯନ୍ତ୍ରୀ ସୀମାଞ୍ଚଳ ମିଶ୍ରଙ୍କ ସହ ଏକ ବୈଠକ କରିଥିଲେ। ପୌରପାଳିକା କିପରି ଚାଲିଛି, ଠିକ୍ ଟିକସ୍ ଆଦାୟ ହେଉଛି କି ନାହିଁ, ଲୋକମାନଙ୍କୁ ଠିକ୍ ସହଯୋଗ ଯୋଗାଇ ଦିଆଯାଉଛି କି ନାହିଁ, ସେ ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ଆର୍ଥିକ ବର୍ଷ ଶେଷ ହେବା ପାଇଁ ଆଉ କିଛି ମାସ ବାକି ଥିବାରୁ ସମସ୍ତ କାଗଜପତ୍ର ଯାଞ୍ଚ କରିଥିବା ସୂଚନା ମିଳିଛି। ଭୂମିହୀନଙ୍କ ପାଇଁ ହୋଇଥିବା ସର୍ଭେ ସମ୍ପର୍କରେ ଉକ୍ତ ଘରୋଇ ସଂସ୍ଥା ଦସ୍ତାବିଜ ପ୍ରଦାନ କରିଛି କି ନାହିଁ ସେ ସମ୍ପର୍କରେ ମଧ୍ୟ ପିଡି ଆଲୋଚନା କରିଥିଲେ।

## ସଂକ୍ଷେପରେ

### ପଲ୍‌ସରରେ ଆସିଲେ, ୨ ଲକ୍ଷ ଲୁଟିଲେ

ଝୁମ୍ପୁରା, ୧୪।୧୨(ଡି.ଏନ.ଏ.) ବାରିଆ ଥାନାଞ୍ଚଳ ଅନ୍ତର୍ଗତ କାଶିପୁର ଗାଁ ଦାଣ୍ଡରୁ ଶୁକ୍ରବାର ମଧାହ୍ନରେ କେତେକ ଦୁର୍ବୃତ୍ତ ୨ ଲକ୍ଷ ଟଙ୍କା ଲୁଟ କରିଥିବା ବାରିଆ ଥାନାରେ ଅଭିଯୋଗ ହୋଇଛି। କାଶିପୁର ଗ୍ରାମର ମୁରଲୀଧର ବାରିକ ଉଖୁଣ୍ଡାର ଏକ ବ୍ୟାଙ୍କ ଶାଖାରୁ ଟଙ୍କା ଉଠାଇ ନିଜ ବାଇକ୍‌ର ଡିକିରେ ରଖି ଘରକୁ ଫେରିଥିଲେ। ବାଇକ୍ ଗାଁ ଦାଣ୍ଡରେ ରଖି ନିଜ ଘର ପାଖ ଏକ ଦୋକାନକୁ କୌଣସି କାମରେ ଯାଇଥିବା ବେଳେ ସେହି ସମୟରେ ଏକ ପଲସରରେ କେତେକ ଦୁର୍ବୃତ୍ତ ପହଞ୍ଚି ଡିକିରୁ ଟଙ୍କା ଲୁଟ ଫେରାର ହୋଇଯାଇଛନ୍ତି। ଏ ନେଇ ମୁରଲୀଧର ଥାନାରେ ଅଭିଯୋଗ କରିବା ପରେ ପୋଲିସ ରାସ୍ତା ସିଲ କରି ତଦନ୍ତ ଜାରି ରଖିଛି। ବାରିଆ ଥାନା ଅଧିକାରୀ ସୁଶାନ୍ତ ମହାନ୍ତିଙ୍କୁ ପଚାରିବାରୁ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରହିଥିବା ସେ କହିଛନ୍ତି। ଝୁମ୍ପୁରା ଓ ବାରିଆ ଥାନା ଅଞ୍ଚଳରେ ପଲସର ଆତଙ୍କ ଖେଳି ଯାଇଛି। ଦୁର୍ବୃତ୍ତମାନେ ବ୍ୟାଙ୍କରୁ ଟଙ୍କା ଉଠାଉଥିବା ଲୋକଙ୍କ ଉପରେ ନଜର ରଖୁଛନ୍ତି। ଗତ କେତେ ଦିନ ତଳେ ଝୁମ୍ପୁରା ଥାନା ଅଞ୍ଚଳର ତିତିଲିଆ ମହାନ୍ତଠାରୁ ୩୦ ହଜାର ଟଙ୍କା ଦୁର୍ବୃତ୍ତ ଟଙ୍କା ଲୁଟି ନେଇଥିଲେ। ସେହିପରି ୧୧ ତାରିଖରେ ଝୁମ୍ପୁରା ଲକ୍ଷ୍ମୀ ସରସ୍ୱତୀ ସଂଯ୍ ସହାୟିକା ଗୋଷ୍ଠୀର ମହିଳାଙ୍କଠାରୁ ୪୮ ହଜାର ଟଙ୍କା ଦୁର୍ବୃତ୍ତମାନେ ଛଡାଇ ନେଇଥିଲେ।

### ୪ ଦୋକାନ ସହ ଜଳିଗଲା ୬ ବଖରା

ସୋର, ୧୪।୧୨(ଡ଼ି.ଏନ୍.ଏ.) ସୋରରେ ଗୁରୁବାର ଶୁକ୍ରବାର ଦୁଇ ଦିନରେ ଅଗ୍ନିକାଣ୍ଡ ଘଟି ୪ଟି ଦୋକାନ ଘର ସମେତ ୬ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି । ଗୁରୁବାର ବିଳମ୍ବିତ ରାତିରେ ସୋର ବ୍ଲକ ଜଡ଼ିଦା ପଞ୍ଚାୟତ ରୋଷଛକଠାରେ ଥିବା ୪ଟି ଦୋକାନ ଘର ପୋଡ଼ି ପାଉଁଶ ହୋଇଯାଇଛି। ଏହି ଛକରେ ଥିବା ରୋଷ ଗ୍ରାମର ଚିନ୍ତାମଣି ବାରିକଙ୍କ ସେଲୁନ୍‌ରେ ପ୍ରଥମେ ନିଆଁ ଲାଗିଥିଲା। ପରେ ରବୀନ୍ଦ୍ର ସାହୁଙ୍କ ଷ୍ଟେଶନାରି, ଜୟନ୍ତ ସାହୁଙ୍କ ଲେଡିସ୍‌କର୍ଣ୍ଣର, ବ୍ରଜେନ୍ଦ୍ର ବେହେରାଙ୍କ ମିଠା ଦୋକାନ ପୋଡ଼ି ପାଉଁଶ ହୋଇଯାଇଛି। ବିଦ୍ୟୁତ ସର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା। ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁସ ହୋଇଯାଇଛି। ସେହିପରି ସୋର ବ୍ଲକ ଅଧୀନ ଟେଣ୍ଟେଇ ଗ୍ରାମରେ ଶୁକ୍ରବାର ମଧାହ୍ନରେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଏହି ଗ୍ରାମର ଗୌରାଙ୍ଗ ବେହେରାଙ୍କ ଗୁହାଳ ଘର ବୋଲି ଜଣାପଡ଼ିଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

### ହାତୀ ଆକ୍ରମଣରେ ଯୁବକ ଗୁରୁତର

ବଡ଼ବିଲ/ଯୋଡ଼ା, ୧୪।୧୨ (ସ୍ୱ.ପ୍ର./ ଡି.ଏନ.ଏ.) କେନ୍ଦୁଝର ଜିଲା ବଡ଼ବିଲ ରେଞ୍ଜ ଅନ୍ତର୍ଗତ ଭୂୟାଁରୋଇଡ଼ାରେ ଶୁକ୍ରବାର ସକାଳେ ଏକ ଦନ୍ତାହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଜମସେଦ୍ ଦାସ(୩୫)। ଗ୍ରାମ ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଦନ୍ତା ହାତୀ ହାବୁଡ଼ରେ ଜମସେଦ ପଡ଼ି ଯାଇଥିଲେ। ସୁଣ୍ଢରେ ହାତୀ ଆକ୍ରମଣ କରିବାରୁ ଜମସେଦ୍ ଏକ ଖାଲରେ ପଡିଯାଇଥିଲେ। ଗ୍ରାମବାସୀ ଘଟଣାସ୍ଥଳକୁ ଆସିବାରୁ ହାତୀ ଜଙ୍ଗଲକୁ ଚାଲି ଯାଇଥିଲା। ଗ୍ରାମବାସୀ ବନ ବିଭାଗକୁ ଜଣାଇବା ପରେ ଘଟଣାସ୍ଥଳରେ କର୍ମଚାରୀ ସରୋଜ କୁମାର ନାଏକ ଓ ରତ୍ନାକର ମହାନ୍ତ ପହଞ୍ଚି ଖାଲରେ ପଡିଥିବା ଜମସେଦ୍‌ଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଯୋଡ଼ାସ୍ଥିତ ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା।

### ଚୋରା ମୋରମ ବୋଝେଇ ଡମ୍ପର ଜବତ

ନୀଳଗିରି, ୧୪।୧୨(ଡି.ଏନ.ଏ.): ନୀଳଗିରି-ଉଦଳା ରାସ୍ତାର ପୋଡ଼ାଶୂଳ ବଜାର ନିକଟରେ ସ୍ଥାନୀୟ ଉପଜିଲାପାଳ ବିଶାଳ ସିଂ ଗୁରୁବାର ଚଢ଼ାଉ କରି ଚୋରା ମୋରମ ବୋଝେଇ ଡମ୍ପରକୁ ଜବତ କରି ପୋଲିସ ଜିମା ଦେଇଛନ୍ତି। ଉପ-ଜିଲାପାଳଙ୍କ ନେତୃତ୍ୱରେ ସହକାରୀ ଜିଲାପାଳ ରାକେଶ କୁମାର ପଣ୍ଡା ସରପ୍ରାଇଜି ଚେକିଂରେ ବାହାରିଥିଲେ। ପୋଡ଼ାଶୂଳ ବଜାର ନିକଟରେ ମୋରମ ବୋଝେଇ କରିଆସୁଥିବା ଡମ୍ପରକୁ ଜବତ କରିଥିଲେ। ଏହି ଚଢ଼ାଉରେ ଉପଜିଲାପାଳଙ୍କ ଅଙ୍ଗରକ୍ଷୀ ସାମିଲ ଥିଲେ। ଗାଡି ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ପରେ ଜରିମାନା ଆଦାୟ କରାଯିବ ବୋଲି ସହକାରୀ ଜିଲାପାଳ କହିଛନ୍ତି।

■୫ ବ୍ଲକରେ ବିରୋଧ ପରେ କାଣ୍ଟଛାଟ୍

# ବାଦ୍ ଦିଆଗଲା ୧୨ ସ୍କୁଲ

ବନ୍ତଲା,୧୪।୧୨(ଡି.ଏନ.ଏ.)



■ଅନେକ ବିଦ୍ୟାଳୟ ସ୍ଥାନାନ୍ତର ହେଲାଣି

■ମୋଟ୍ ୬୦ଟି ପାଇଁ ଆସିଥିଲା ଚିଠି

■ଆବଶ୍ୟକ ପିଲା ନ ଥିବାରୁ କରାଯାଉଛି ବନ୍ଦ

ଆବଶ୍ୟକ ସଂଖ୍ୟକ ଛାତ୍ରୀଛାତ୍ର ନ ଥିବାରୁ ଅନୁଗୋଳ ଜିଲାର ୬୦ ସ୍କୁଲକୁ ବନ୍ଦ କରି ନିକଟସ୍ଥ ଶିକ୍ଷାନୁଷ୍ଠାନରେ ମିଶାଇ ଦେବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠି (ନଂ ୧୦୨୪୬/୧୮) କରାଯାଇଥିଲା। ଜିଲା ଶିକ୍ଷାଅଧିକାରୀଙ୍କ ଜରିଆରେ ସମସ୍ତ ବ୍ଲକ ଶିକ୍ଷାଅଧିକାରୀଙ୍କୁ ଏ ନେଇ ଜଣାଇ ଦିଆଯାଇଥିଲା। କିନ୍ତୁ ସରକାରଙ୍କ ଏପରି ନିଷ୍ପତ୍ତିକୁ ନେଇ ୫ଟି ବ୍ଲକରେ ବିରୋଧର ସ୍ୱର ଉଠିବା ପରେ ତାଲିକାକୁ କାଣ୍ଟଛାଟ୍ କରାଯାଇଛି। ଯେଉଁ ୧୨ଟି ସ୍କୁଲ ଉଚ୍ଛେଦକୁ ଅଭିଭାବକ ବିରୋଧ କରିଛନ୍ତି ତାହାକୁ ବର୍ତ୍ତମାନ ପାଇଁ ସ୍ଥାନାନ୍ତର କରାଯିବ ନାହିଁ ବୋଲି ବିଭାଗ ପକ୍ଷରୁ ସେମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଛି। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ଅନ୍ୟ ସ୍କୁଲରେ ମିଶାଇ ଦିଆଯିବାର ଯୋଜନା ଥିବା ବିଭାଗ ପକ୍ଷରୁ ଜଣାପଡିଛି।

ବନ୍ଦ ହେବାକୁ ଯାଉଥିବା ସ୍କୁଲ ତାଲିକାରେ ଅନୁଗୋଳ ବ୍ଲକର ୫ଟି ବିଦ୍ୟାଳୟ ସ୍ଥାନ ପାଇଥିଲା। ହେଲେ ବିରୋଧ ଯୋଗୁ ଏବେ ବ୍ଲକର କୁମ୍ଭାର ସାହି ପ୍ରାଥମିକ ବିଦ୍ୟାଳୟ ଓ ପୁରୁଣାଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବାଦ୍ ଦିଆଯାଇଛି। ହମାମିରା ପ୍ରାଥମିକ ବିଦ୍ୟାଳୟ ଓ ତଳଗଡ଼ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ନିକଟସ୍ଥ ସ୍କୁଲରେ ମିଶାଇ ଦିଆଯାଇଛି। ଆଗାମୀ ଦିନରେ ଗୀତା ଗ୍ରାମ ପ୍ରାଥମିକ ବିଦ୍ୟାଳୟକୁ ମଧ୍ୟ ଅନ୍ୟ ସ୍କୁଲକୁ ସ୍ଥାନାନ୍ତର କରାଯିବ। ସେହିପରି ବଁଅରପାଳ ବ୍ଲକର ତଳମୂଳ ପ୍ରାଥମିକ ବିଦ୍ୟାଳୟ, ଗଉଡ଼ ସାହି ପ୍ରାଥମିକ ବିଦ୍ୟାଳୟ, କୁସୁମପାଳ ପ୍ରାଥମିକ ବିଦ୍ୟାଳୟ, ବଳରାମପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବନ୍ଦ ହୋଇଯିବ। ଗ୍ରାମବାସୀଙ୍କ ବିରୋଧକୁ ନଜରରେ ରଖି କୁଇଓ ପ୍ରାଥମିକ ବିଦ୍ୟାଳୟକୁ ପରବର୍ତ୍ତୀ ସମୟରେ ସ୍ଥାନାନ୍ତର କରାଯିବ। ଛେଣ୍ଡିପଦା ବ୍ଲକର ଗଡ଼ମଣ୍ଡଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଛେଣ୍ଡିପଦା ବାଳକ ପ୍ରାଥମିକ ବିଦ୍ୟାଳୟ, ଚକ୍ରଧରପୁର ପ୍ରାଥମିକ ବିଦ୍ୟାଳୟ, ଖଣ୍ଡୁରିଆ ପ୍ରାଥମିକ ବିଦ୍ୟାଳୟ ବନ୍ଦ ହେବାକୁ ଯାଉଥିବା ବେଳେ ଆଠମଲ୍ଲିକ ବ୍ଲକର ବାଳିକା ପ୍ରାଥମିକ ବିଦ୍ୟାଳୟ, ସାନହୁଲା, କମ୍ପଲା, ଲିପିଗାଁ ପ୍ରାଥମିକ ବିଦ୍ୟାଳୟ, କିଶୋରନଗର ବ୍ଲକର ଆମ୍ବପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନାକଚି ଜନତା ଉଚ୍ଚ ବିଦ୍ୟାଳୟ, ମାହେଶ୍ୱରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାମୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତାଲିକାରେ ରହିଛି। ଏଥିସହ ତାଳଚେର ବ୍ଲକର ହିଲୋଇ ପ୍ରାଥମିକ ବିଦ୍ୟାଳୟ, ଡଅଁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡଅଁରା ପ୍ରାଥମିକ ବିଦ୍ୟାଳୟ, ଅରଖପାଳ, ଭାଲୁଗଡ଼ିଆ, ଲାଙ୍ଗିଯୋଡ଼ା, ବଡ଼ସିଙ୍ଗଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତିଳେଇପସି, ହାତତୋଟା ବିରଦପଡା, ମଣ୍ଡାପାଳ, ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟ, ସାଇନାଳୀ ପ୍ରାଥମିକ ବିଦ୍ୟାଳୟ, ହେଁସମୂଳ ନୂଆସାହି ପ୍ରାଥମିକ ବିଦ୍ୟାଳୟ ବନ୍ଦ ହେବାକୁ ଯାଉଛି। ତେବେ ଗ୍ରାମବାସୀଙ୍କ ବିରୋଧ ଯୋଗୁ ବ୍ଲକର ଗୁରୁଜାଙ୍ଗ ନୋଡାଲ ପ୍ରାଥମିକ ବିଦ୍ୟାଳୟ ଓ ପୁରୁଣା ପାଣି ପ୍ରାଥମିକ ବିଦ୍ୟାଳୟକୁ ପରବର୍ତ୍ତୀ ସମୟରେ ସ୍ଥାନାନ୍ତର କରାଯିବ। କଣିହାଁ ବ୍ଲକର ଶରଧାପୁର, ସାନହର, ଗୋଲାଘର ସାହି, ପାଣିଟାଙ୍ଗି ହଟିଙ୍ଗ, କଣ୍ଟପାଳ, ଗୁଣ୍ଡୁରୀନାଳୀ ପ୍ରାଥମିକ ବିଦ୍ୟାଳୟ, ଝାଙ୍କରପଶି ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟକୁ ଅନ୍ୟ ସ୍କୁଲରେ ମିଶ୍ରଣ କରାଯିବ। କଣିହାଁ ଗ୍ରାମବାସୀଙ୍କ ବିରୋଧ ଯୋଗୁ ପରାବିଲ ଓ କରଦେଇ ପ୍ରାଥମିକ ବିଦ୍ୟାଳୟ ସ୍ଥାନାନ୍ତର ସ୍ଥଗିତ ରଖାଯାଇଛି। ସେହିପରି ପାଲଲହଡା ବ୍ଲକର ଚଷା ଗୁରୁଜାଙ୍ଗ, ବଡସଡା, ଝାରବେଡା, ରଞ୍ଜକୋଲ, ବୈଦ୍ୟନାଥ, ପିତ, ଜିତଡିମିରିଆ ପ୍ରାଥମିକ ବିଦ୍ୟାଳୟ, ଇତି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଝାରବେଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ନିକଟସ୍ଥ ସ୍କୁଲକୁ ସ୍ଥାନାନ୍ତରିତ କରାଯିବ। ଗ୍ରାମବାସୀଙ୍କ ବିରୋଧ ପରେ କୁତରି ମୁଣ୍ଡା, ଇଞ୍ଜିଡ଼ି, ନୂଆଗଡ଼, ବାଁଖୋଲି ପ୍ରାଥମିକ ବିଦ୍ୟାଳୟ ଓ ଇଞ୍ଜିଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଥିବା ସୂଚନା ମିଳିଛି।

ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କୁହନ୍ତି, ସରକାରଙ୍କ ଚିଠି ଅନୁଯାୟୀ ସମସ୍ତ ସ୍କୁଲ ପ୍ରଧାନଶିକ୍ଷକ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଚିଠି ଦିଆଯାଇଛି। ଯେଉଁ ସ୍ଥାନରେ ବିରୋଧ ହୋଇଛି ତାହାକୁ ସ୍ଥଗିତ ରଖାଯାଇଛି। କେଉଁ ସ୍କୁଲକୁ କେଉଁଠି ମିଶାଯାଇଛି ଓ ଆଉ କାହାର ମିଶ୍ରଣ ହୋଇନି ତାହା ରିପୋର୍ଟ ଆସିବା ପରେ ଜଣାପଡ଼ିବ।

■ବାଲି, ମୋରମ ଚୋରା ଚାଲାଣ

# ୫ ଲକ୍ଷ ଟଙ୍କା ଦଣ୍ଡ ଗଣିଲା ଠିକାସଂସ୍ଥା



ଛେଣ୍ଡିପଦା,୧୪।୧୨(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ତହସିଲ ରାଇଝରଣ ଓ ଜରପଡା ରାଜସ୍ୱ ସର୍କଲରୁ ବାଲି ଓ ମୋରମ ଚୋରା ଚାଲାଣ ହେଉଥିବା ଖବରପାଇ ତହସିଲଦାର ଡାନିଏଲ ଏକ୍କା ଓ ରାଜସ୍ୱ ନିରୀକ୍ଷକ ରବୀନ୍ଦ୍ର ସେନାପତି ଶୁକ୍ରବାର ଚଢ଼ାଉ କରିଥିଲେ। ଏଥିରେ ୨ଟି ବାଲି ବୋଝେଇ ଟ୍ରାକ୍ଟର ସହ ଠିକାସଂସ୍ଥା ଗାୟତ୍ରୀ କନଷ୍ଟ୍ରକଶନର ହାଇୱା, ଜେସିବି ମେଶିନ ଜବତ କରାଯାଇଛି। ଏଥିସହ ଜରିମାନା ବାବଦରେ ଉକ୍ତ ସଂସ୍ଥାଠାରୁ ୫ ଲକ୍ଷ ଟଙ୍କା ଆଦାୟ କରାଯାଇଛି।

ଉକ୍ତ ଅଞ୍ଚଳରୁ ବେଆଇନ ଭାବେ ବାଲି, ମୋରମ ଚାଲାଣ ହେବା ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ ହେବାରୁ ତହସିଲଦାର ଏକ୍କା ଓ ରାଜସ୍ୱ ନିରୀକ୍ଷକ ସେନାପତି ଅଚାନକ ଚଢ଼ାଉ କରିଥିଲେ। ରାଇଝରଣ ରାଜସ୍ୱ ସର୍କଲର ବଅଁରବୁଲିଆ ନାଳ ବାଲିଘାଟରେ ପହଞ୍ଚି ବାଲି ଚାଲାଣ ହେଉଥିବା ୨ଟ୍ରାକ୍ଟରକୁ ଯାଞ୍ଚ କରିଥିଲେ। ବିନା କାଗଜପତ୍ରରେ ଚୋରାରେ ବାଲି ଚାଲାଣ ହେଉଥିବା ଜଣାପଡିବା ପରେ କୋଶଳା ଗ୍ରାମର ଜିତୁ ପ୍ରଧାନଙ୍କ ଟ୍ରାକ୍ଟର (ନଂ. ଓଡି୧୯ ଏଫ ୦୫୨୬,୦୫୨୭) ଓ ଜେରେଙ୍ଗ ଗ୍ରାମର ଅଖିଳ ସାହୁଙ୍କ ଟ୍ରାକ୍ଟର (ନଂ. ଓଡି୧୯ପି ୫୦୩୫, ୫୦୩୬)କୁ ଜବତ କରାଯାଇଥିଲା। ଟ୍ରାକ୍ଟର ପିଛା ୨୫ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରାଯିବା ସହିତ ସେମାନଙ୍କ ନାମରେ ରାଜସ୍ୱ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯିବ ବୋଲି ତହସିଲଦାର କହିଛନ୍ତି। ସେହିପରି ବାଲିଘାଟରେ ମାଫିଆମାନେ ଛାଡି ଯାଇଥିବା ଟ୍ରାକ୍ଟରର ତଦନ୍ତ କରାଯାଇ ଜରିମାନା ଆଦାୟ କରାଯିବ ବୋଲି ଜଣାପଡିଛି। ସେହିପରି ଜରପଡା ରାଜସ୍ୱ ସର୍କଲ ଦୁର୍ଗାପୁର ନିକଟରୁ ବେଆଇନ ମୋରମ ଚାଲାଣ ହେଉଥିବା ଖବରପାଇ ମୋରମ ଖାଦାନ ଉପରେ ଚଢାଉ କରାଯାଇଥିଲା । ଚଢ଼ାଉବେଳେ ଚୋରା ମୋରମ ଚାଲାଣରେ ବ୍ୟବହୃତ ଅନୁଗୋଳ-ସମ୍ବଲପୁର ଜାତୀୟ ରାଜପଥ ସମ୍ପ୍ରସାରଣ କରୁଥିବା ଗାୟତ୍ରୀ କନଷ୍ଟ୍ରକଶନର ହାଇୱା ଓ ଜେସିବ ମେଶିନକୁ ଜବତ କରାଯିବା ସହ ଠିକାସଂସ୍ଥା ଠାରୁ ୫ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଗାମୀ ଦିନରେ ଚଢ଼ାଉ ଜୋରଦାର କରାଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି।

# ୮୧ ୟୁନିଟ୍ ରକ୍ତ ସଂଗ୍ରହ



ବଇଣ୍ଡା, ୧୪।୧୨(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିପିନ ବିହାରୀ ପ୍ରଧାନ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଅଧ୍ୟାପିକା ଡ. ସବିତା ପଟ୍ଟନାୟକ, ଅଧ୍ୟାପକ ସିଦ୍ଧାର୍ଥ ପଣ୍ଡା, ଅସିତ କୁମାର ଜେନା, ନିରଞ୍ଜନ ଦାସ, କାଳନ୍ଦୀ ଚରଣ ପ୍ରଧାନ, ରବି ନାରାୟଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୮୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ଯୁବତୀଯୁବକ ଛାତ୍ରୀଛାତ୍ରମାନେ ରକ୍ତଦାନ କରିଥିଲେ। ଡା. ମନୋଜ କୁମାର ପରିଡା ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବାବୁଲି ଦାସ ସହଯୋଗ କରିଥିଲେ।

### ଭିନ୍ନକ୍ଷମ ଛାତ୍ରଙ୍କୁ ଶୀତବସ୍ତ୍ର

ରୂପସା, ୧୪।୧୨(ଡି.ଏନ.ଏ.): ବାଲେଶ୍ୱର ଜିଲା ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ସାନଖୁଡ଼ି ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ଭିନ୍ନକ୍ଷମ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଗୁରୁବାର ସନ୍ଧ୍ୟାରେ କଂଗ୍ରେସ ଦଳ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସଞ୍ଜୀବ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳୀୟ ପାଣ୍ଠିରୁ ୮୦ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଶୀତବସ୍ତ୍ର, ଶାଲ ପ୍ରଦାନ କରିଥିଲେ। ଆୟୋଜିତ ଉତ୍ସବରେ ବିଦ୍ୟାଳୟ ଅଧ୍ୟକ୍ଷ ଅମର କୁମାର ପାଳ ପୌରୋହିତ୍ୟ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ବସ୍ତା ଯୁବ କଂଗ୍ରେସ ସଭାପତି ସୁଧାଂଶୁ ଯେନା, ଜିଲା କୃଷକ ସେଲ୍ ସାଧାରଣ ସମ୍ପାଦକ ଜୟନ୍ତ ମହାପାତ୍ର, ନରେନ୍ଦ୍ର ଦାସ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ନାୟକ, ବେଞ୍ଜାମିନ ରାମ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ବାସନ୍ତୀ ପାଳ, ସମ୍ପାଦିକା ମଞ୍ଜୁବତୀ ବିଶ୍ୱାଳ, ଶିକ୍ଷକ ଅରୁଣ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଏଭଳି ଦଳୀୟ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଶେଷରେ ସନ୍ଧ୍ୟାରାଣୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୋକ ଦାଉ: ହଷ୍ଟେଲ ଛାଡିଲେ ଛାତ୍ର

ବାରିପଦା ଅଫିସ,୧୪।୧୨



ସ୍କୁଲ ହଷ୍ଟେଲ ଛାଡିଥିବା ଛାତ୍ରମାନେ।

■୫ କି.ମି. ଚାଲିବା ପରେ ଉଦ୍ଧାର

■ନିଲମ୍ବିତ ହେଲେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ

୫ ଦିନ ହେବ ସ୍କୁଲରେ ରୋଷେଇ ହୋଇନାହିଁ। ଭଲମନ୍ଦ ବୁଝିବାକୁ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଆସୁ ନ ଥିବା ବେଳେ କେହି କେୟାରଟେକର ବି ନ ଥିଲେ। ଅନ୍ୟୋନପାୟ ହୋଇ ସେଠାରେ ରହୁଥିବା ଛାତ୍ରମାନେ ମୁଢ଼ି ଖାଇବାକୁ ବାଧ୍ୟ ହେଲେ। ଏହାପରେ ସ୍କୁଲରେ ମହଜୁଦ ଥିବ ଚାଉଳକୁ ନିଜେ ରୋଷେଇ କରି ଖାଇଲେ। ହେଲେ ଏହା ସରିଯିବାରୁ ଗୁରୁବାର ରାତିରେ ସେମାନେ ଉପାସରେ ରହିଥିଲେ। ଭୋକଉପାସ ଦାଉ ସହି ନ ପରି ଶୁକ୍ରବାର ସକାଳୁ ସ୍କୁଲ ହଷ୍ଟେଲ ଛାଡି ୫ କି.ମି ଚାଲି କରି ଯାଇଥିବା ମୟୂରଭଞ୍ଜ ଜିଲା ଯଶିପୁର ବ୍ଲକ କେଝରା ପ୍ରାଥମିକ ବିଦ୍ୟାଳୟ ୧୦ ଛାତ୍ର ଗ୍ରାମବାସୀଙ୍କ ସମ୍ମୁଖରେ ବଖାଣିଛନ୍ତି। ଏହି ଘଟଣା ନଜରକୁ ଆସିବା ପରେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରାଙ୍କ ନିର୍ଦ୍ଦେଶ ମୁତାବକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରସାନନ୍ଦ ମହାନ୍ତିଙ୍କୁ ନିଲମ୍ବନ କରାଯାଇଛି।

ଯଶିପୁର ବ୍ଲକ କେଝରା ପ୍ରାଥମିକ ବିଦ୍ୟାଳୟରେ ଥିବା ଆରଏସ୍‌ଟି ସେଣ୍ଟରରେ ୫ ରୁ ୧୦ ବର୍ଷ ମଧ୍ୟରେ ୨୦ ପିଲା ରହୁଥିଲେ। ହେଲେ ଦୀର୍ଘ ୫ ଦିନ ଖାଇବାକୁ ନ ପାଇ ଶୁକ୍ରବାର ସକାଳେ ସେମାନେ ସ୍କୁଲରୁ ବାହାରି ଆସିଥିଲେ। ପରେ ଚାଲି ଚାଲି ୫ କି.ମି. ଆସି ଟଙ୍ଗାବିଲ ଛକଠାରେ ପହଞ୍ଚିବା ପରେ ସ୍ଥାନୀୟ ଲୋକେ ସେମାନଙ୍କୁ ଅଟକାଇ ଘଟଣା ବୁଝିଥିଲେ। ୫ ଦିନ ହେବ ବିଦ୍ୟାଳୟକୁ ଶିକ୍ଷକ ଆସୁ ନ ଥିବା ବେଳେ ରୋଷେଇ ହେଉନାହିଁ। ସ୍କୁଲରେ ମହଜୁଦ ଥିବା ଚାଉଳ ଓ ମୁଢ଼ି ସରିଯିବାରୁ ଗୁରୁବାର ରାତିରେ ସେମାନେ ଉପାସରେ ରହିଥିଲେ। ଫଳରେ ସେମାନେ ଶୁକ୍ରବାର ସକାଳୁ ସ୍କୁଲ ହଷ୍ଟେଲ ଛାଡିଥିବା ବିଷୟରେ କହିଥିଲେ। ବିଦ୍ୟାଳୟରେ ପଢୁଥିବା ୧୫ ଜଣ ଛାତ୍ରଙ୍କୁ ନିକଟସ୍ଥ କୋହଲି ସ୍କୁଲ ଓ ଅନ୍ୟ ୫ ଜଣଙ୍କୁ ଘାଟକୁଆଁ ସ୍କୁଲରେ ଥଇଥାନ କରାଯାଇଛି।

## ଏଡ୍‌ସ ପୀଡିତା ଏବେ ଅଲୋଡ଼ା

ବାଲେଶ୍ୱର ଅଫିସ, ୧୪।୧୨

ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଡା ପଞ୍ଚାୟତ ଅଞ୍ଚଳର ଜଣେ ମହିଳା ଏଚ୍‌ଆଇଭି ସଂକ୍ରମିତ ଚିହ୍ନଟ ହେବା ପରେ ସେ ଏବେ ପରିବାର ପାଇଁ ଅଲୋଡା ହୋଇପଡିଛନ୍ତି। ସେ ତାଙ୍କ ଏକମାତ୍ର ନାବାଳିକା ଝିଅକୁ କାମ ଧନ୍ଦା କରି ପେଟ ପୋଷୁଛନ୍ତି। ନିଜର ଘରଦ୍ୱାର ନ ଥିବାରୁ ସେ ଝିଅକୁ ଧରି ନିକଟସ୍ଥ ଏକ ବାଲିଗଦା ଉପରେ ରାତ୍ରିଯାପନ କରୁଛନ୍ତି। ଉକ୍ତ ମହିଳା ଶୁକ୍ରବାର ପୂର୍ବାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଏଚ୍‌ଆଇଭି କେନ୍ଦ୍ରକୁ ଔଷଧ ନେବାକୁ ଆସିଥିବା ବେଳେ ଏ ବିଷୟରେ କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି।

୧୬ବର୍ଷ ପୂର୍ବରୁ ତାଙ୍କର ସ୍ୱାମୀ ଏଚ୍‌ଆଇଭି ସଂକ୍ରମଣରେ ପୀଡ଼ିତ ହୋଇ ଜୀବନ ହରାଇଥିଲେ। ଏକମାତ୍ର ପୁତ୍ର ମଧ୍ୟ ଉକ୍ତ ରୋଗରେ ଜୀବନ ହରାଇଛନ୍ତି। ୮ବର୍ଷ ପୂର୍ବରୁ ଉକ୍ତ ମହିଳା ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ ହେବା ପରେ ସରକାରଙ୍କ ମାଗଣା ଔଷଧରେ ଚିକିତ୍ସିତ ହେଉଛନ୍ତି। କେବଳ ସରକାରୀ ସାହାଯ୍ୟ କହିଲେ ୩ ଶହ ଟଙ୍କା ଭତ୍ତା, ଅନ୍ତ୍ୟୋଦୟ ଚାଉଳ ମିଳୁଛି। ୧୯୯୯ ମସିହା ମହାବାତ୍ୟା ପରେ ତାଙ୍କ ସ୍ୱାମୀ ଏକ ଇନ୍ଦିରା ଆବାସ ପାଇଥିଲେ। ଯାହାକି ସେ ସମ୍ପୂର୍ଣ୍ଣ କରିବା ପୂର୍ବରୁ ମୃତ୍ୟୁବରଣ କରିଥିଲେ। ସରକାରୀ ନିୟମ ଅନୁସାରେ ଜଣେ ଏଚ୍‌ଆଇଭି ସଂକ୍ରମିତ ପରିବାରକୁ ମୋ କୁଡ଼ିଆ ଯୋଜନାରେ ସାମିଲ କରାଯାଇପାରିବ। ଏନେଇ ସେ ବାରମ୍ବାର ସରପଞ୍ଚଙ୍କ ଦ୍ୱାରସ୍ଥ ହୋଇ ମଧ୍ୟ କୌଣସି ଫଳ ମିଳୁ ନାହିଁ। ଝିଅକୁ ଧରି ଉପରେ ଶୀତକାକରରେ ପଡି ରହିଛନ୍ତି। ଝିଅର ଭବିଷ୍ୟତକୁ ନେଇ ସେ ଚିନ୍ତିତ ହୋଇପଡ଼ିଛନ୍ତି। ଏ ସମ୍ପର୍କରେ ଜିଲା ପ୍ରକଳ୍ପ ଅଧିକାରୀ ତ୍ରିଲୋଚନ ପ୍ରଧାନଙ୍କୁ ପଚାରିବାରୁ ସେ କହନ୍ତି, ସ୍ୱାସ୍ଥ୍ୟ ବିଭାଗରୁ କୌଣସି ଲିଖିତପତ୍ର ଉକ୍ତ ରୋଗୀଙ୍କ ସମ୍ପର୍କରେ ମିଳିନାହିଁ। ଭୂମିହୀନ ଏଚ୍‌ଆଇଭି ସଂକ୍ରମିତ ରୋଗୀଙ୍କର କୌଣସି ଆବେଦନ ଆସିଲେ ତାଙ୍କୁ ସ୍ୱତନ୍ତ୍ର ଭାବରେ ମୋ କୁଡ଼ିଆ ଯୋଜନାରେ ସାମିଲ କରାଯାଇ ଅବିଳମ୍ବେ ଗୃହ ପ୍ରଦାନ କରାଯାଇପାରିବାର ବ୍ୟବସ୍ଥା ରହିଛି। ଆବେଦନ ମିଳିଲେ ଯଥାଶୀଘ୍ର ଉକ୍ତ ମାମଲାକୁ ବିଚାର କରାଯାଇ ସହଯୋଗ କରାଯିବ ବୋଲି ପ୍ରକାଶ କରିଥିଲେ।

■ ୨ ସ୍ଥାନରେ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ

# ରୋଗୀଙ୍କ ବଡ଼ମା' ମୃତ

**ଫାର୍ମାସିଷ୍ଟଙ୍କ ସମେତ ୬ ଆହତ**



ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ ଓ ଟ୍ରକ୍।

ରୂପ୍‌ସା,୧୪।୧୨(ଡି.ଏନ.ଏ.)

ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥ ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ଗେମନବ୍ରିଜ୍ ଓ ବାଇପାସ୍ ରାସ୍ତା ମଝିରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ପଛପଟୁ ୧୦୮ ଆମ୍ବୁଲାନ୍ସ ପିଟି ହେବାଯୋଗୁ ଘଟଣାସ୍ଥଳରେ ରୋଗୀଙ୍କ ବଡ଼ମା'ଙ୍କ ମୃତ୍ୟୁ ଘଟିଛି। ସ୍ତ୍ରୀ, ସ୍ୱାମୀ ଓ ଆମ୍ବୁଲାନ୍ସ କର୍ମଚାରୀଙ୍କ ସମେତ ୬ ଜଣ ଗୁରୁତର ଆହତ ହୋଇ କଟକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

ବାଲିଆପାଳ ଥାନା ହାସିମପୁର ଗାଁର ହୃଦ୍‌ଜନିତ ରୋଗରେ ଆକ୍ରାନ୍ତ ରାଜେଶ ମିତ ନାମକ ଯୁବକଙ୍କୁ ୧୦୮ ଆମ୍ବୁଲାନ୍ସରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ନିଆଯାଉଥିଲା। ଏହି ଆମ୍ବୁଲାନ୍ସରେ ରାଜେଶଙ୍କ ବଡ଼ମା' ଶାନ୍ତିଲତା, ସ୍ତ୍ରୀ ସୁନୀତା ଓ ସମ୍ପର୍କୀୟ ଯଶୋବନ୍ତ ଚକ୍ରବର୍ତ୍ତୀ ଥିଲେ। ଗୁରୁବାର ରାତିରେ ଏକ ଟ୍ରକ୍ (ନଂ. ଡବ୍ଲ୍ୟୁବି୨୯ଏ-୭୩୯୬) ସହ ଜଲେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଟ୍ରକ୍ (ନଂ. ଏପି୧୬ଟିବି-୫୦୨୧) ଧକ୍କା ହୋଇ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିଲା। ଆମ୍ବୁଲାନ୍ସ ଟ୍ରକ୍ ପଛପଟରେ ପିଟି ହୋଇ ଚୁରମାର୍ ହୋଇଯାଇଥିଲା। ଘଟଣାସ୍ଥଳରେ ଶାନ୍ତିଲତା (୪୫)ଙ୍କର ମୃତ୍ୟୁ ଘଟିଥିଲା। ରାଜେଶ, ସୁନୀତା, ଯଶୋବନ୍ତଙ୍କ ସମେତ ଆମ୍ବୁଲାନ୍ସ ଡ୍ରାଇଭର ଶଶୀକାନ୍ତ ମହନ୍ତ, ହେଲପର ବିଶ୍ୱଜିତ ମିଶ୍ର ଓ ଫାର୍ମାସିଷ୍ଟ ରାଜୀବଲୋଚନ ମହାନ୍ତିଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ କଟକ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ହଳଦୀପଦା ଫାଣ୍ଡି ଅଧିକାରୀ ବଦ୍ରିଶଙ୍କର ଷଣ୍ଢ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ ଟ୍ରକ୍, ଆମ୍ବୁଲାନ୍ସକୁ ଜବତ କରିଛନ୍ତି। ସଦର ଥାନାରେ ଏକ ମାମଲା (ନଂ. ୩୫୨/୧୮) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଉଭୟ ଟ୍ରକ୍‌ର ଡ୍ରାଇଭର, ହେଲପରଙ୍କୁ ପୋଲିସ ଅଟକ ରଖିଛି।

### ଫାର୍ମାସିଷ୍ଟ ଆହତ

ଉଦଳା, ୧୪।୧୨ (ଡି.ଏନ.ଏ)

ଜଣେ ରୋଗୀଙ୍କୁ ନେବା ନିମନ୍ତେ ଖୁଣ୍ଟାରୁ ଉଦଳା ଆସୁଥିବା ଏକ ୧୦୮ ଆମ୍ବୁଲାନ୍ସ ପଥରା ଛକ ନିକଟରେ ଶୁକ୍ରବାର ସକାଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଆମ୍ବୁଲାନ୍ସଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ପ୍ରକାଶ। ଉକ୍ତ ସମୟରେ ଆମ୍ବୁଲାନ୍ସରେ ଥିବା ଫାର୍ମାସିଷ୍ଟ ସତ୍ୟବାନ ଗିରି ଆହତ ହୋଇଛନ୍ତି। ଗାଡିର ଡ୍ରାଇଭର ଏବଂ ଅନ୍ୟ କର୍ମଚାରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଆହତ ଫାର୍ମାସିଷ୍ଟଙ୍କୁ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଛି।

## ସଂକ୍ଷେପରେ

### ଟ୍ରକ୍ ସହ ୧୬୭ ଖଣ୍ଡ ଶାଳକାଠ ଜବତ



ବଇଣ୍ଡା, ୧୪।୧୨(ଡି.ଏନ.ଏ.)- ହଣ୍ଡପା ଥାନା ପ୍ରତାପପୁର ନିକଟରୁ ଶୁକ୍ରବାର ରାତି ୮ଟାରେ ଏକ ଚୋରା ଶାଳ ଚଉକାଠ ବୋଝେଇ ମିନି ଟ୍ରକ୍କୁ ହଣ୍ଡପା ବନ ବିଭାଗ ଜବତ କରିଛି। ଏଥିରେ ୧୬୭ ଖଣ୍ଡ କାଠ ଥିବାବେଳେ ଏହାର ମୂଲ୍ୟ ଆନୁମାନିକ ଦେଢ଼ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ରେଢ଼ାଖୋଲରୁ ଅନୁଗୋଳ ଅଭିମୁଖେ ଏକ ମିନିଟ୍ରକ୍(ନଂ.ଓଆର୍ ୦୬ ୯୧୭୧)ରେ କାଠ ଚାଲାଣ ହେଉଥିବା ଆଠମଲ୍ଲିକ ଡିଏଫ୍ଓ ସୂଚନା ପାଇଥିଲେ। ଡିଏଫ୍ଓଙ୍କ ନିର୍ଦ୍ଦେଶ କ୍ରମେ ହଣ୍ଡପା ଡେପୁଟି ରେଞ୍ଜର ପ୍ରକାଶ ଚନ୍ଦ୍ର ଦେହୁରୀ, ଫରେଷ୍ଟର ଦୀପ୍ତିରଞ୍ଜନ ବିଶ୍ୱାଳ, ରଜନୀକାନ୍ତ ପଣ୍ଡା, ଫରେଷ୍ଟଗାର୍ଡ ରାକେଶ ମହାକୁଡ, ନରେନ୍ଦ୍ର ନାଏକ, ୱାଚର ସତ୍ୟବାନ ପ୍ରଧାନ, ଶିବ କୋଠାରଙ୍କ ସମେତ ବନ ବିଭାଗ କର୍ମଚାରୀମାନେ ଚଢ଼ାଉ କରିଥିଲେ। ବିଭାଗୀୟ କର୍ମଚାରୀଙ୍କୁ ଦେଖି ଗାଡି ଛାଡି ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି।

### ଏନ୍‌ଟିପିସି ବଜାରରେ କାଉ ମଡ଼କ



କଣିହାଁ, ୧୪।୧୨(ଡି.ଏନ.ଏ.)- କଣିହାଁ ବ୍ଲକ ଏନ୍‌ଟିପିସି ବଜାରରେ ଶୁକ୍ରବାର ବହୁ ସଂଖ୍ୟାରେ କାଉମୃତ୍ୟୁ ଘଟିଥିବା ଦେଖାଦେଇଛି। ଏଥିଯୋଗୁ ଅଞ୍ଚଳରେ ବାର୍ଡ ଫ୍ଲୁ ବ୍ୟାପିଥିବା ନେଇ ଆଶଙ୍କା ଉପୁଜିଛି। ଏ ନେଇ କଣିହାଁ ଭାରପ୍ରାପ୍ତ ପ୍ରାଣୀ ଚିକିତ୍ସକ କମଳ ଲୋଚନ ଦାସ କହିଛନ୍ତି, କାଉମଡ଼କ ସମ୍ପର୍କରେ କମରେଇ ସରପଞ୍ଚ ଦୁଃଖବନ୍ଧୁ ଭୂତିଆ ଓ ଅନ୍ୟମାନେ ଅବଗତ କରାଇଛନ୍ତି। କାଉ ମୃତ୍ୟୁର କାରଣ ତର୍ଜମା କରାଯିବାର ଆବଶ୍ୟକତା ରହିଛି। ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ। ମୃତ କାଉର ନମୁନା ସଂଗ୍ରହ କରାଯିବ। ପ୍ରାଣୀ ସମ୍ପଦ ବିଭାଗ ପଦକ୍ଷେପ ନେବାକୁ ସରପଞ୍ଚ ଦାବି କରିଛନ୍ତି।

### ୧୪ ଏକରରେ କଦଳୀ ଗଛ ନଷ୍ଟ କଲେ ହାତୀପଲ

ଛେଣ୍ଡିପଦା, ୧୪।୧୨(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳର କମ୍ପସଲା ବିଟ୍ ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ହାତୀପଲ ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ଦେବଗଡ ଜିଲା ଟିକିରା ନଦୀ ପାର ହୋଇ ହାତୀପଲ ଛେଣ୍ଡିପଦା ସେକ୍ସନ-୨ର କମ୍ପସଲା ବିଟ୍ ଅଞ୍ଚଳର କେନ୍ଦୁପଶି ଓ କମ୍ପସଲା ଗ୍ରାମରେ ୧୪ ଏକରୁ ଊର୍ଦ୍ଧ୍ୱ ଜାଗାରେ କଦଳୀ ଗଛ ସହ ହରଡ, ପୋଟଳ ଆଦି ଫସଲ ନଷ୍ଟ କରିଛନ୍ତି। ଅଞ୍ଚଳର ପଞ୍ଚୁ ପ୍ରଧାନ, ବସନ୍ତ ପ୍ରଧାନ, ବାଳକୃଷ୍ଣ ସାହୁ, ଅଶ୍ୱିନୀ ସାହୁ, ଲକ୍ଷ୍ମୀ ନାଏକ, ପହଲି ବେହେରା, ସନ୍ତୋଷ ନାଏକ, ଦୁର୍ଯ୍ୟୋଧନ ଦେହୁରୀ, ଦୋଳ ଗୋବିନ୍ଦ ସାହୁ, ରଞ୍ଜନ ସାହୁ, ମୋହନ ପ୍ରଧାନ, ଦୁଷ୍ମନ୍ତ ପ୍ରଧାନ ପ୍ରମୁଖଙ୍କ କଦଳୀ ଚାଷ ନଷ୍ଟ ହୋଇଛି। ଏଥିସହ ପଞ୍ଚୁ ପ୍ରଧାନଙ୍କ ବଗିଚାରେ ଥିବା ଏକ ଚାଳଘରକୁ ମଧ ହାତୀପଲ ଭାଙ୍ଗି ଦେଇଛନ୍ତି। ଫସଲ ହାନିକୁ ନେଇ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ବନବିଭାଗ ପକ୍ଷରୁ ତୁରନ୍ତ କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିପୂରଣ ଦେବାକୁ କମ୍ପସଲା ଗ୍ରାମବାସୀ ଦାବି କରିଛନ୍ତି।

### ବାର୍ଷିକ କ୍ରୀଡ଼ା ଉତ୍ସବ

ଅନୁଗୋଳ ଅଫିସ, ୧୪।୧୨- ଆଇଡିଆଲ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ କଦମ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଆଶିଷ ରଞ୍ଜନ ପ୍ରଧାନ ସଭାପତିତ୍ୱ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ମହେନ୍ଦ୍ର କୁମାର ସାହୁ ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋ କ୍ରୀଡ଼ା ଅଧିକାରୀ ତଥା ଡେପୁଟି ମ୍ୟାନେଜର ସୁଧାକର ସାହୁ, ଜିଲା ଶାରୀରିକ ଅଧିକାରୀ ପ୍ରଶାନ୍ତ କୁମାର ସିହ୍ନା ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟ ସମ୍ପାଦକ ଜପକୃଷ୍ଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତି ଅମିତାଭ ମିଶ୍ର, ଅଶୋକ କୁମାର ପଣ୍ଡା, ସମୀର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅନୁଗୋଳରେ ଏନ୍‌ସିପିସିଆର୍ ଟିମ୍

# ଠିକ୍‌ଠାକ୍ ଚାଲୁନି ୫ ବାଳାଶ୍ରମ

**ଅନୁଗୋଳ ଅଫିସ, ୧୪।୧୨**

ଅନୁଗୋଳ ଜିଲାରେ ଥିବା ସମସ୍ତ ବାଳାଶ୍ରମ ଠିକ୍ ଭାବେ କାର୍ଯ୍ୟ କରୁନାହିଁ। ଏପରି କି ୨୦୧୫ରେ ହୋଇଥିବା

- ଠିକଣା ଭାବେ ପାଳନ ହେଉନି କିଶୋର ନ୍ୟାୟ ଆଇନ
- ତୁରନ୍ତ ସମାଧାନ କରିବାକୁ ଜିଲାପାଳଙ୍କୁ କହିଲେ
- ଉପଯୁକ୍ତ ତଦାରଖ ପାଇଁ ସିଡବ୍ଲ୍ୟୁସି ଅଧିକାରୀଙ୍କୁ ନିର୍ଦ୍ଦେଶ

କିଶୋର ନ୍ୟାୟ ଆଇନ୍ ମଧ ଜିଲାରେ ଠିକଣା ଭାବେ ପାଳନ ହେଉନାହିଁ। ଦୁଇ ଦିନିଆ ଅନୁଗୋଳ ଜିଲା ଗସ୍ତରେ ଥିବା ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ



ବାଜି ରାଉତ ଛାତ୍ରାବାସ ପରିଦର୍ଶନ କରୁଛନ୍ତି ଟିମ୍ ସଦସ୍ୟ।

(ଏନ୍‌ସିପିସିଆର୍) ସଦସ୍ୟ ରଜନୀକାନ୍ତ ଓ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା ମନ୍ଦାକିନୀ କର ଏ ନେଇ ଜିଲାପାଳ ଏବଂ ଏସ୍‌ପିଙ୍କୁ ଅବଗତ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବାଜି ରାଉତ ଛାତ୍ରାବାସରେ ଥିବା ବିଭିନ୍ନ ସମସ୍ୟାର ଶୀଘ୍ର ସମାଧାନ କରିବାକୁ କମିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ପୂର୍ବାହ୍ନ ସାଢ଼େ ୯ଟାରେ ଏନ୍‌ସିପିସିଆର୍ ଟିମ୍ ବାଜି ରାଉତ ଛାତ୍ରାବାସ ପରିଦର୍ଶନ କରିଥିଲେ। ବାହାରେ ଚାକଚକ୍ୟ ଥିଲେ ବି ଛାତ୍ରବାସ ଭିତରେ ବିଭିନ୍ନ ଅଭାବ ଅସୁବିଧା ଥିବା ଟିମ୍ ସଦସ୍ୟ ଦେଖି କର୍ମକର୍ତ୍ତାଙ୍କ ଉପରେ ଖପ୍ପା ହୋଇଥିଲେ। ଛାତ୍ରାବାସ କାର୍ଯ୍ୟାଳୟରେ ବୈଠକ ବେଳେ ସହ ସମ୍ପାଦକ ଅଧାରୁ ଉଠି ଚାଲିଯିବା ଦେଖିବାକୁ ମିଳିଥିଲା। ତେବେ ପିଲାଙ୍କ ସୁରକ୍ଷା ଓ ସକ୍ୟୁରିଟି ଉପରେ ଧ୍ୟାନ ଦିଆଯାଉଥିବା ସଦସ୍ୟା ମନ୍ଦାକିନୀ କର କହିଛନ୍ତି। ସେହିପରି ପଞ୍ଚମହଲା ଠାରେ ଥିବା ଆଦୃତ ଚିଲ୍‌ଡ୍ରେନ୍ସ ହୋମ୍, ଅନୁଗୋଳ ବାଳ ସୁଧାର ଗୃହ, ବଅଁରପାଳସ୍ଥିତ ଟ୍ରାଇବାଲ ରୁରାଲ ୱେଲଫେୟାର(ଟିଆରଡବ୍ଲ୍ୟୁ) ସ୍କୁଲ ଓ ଆଠମଲ୍ଲିକ ବାଳାଶ୍ରମ ପରିଦର୍ଶନ କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ସମସ୍ୟାର ସମାଧାନ ନିମନ୍ତେ ତୁରନ୍ତ ବାଟ ବାହାର କରିବାକୁ କହିଥିଲେ। ପରେ ଏସ୍‌ପିଙ୍କ ନିକଟକୁ ଯାଇ କିଶୋର ଆଇନର ଠିକ୍ ପାଳନ ହେଉ ନ ଥିବା ଅଭିଯୋଗ କରିଥିଲେ। ଶେଷରେ ସିଡବ୍ଲ୍ୟୁସି ଅଧିକାରୀଙ୍କୁ ବାଳାଶ୍ରମଗୁଡ଼ିକର ଉପଯୁକ୍ତ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଝରଣା ନାୟକ, ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ(ସିଡବ୍ଲ୍ୟୁସି) ଦେବାଶିଷ ପଟ୍ଟନାୟକ, କର୍ମକର୍ତ୍ତା ଭବାନୀ ଶଙ୍କର ଦାସ, ବିଦ୍ୟୁତଲତା ମିଶ୍ର, ପଦ୍ମାବତୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଖଜୁରି ରସ ବିକ୍ରେତାଙ୍କୁ ହତ୍ୟା

**ବଇଣ୍ଡା, ୧୪।୧୨(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ଥାନା କ୍ଷେତିରମାହାରସାହିଠାରେ ଗୁରୁବାର ରାତିରେ ସଞ୍ଜାମୁରା ପଞ୍ଚାୟତ ହତାନାଳୀ ଗ୍ରାମର ଦାଶରଥୀ ବେହେରା(୪୫)ଙ୍କୁ କେତେଜଣ ଦୁର୍ବୃତ୍ତ ଠେଙ୍ଗାରେ ପିଟି ହତ୍ୟା କରିଛନ୍ତି। ଏ ନେଇ ତାଙ୍କ ସ୍ତ୍ରୀ ଜଲି ବେହେରା ଥାନାରେ ଅଭିଯୋଗ କରିଛନ୍ତି।

କିଶୋରନଗର ଆଇଆଇସି ପ୍ରତିଭା ମାଝିଙ୍କ ସୂଚନାରୁ ଜଣାପଡିଛି, ଦାଶରଥୀ କିଛି ବର୍ଷ ହେବ କ୍ଷେତିମାହାରସାହିଠାରେ ଏକ ଅସ୍ଥାୟୀ କୁଡିଆ କରି ଖଜୁରି ରସ ବିକ୍ରି କରୁଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ, ମାସେ ତଳେ ବାଲି ବୋଝେଇ ଟ୍ରକ୍ ଯିବା ଆସିବାକୁ ନେଇ ପଡୋଶୀଙ୍କ ସହ ତାଙ୍କର ଗଣ୍ଡଗୋଳ ହୋଇଥିଲା। ଏପରିକି ତାଙ୍କୁ ଜୀବନରୁ ମାରିଦେବାକୁ ସେହିଗ୍ରାମର କେତେଜଣ ବ୍ୟକ୍ତି ଧମକ ଦେଇଥିଲେ। ଗୁରୁବାର ରାତିରେ ଦୁର୍ବୃତ୍ତମାନେ ତାଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କରିବା ପରେ ମୃତଦେହ ଏକ ବିଲମାଳରେ ଫିଙ୍ଗି ଦେଇଥିଲେ। ମୃତଦେହ ସେଠାରେ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଖବରପାଇ ଆଇଆଇସି, ଏଏସ୍‌ଆଇ ଏ. ଓରାମ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ହତ୍ୟାରେ ବ୍ୟବହୃତ ଠେଙ୍ଗା ଜବତ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ସନ୍ଦେହରେ ପୋଲିସ ୪ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏ ସଂକ୍ରାନ୍ତରେ ନଂ. ୧୪୨/୧୮ରେ ଏକ ମାମଲା ରୁଜୁ କରାଯାଇଛି।

# ପିଇଓଙ୍କ ମୃତଦେହ ଉଦ୍ଧାର

**କଣିହାଁ, ୧୪।୧୨(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ସାନତ୍ରିବିଡା ପଞ୍ଚାୟତ କାର୍ଯ୍ୟାଳୟରୁ ନିର୍ବାହୀ ଅଧିକାରୀ(ପିଇଓ) ଶୁକଦେବ ନାୟକ(୫୫)ଙ୍କ ମୃତଦେହ ଶୁକ୍ରବାର କଣିହାଁ ପୋଲିସ ଉଦ୍ଧାର କରିଛି। ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ପୋଲିସ ନଂ. ୬/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂଚନାରୁ ଜଣାଯାଏ, ଶୁକଦେବ ସବୁଦିନ ପରି ଗୁରୁବାର ଖାଇସାରି ସେ ରହୁଥିବା କାର୍ଯ୍ୟାଳୟ ରୁମ୍‌ରେ କବାଟ ଦେଇ ଶୋଇଥିଲେ। ସକାଳ ୮ଟା ସୁଦ୍ଧା ସେ ନ ଉଠିବାରୁ ଅଫିସ୍ ରାତ୍ର ଜଗୁଆଳି ସରପଞ୍ଚଙ୍କୁ ଜଣାଇଥିଲେ। ସେଠାକୁ ଯିବାରେ ଶୁକଦେବ ଖଟତଳକୁ ଖସିପଡିଥିବା ଝରକା ପଟେ ଦେଖିବାପରେ ବିଡିଓ ରମେଶ କୁମାର ଜେନା ପୋଲିସକୁ ଜଣାଇଥିଲେ। ପୋଲିସ କବାଟ ଖୋଲି ଶୁକଦେବଙ୍କ ମୃତଦେହ ଉଦ୍ଧାର କରିଥିଲା। ଘଟଣାସ୍ଥଳରେ ବ୍ଲକ ଅଧକ୍ଷା ନମିତା ସାହୁ ପହଞ୍ଚିଥିଲେ। ଖବରପାଇ ପରିବାର ଲୋକେ ସେଠାରେ ପହଞ୍ଚି ନିଯୁକ୍ତି ଓ କ୍ଷତିପୂରଣ ଦାବିରେ ଆନ୍ଦୋଳନ କରିଥିଲେ। ବିଡିଓ ଜେନା ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସରକାରୀ ନିୟମ ଅନୁଯାୟୀ ପରିବାରକୁ ସୁବିଧା ଯୋଗାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ସରପଞ୍ଚ ବାବୁଲି ସେଠୀ କହିଛନ୍ତି, ଅସୁସ୍ଥତା ଯୋଗୁ ଶୁକଦେବଙ୍କ ମୃତ୍ୟୁ ହୋଇଥିବା ଜଣାପଡୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଏସ୍‌ଆଇ ସୁରେଶ ବେହେରା କହିଛନ୍ତି। ବ୍ଲକ କର୍ମଚାରୀମାନେ ଶୋକାକୁଳ ପରିବାରକୁ ସମବେଦନା ଜଣାଇଛନ୍ତି।

# ୪ ଦିନିଆ ରିମାଣ୍ଡରେ ବ୍ୟାଙ୍କ ଡକାୟତ ମାଧବ

**ଅନୁଗୋଳ ଅଫିସ, ୧୪।୧୨**

ଅନୁଗୋଳ ବ୍ୟାଙ୍କ ଡକାୟତି ଘଟଣାର ମାଷ୍ଟରମାଇଣ୍ଡ ତଥା ମୁଖ୍ୟ ଅଭିଯୁକ୍ତ ମାଧବ ରବି ଦାସ(୫୫)ଙ୍କୁ ୪ ଦିନିଆ ରିମାଣ୍ଡରେ ଆଣିଛି ଅନୁଗୋଳ ପୋଲିସ। କୋର୍ଟରେ ୧୦ ଦିନିଆ ରିମାଣ୍ଡ ଆବେଦନ କରାଯାଇଥିଲେ ବି ଜିଲା ଦୌରା ଜଜ୍ ଶୁକ୍ରବାର ୪ ଦିନ ପାଇଁ ରିମାଣ୍ଡ ମଞ୍ଜୁର କରିଥିଲେ। ଆବଶ୍ୟକ ପଡ଼ିଲେ ଆଉ ଥରେ ମାଧବଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସ୍‌ଡିପିଓ ହରିହର ପାଣି ସୂଚନା ଦେଇଛନ୍ତି।

ରିମାଣ୍ଡରେ ଆଣିବା ପରେ ମାଧବଙ୍କୁ ପଚରା ଉଚରା ଆରମ୍ଭ କରିଛି ଅନୁଗୋଳ ପୋଲିସ। ବ୍ୟାଙ୍କରୁ ଡକାୟତି କରିଥିବା ସୁନା କେଉଁଠି ଅଛି, ସ୍ଥାନୀୟ ଅଞ୍ଚଳର କିଏ ତାଙ୍କୁ ଡକାୟତିରେ ସାହାଯ୍ୟ କରିଥିଲେ, କୋଲିୟାରୀ ଅଞ୍ଚଳରୁ ଗାଡ଼ି କିପରି ଚୋରି କରିଥିଲେ ଓ କେଉଁଆଡ଼େ ବୁଲିଥିଲେ ସେ ନେଇ ପଚରାଉଚରା କରାଯାଉଛି। ଦ୍ୱିତୀୟ ଥର ପାଇଁ କାହିଁକି ସେ ଅନୁଗୋଳକୁ ଟାର୍ଗେଟ କରିଥିଲେ ସେ ନେଇ ପୋଲିସ ଗୁଡ଼େଇ ତୁଡେଇ ପ୍ରଶ୍ନ କରିଛି। ଶନିବାର ଏସ୍‌ପିଙ୍କ ସହ ଅନ୍ୟ ଅଧିକାରୀମାନେ ପଚରାଉଚରା କରିବେ ବୋଲି ଜଣାପଡ଼ିଛି। ତେବେ ପୋଲିସର ଘନ ଘନ ପ୍ରଶ୍ନରେ ମାଧବ ଦବି ଯାଇ ନାହାନ୍ତି। ବରଂ ତୋଡ ଦେଖାଇ ସେ କୌଣସି ଅପରାଧ କରିନାହାନ୍ତି। କେବଳ ବ୍ୟାଙ୍କ ଲୁଟିଛନ୍ତି। ଏହା ସେମିତି କୌଣସି ବଡ଼ ଅପରାଧ ନୁହେଁ ବୋଲି ପୋଲିସକୁ କହିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

# ବଳାତ୍କାରୀଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ



**ଅନୁଗୋଳ ଅଫିସ, ୧୪।୧୨**

ଅନୁଗୋଳ ଜିଲା ବିକ୍ରମପୁର ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ବଳାତ୍କାର ମାମଲାର ଶୁଣାଣି କରି ଅନୁଗୋଳ କୋର୍ଟ ଶୁକ୍ରବାର ଅଭିଯୁକ୍ତ କେନ୍ଦୁପଲ୍ଲୀ ହଟିଙ୍ଗ ଅଞ୍ଚଳର ସ୍ୱାଧୀନ ପୂର୍ତ୍ତି(୨୮)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ୧୭ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ମାମଲାର ବିଚାର କରୁଥିବା ଆଡିସିନାଲ ସେସନ୍ସ ଜଜ୍ କମ୍ ସ୍ପେଶାଲ ଜଜ୍ ସୌଭାଗିନୀ ମଲ୍ଲିକ ଏହି ଦଣ୍ଡବିଧାନ କରିଛନ୍ତି। ୨୦୧୫ ଜାନୁୟାରୀ ୧ରେ ଏହି ଘଟଣା ଘଟିଥିଲା। ନାବାଳିକାଙ୍କୁ ସମ୍ପର୍କୀୟଙ୍କ ଘରକୁ ନେଇଯିବାକୁ କହି ଅଭିଯୁକ୍ତ ସ୍ୱାଧୀନ ଏକ ବୋଲେରୋରେ ନେଇ ବଳାତ୍କାର କରିଥିଲେ। ୩ ତାରିଖରେ ଛାଡ଼ିଦେବା ପରେ ନାବାଳିକାଙ୍କ ବଡ଼ ଭଉଣୀ ତାଙ୍କୁ ଘରକୁ ଆଣିଥିଲେ। ଜାନୁୟାରୀ ୫ରେ ଏ ନେଇ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ସରୋଜ କୁମାର ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

## ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ପ୍ରଦର୍ଶନୀ

# ବିଜ୍ଞାନ ଜ୍ଞାନର ଭଣ୍ଡାର



କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଅତିଥିମାନେ।

**ଅନୁଗୋଳ ଅଫିସ, ୧୪।୧୨**

ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଅଷ୍ଟମ ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଶୁକ୍ରବାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଜୀବନର ଆହ୍ୱାନ ପାଇଁ ବିଜ୍ଞାନ ଭିତ୍ତିରେ ସମାଧାନ ଶୀର୍ଷକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ଅନିଲ କୁମାର ସାମଲ ଯୋଗଦେଇ କହିଥିଲେ ଯେ, ବିଜ୍ଞାନ ପ୍ରଦର୍ଶନୀ ମାଧ୍ୟମରେ ପିଲାମାନଙ୍କ ମଧ୍ୟରେ ଥିବା ଜ୍ଞାନର ପରିପ୍ରକାଶ ହୋଇଥାଏ। ସାମ୍ପ୍ରତିକ ପରିସ୍ଥିତିରେ ବିଜ୍ଞାନର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପିଲାମାନେ ଭଲ ପାଠପଢ଼ି ସମାଜର ହିତ ପାଇଁ କାର୍ଯ୍ୟ କରନ୍ତୁ। ମୁଖ୍ୟବକ୍ତା ଭାବେ ସରାଙ୍ଗସ୍ଥିତ ଆଇଜିଆଇଟିର ମେକାନିକାଲ ଇଞ୍ଜିନିୟରିଂ ମୁଖ୍ୟ ପ୍ରଫେସର ବିଦ୍ୟାଧର ସାହୁ ଯୋଗଦେଇ ବିଜ୍ଞାନ ଜ୍ଞାନର ଭଣ୍ଡାର ବୋଲି କହିଥିଲେ। ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ସଭାରେ ଅଧକ୍ଷତା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରିତା କେରକେଟା ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶିଳ୍ପୀ ଦେ ସ୍ୱାଗତ ଜଣାଇଥିବାବେଳେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ କେଦାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଅଞ୍ଜଳି ପ୍ରିୟା ପ୍ରଧାନ ସଂଯୋଜନା କରିଥିଲେ। ପରେ ଜିଲାପାଳ ୧୬୧ଟି ପ୍ରକଳ୍ପ ସ୍ଥାନ ପାଇଥିବା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ବୁଲି ଦେଖିଥିଲେ। ଆୟୋଜନରେ ଓଷ୍ଟା ସଭାପତି ସରୋଜ କୁମାର ପାଣିଗ୍ରାହୀଙ୍କ ସମେତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଜିଲା ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ଯୋଗ ଦେଇଥିଲେ।







Mock Test Paper for Std X, XII CBSE Board, IIT - JEE Main & Advanced.

FOR ANSWERS VISIT : **www.dharitri.com**

# MOCK TEST PAPER # 1

## IITJEE (Main) (MATHEMATICS)

**Time : 1 hour** **Maximum Marks: 120**

### GENERAL INSTRUCTIONS

*For each question you will be given **4** Marks if you have darkened only the bubble corresponding to the correct answer and zero mark if no bubble is darkened. In all other cases, minus **one (–1)** Marks **(NEGATIVE MARKING)** will be given.*

1. The shaded region in the figure is:




(A) $A\cap(B\cup C)$ (B) $A\cup(B\cap C)$

(C) $A\cap(B-C)$ (D) $A-(B\cup C)$

2. If $\alpha, \beta$ are the roots of equation $u^2 - 2u + 2 = 0$ and if $\cot\theta = x + 1$

then $\left[\frac{(x+\alpha)^n-(x+\beta)^n}{(\alpha-\beta)}\right]$ is equal to

(A) $\frac{\sin n\theta}{\sin^n\theta}$ (B) $\frac{\cos n\theta}{\cos^n\theta}$

(C) $\frac{\sin n\theta}{\cos^n\theta}$ (D) $\frac{\cos n\theta}{\sin^n\theta}$

3. If $\alpha$ and $\beta$ are roots of equation $x^2 - 7x - 1 = 0$ then the value of $\frac{(\alpha^{10}-\beta^{10})-(\alpha^8-\beta^8)}{\alpha^{(\alpha+\beta+2)}-\beta^{(\alpha+\beta+2)}}$ is equal to

(A) 1 (B) 0

(C) 7 (D) 1/7

4. For a matrix $A=\begin{bmatrix}1 & 2r-1\\ 0 & 1\end{bmatrix}$, the value of $\prod_{r=1}^{50}\begin{bmatrix}1 & 2r-1\\ 0 & 1\end{bmatrix}$ is equal to

(A) $\begin{bmatrix}1 & 100\\ 0 & 1\end{bmatrix}$ (B) $\begin{bmatrix}1 & 4950\\ 0 & 1\end{bmatrix}$

(C) $\begin{bmatrix}1 & 5050\\ 0 & 1\end{bmatrix}$ (D) $\begin{bmatrix}1 & 2500\\ 0 & 1\end{bmatrix}$

5. The value of the determinant

$\begin{vmatrix}x & x+a & x+2a\\ x+1 & x+2a & x+4a\\ x+2 & x+3a & x+6a\end{vmatrix}$ is

(A) 0 (B) $a^3 - x^3$

(C) $x^3 - a^3$ (D) $(x - a)^3$

6. In how many ways we can select of 6 persons from 6 boys and 3 girls if atleast two Boys and at least two girls must be three in the committee ?

(A) 45 (B) 55

(C) 65 (D) 75

7. Let $f(n)=\sum_{r=1}^{n}\left({}^nC_r\right)^2$ then the value of f(5) is equal to

(A) 1000 (B) 1250

(C) 1750 (D) 2500

8. If $b_r = 1 - a_r$, $na=\sum_{r=1}^{n}a_r$, $nb=\sum_{r=1}^{n}b_r$,

then $\sum_{r=1}^{n}a_rb_r+\sum_{r=1}^{n}(a_r-a)^2=$ ........

(A) ab (B) –nab

(C) (n + 1)ab (D) nab

9. If $1+\sum_{r=0}^{18}\{r(r+2)+1\}r!=k!$ then k! then k is not divisible by:

(A) 4 (B) 5

(C) 6 (D) 10

10. Let $f: R\to(0,\infty)$ be a real valued function satisfying $\int_0^x uf(x-u)\,du=e^{2x}-2x-1$, then the value of $\lim_{x\to0}\frac{f(x)-4}{x}=$

(A) 4 (B) 6

(C) 8 (D) 10

11. Number of points where function f(x) = max(|tanx|, cos|x|) is non differentiable in the interval $(-\pi, \pi)$ is

(A) 4 (B) 6

(C) 3 (D) 2

12. Let $f(x) = x^3 + ax^2 + bx + 5\sin^2x$ be an increasing function in the set of real numbers R. Then a and b satisfy the condition:

(A) $a^2 - 3b - 15 \geq 0$

(B) $a^2 - 3b + 15 \geq 0$

(C) $a^2 + 3b - 15 \leq 0$

(D) a > 0, b > 0

13. If $f\left(x+\frac{y}{8},x-\frac{y}{8}\right)=xy$

then f(m, n) + f(n, m) = 0

(A) only when m = n

(B) only when $m \neq n$

(C) only when m = –n

(D) for all m and n

14. $\int\frac{dx}{x(\log x)(\log\log x).....\left(\underbrace{\log\log......x}_{8\text{ times}}\right)}$ is equal to

(A) $\left(\underbrace{\log\log.......x}_{8\text{ times}}\right)+c$

(B) $\left(\underbrace{\log\log.......x}_{7\text{ times}}\right)+c$

(C) $\left(\underbrace{\log\log.......x}_{9\text{ times}}\right)+c$

(D) $\left(\underbrace{x\log\log.......x}_{9\text{ times}}\right)+c$

15. $\int_0^{\sqrt2}[x^2]\,dx$ is equal to: (where [ ] represent greatest integer function).

(A) $2-\sqrt2$ (B) $2+\sqrt2$

(C) $\sqrt2-1$ (D) $\sqrt2-2$

16. For non-zero vectors

$\vec a.\vec b.\vec c\left|(\vec a\times\vec b).\vec c\right|=|\vec a||\vec b||\vec c|$ holds if and only if:

(A) $\vec a.\vec b=0, \vec b.\vec c=0$

(B) $\vec c.\vec a=0, \vec a.\vec b=0$

(C) $\vec a.\vec c=0, \vec b.\vec c=0$

(D) $\vec a.\vec b=\vec b.\vec c=\vec c.\vec a=0$

17. The distance of the point (1, –2, 3) from the plane x – y + z – 5 = 0, measured parallel to the line $\frac{x}{2}=\frac{y}{3}=\frac{z-1}{-6}$ is equal to

(A) 1 unit (B) 2 units

(C) 3 units (D) $\sqrt3$ units

18. Intersection point of the line

$\frac{x-1}{2}=\frac{y-2}{3}=\frac{z-3}{4}$ and $\frac{x-4}{5}=\frac{y-1}{2}=\frac{z}{1}$

(A) (1, 1, 1) (B) (–1, –1, –1)

(C) (1, 0, 1) (D) (–1, –1, 1)

19. Three athletes A, B and C particular in a race. Both A and B have the same probability of winning the race and each is twice as likely to win as C. The probability that B or C wins the race is: (There is not tie and one must wins)

(A) 2/3 (B) 3/5

(C) 3/4 (D) 13/25

20. The area of region

$\{(x,y): x^2+y^2\leq1\leq x+y\}$ is:

(A) $\frac{\pi^2}{5}$ sq. units (B) $\frac{\pi^2}{2}$ sq. units

(C) $\frac{\pi^2}{4}$ sq. unit (D) $\left(\frac{\pi}{4}-\frac{1}{2}\right)$ sq. unit

21. The solution of the differential equation $\frac{dy}{dx}+\frac{2yx}{1+x^2}=\frac{1}{(1+x^2)^2}$ is:

(A) $y(1+x^2)=c+\tan^{-1}x$

(B) $\frac{y}{(1+x^2)}=c+\tan^{-1}x$

(C) $y\log(1+x^2)=c+\tan^{-1}x$

(D) $y(1+x^2)=c+\tan^{-1}x$

22. The gradient of common chord of the circles $x^2 + y^2 - 3x - 4y + 5 = 0$ and $3x^2 + 3y^2 - 7x + 8y + 11 = 0$ is

(A) $\frac{1}{3}$ (B) $-\frac{1}{10}$

(C) $-\frac{1}{2}$ (D) $-\frac{2}{3}$

23. A ray of light passing through at point (1, 2) is reflected on the x-axis is point P and passes through the point (5, 3). Then the abscissa of the point P is:

(A) –3 (B) $\frac{13}{3}$

(C) $\frac{13}{5}$ (D) $\frac{13}{4}$

24. The radius of the circle passing through the foci of the ellipse $\frac{x^2}{16}+\frac{y^2}{9}=1$, and having its centre at (0, 3) is

(A) 4 (B) 3

(C) $\sqrt{12}$ (D) $\frac{7}{2}$

25. The ends of a line segment are P(1, 3) and Q(1, 1), R is a point on the line segment PQ such that PR : QR = 1 : $\lambda$. If R is an interior point of the parabola $y^2 = 4x$, then complete values of $\lambda$ is given by:

(A) $\lambda\in(0, 1)$ (B) $\lambda\in\left(-\frac{3}{5},1\right)$

(C) $\lambda\in\left(\frac{1}{2},\frac{3}{5}\right)$ (D) $\lambda\in\left(-\frac{3}{5},1\right]$

26. If $x\in\left(-\frac{\pi}{2},\frac{\pi}{2}\right)$, then the value of

$\tan^{-1}\left(\frac{\tan x}{4}\right)+\tan^{-1}\left(\frac{3\sin 2x}{5+3\cos 2x}\right)$ is

(A) $\frac{x}{2}$ (B) 2x

(C) 3x (D) x

27. The number of integral values of m, for which the x-coordinate of the point of intersection of the lines 3x + 4y = 9 and y = mx + 1 is also an integer is

(A) 2 (B) 0

(C) 4 (D) 1

28. Mean of 100 items is 49. It was discovered that three item which should have been 60, 70, 80 were wrongly read as 40, 20, 50 respectively. The correct mean is:

(A) 48 (B) 82

(C) 50 (D) 80

29. If $\sin\theta=-\frac{4}{5}$ and $\theta$ lies in the third quadrant, then $\cos\frac{\theta}{2}$ is equal to:

(A) $\frac{1}{\sqrt5}$ (B) $-\frac{1}{\sqrt5}$

(C) $\sqrt{\frac{2}{5}}$ (D) $-\sqrt{\frac{2}{5}}$

30. Consider:

Statement-1: $(p\wedge\sim q)\wedge(\sim p\wedge q)$ is a fallacy.

Statement-2: $(p\to q)\leftrightarrow(\sim q\to\sim p)$ is a tautology.

(A) Statement 1 is true, statement 2 is true, statement 2 is not a correct explanation for statement 1

(B) Statement 1 is true, Statement 2 is false.

(C) Statement 1 is false, statement 2 is true.

(D) Statement 1 is true, statement 2 is true, statement 2 is a correct explanation for statement 1.

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION

NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

# ବିଦେଶୀ ଭାଷା ଶିକ୍ଷା ଆଣିଦେବ ସୁଯୋଗ

ବିଦେଶରେ ଚାକିରି କରିବାକୁ ହେଲେ ଶିକ୍ଷାଗତ ଯୋଗ୍ୟତା ହାସଲ ସହ ସେ ଦେଶର ଭାଷା ଜ୍ଞାନ ଥିବା ଜରୁରୀ। ଏହା ନ ହେଲେ ଯେତେ ପାଠ ପଢ଼ିଲେ କ'ଣ ହେବ ସ୍ଥାନୀୟ ଭାଷା ଜ୍ଞାନ ଅଭାବରେ ଚାକିରି କରିବା ଦୁରୂହ ବ୍ୟାପାର ହୋଇଯାଏ। ବିଦେଶୀ ଭାଷା ଜାଣିଥିଲେ ସେ ଦେଶରେ ଚଳିବା ସହଜ ହୋଇଥାଏ ଏବଂ ଜନ ସମ୍ପର୍କ ସୃଷ୍ଟିରେ ଏହା ସହାୟକ ହୁଏ। ବିଦେଶୀ ଭାଷା ଶିଖିବା ଆଜିର ଦୁନିଆରେ ଅନେକ ସୁଯୋଗ ସୃଷ୍ଟି କରିଛି। କାରଣ ଆଜି ବିଶ୍ୱ ଏକ ଗ୍ରାମ ହୋଇଗଲାଣି। ବିଦେଶୀ ଭାଷା ଜାଣିବା ଦ୍ୱାରା ଦେଶରେ ପ୍ରତିଷ୍ଠିତ ବିଦେଶୀ କମ୍ପାନୀରେ ଚାକିରି କରିବା ସହଜ ହେବା ସହିତ ଜଣେ ବିଦେଶୀ ଭାଷାବିତ୍ ଭାବେ ବିଦେଶୀଙ୍କୁ ପର୍ଯ୍ୟଟନ କ୍ଷେତ୍ରରେ ଅନେକ ସହାୟତା ଦେଇପାରିବେ। ଆଜିକାଲି ବିଦେଶୀ ଭାଷା ଶିଖିବା ସହଜ ହୋଇଗଲାଣି। ଯେକୌଣସି ଭାଷାର ସାର୍ଟିଫିକେଟ କୋର୍ସ ଆପଣଙ୍କ କ୍ୟାରିୟର ପାଇଁ ବହୁ ଦ୍ୱାର ଖୋଲି ଦେବ। ବିଦେଶୀ ଭାଷାରେ ଡିଗ୍ରୀ, ସାର୍ଟିଫିକେଟ, ଡିପ୍ଲୋମା ଓ ଆଡଭାନ୍ସଡ ଡିପ୍ଲୋମା କୋର୍ସ କରିହେବ। ଏଥିପାଇଁ ଇଣ୍ଟରମିଡିଏଟ ବା ଦ୍ୱାଦଶ ଶ୍ରେଣୀ ପାସ୍ କରିବାକୁ ହେବ।






## ଜବ୍ ପ୍ରୋଫାଇଲ

**ଟିଚର:** ବିଦେଶୀ ଭାଷାରେ କ୍ୟାରିୟର ସମ୍ଭାବନା କହିଲେ ଟିଚର ଚାକିରି ଏକ ଚମତ୍କାର ବିକଳ୍ପ ହୋଇପାରେ। ଏଥିଲାଗି ପିଏଚ୍.ଡି ସହିତ ନେଟ୍ କ୍ୱାଲିଫାଇ କରିବାକୁ ହେବ। ବହୁ ଇନଷ୍ଟିଚ୍ୟୁଟ୍ ବିଦେଶୀ ଭାଷାରେ କୋର୍ସ କରାଉଛନ୍ତି। ସେଠାରେ ଆପଣ ଟିଚର ରୂପେ କାର୍ଯ୍ୟ କରିପାରିବେ। ଶିକ୍ଷାପ୍ରଦାନକୁ ଜଣେ ବ୍ୟକ୍ତି ପାର୍ଟଟାଇମ୍ ଜବ୍ ଭାବେ ଆପଣାଇପାରିବ।

**ଇଣ୍ଟରପ୍ରେଟର:** ଟେଲିକନ୍‌ଫରେନ୍ସିଂ ଓ ଭିଡିଓ କନଫରେନ୍ସିଂ ଭଳି ଟେକ୍ନୋଲୋଜି ଆସିଯିବା ପରେ ଏବେ ଦୁନିଆର ଯେ କୌଣସି କୋଣରେ ରହି ଜଣେ କିମ୍ବା ଏକାଧିକ ବ୍ୟକ୍ତିଙ୍କ ସହିତ ମିଟିଂ ଅଥବା କନଫରେନ୍ସ କରିହେଉଛି। ଏଥିପାଇଁ ବିଦେଶୀ ଭାଷାର ବିଶେଷଜ୍ଞଙ୍କ ସହାୟତା ନିଆଯାଉଛି, ଯିଏକି ଇଣ୍ଟରପ୍ରିଟର ବା ଦୁଇଭାଷୀଙ୍କ ଭଳି କାର୍ଯ୍ୟ କରିବ। ଇଣ୍ଟରପ୍ରିଟର ହେବା ପାଇଁ ଆପଣଙ୍କୁ ଦୁଇରୁ ଅଧିକ ଭାଷା ଜ୍ଞାନ ରହିବା ଆବଶ୍ୟକ। ଏଥିରେ ଭାଷା ସମ୍ପର୍କରେ ଅଧିକ ଜ୍ଞାନ ସହ ବାକ୍‌ଚାତୁରୀ ମଧ୍ୟ ରହିବା ଆବଶ୍ୟକ। ଏହାଛଡା ଏଟିକେଟ୍ସ ବା ବ୍ୟବହାର ଶୈଳୀ ମଧ୍ୟ ସୁନ୍ଦର ହେବା ଜରୁରୀ।

**ଟ୍ରାନ୍ସଲେଟର:** ଅନେକ କମ୍ପାନୀ ଅଛନ୍ତି ଯିଏ ନିଜର ବ୍ୟବସାୟୀକ ପାର୍ଟନର ଅଥବା କ୍ଲାଏଣ୍ଟଙ୍କ ସହ ଯୋଗାଯୋଗ ରକ୍ଷା କରିବା ପାଇଁ ଟ୍ରାନ୍ସଲେଟରଙ୍କୁ ନିଯୁକ୍ତି ଦେଇଥାନ୍ତି। ସେମାନଙ୍କ ବ୍ୟବସାୟ ସମ୍ବନ୍ଧୀୟ ଲେଖାକୁ ଟ୍ରାନ୍ସଲେଟ କରିବାର ଆବଶ୍ୟକତା ଦେଖାଦିଏ। ଏପରି ସ୍ଥାନରେ ଜଣେ ବ୍ୟକ୍ତି ରେଗୁଲାର, ଫୁଲ ଟାଇମ୍ ଅଥବା ପାର୍ଟ ଟାଇମ୍ ଟ୍ରାନ୍ସଲେଟର ଭାବେ କାମ କରିପାରିବେ। ଅନେକ ଏଜେନ୍ସି ବିଦେଶୀ ଭାଷାର ଟ୍ରାନ୍ସଲେଟରଙ୍କୁ ନିଯୁକ୍ତି ଦେଇଥାନ୍ତି। ବହି, ସନ୍ଦର୍ଭ ଲେଖା, ଫିଲ୍ମର ସ୍କ୍ରିପ୍ଟ ଆଦି ଲାଗି ଟ୍ରାନ୍ସଲେଟରଙ୍କ ଆବଶ୍ୟକତା ପଡିଥାଏ। ଜଣେ ଭଲ ଟ୍ରାନ୍ସଲେଟରଙ୍କୁ ଭାଷା ଜ୍ଞାନ ସହିତ ଅନ୍ୟାନ୍ୟ ସମ୍ବନ୍ଧିତ ବିଷୟ ଉପରେ ଜ୍ଞାନ ରହିବା ଆବଶ୍ୟକ। ଏହା ହେଲେ ମୂଳ ଭାଷାର ଭାବକୁ ସେ ଭଲ ଭାବେ ଉପସ୍ଥାପନ କରିପାରିବେ।

**ବିପିଓ:** ଭାରତରେ ବିପିଓ ଉଦ୍ୟୋଗ ଦ୍ରୁତଗତିରେ ବଢୁଛି। ବିଦେଶୀ ଭାଷାରେ ଦକ୍ଷ ପେସାଦାରଙ୍କ ଯୋଗୁ ଏହା ସମ୍ଭବ ହୋଇପାରୁଥିବା ମୁଖ୍ୟ କାରଣ ଭାବେ କୁହାଯାଉଛି। ଏମାନେ ଡାଟା ପ୍ରୋସେସିଂଠାରୁ ଆରମ୍ଭ କରି ଅନ୍ୟ କାମକୁ ନିଜର ଦକ୍ଷତା ହିସାବରେ ତୁଲାଇ ପାରୁଛନ୍ତି।

**ବିଦେଶୀ ସେବା:** ଫ୍ରେଞ୍ଚ, ଜର୍ମାନ, ରସିଆନ ଭାଷାରେ ମାଷ୍ଟର୍ସ ଡିଗ୍ରୀ ହାସଲ କରିଥିବା ବ୍ୟକ୍ତି ଲୋକ ସେବା ଆୟୋଗ ଦ୍ୱାରା ଆୟୋଜିତ ପରୀକ୍ଷାରେ ସାମିଲ ହୋଇ ଆଇଏଏସ୍ ଅଥବା ଆଇଏଫ୍ଏସ୍ ହୋଇପାରିବେ।

## ସୁଯୋଗ ମିଳିବ କେଉଁଠି

ବିଶ୍ୱ ବାଣିଜ୍ୟ ସଂଗଠନ(ଡବ୍ଲ୍ୟୁଟିଓ), ଜାତିସଂଘ ସଂଗଠନ, ବିଶ୍ୱବ୍ୟାଙ୍କ, ୟୁନିସେଫ୍ ଭଳି ଅନ୍ତଃରାଷ୍ଟ୍ରୀୟ ସଂଗଠନ ବ୍ୟତୀତ ବିଭିନ୍ନ ଏୟାର ଲାଇନ୍ସରେ ଚାକିରି ସୁଯୋଗ ରହିଛି। ଏହାବ୍ୟତୀତ ପର୍ଯ୍ୟଟନ, ହୋଟେଲ, ଇଣ୍ଟରନ୍ୟାଶନାଲ ମିଡିଆ ହାଉସ (ପ୍ରିଣ୍ଟ, ରେଡିଓ, ଟିଭି)ରେ ନ୍ୟୁଜ ଟ୍ରାନ୍ସଲେଟର ଅଥବା ଜଣେ ରିପୋର୍ଟର ଭାବେ ନିଜର କ୍ୟାରିୟର ଆରମ୍ଭ କରିପାରିବେ। ଏହାଛଡା ଦେଶର ବଡ଼ ବଡ଼ କମ୍ପାନୀ ଏଚ୍.ପି, ଓରାକଲ୍, ସାମସଙ୍ଗ, ହୁଣ୍ଡାଇ, ଏଲ୍‌ଜି, ଥମ୍ପଶନ, ଜି.ଇ, ଆଭେଣ୍ଟିସ ଆଦି କମ୍ପାନୀ ବିଦେଶୀ ଭାଷା ବିଶେଷଜ୍ଞଙ୍କୁ ନିଯୁକ୍ତ କରିଥାନ୍ତି। ଏହାବାଦ୍ ଯାତ୍ରା ଓ ପର୍ଯ୍ୟଟନ କ୍ଷେତ୍ର, ହୋଟେଲ ଉଦ୍ୟୋଗ, ପ୍ରଦର୍ଶନୀ ଏବଂ ମେଳା, ଏୟାରଲାଇନ୍ସ କାର୍ଯ୍ୟାଳୟ, ରପ୍ତାନି ଏଜେନ୍ସି, ରେଡିଓ ଷ୍ଟେଶନ, ବାଣିଜ୍ୟ ସଂଗଠନରେ ବିଦେଶୀ ଭାଷାର ବିଶେଷଜ୍ଞଙ୍କୁ ନିଯୁକ୍ତି ସୁଯୋଗ ମିଳିଥାଏ।

## ଦରମା

ଜଣେ ଟ୍ରାନ୍ସଲେଟରଙ୍କୁ ପ୍ରତି ପୃଷ୍ଠା ଲାଗି ୧୫୦ରୁ ୩୦୦ ଟଙ୍କା ମିଳିଥାଏ। ଏଥିସହିତ ଲୋକପ୍ରିୟ ବିଦେଶୀ ଭାଷା ଯେପରି ଜର୍ମାନୀ ଓ ଫ୍ରେଞ୍ଚ ଭାଷା ଲାଗି ୩୦୦ରୁ ୫୦୦ ଟଙ୍କା ପ୍ରତି ପୃଷ୍ଠା ଏବଂ ଜାପାନୀ ତଥା ଆରବି ଭାଷା ଲାଗି ୭୫୦ ଟଙ୍କା ପ୍ରତି ପୃଷ୍ଠା ପାରିଶ୍ରମିକ ମିଳିଥାଏ। କେତେକ କ୍ଷେତ୍ରରେ ଅଧିକ ମଧ୍ୟ ମିଳିଥାଏ। ସେହିପରି ଶିକ୍ଷକତା କ୍ଷେତ୍ରରେ ୨୦ ହଜାରରୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାସକୁ ଦରମା ମିଳିବ। ଅନୁରୂପ ଭାବେ ଜଣେ ଭଲ ଇଣ୍ଟରପ୍ରିଟର ପ୍ରତି ଘଣ୍ଟାରେ ୮ ହଜାର ଟଙ୍କା ରୋଜଗାର କରିପାରିବେ।

## କେଉଁଠି କୋର୍ସ କରି ହେବ

ଲକ୍ଷ୍ନୌ ୟୁନିଭର୍ସିଟି, ଉତ୍ତରପ୍ରଦେଶ, କୋର୍ସ: ସାର୍ଟିଫିକେଟ ଏବଂ ଡିପ୍ଲୋମା ପ୍ରୋଗ୍ରାମ, ଦ ଇଂଲିଶ ଆଣ୍ଡ୍ ଫରେନ ଲାଙ୍ଗୁଏଜ୍ ୟୁନିଭର୍ସିଟି, ଲକ୍ଷ୍ନୌ, କୋର୍ସ: ଗ୍ରାଜୁଏଶନ, ପିଜି, ଡିପ୍ଲୋମା, ଆଲିଗଡ଼ ବିଶ୍ୱବିଦ୍ୟାଳୟ, ଆଲିଗଡ଼, ଏଲିଆନ୍ସ ଫ୍ରାଞ୍ଚାଇଜ, ନୂଆଦିଲ୍ଲୀ, କୋର୍ସ : ଡିଗ୍ରୀ ଓ ଡିପ୍ଲୋମା ପ୍ରୋଗ୍ରାମ, ବାବା ସାହେବ ଆମ୍ବେଦକର ମରାଠାୱାଡା ବିବି, ଔରଙ୍ଗାବାଦ୍, କୋର୍ସ: ଡିପ୍ଲୋମା ପ୍ରୋଗ୍ରାମ, ପଞ୍ଜାବ ବିଶ୍ୱବିଦ୍ୟାଳୟ, ପଟିୟାଲା, କୋର୍ସ: ଡିପ୍ଲୋମା ଓ ସାର୍ଟିଫିକେଟ, ଉତ୍କଳ ୟୁନିଭର୍ସିଟି, ଭୁବନେଶ୍ୱର, କୋର୍ସ: ଡିପ୍ଲୋମା ପ୍ରୋଗ୍ରାମ, ଜାପାନିଜ କଲ୍ଚର ଆଣ୍ଡ ଇନଫର୍ମେଶନ ସେଣ୍ଟର, ଏମ୍ବାସୀ ଅଫ୍ ଜାପାନ,ନୂଆଦିଲ୍ଲୀ, କୋର୍ସ: ଡିପ୍ଲୋମା ପ୍ରୋଗ୍ରାମ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ଦିଲ୍ଲୀ, କୋର୍ସ: ସାର୍ଟିଫିକେଟ ପ୍ରୋଗ୍ରାମ

### କୋର୍ସ ଅବଧି

ସାର୍ଟିଫିକେଟର ଅବଧି ୬ ମାସରୁ ଆରମ୍ଭ ହୋଇ ୧ ବର୍ଷ, ଡିପ୍ଲୋମା ୧-୨ ବର୍ଷ ଏବଂ ଗ୍ରାଜୁଏଶନ ପାଇଁ ୩ ବର୍ଷ ତଥା ପିଜି ଲାଗି ୨ ବର୍ଷ ପାଠ ପଢ଼ିବାକୁ ହେବ।

### ଶିକ୍ଷାଗତ ଯୋଗ୍ୟତା

ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ଜଣେ ଯୁବତୀଯୁବକ ସାର୍ଟିଫିକେଟ କୋର୍ସରେ ପ୍ରବେଶ କରିପାରିବେ।



## ଆବଶ୍ୟକ ଦକ୍ଷତା

ଭାଷା ଉପରେ ଭଲ ଜ୍ଞାନ, ସାମାଜିକ ଚଳଣି, ଅନୁକୂଳ ମନୋଭାବ, ରଚନାତ୍ମକତା ଏବଂ ଉଚ୍ଚ ବୌଦ୍ଧିକ କ୍ଷମତା, ପରିଶ୍ରମ କରିପାରୁଥିବେ ଓ ଦୀର୍ଘ ସମୟ ଧରି କାମ କରିବା ଲାଗି ତତ୍ପରତା ପ୍ରକାଶ କରିପାରୁଥିବେ, ନମନୀୟ ସ୍ୱଭାବ ଓ ନୂଆ କିଛି ଶିଖିବାର ଆଗ୍ରହ, ଦୀର୍ଘ ପଥ ଯାତ୍ରା କରିବାର କ୍ଷମତା ଥିବ।

ବିଦେଶୀ ଭାଷାରେ ଏ-୧, ଏ-୨, ବି-୧, ବି-୨ ସ୍ତରର କୋର୍ସ କରିଥିବା ପ୍ରାର୍ଥୀଙ୍କ ଚାହିଦା ବେଶି। ପ୍ରାର୍ଥୀ ଯଦି କେବଳ ଏ-୧ ସ୍ତରର କୋର୍ସ କରିଦିଏ ତଥାପି ତାଙ୍କୁ ସହଜରେ ନିଯୁକ୍ତି ମିଳିଯିବ। ବିଦେଶୀ ଭାଷାରେ ଶିକ୍ଷାଲାଭ କରିବା ପରେ ଜଣେ ପ୍ରାର୍ଥୀଙ୍କୁ ବିପିଓଠାରୁ ଆରମ୍ଭ କରି ଦୂତାବାସରେ ଏକାଧିକ ଚାକିରି କରିବାର ସୁଯୋଗ ମିଳିଥାଏ। ହଁ, ତେବେ ଏତିକି ଧ୍ୟାନ ଦେବାକୁ ପଡିବ ଯେ, ପ୍ରାର୍ଥୀ କୌଣସି ଭଲ ସଂସ୍ଥାରୁ ବିଦେଶୀ ଭାଷା ଶିକ୍ଷାଲାଭ କରିଥିଲେ ଭଲ। ତା'ହେଲେ ତାଙ୍କୁ ଚାକିରି ଖୋଜିବା ଲାଗି ବାରଦୁଆର ଶୁଣ୍ଢିପିଣ୍ଡା ହେବାକୁ ପଡିବ ନାହିଁ।

# ସଫଳ ହେବାକୁ ହେଲେ...



**ଆଜିଠାରୁ ୧୦ ବର୍ଷ ପରେ ଆପଣ କେଉଁ ସ୍ଥାନରେ ରହିବେ ତାହା ନିର୍ଭର କରିବ ଆଜି ଆପଣ କ'ଣ କରୁଛନ୍ତି ଏବଂ କିଭଳି କରୁଛନ୍ତି। ଏହା ହିଁ ଭବିଷ୍ୟତ ପାଇଁ ଆପଣଙ୍କ ରାସ୍ତା ତିଆରି କରିବ। ସଫଳତା ପାଇବାକୁ ହେଲେ ପାରମ୍ପରିକ ନୀତି ଆପଣାଇବା ସହ କିଛି ନୂଆ କରି ଚିନ୍ତା କରିବାକୁ ହେବ। ଆସନ୍ତୁ ଜାଣିବା ସେଗୁଡିକ ସମ୍ପର୍କରେ...**

**ମନ ଦେଇ କାମ କରନ୍ତୁ :** ଆପଣଙ୍କୁ ଯେଉଁ କାମ ଦିଆଯାଉଛି, ତାହାକୁ ମନ ଲଗେଇ କରନ୍ତୁ। କାମଟି ଯେପରି ଶ୍ରେଷ୍ଠ ହେବ ସେଥିପ୍ରତି ଆପଣଙ୍କୁ ଧ୍ୟାନ ଦେବାକୁ ହେବ। ନିଜର ପ୍ରଦର୍ଶନ ଯେପରି ଶତପ୍ରତିଶତ ହେବ ସେଥିପ୍ରତି ନଜର ଦେବାକୁ ପଡିବ। ପ୍ରତ୍ୟେକ ଥର ପୂର୍ବଠାରୁ ଆହୁରି ଭଲ କରିବାକୁ ଚେଷ୍ଟା କରିବା ବେଳେ ନିଜକୁ ଫୋକସ କରନ୍ତୁ।

**ଅଭିଯୋଗ କରନ୍ତୁ ନାହିଁ:** ସମସ୍ୟାର ସମାଧାନ ଲାଗି ପ୍ରସ୍ତୁତ ନ ଥିଲେ ନିଜେ ଏକ ସମସ୍ୟା ହୋଇଯିବେ। ଏହି କାରଣରୁ ଅଭିଯୋଗ କରିବା ଛାଡି ଏହାକୁ ସାମ୍ନା କରି ସମାଧାନ କରନ୍ତୁ।

**ଆଉ ଟିକିଏ ଅଧିକ:** ଲୋକଙ୍କ ଆଶାଠାରୁ ଅଧିକ କିଛି କରି ଦେଖାଇବା, ଅଧିକ ପ୍ରୟାସ ପାଇଁ ମନରେ ଇଚ୍ଛା ପୋଷଣ କରିବା ଉଚିତ। ଟିକେ ଅଲଗା ଭାବୁଥିବା ବ୍ୟକ୍ତି ତଦନୁସାରେ ଆଗେଇଲେ ଶୀଘ୍ର ସଫଳତା ପାଆନ୍ତି।

**ଭୂମିକା ସ୍ଥିର କରନ୍ତୁ:** ଯେକୌଣସି ପରିସ୍ଥିତିରେ ନିଜକୁ ଜଡିତ କରିବା ଠିକ୍ ନୁହେଁ। ଏହା ଆପଣଙ୍କର ସମ୍ମାନ ଓ ଉନ୍ନତି ପାଇଁ ବାଧକ ହୋଇଥାଏ। ସମସ୍ୟାକୁ ଦେଖି ପ୍ରତ୍ୟେକ ଥର ଭାବିଚିନ୍ତି ନିଜର ଭୂମିକା ସମ୍ପର୍କରେ ସ୍ଥିର ନିଶ୍ଚିତ ହୁଅନ୍ତୁ। ଏହା ସମସ୍ତଙ୍କ ପାଇଁ ସଫଳତାର ସୂତ୍ର।

**ଦୃଷ୍ଟି ନିବଦ୍ଧ ରୁହନ୍ତୁ:** ସଫଳତା ପାଇବାକୁ ହେଲେ ନିଜର ଲକ୍ଷ୍ୟ ସମ୍ପର୍କରେ ପ୍ରଥମେ ସ୍ପଷ୍ଟ ହୁଅନ୍ତୁ। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆପଣଙ୍କ ଲକ୍ଷ୍ୟ କ'ଣ, ଆପଣଙ୍କୁ ପ୍ରକୃତରେ କ'ଣ ଆବଶ୍ୟକ, ଏହା ଆଦୌ ଭୁଲନ୍ତୁ ନାହିଁ। ଯାହା କିଛି ବି ହେଇଯାଉ ନିଜର ଧ୍ୟାନ ଆଦୌ ହଟାନ୍ତୁ ନାହିଁ। ଦୃଷ୍ଟିନିବଦ୍ଧ ରହିବା ସଫଳତା ଆଣିଦେବ।

**ଭାବିଚିନ୍ତି ବନ୍ଧୁ ବାଛନ୍ତୁ:** ଯୁଗେ ଯୁଗେ ଭଲ ବନ୍ଧୁଟିଏର ଆବଶ୍ୟକତା ରହିଆସିଛି। ସଫଳ ବ୍ୟକ୍ତି ପଛରେ ବନ୍ଧୁଙ୍କ ବଡ଼ ଭୂମିକା ରହିଥାଏ। ସାଧାରଣତଃ ସଫଳ ବ୍ୟକ୍ତିର ବନ୍ଧୁ ମଧ୍ୟ ସଫଳ ଓ ଯୋଗ୍ୟ ହୋଇଥାନ୍ତି।

**ଆତ୍ମବିଶ୍ୱାସ ରହିବା ଆବଶ୍ୟକ:** ଅନେକଥର ଦେଖାଯାଇଛି ଯେ, ପ୍ରତିଭାସମ୍ପନ୍ନ ବ୍ୟକ୍ତି କଠିନ ପରିଶ୍ରମ କରି ମଧ୍ୟ ସଫଳତା ପାଏନାହିଁ। ଏହାର ମୁଖ୍ୟ କାରଣ ହେଲା ତାଙ୍କର ନିଜ ଉପରେ ଭରସା ନ ରହିବା। ନିଜକୁ ନିଜେ ଭରସା କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଆତ୍ମବିଶ୍ୱାସ ଥିଲେ ଅନେକ ବଡ଼ ବାଧାକୁ ସହଜରେ ଦୂର କରିହେବ।

**ନିଜର କାର୍ଯ୍ୟ ଉପରେ ନଜର ରଖନ୍ତୁ:** ନିଜର କାର୍ଯ୍ୟ ଯୋଗୁ ଆପଣଙ୍କୁ ସମ୍ମାନ ମିଳିପାରେ ଅଥବା ଅସମ୍ମାନିତ ହୋଇପାରନ୍ତି। ଏହି କାରଣରୁ ଆପଣଙ୍କୁ ନିଜର ପ୍ରତ୍ୟେକ କାର୍ଯ୍ୟ ଉପରେ ନଜର ଦେବାକୁ ପଡିବ। ଭୁଲ୍‌ରେ ଆପଣ ଏପରି କିଛି କାର୍ଯ୍ୟ କରନ୍ତୁନି ଯାହା ଦ୍ୱାରା ଆପଣଙ୍କ ଚରିତ୍ରରେ ଦାଗ ଲାଗିବ। ବ୍ୟକ୍ତିର ଚରିତ୍ର ତା'ର ସବୁଠାରୁ ବଡ଼ ସମ୍ପତ୍ତି। ଏହି କାରଣରୁ ପ୍ରତ୍ୟେକ କାମ କରିବା ବେଳେ ନିଜର ସମ୍ମାନ ଓ ଚରିତ୍ର ପ୍ରତି ଧ୍ୟାନ ଦିଅନ୍ତୁ।

**ବଞ୍ଚିବାର ଲକ୍ଷ୍ୟ:** ନିଜକୁ ନିଜେ ପଚାରନ୍ତୁ, ଆପଣ କ'ଣ ପାଇଁ ବଞ୍ଚିଛନ୍ତି। ଆପଣଙ୍କ ଲକ୍ଷ୍ୟ କ'ଣ। ବଞ୍ଚିବା ଅତ୍ୟନ୍ତ ସୁନ୍ଦର। କିଛି କାମ କରି ସଫଳ ନ ହେବା, କିଛି ନ କରି ବିଫଳ ହେବାଠାରୁ ଢ଼େର୍‌ଗୁଣରେ ଭଲ। ଏହି କାରଣରୁ ଆପଣଙ୍କ ବଞ୍ଚିବାର ଉଦ୍ଦେଶ୍ୟ କ'ଣ ତାହା ଖୋଜନ୍ତୁ।

**ମୁଡ୍ ଭଲ ରଖନ୍ତୁ:** ଦିନଟି କିପରି ଭଲରେ କଟିବ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଅନେକ ଥର ଦେଖାଯାଇଛି ଯେ, ଛୋଟ ଛୋଟ କଥାରେ ମୁଡ୍ ଖରାପ ହୋଇଯାଏ। ଏହାକୁ ଦେଖି ଆମେ କିଛି କରୁନା। କେବଳ ଚିଡ଼ ଚିଡା ହେଉ। ଏହା ଭଲ ଲକ୍ଷଣ ନୁହେଁ। ସଫଳତାରେ ଏହା ଅନ୍ୟତମ ବଡ଼ ବାଧକ। କାରଣ ଚିଡ଼ଚିଡା ବ୍ୟକ୍ତିକୁ କେହି ପସନ୍ଦ କରନ୍ତି ନାହିଁ। ଏଣୁ ସକାଳୁ ଉଠିବା ପରେ ସକାରାତ୍ମକ ମନୋଭାବ ସହ କାମ ଆରମ୍ଭ କରନ୍ତୁ। ପରେ ଆଉ ସବୁ ଈଶ୍ୱରଙ୍କ ଉପରେ ଛାଡି ଦିଅନ୍ତୁ।

**URGENT REQUIRED**
Wanted Dynamic experienced Marketing Executive for a renowned Spice Manufacturing Company in BBSR. Eligibility: Minimum Graduation/ MBA with minimum 3yrs of experience as Marketing Executive having own bike. Salary: 8000/-.
Contact: 9938102944, 9439689964

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

ସୁବର୍ଣ୍ଣ ଅବସର "ଭୁବନେଶ୍ୱର ଓ କଟକ"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ୍ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 08033948529
RAPIDO BIKE TAXI, C/O SAMIR KUMAR MOHANTY, 3RD FLOOR, NEAR KUSUMDEVI WOMENS COLLEGE, DARKHAPATNA KALYANI NAGAR, P.S. MADHUPATNA, CUTTACK.
(For Bhubaneswar & Cuttack)

**WANTED**
ଧରିତ୍ରୀ DHARITRI Oriya daily is looking for
RECOVERY & PR EXECUTIVES
- MBA candidates should have at least 1 year+ experience in field collection.
- Good communication skills and zeal for work will be rewarded.

Apply immediately to : recruitment@dharitri.com
Attractive salary commensurate with experience

**REQUIRED**
କାର୍ ଏବଂ 407 ଗାଡ଼ି ଚଳାଇବା ପାଇଁ ଡ୍ରାଇଭର ଆବଶ୍ୟକ।
Mob: 7381203300

VIGEN INDIA required 30 smart Boys/Girls candidates for fully office job in various Post. Age: 20-30, Edu: 10th to Graduate. Contact for: Nayapallli & Lewis Road Branch.
9348916882

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ। ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., ମାସିକ ଦରମା upto Rs.25000/-.
Contact Immediately: Mob: 8763257042

**EXIDE LIFE INSURANCE IS HIRING !**
We invite you to be part of a winning performance culture
ROLE : BRANCH MANAGER & AGENCY DEVELOPMENT MANAGER
Eligibility : Graduate with min. 3 years of Experience in Life Insurance.
Salary : As per the Industry + Variable
Location : Puri, Kendrapara, Angul, Baripada, Jajpur, Jharsuguda, Aska (Near Berhampur)
Interested Candidates can call on 8908022111, 9748686600
Email : jayati.basu@exidelife.in
Exide Life Insurance Company Limited (Formerly known as ING Vysya Life Insurance Company Limited), CIN: U66010KA2000P-LC028273. Registered office: 3rd floor, JP Techno Park, No.3/1, Millers Road, Bengaluru- 560001, India. Toll Free : 18004198228, visit : exidelife.in

**SWIGGY REQUIRES**
Work Full Time/ Part Time with Swiggy as a DELIVERY EXECUTIVE (Bike and DL) and earn up to 12000 - 25000 / month (Incentives and Insurance worth 6 lakhs extra).
Walk-in at Swiggy office at Gulmohar Building, Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012 or give a missed call or call us on 011 30017619

A reputed educational institution require a suitable qualified/ semi- qualified CA/ CS/CMA for faculty. For details visit www.sandeepana.co.in

JOBS IN AIRPORT (ONLY MALE)
Post : GROUND STAFF
➔ Qual. : 9th Pass,10th & +2
➔ Age : 18 To 28 Years
➔ Salary : 10,000/- To 25,000/-
Global Certification With 100% Job
Blaze Aviation, Plot No : 576/3398, Nayapalli, Bhubaneswar.
7077708315, 7077708312

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT 07303520928

ବେତନ ୧୪୦୦୦ - ୧୬୦୦୦+ ମାଗଣା ଖାଇବା ଓ ରୁମ୍ (୧) ମହିଳା-ପୁରୁଷ ଘରୋଇ ରୋଷେୟା / ବୟସ ୩୪-୪୫ / ସ୍ଥାୟୀ ଚାକିରି (୨) ଫିଜିଓଥେରାପିଷ୍ଟ /
9884321210

CONTACT:- 9938414918
ଭୁବନେଶ୍ୱର ପାଇଁ Accountant, Computer Operator, Field Officer, Office Asst., Receptionist & Supervisor ଆବଶ୍ୟକ। ଯୋଗ୍ୟତା: 10th/above. ବୟସ: (17-30) yrs, Monthly Salary upto Rs. 24000/-.

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/above. Monthly Salary upto Rs.27000/-.
(Part Time / Full Time)
Contact: 9938676412

**THE KOSALA SCHOOL, Estd-1979**
English Medium Residential School, At-Nuakhairpali, PO-Larasara, Via: Attabira, Dist: Bargarh, Pin: 768027, Mob: 7682032632
REQUIRES THE FOLLOWING TEACHING & NON TEACHING STAFF

| S. N. | Grade | Subject | Qualification | Salary |
|---|---|---|---|---|
| 1 | TGT | English/ Physics/ Chemistry/ Biology/ Mathematics/ Odia/ Hindi/ Social Science | M.A./ B.A./ B.Sc., B.Ed. | Salary will be paid on par with the State Govt. Sikshya Sahayak & Contractual Teachers (Salary is not a constraint for deserving candidates) |
| 2 | PRT | English/ Mathematics/ Science/ Social Science/ Hindi/ Odia | B.A./ B.Sc, CT/B.Ed, CT/NTT, Kobid/Ratna | |
| 3 | Hostel Warden (Male & Female) Age: 35 to 40 yrs | | B.A./ B.Sc. | |
| 4 | PET (Male & Female) | | C.P.Ed./ B.P.Ed | |

- Candidates having teaching experience in English Medium Schools, good Spoken English, computer knowledge and not crossed 45 years of age will be preferred.
- Couples will be given preference and provided with rent free accommodation.
- Selected candidates shall have to stay inside the Hostel campus on free of rent. Selected temporary teachers will get free boarding and lodging.
- Xerox copies of all Certificates, Marksheets, Aadhaar Card, filled up Biodata Form with recent passport size photo & Mobile Number should reach the undersigned in the above address latest by 15th January 2019.
- Original Certificates to be produced at the time of interview for verification.
- No TA/DA will be given for attending the interview.
- For any clarification candidates may call to the phone no (given above) from 10.00 A.M. to 3.00 P.M.

Sd./- (PRINCIPAL)

**REQUIRED** A reputed Business House in Bhubaneswar requires the following experienced and dynamic personnel:
1. SALES MANAGER - Graduation with 3-5 year experience in Lubricants/Automobile/FMCG
2. COUNTER SALESMAN - 2-3 year experience in selling two wheeler spare-parts
3. ACCOUNTS CUM BILLING - Commerce with 2-3 year experience in Tally

Interested candidates may send recent photo with resume to
Email: hr.rctpl@gmail.com, Mob.: 7077799953

**WALK IN INTERVIEW**
A walk in interview will be held on Dt. 23.12.18 at 10 AM for the Post of 1. Front Office Executive, Both Male/ Female with knowledge of computer & experience in clinical establishment, 2.OT Pharmacist, 3. Science Teacher in Usthi Foundation India School at Puri, 4. Managing canteen & coffee shop. Please come with all of your testimonials. Salary is negotiable.
USTHI HOSPITAL
N4 1/1, IRC Village, Nayapalli, BBSR, Ph: 0674-2556267/ 2550312, 9090963722

KONERU LAKSHMAIAH EDUCATION FOUNDATION
Declared u/s 3 of UGC Act 1956, Accredited with A++ by NAAC
KL (DEEMED TO BE UNIVERSITY)
VIJAYAWADA | HYDERABAD
Ph: 0866 - 2577715, 040 - 2354 2127
Applications are invited for the Vijayawada & Hyderabad campuses for the positions of
PROFESSORS
ASSOCIATE PROFESSORS
ASSISTANT PROFESSORS
in Engineering (CSE / ECE / Civil / Bio-Tech / Mechanical / EEE), English, Maths, Physics, Chemistry, Communication Skills, Management, Law, Pharmacy, BFA, Architecture, Commerce, Hotel Management, Soft Skills, Reasoning, Quantitative Aptitude, Psychology, Social Science, Director IAS Academy. Apply online at: www.kluniversity.in/careers.aspx within 15 days
www.kluniversity.in REGISTRAR

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

See CAREER APPOINTMENT on every Wednesday & Saturday

## ସଂକ୍ଷେପରେ

### ଯାନ ଦର ବଢ଼ାଇବ ହୋଣ୍ଡା କାର୍‌ସ ଇଣ୍ଡିଆ

**ନୂଆଦିଲ୍ଲୀ,୧୪-୧୨:** ଆସନ୍ତା ମାସଠାରୁ ଏହାର ସବୁ ରେଞ୍ଜର କାର ମୂଲ୍ୟ ବଢ଼ାଇବା ଲାଗି ହୋଣ୍ଡା କାର୍‌ସ ଇଣ୍ଡିଆ ଶୁକ୍ରବାର ଘୋଷଣା କରିଛି। ଇନ୍‌ପୁଟ ଖର୍ଚ୍ଚ ବଢ଼ିବା ଯୋଗୁ କମ୍ପାନୀ ଏଭଳି ନିଷ୍ପତ୍ତି ନେଉଥିବା ପ୍ରକାଶ କରିଛି। ଇନପୁଟ ଖର୍ଚ୍ଚ ବଢ଼ିବା ଯୋଗୁ କମ୍ପାନୀର ଇନପୁଟ ଖର୍ଚ୍ଚ ୪% ପର୍ଯ୍ୟନ୍ତ ବଢ଼ିଛି । ଏଣୁ ଏହାକୁ ଧ୍ୟାନରେ ରଖି ମଡେଲଗୁଡ଼ିକ ଉପରେ ମୂଲ୍ୟ ବୃଦ୍ଧି ଲାଗି ନିଷ୍ପତ୍ତି ନିଆଯାଇଥିବା ହୋଣ୍ଡା କାରର୍ସ ଇଣ୍ଡିଆ ଲିମିଟେଡର ସେଲସ-ମାର୍କେଟିଂ ବରିଷ୍ଠ ଉପସଭାପତି ତଥା ନିର୍ଦ୍ଦେଶକ ରାଜେଶ ଗୋଏଲ ସୂଚନା ଦେଇଛନ୍ତି।

### ଇ-କମର୍ସରେ ସମ୍ପୂର୍ଣ୍ଣ ଭାବେ ପ୍ରବେଶ କଲା ଇଣ୍ଡିଆ ପୋଷ୍ଟ

**ନୂଆଦିଲ୍ଲୀ, ୧୪-୧୨:** ଇଣ୍ଡିଆ ପୋଷ୍ଟ ପକ୍ଷରୁ ଇ-କମର୍ସରେ ସମ୍ପୂର୍ଣ୍ଣ ଭାବେ ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଇଣ୍ଡିଆ ପୋଷ୍ଟ ଇ-କମର୍ସ ପୋର୍ଟାଲକୁ ଶୁକ୍ରବାର କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ମନୋଜ ସିହ୍ନା ଶୁଭାରମ୍ଭ କରିଛନ୍ତି। ଏହା ଦ୍ୱାରା ଡାକ ବିଭାଗ ଏହାର ପାର୍ସଲ ବାଣିଜ୍ୟକୁ ବୃଦ୍ଧି କରିବା ସହ ଏଣ୍ଡ ଟୁ ଏଣ୍ଡ ପ୍ରଡକ୍ଟ ଡେଲିଭରି ଉପରେ କାର୍ଯ୍ୟ କରିବ। ଡାକ ବିଭାଗର ନିଷ୍ପତ୍ତି ଗ୍ରହଣ ଧାରାକୁ ତ୍ୱରାନ୍ୱିତ କରିବାକୁ ଏକ ପାର୍ସଲ ନିର୍ଦ୍ଦେଶାଳୟ ସ୍ଥାପନ କରାଯାଇଛି। ବିଭିନ୍ନ ଆନୁଷଙ୍ଗିକ ନିଷ୍ପତ୍ତି ଗ୍ରହଣ ଦିଗରେ ଏହା କାର୍ଯ୍ୟ କରିବ ବୋଲି ସିହ୍ନା ସୂଚନା ଦେଇଛନ୍ତି।

### ୧୮ ଲକ୍ଷ ପଞ୍ଜୀକୃତ କମ୍ପାନୀଙ୍କ ମଧ୍ୟରୁ ୬୨% ସକ୍ରିୟ

**ନୂଆଦିଲ୍ଲୀ,୧୪-୧୨:** ଦେଶରେ ବର୍ତ୍ତମାନ ୧୮ ଲକ୍ଷରୁ ଉର୍ଦ୍ଧ୍ୱ ପଞ୍ଜୀକୃତ କମ୍ପାନୀ ରହିଛନ୍ତି। ଚଳିତ ବର୍ଷ ଅକ୍ଟୋବର ଶେଷ ସୁଦ୍ଧା ଏହି କମ୍ପାନୀଗୁଡ଼ିକ ମଧ୍ୟରୁ ୬୨% ସକ୍ରିୟ ଥିବା ଜଣା ପଡ଼ିଛି। ମୋଟ ୧୮.୧୦ ଲକ୍ଷ ପଞ୍ଜୀକୃତ କମ୍ପାନୀ ମଧ୍ୟରୁ ୧୧.୧୬ ଲକ୍ଷ କମ୍ପାନୀ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି ବୋଲି କର୍ପୋରେଟ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ପି.ପି. ଚୌଧରୀ ଶୁକ୍ରବାର ଲୋକସଭାକୁ ସୂଚନା ଦେଇଛନ୍ତି। ମହାରାଷ୍ଟ୍ରରେ ୩.୫୯ ଲକ୍ଷ ପଞ୍ଜୀକୃତ କମ୍ପାନୀ ରହିଥିବା ବେଳେ ଦିଲ୍ଲୀରେ ୩.୨୬ ଲକ୍ଷ ଏବଂ ପଶ୍ଚିମବଙ୍ଗରେ ୧.୯୮ ଲକ୍ଷ କମ୍ପାନୀ ରହିଛନ୍ତି।

### ୪ ବର୍ଷରେ ୨.୩୩ ଲକ୍ଷ କୋଟି ଏନ୍‌ପିଏ ଅସୁଲ

**ନୂଆଦିଲ୍ଲୀ,୧୪-୧୨:** ୨୦୧୪-୧୫ ଆର୍ଥିକ ବର୍ଷଠାରୁ ୨୦୧୭-୧୮ ଆର୍ଥିକ ବର୍ଷ ମଧ୍ୟରେ ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ୨.୩୩ ଲକ୍ଷ କୋଟି ଟଙ୍କାର ଅନାଦାୟ ଋଣ(ଏନ୍‌ପିଏ) ଅସୁଲ କରିଛନ୍ତି। ଏହା ମଧ୍ୟରେ ରାଇଟ ଅଫ୍ ହୋଇଥିବା ୩୨,୬୯୩ ଆକାଉଣ୍ଟରୁ ମଧ୍ୟ ଋଣ ଅସୁଲ କରାଯାଇଥିବା ଅର୍ଥ ରାଷ୍ଟ୍ରମନ୍ତ୍ରୀ ଶିବ ପ୍ରତାପ ଶୁକ୍ଳା ଲୋକସଭାକୁ ଶୁକ୍ରବାର ସୂଚନା ଦେଇଛନ୍ତି। ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ଏସ୍‌ବିଆଇର ମୋଟ ଏନ୍‌ପିଏ ୨.୦୨ ଲକ୍ଷ କୋଟି ଟଙ୍କା ରହିଛି। ସେହିଭଳି ପିଏନ୍‌ବିରେ ୮୦,୯୯୩ କୋଟି, ଆଇଡିବିଆଇରେ ୫୦,୬୯୦ କୋଟି, ବ୍ୟାଙ୍କ ଅଫ୍ ଇଣ୍ଡିଆରେ ୫୦,୩୩୮ କୋଟି, ୟୁନିୟନ ବ୍ୟାଙ୍କରେ ୪୮,୫୬୫ କୋଟି, ବ୍ୟାଙ୍କ ଅଫ୍ ବରୋଦାରେ ୪୬,୪୫୪ କୋଟି, କାନାରା ବ୍ୟାଙ୍କରେ ୪୧,୯୦୭ କୋଟି, ଇଣ୍ଡିଆନ ଓଭରସିଜ ବ୍ୟାଙ୍କରେ ୩୫,୬୦୭ କୋଟି, ୟୁକୋ ବ୍ୟାଙ୍କରେ ୨୮,୮୨୨ କୋଟି ଟଙ୍କାର ଏନ୍‌ପିଏ ରହିଥିବା ଅର୍ଥମନ୍ତ୍ରଣାଳୟ ତଥ୍ୟରୁ ସାମ୍ନାକୁ ଆସିଛି।

> ଦେଶରେ ଇଲେକଟ୍ରୋନିକ୍ସ ମାନୁଫାକଚରିଂକୁ ପ୍ରୋତ୍ସାହିତ କରିବାକୁ ସରକାର ଶୀଘ୍ର ଏକ ଜାତୀୟ ନୀତି ଆଣିବେ।
> – ରବି ଶଙ୍କର ପ୍ରସାଦ, କେନ୍ଦ୍ର ଆଇଟି ମନ୍ତ୍ରୀ



> ୨୦୧୭–୧୮ ଆର୍ଥିକ ବର୍ଷରେ ଦେଶର ବିମାନ ଯାତ୍ରୀ ଟ୍ରାଫିକରେ ୨୦% ଅଭିବୃଦ୍ଧି ଘଟିଛି।
> – ଜୟନ୍ତ ସିହ୍ନା, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ର ମନ୍ତ୍ରୀ



### ନିର୍ବାଚନ ଫଳାଫଳ ବିଗାଡ଼ିଲା ଜିଏସ୍‌ଟି କାଉନ୍‌ସିଲ ଗଣିତ

# ସହମତିରେ ନିଷ୍ପତ୍ତିର ଦିନ ଶେଷ

ନୂଆଦିଲ୍ଲୀ,୧୪–୧୨

- ଭୋଟିଂ ପାଇଁ ବାଧ କରିପାରେ କଂଗ୍ରେସ
- କାଉନ୍‌ସିଲରେ ଏବେ ୬ କଂଗ୍ରେସ ଅର୍ଥମନ୍ତ୍ରୀ
- କେନ୍ଦ୍ର ହାତରେ ୩୩.୩% ଭୋଟ୍ ଅଧିକାର
- ପ୍ରସ୍ତାବ ନାକଚ ପାଇଁ ୧୨ ରାଜ୍ୟର ଭୋଟ୍ ଆବଶ୍ୟକତା
- ପ୍ରସ୍ତାବ ଅନୁମୋଦନ ପାଇଁ ଲୋଡ଼ା ୨୦ ରାଜ୍ୟର ଭୋଟ୍
- ଓଡ଼ିଶା, ତେଲେଙ୍ଗାନା, ତାମିଲନାଡୁ ଭୋଟ୍ ହେବ ଗୁରୁତ୍ୱପୂର୍ଣ୍ଣ




ଆଜିଯାଏ ଜିଏସ୍‌ଟି କାଉନସିଲ ବୈଠକରେ ସହମତି ଭିତ୍ତିରେ ନିଷ୍ପତ୍ତି ନିଆଯାଉଥିଲା। କିନ୍ତୁ ଆଗାମୀ ଦିନରେ ଏହା ଆଉ ସମ୍ଭବ ହେବ ନାହିଁ। କାରଣ ୫ଟି ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ଜିଏସ୍‌ଟି କାଉନ୍‌ସିଲର ଗଣିତ ବିଗାଡ଼ି ଦେଇଛି। ଏଥିରେ କଂଗ୍ରେସ ଶାସିତ ଆଉ ୩ଟି ରାଜ୍ୟ ସାମିଲ ହେବାକୁ ଯାଉଛି। ଫଳରେ ଜିଏସ୍‌ଟି କାଉନ୍‌ସିଲ୍‌ରେ ସହମତି ବଦଳରେ ଭୋଟିଂ ହେବାର ସମ୍ଭାବନା ରହିଛି। ଆସନ୍ତା ୨୨ରେ ହେବାକୁ ଯାଉଥିବା କାଉନ୍‌ସିଲ ବୈଠକ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ପାଇଁ ଅଗ୍ନିପରୀକ୍ଷା ହେବ।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଜିଏସ୍‌ଟି କାଉନ୍‌ସିଲରେ ନିଆଯିବାକୁ ଥିବା ନିଷ୍ପତ୍ତିରେ ମୋହର ମାରିବାକୁ ହେଲେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ୬ଟି କଂଗ୍ରେସ ଶାସିତ ରାଜ୍ୟର ମତକୁ ନିଜ ସପକ୍ଷରେ ନେବାକୁ ହେବ। ଯାହା ସର୍ବଦା ସମ୍ଭବ ହେବ ବୋଲି ମନେକରାଯାଉ ନାହିଁ। କାରଣ କେନ୍ଦ୍ର ସରକାର ଯେଭଳି ତରବରିଆ ଭାବେ ଜିଏସ୍‌ଟିକୁ ଲାଗୁ କଲେ ତାକୁ କଂଗ୍ରେସ ଆରମ୍ଭରୁ ବିରୋଧ କରି ଆସୁଛି। ବୁଧବାର ବରିଷ୍ଠ କଂଗ୍ରେସ ନେତା ତଥା ମଧ୍ୟପ୍ରଦେଶର ଭାବୀ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ବକ୍ତବ୍ୟରୁ ଏହା ସ୍ପଷ୍ଟ ହୋଇଛି। ସେ କହିଛନ୍ତି ଯେ, କେନ୍ଦ୍ର ସରକାର ଯେଭଳି ଭାବେ ଜିଏସ୍‌ଟିକୁ ଲାଗୁ କରିଛନ୍ତି, ତାଙ୍କ ଦଳ ଏହା ବିରୋଧରେ ଅଭିଯାନ ଆରମ୍ଭ କରିବ। ତାଙ୍କର ଏହି ବକ୍ତବ୍ୟରୁ ସଙ୍କେତ ବେଶ୍ ସ୍ପଷ୍ଟ। ଜିଏସ୍‌ଟି କାଉନସିଲ୍‌ରେ ସହମତି ମିଳିବା ଏବେ କଷ୍ଟକର ହେବ।

ଜିଏସ୍‌ଟି ଆଇନ ଅନୁଯାୟୀ କାଉନ୍‌ସିଲରେ ନିଆଯିବାକୁ ଥିବା ନିଷ୍ପତ୍ତି ଲାଗି ଯଦି ଭୋଟିଂର ଆବଶ୍ୟକତା ପଡ଼େ, ତେବେ କେନ୍ଦ୍ର ସରକାରଙ୍କ ହାତରେ ୩୩.୩% ଭୋଟିଂ ଅଧିକାର ରହିଛି। ଅବଶିଷ୍ଟ ୬୬.୭% ଅଧିକାର ୨୯ ରାଜ୍ୟ ଓ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀ ଓ ପୁଡୁଚେରୀ ହାତରେ ରହିଛି। ଯଦି କୌଣସି ପ୍ରସ୍ତାବକୁ କେନ୍ଦ୍ର ସରକାର ସମର୍ଥନ ନ କରନ୍ତି ତେବେ ଏହାକୁ ରାଜ୍ୟଗୁଡ଼ିକ ଅନୁମୋଦନ କରାଇପାରିବେନି। କାରଣ ଏଥିଲାଗି ୭୫ ପ୍ରତିଶତ ଭୋଟ୍ ଜରୁରୀ। ତେବେ ୧୨ ରାଜ୍ୟ ଯେକୌଣସି ପ୍ରସ୍ତାବକୁ ରୋକିପାରିବେ। ସେହିପରି ଆଗତ ପ୍ରସ୍ତାବକୁ ଅନୁମୋଦନ କରାଇବାକୁ ହେଲେ କେନ୍ଦ୍ରକୁ ୨୦ ରାଜ୍ୟର ସମର୍ଥନ ନେବାକୁ ହେବ। ୩ ରାଜ୍ୟରେ ଭାଜପାର ପରାଜୟ ପରେ ଏବେ ଏନ୍‌ଡିଏ ଶାସିତ ରାଜ୍ୟ ସଂଖ୍ୟା ୧୭ରେ ପହଞ୍ଚିଛି। ଅନୁରୂପ ଭାବେ ଏନ୍‌ଡିଏକୁ ସମର୍ଥନ ଦେଉଥିବା ମିଜୋ ନ୍ୟାଶନାଲ ଫ୍ରଣ୍ଟ ମିଜୋରାମ ବିଧାନସଭା ନିର୍ବାଚନରେ ଜିତିଛି। କଂଗ୍ରେସ ୬ ରାଜ୍ୟରେ ଶାସନ କରୁଛି ଅବା କରିବ। ଏଭଳି ସ୍ଥିତିରେ ଭୋଟିଂ ହେଲେ ଅନ୍ୟ ରାଜ୍ୟ ଓଡ଼ିଶା,ପଶ୍ଚିମବଙ୍ଗ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କେରଳ, ତେଲେଙ୍ଗାନା ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଦିଲ୍ଲୀର ମତ ଗୁରୁତ୍ୱପୂର୍ଣ୍ଣ ହେବ। ଏବେ ଜମ୍ମୁ–କଶ୍ମୀରରେ ରାଜ୍ୟପାଳ ଶାସନ ଚାଲିଛି। ଏହି ୬ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳଙ୍କ ଭିତରୁ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, କେରଳ ଓ ଦିଲ୍ଲୀ ଏନ୍‌ଡିଏକୁ ବିରୋଧ କରିପାରନ୍ତି। ଏହି କାରଣରୁ ଅବଶିଷ୍ଟ ୩ ରାଜ୍ୟ ଓଡ଼ିଶା, ତେଲେଙ୍ଗାନା ଓ ତାମିଲନାଡୁର ମତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି। ଜିଏସ୍‌ଟି କାଉନ୍‌ସିଲରେ କେନ୍ଦ୍ର ସରକାର ନିଜ ଆଡୁ କୌଣସି ପ୍ରସ୍ତାବ ଆଗତ କଲେ ଭୋଟିଂ ସ୍ଥିତିରେ ଏହି ୩ ରାଜ୍ୟର ସମର୍ଥନ ଜରୁରୀ ହେବ। ଅନ୍ୟପକ୍ଷରେ କୌଣସି ପ୍ରସ୍ତାବକୁ କଂଗ୍ରେସ ବିରୋଧ କଲେ ଏହାକୁ ୭ ମଧ୍ୟରୁ ଅନ୍ତତଃପକ୍ଷେ ୬ ରାଜ୍ୟର ସମର୍ଥନ ହାସଲ କରିବାକୁ ହେବ। ମିଳିଥିବା ସୂଚନାରୁ ଜଣାପଡ଼ିଛି ଯେ, ଆସନ୍ତା ୨୨ରେ ହେବାକୁ ଥିବା ବୈଠକ ପୂର୍ବରୁ କଂଗ୍ରେସ ଶାସିତ ରାଜ୍ୟର ଅର୍ଥମନ୍ତ୍ରୀମାନେ ବୈଠକରେ ବସି ପରବର୍ତ୍ତୀ ରଣନୀତି ପ୍ରସ୍ତୁତ କରିବେ।

ଭୋଟିଂ ପରିସ୍ଥିତିକୁ ନେଇ ଖୈତାନ ଆଣ୍ଡ କମ୍ପାନୀର ପାର୍ଟନର ଅଭିଷେକ ରସ୍ତୋଗୀ କହିଛନ୍ତି ଯେ, ଜିଏସ୍‌ଟି କାଉନ୍‌ସିଲରେ ନୂଆ ମନ୍ତ୍ରୀଙ୍କ ପ୍ରବେଶ ପରେ ନୂଆ ମତାମତ ଆସିବ। କାଉନ୍‌ସିଲକୁ ପ୍ରଥମଥର କିଛି ପ୍ରସଙ୍ଗରେ ଭୋଟିଂର ସହାୟତା ନେବାକୁ ପଡ଼ିପାରେ। ଏବେ ଯେକୌଣସି ପ୍ରସ୍ତାବରେ ସମସ୍ତେ ସହମତ ହେବେ ଭାବିବା ଭୁଲ୍ ହେବ। କଂଗ୍ରେସର ୩ ନୂଆ ଅର୍ଥମନ୍ତ୍ରୀ ସାମିଲ ହେବା ପରେ କାଉନ୍‌ସିଲ ବୈଠକ ବେଶ୍ ସରଗରମ ହେବ। ଅନ୍ୟପକ୍ଷରେ କେପିଏମ୍‌ଜିର ପାର୍ଟନର ହରପ୍ରୀତ ସିଂହ କହିଛନ୍ତି ଯେ, କାଉନ୍‌ସିଲରେ ଆଜିଯାଏ ସବୁ ନିଷ୍ପତ୍ତି ସହମତିରେ ନିଆଯାଇଛି। ଏହାକୁ ଅନୁସରଣ କରାଯିବା ଉଚିତ୍। କିନ୍ତୁ ଏହା ଦେଖିବାକୁ ମିଳିବ କି ନା ସନ୍ଦେହ। ତେବେ ବିଶେଷଜ୍ଞମାନଙ୍କ କହିବାନୁଯାୟୀ ବ୍ୟବସାୟୀ ଗୋଷ୍ଠୀଙ୍କୁ ଆଶ୍ୱସ୍ତ କରିବାକୁ ହେଲେ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ହେବ।

## ଦେଶରେ ସ୍ଥାପନ ହେବ ୫ ହଜାର ସିବିଜି ପ୍ଲାଣ୍ଟ



ଭୁବନେଶ୍ୱର,୧୪–୧୨

୨୦୨୩ ସୁଦ୍ଧା ଦେଶରେ ୫ ହଜାର କମ୍ପ୍ରେସ୍‌ଡ ବାୟୋ ଗ୍ୟାସ୍ (ସିବିଜି) ପ୍ଲାଣ୍ଟ ସ୍ଥାପନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ବାର୍ଷିକ ୧୫ ନିୟୁତ ଟନ୍ ସିବିଜି ଉତ୍ପାଦନ କରିବାକୁ ଯୋଜନା ରହିଛି। ଉକ୍ତ ପଦକ୍ଷେପ ଅନ୍ତର୍ଗତ ଓଡ଼ିଶାରେ ପ୍ରାୟ ୫୦୦ ପ୍ଲାଣ୍ଟ ସ୍ଥାପନ ହେବ। ସାରା ଦେଶରେ ଏହି ଯୋଜନାରେ ପ୍ରାୟ ୧.୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ହେବ ବୋଲି ଏକ ଖବରଦାତା ସମ୍ମିଳନୀରେ ଇଣ୍ଡିଆନ ଅଏଲର ସିଜିଏମ୍ ପ୍ରୀତୀଶ ଭରତ ସୂଚନା ଦେଇଛନ୍ତି। ଭରତ କହିଛନ୍ତି ଯେ, ସଷ୍ଟେନେବୁଲ ଅଲଟରନେଟିଭ୍ ଟୁଆର୍ଡସ ଆଫୋର୍ଡେବୁଲ ଟ୍ରାନ୍ସପୋର୍ଟେଶନ (ଏସ୍‌ଏଟିଏଟି) ନେଇ ଅଂଶୀଦାରଙ୍କୁ ପ୍ରମୁଖ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ସଚେତନ କରାଇବେ। ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ ପକ୍ଷରୁ ରବିବାର ଏହାକୁ ନେଇ ଏକ ରୋଡ ଶୋ’ ଆୟୋଜନ କରାଯିବ। କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। କାର୍ଯ୍ୟକ୍ରମରେ ବିପିସିଏଲର ରାଜ୍ୟ ମୁଖ୍ୟ ରିଟେଲ ଦେବାଶିସ ପାଲିତ, ଏଚ୍‌ପିସିଏଲ୍ ରିଟେଲ ଡିଜିଏମ ଅଭୟ ଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଆର୍‌ବିଆଇ ବୋର୍ଡ ଏକମତ ହେଲାନି

## ଗଭର୍ନାନ୍ସ ଫ୍ରେମ୍‌ୱର୍କ ଉପରେ ଆଲୋଚନା ଜାରି ରହିବ

ନୂଆଦିଲ୍ଲୀ,୧୪–୧୨

ନବନିଯୁକ୍ତ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ସେଣ୍ଟ୍ରାଲ ବୋର୍ଡ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ଲାଗି ଗଭର୍ନାନ୍ସ ଫ୍ରେମ୍‌ୱର୍କ ଗଠନ ନେଇ ବୈଠକରେ ସହମତି ପ୍ରକାଶ ପାଇପାରିଲା ନାହିଁ। ଏ ସଂକ୍ରାନ୍ତରେ ଅଧିକ ଆଲୋଚନା କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ବର୍ତ୍ତମାନ ଦେଶର ଆର୍ଥିକ ସ୍ଥିତି, ଘରୋଇ ଏବଂ ବିଶ୍ୱସ୍ତରରେ ଅର୍ଥନୈତିକ ଆହ୍ୱାନ,ଅର୍ଥନୀତିରେ ନଗଦ ସଙ୍କଟ ସହ ଜଡ଼ିତ ପ୍ରସଙ୍ଗରେ ଆଲୋଚନା ହୋଇଛି। ପ୍ରାୟ ୪ ଘଣ୍ଟା ଧରି ଚାଲିଥିବା ବୈଠକ ପରେ ଆର୍‌ବିଆଇ ପକ୍ଷରୁ ଏକ ସଂକ୍ଷିପ୍ତ ବିବୃତି ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଆର୍‌ବିଆଇର ୧୮ ସଦସ୍ୟଙ୍କୁ ନେଇ ଗଠିତ ବୋର୍ଡ ୨୦୧୭–୧୮ରେ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଅଗ୍ରଗତି ନେଇ ଆଲୋଚନା କରିଛନ୍ତି। ଏଥିପୂର୍ବରୁ ବୋର୍ଡର ନଭେମ୍ବର ୧୯ ବୈଠକରେ ନୂଆ ଆର୍ଥିକ ପୁଞ୍ଜି ଢ଼ାଞ୍ଚାର ଉପଯୁକ୍ତ ସ୍ତର ନିର୍ଦ୍ଧାରଣ ଲାଗି ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

## ୧୧୦୦ କୋଟିର ଜିଏସ୍‌ଟି ଠକେଇ

ଇନ୍ଦୋର,୧୪–୧୨

କେନ୍ଦ୍ର ଓ ମଧ୍ୟପ୍ରଦେଶର ଆୟକର ବିଭାଗ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି)ର ଉଠାଉଥିବା ଅନ୍ତର୍ଜାତୀୟ ଠକେଇର ପର୍ଦ୍ଦାଫାଶ ହୋଇଛି। ୪୦୪ କମ୍ପାନୀର ୧୧୦୦ କୋଟି ଟଙ୍କାର ଧାତୁ ସ୍କ୍ରାପ୍ କାରବାର ଏବେ ଯାଞ୍ଚ ଘେରକୁ ଆସିଛି। ମଧ୍ୟପ୍ରଦେଶର ବାଣିଜ୍ୟକର ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ ଜିଏସ୍‌ଟି ଠକେଇର ସୁରାକ୍ ମିଳିବା ପରେ ରାଜ୍ୟ ସମେତ ମହାରାଷ୍ଟ୍ର ଓ ଗୁଜରାଟର ୨୦ରୁ ଉର୍ଦ୍ଧ୍ୱ ସ୍ଥାନରେ ବିଭିନ୍ନ କମ୍ପାନୀରେ ଚଢ଼ାଉ କରାଯାଇଛି। ସେମାନେ ଜାଲ୍ କାଗଜପତ୍ର ଜରିଆରେ ନିଜକୁ ପଞ୍ଜୀକୃତ କରିଛନ୍ତି। ଏହି କମ୍ପାନୀ ଜରିଆରେ ଜାଲ୍ କାଗଜପତ୍ର ଓ ବିଲ୍ ଆଦି ତିଆରି କରାଯାଇ ସରକାରଙ୍କଠାରୁ ଜିଏସ୍‌ଟି ଇନପୁଟ୍ ଟ୍ୟାକ୍ସ କ୍ରେଡିଟ ହାସଲ କରାଯାଉଥିଲା। ବାଣିଜ୍ୟ କର ବିଭାଗ ଏବଂ ରାଜ୍ୟ ଜିଏସ୍‌ଟି ଆୟୁକ୍ତ ପବନ କୁମାର ଶର୍ମା କହିଛନ୍ତି ଯେ, ଅଦ୍ୟାବଧି ୧୧୦୦ କୋଟି ଟଙ୍କାର ଜାଲ୍ ଜିଏସ୍‌ଟି କାରବାର ଧରାପଡ଼ିଛି। ଏଥିରେ ସମ୍ପୃକ୍ତ ୪୦୪ଟି କମ୍ପାନୀ ସମ୍ପର୍କରେ ଯାଞ୍ଚ କରାଯାଉଛି।

## ସଙ୍ଗଠିତ ହେବେ ଅନ୍‌ଲାଇନ ଟ୍ରାଭେଲ ସଂସ୍ଥା

ଭୁବନେଶ୍ୱର, ୧୪–୧୨




- କେନ୍ଦ୍ର ଆଣିଲା ନୂଆ ନିୟମ
- ସଂସ୍ଥାଗୁଡ଼ିକର ମନମୁଖି କାର୍ଯ୍ୟ ଉପରେ କଟକଣା
- ପର୍ଯ୍ୟଟନ ମନ୍ତ୍ରଣାଳୟର ଅନୁମୋଦନ ନେବାକୁ ହେବ

ଅନ୍‌ଲାଇନରେ ହୋଟେଲ ବୁକିଂ ସେବା ଯୋଗାଉଥିବା ସଂସ୍ଥା ଅନ୍‌ଲାଇନ ଟ୍ରାଭେଲ ଆଗ୍ରିଗେଟର (ଓଟିଏ)ଗୁଡ଼ିକ ଏଥର ଗୋଟିଏ ପ୍ଲାଟଫର୍ମକୁ ଆସିବେ। ନିକଟରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଏହି ସଂସ୍ଥାଗୁଡ଼ିକ ପାଇଁ ନୂଆ ଗାଇଡଲାଇନ ଜାରି ହୋଇଛି। ମେକ୍ ମାଇଁ ଟ୍ରିପ, ଗୋଆଇବିବୋ ଭଳି କେତେକ ସଂସ୍ଥା ମନମୁଖି ଭାବେ ହୋଟେଲଗୁଡ଼ିକଠାରୁ ଉଚ୍ଚ ହାରରେ କମିଶନ ନେବା ଯୋଗୁ ହୋଟେଲ ସଂଘଗୁଡ଼ିକ ପକ୍ଷରୁ ଏହାକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ହୋଇଥିଲା। ଏହି ସଂସ୍ଥାଗୁଡ଼ିକର ବୁକିଂ ଗ୍ରହଣ ନ କରିବାକୁ ହୋଟେଲ ସଂଘ ଚେତାବନୀ ଦେଇଥିଲେ। ଏଭଳି ସ୍ଥିତି ପରେ କେନ୍ଦ୍ର ପକ୍ଷରୁ ନୂଆ ନିୟମାବଳୀ ଜାରି କରାଯାଇଥିବା ଓଡ଼ିଶା ହୋଟେଲ ଏବଂ ରେସ୍ତୋରାଁ ସଂଘର ଅଧ୍ୟକ୍ଷ ଜେ.କେ. ମହାନ୍ତି ସୂଚନା ଦେଇଛନ୍ତି।

ମହାନ୍ତି କହିଛନ୍ତି ଯେ, ଓଟିଏଗୁଡ଼ିକୁ ସଂଗଠିତ କରି ଗୋଟିଏ ପ୍ଲାଟଫର୍ମକୁ ଆଣିବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ସରକାର ଗ୍ରହଣ କରିଛନ୍ତି। ଏହା ଏକ ସ୍ୱେଚ୍ଛାକୃତ ସ୍କିମ। ନୂଆ ନିୟମ ମୁତାବକ ଓଟିଏଗୁଡ଼ିକ ଏଥର ପର୍ଯ୍ୟଟନ ମନ୍ତ୍ରଣାଳୟର ଅନୁମୋଦନ ନେବାକୁ ହେବ। ଅପରପକ୍ଷରେ ଯେଉଁ ହୋଟେଲଗୁଡ଼ିକ ବୁକିଂ ସେବା ପ୍ରଦାନ କରୁଛନ୍ତି ସେମାନେ ମଧ୍ୟ ଅନୁମୋଦନ ନେବେ। ଏଥିଲାଗି ସରକାର ଏକ ନିର୍ଦ୍ଦିଷ୍ଟ ୱେବସାଇଟ ବ୍ୟବସ୍ଥା କରିଛନ୍ତି। ଆବେଦନକୁ ଅନୁଧ୍ୟାନ କରିବା ପାଇଁ ଏକ କମିଟି ମଧ୍ୟ ରହିବ। ସଂସ୍ଥାଗୁଡ଼ିକୁ ୫ ବର୍ଷ ଲାଗି ଅନୁମୋଦନ ଦିଆଯିବ। ଏହାର ଅବଧି ସରିଗଲେ ସଂସ୍ଥାଗୁଡ଼ିକ ପୁଣି ଥରେ ଆବେଦନ କରିପାରିବେ। ଯଦି କୌଣସି ସଂସ୍ଥା ୩ ବର୍ଷ ସେବା ଯୋଗାଇଥାନ୍ତି ତେବେ ଆବେଦନ ଲାଗି ଯୋଗ୍ୟ ହୋଇପାରିବେ। ସେହିଭଳି ସଂସ୍ଥାଗୁଡ଼ିକ ଅନ୍ୟାନ୍ୟ ଯୋଗ୍ୟତା ମଧ୍ୟ ପୂରଣ କରୁଥିବା ଆବଶ୍ୟକ। ସେହିଭଳି ଆବେଦନ ଲାଗି ସଂସ୍ଥା ୨୫ ହଜାର ଟଙ୍କାର ଦେୟ ପ୍ରଦାନର ବ୍ୟବସ୍ଥା ରହିଛି ବୋଲି ସେ ସୂଚନା ଦେଇଛନ୍ତି।

### ‘ବନ୍ଦ ହେବନି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏଟିଏମ୍’

**ନୂଆଦିଲ୍ଲୀ,୧୪-୧୨:** ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଏଟିଏମ୍‌ଗୁଡ଼ିକୁ ବନ୍ଦ କରିଦେବାର ଯୋଜନା ନାହିଁ। କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଶିବ ପ୍ରତାପ ଶୁକ୍ଳା ଶୁକ୍ରବାର ପାର୍ଲାମେଣ୍ଟରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ଦେଶରେ ଅର୍ଦ୍ଧେକ ଏଟିଏମ୍ ବନ୍ଦ ହୋଇଯିବ ବୋଲି କନ୍‌ଫେଡେରେଶନ ଅଫ୍ ଏଟିଏମ୍ ଇଣ୍ଡଷ୍ଟ୍ରି ପକ୍ଷରୁ ଚେତାବନୀ ଦିଆଯିବା ପରିପ୍ରେକ୍ଷୀରେ ଶୁକ୍ଳାଙ୍କ ବିବୃତି ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି। ଲୋକ ସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଶୁକ୍ଳା କହିଛନ୍ତି ଯେ, ଦେଶରେ ସେପ୍ଟେମ୍ବର ୩୦ ସୁଦ୍ଧା ୨.୨୧ ଲକ୍ଷ ଏଟିଏମ୍ କାର୍ଯ୍ୟକ୍ଷମ ରହିଛି। ଏହାଛଡ଼ା ମୋବାଇଲ ବ୍ୟାଙ୍କିଙ୍ଗ ଏବଂ ଅନ୍ୟ ଡିଜିଟାଲ ମାଧ୍ୟମ ମଧ୍ୟ ଲୋକଙ୍କୁ ଯୋଗାଇ ଦିଆଯାଉଛି।

### ପାଇକାରୀ ମୁଦ୍ରାସ୍ଫୀତି ୪.୬୪%କୁ ହ୍ରାସ

**ନୂଆଦିଲ୍ଲୀ,୧୪-୧୨:** ଦେଶର ପାଇକାରୀ ମୁଦ୍ରାସ୍ଫୀତି ନଭେମ୍ବରରେ ୪.୬୪%କୁ ହ୍ରାସ ପାଇଛି। ଏହା ଗତ ୩ ମାସ ମଧ୍ୟରେ ସର୍ବନିମ୍ନ। ଅକ୍ଟୋବରରେ ଏହା ୫.୨୮% ଥିଲା। ସରକାରଙ୍କ ପକ୍ଷରୁ ଶୁକ୍ରବାର ଜାରି ତଥ୍ୟ ଅନୁଯାୟୀ ଖାଦ୍ୟପଦାର୍ଥର ମୂଲ୍ୟ ହ୍ରାସ ପାଇବା ମୁଦ୍ରାସ୍ଫୀତି ହ୍ରାସର ମୁଖ୍ୟ କାରଣ। ପନିପରିବାର ପାଇକାରୀ ମୂଲ୍ୟସୂଚୀ ନଭେମ୍ବରରେ ଅଧିକ ହ୍ରାସ ପାଇ -୨୬.୯୮ ପ୍ରତିଶତ ରହିଛି। ଏହା ଅକ୍ଟୋବରରେ -୧୮.୬୫% ଥିଲା। ଇନ୍ଧନ ଓ ଶକ୍ତି କ୍ଷେତ୍ରରେ ମୁଦ୍ରାସ୍ଫୀତି ସର୍ବାଧିକ ୧୬.୨୮ ପ୍ରତିଶତ ରହିଥିଲେ ହେଁ ଅକ୍ଟୋବରର ୧୮.୪୪ ପ୍ରତିଶତ ତୁଳନାରେ କମିଛି। ପେଟ୍ରୋଲର ମୁଦ୍ରାସ୍ଫୀତି ୧୨.୦୬% ଓ ଡିଜେଲର ୨୦.୧୬% ରହିଛି। ସେହିପରି ଏଲ୍‌ପିଜିର ମୁଦ୍ରାସ୍ଫୀତି ୨୩.୨୨%ରେ ପହଞ୍ଚିଛି।

**OFFICE OF THE EXECUTIVE ENGINEER**
**RWS&S DIVISION, BHADRAK**
Tel: 06784-240979, e-mail: rwssdivisionbhadrak@gmail.com
NATIONAL COMPETITIVE BIDDING THROUGH e-Tendering
No.1152-O:- **Identification No. 17 dt. 06.12.2018**

| | | | |
|---|---|---|---|
| 1 | Name & Nos of work | : | 5 Nos of Rural piped water supply Scheme |
| 2. | Estimated cost | : | Rs. 98.98 lakhs to 122.90 lakhs |
| 3. | Class of Contractor | : | B & A |
| 4. | Cost of Tender Paper | : | As Per DTCN |
| 5. | Period of Completion | : | 10 Months |
| 6. | Mode of submission | : | Tenders should be submitted only online in www.tenderorissa.gov.in. |
| 7. | Period of Availability of tenders online | : | 10.00 hours of dt. 18.12.2018 to 17.00 hours of date 26.12.2018. |
| 8. | Last date & time of Seeking clarification | : | Date 24.12.2018 up-to 5.00 P.M. |
| 9. | Last date & time of bidding online | : | Date 26.12.2018 up-to 5.00 P.M. |
| 10. | Date & time opening of tender bid | : | Date 27.12.2018 at- 11.00 A.M. |
| 11. | Name and address of the officer inviting Tender | : | Executive Engineer RWS&S Division, Bhadrak |
| 12. | Further details can be seen from the e-Procurement portal www.tendersorissa.gov.in (https/tendersodisha.gov.in). | | |
| 13. | Subsequent modification/ corrigendum/ Addendum if required shall appear in website only. | | |
| 14. | Further details can be seen from the e-Procurement portal www.tendersorissa.gov.in (https/tendersodisha.gov.in). | | |

Executive Engineer
RWS&S Division, Bhadrak
25020/11/0030/1819

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
OPTCL Lifeline of Odisha
(A Government of Odisha Undertaking)
Regd.Office: Janpath, Bhubaneswar-751022, Telephone: (0674) 2541801, Fax:(0674) 2542964
Website: www.optcl.co.in, CIN:U4102OR2004SGC007553

**NOTICE INVITING TENDER (NIT)**
(DOMESTIC COMPETITIVE e-BIDDING)

**e-TENDER NOTICE NO.:CPC-50/2018-19** **Date: 15.12.2018**

ODISHA POWER TRANSMISSION CORPORATION LTD. invites bids (in e-tendering mode only) under single stage two-envelope system from reputed EPC/Turnkey Contractors for **Engineering, Supply, Erection and Commissioning of 220 KV SC line on DC tower from 220/33 KV Grid Substation at Laxmipur to proposed RTSS Tikiri along with associated bay work at Laxmipur Grid sub-station for power supply connectivity to RTSS Tikiri at an Estimated Cost of the Package for ₹28.42 Crore on "Turnkey CONTRACT BASIS".** Interested bidders are required to enroll themselves in the tender portal **"www.tenderwizard.com/OPTCL".** Complete set of bidding documents are available on **"www.tenderwizard.com/OPTCL"** portal from Dt. **(17/12/2018)/(11.00) AM** up to Dt. **(14/01/2019) (12:45) PM.** Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/OPTCL** for further detail.

**Note:** Bidders are requested to regularly visit Official website of OPTCL/Tender Portal only for amendment/errata/corrigendum (if any) and any other information regarding these tenders, as the same shall be published only on the OPTCL website/Tender Portal.

**Chief General Manager (C.P.C.)**
Email id: sgm.cpc@optcl.co.in
CR-Advt.No.- 66/18-19
Please connect us: optcl.odisha optcl_odisha energyodisha

नालको NALCO
**National Aluminium Company Limited**
(A Government of India Enterprise)
Captive Power Plant,
Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

**NOTICE INVITING TENDERS**
Digitally signed online tenders are being invited from experienced bidders on OPEN/ Two- part (E-tender) mode through Central Public Procurement Portal for the following jobs at NALCO, CPP Plant at Angul, Odisha:

**1-NIT No. MC-4721**
**Name of the work:** Work Assistance for sample collection & preparation, cleaning of equipments & glass wares (for Unit# 1 to # 10) and operation of chemical dosing system for unit (#7 to #10). For details of NIT, please log in to **www.nalcoindia.com** & **http://eprocure.gov.in.**
**DGM (Mech.) T&C**

**2-e-NIT Ref. No: CPP/MMP/304/3000005458 Dt.11.12.2018, RFx No.8300000831**
**Name of the work:** On-line bids in two-parts are invited in our SRM-7 Portal for **"VFD System, PLC system and all associated accessories for cooling towers fans of Unit# 1 to 5 on turnkey basis".** The tender documents can be downloaded from website **www.nalcoindia.com**, **http://eprocure.gov.in/epublish/app,** or **https://epci.nalcoindia.co.in:/irj/portal.** The due date for submission of offers is Date.**11.01.2019** (by **10:00** Hrs).
**DGM (Materials), CPP**

DADLS-220

**ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା**

**ତା. ୧୭।୧୨।୨୦୧୮,** **ସ୍ଥାନ: ଗୀତଗୋବିନ୍ଦ ସଦନ**

**ପ୍ରବନ୍ଧ ପ୍ରତିଯୋଗିତା** **ସମୟ: ମଧ୍ୟାହ୍ନ ୧୨ ଘଟିକା**
ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ବକ୍ତୃତା ପ୍ରତିଯୋଗିତା** **ସମୟ: ଅପରାହ୍ନ ୨ ଘଟିକା**
ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ଏକ ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ଏକ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ବିଷୟବସ୍ତୁ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତର ଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର/ ପ୍ରଧାନ ଶିକ୍ଷକ/ ପ୍ରଧାନ ଶିକ୍ଷୟିତ୍ରୀ/ ଅଧ୍ୟକ୍ଷ/ ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା.୧୭।୧୨।୨୦୧୮ରିଖ ସନ୍ଧ୍ୟା ଘ.୫.୩୦ ମିନିଟ ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ପ୍ରଦାନ କରାଯିବ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
15001/13/0495/1819

# ସେମିଫାଇନାଲ ଆଜି

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ଅନ୍ତିମ ପର୍ଯ୍ୟାୟ ଉପନୀତ। ଲିଗ୍, କ୍ରସ୍ ଓଭର ଏବଂ କ୍ୱାର୍ଟର ଫାଇନାଲ ପରେ ସେମିଫାଇନାଲ ପାଇଁ କ୍ଷେତ୍ର ପ୍ରସ୍ତୁତ। କ୍ୱାର୍ଟର ଫାଇନାଲରେ ଭାରତର ପରାଜୟ ସହ ପ୍ରତିଯୋଗିତାରୁ ଏସୀୟ ଚ୍ୟାଲେଞ୍ଜ ଶେଷ ହୋଇଛି। ପୁଲ୍ ପର୍ଯ୍ୟାୟରୁ ମାଲେସିଆ ବିଦାୟ ନେଇଥିବାବେଳେ କ୍ରସ୍ ଓଭରରେ ପାକିସ୍ତାନ ଓ ଚାଇନା ଚ୍ୟାଲେଞ୍ଜ ଶେଷ ହୋଇଥିଲା। କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡଠାରୁ ହାରି ଦୁଃଖଦ ବିଦାୟ ନେଇଛି ଆୟୋଜକ ଭାରତ। ସେମିଫାଇନାଲରେ ଅବତୀର୍ଣ୍ଣ ହୋଇଛନ୍ତି ୟୁରୋପର ୩ ଦଳ ବେଲଜିୟମ, ନେଦରଲାଣ୍ଡ ଓ ଇଂଲଣ୍ଡ। ୪ର୍ଥ ଦଳ ଭାବେ ଉଭା ହୋଇଛି ଗତ ୨ ଥରର ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ। ପ୍ରଥମ ସେମିଫାଇନାଲ ବେଲଜିୟମ-ଇଂଲଣ୍ଡ ଓ ଦ୍ୱିତୀୟ ସେମିଫାଇନାଲ ଅଷ୍ଟ୍ରେଲିଆ-ନେଦରଲାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ।




ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ନେଦରଲାଣ୍ଡ ଓ ଅଷ୍ଟ୍ରେଲିଆ ଖେଳାଳିଙ୍କ ଅଭ୍ୟାସ।

## ସେମିଫାଇନାଲ ପଥରେ..

- ଇଂଲଣ୍ଡ

ଚାଇନା ସହିତ ୨-୨ ଗୋଲରେ ମ୍ୟାଚ ଡ୍ର
ଅଷ୍ଟ୍ରେଲିଆଠାରୁ ୦-୩ ଗୋଲରେ ପରାସ୍ତ
ଆୟର୍ଲାଣ୍ଡ ବିପକ୍ଷରେ ୪-୨ ଗୋଲରେ ବିଜୟୀ
ନ୍ୟୁଜିଲାଣ୍ଡ ବିପକ୍ଷରେ ୨-୦ ଗୋଲରେ ବିଜୟୀ
ଆର୍ଜେଣ୍ଟିନା ବିପକ୍ଷରେ ୩-୨ ଗୋଲରେ ବିଜୟୀ

- ବେଲଜିୟମ

କାନାଡ଼ା ବିପକ୍ଷରେ ୨-୧ ଗୋଲରେ ବିଜୟୀ
ଭାରତ ସହିତ ୨-୨ ଗୋଲରେ ମ୍ୟାଚ ଡ୍ର
ଦକ୍ଷିଣ ଆଫ୍ରିକା ବିପକ୍ଷରେ ୫-୧ ଗୋଲରେ ବିଜୟୀ
ପାକିସ୍ତାନ ବିପକ୍ଷରେ ୫-୦ ଗୋଲରେ ବିଜୟୀ
ଜର୍ମାନୀ ବିପକ୍ଷରେ ୨-୧ ଗୋଲରେ ବିଜୟୀ

- ନେଦରଲାଣ୍ଡ

ମାଲେସିଆ ବିପକ୍ଷରେ ୭-୦ ଗୋଲରେ ବିଜୟୀ
ଜର୍ମାନୀଠାରୁ ୧-୪ ଗୋଲରେ ପରାସ୍ତ
ପାକିସ୍ତାନ ବିପକ୍ଷରେ ୫-୧ ଗୋଲରେ ବିଜୟୀ
କାନାଡ଼ା ବିପକ୍ଷରେ ୫-୦ ଗୋଲରେ ବିଜୟୀ
ଭାରତ ବିପକ୍ଷରେ ୨-୧ ଗୋଲରେ ବିଜୟୀ

- ଅଷ୍ଟ୍ରେଲିଆ

ଆୟର୍ଲାଣ୍ଡ ବିପକ୍ଷରେ ୨-୧ ଗୋଲରେ ବିଜୟୀ
ଇଂଲଣ୍ଡ ବିପକ୍ଷରେ ୩-୦ ଗୋଲରେ ବିଜୟୀ
ଚାଇନା ବିପକ୍ଷରେ ୧୧-୦ ଗୋଲରେ ବିଜୟୀ
ଫ୍ରାନ୍ସ ବିପକ୍ଷରେ ୩-୦ ଗୋଲରେ ବିଜୟୀ

## ପ୍ରତିଶୋଧ ଅପେକ୍ଷାରେ ନେଦରଲାଣ୍ଡ

**ଭୁବନେଶ୍ୱର, ୧୪।୧୨(କ୍ରୀଡ଼ା ପ୍ରତିନିଧି)–** ଚଳିତ ହକି ବିଶ୍ୱକପର ଦ୍ୱିତୀୟ ସେମିଫାଇନାଲ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ଏବଂ ନେଦରଲାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାର ଗତ ସଂସ୍କରଣରେ ଏହି ଦୁଇ ଦଳ ମଧ୍ୟରେ ଟାଇଟଲ ମୁକାବିଲା ହୋଇଥିଲା। ୨୦୧୪ ଫାଇନାଲରେ ନେଦରଲାଣ୍ଡକୁ ୬-୧ ଗୋଲରେ ହରାଇ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ଫଳରେ ନେଦରଲାଣ୍ଡକୁ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ତେଣୁ ଏଥରର ମୁକାବିଲା ଗତ ସଂସ୍କରଣର ରି ମ୍ୟାଚ ସଦୃଶ ହେବାକୁ ଯାଉଛି। ଏଥର କିନ୍ତୁ ଅଷ୍ଟ୍ରେଲିଆ ସହିତ ଲଢ଼ିବାକୁ ନେଦରଲାଣ୍ଡ ପ୍ରସ୍ତୁତ। କାରଣ ୧୫,୦୦୦ ଦର୍ଶକଙ୍କ ଉପସ୍ଥିତିରେ କ୍ୱାର୍ଟର ଫାଇନାଲରେ ଭାରତକୁ ହରାଇବାପରେ ଦଳର ଆତ୍ମବିଶ୍ୱାସ ବଢ଼ିଯାଇଛି। ଗତ ସଂସ୍କରଣର ପରାଜୟ ଗ୍ଲାନି ମଧ୍ୟ ମନରୁ ଯାଇନି। ତେଣୁ ଏଥର ଅଷ୍ଟ୍ରେଲିଆଠାରୁ ମଧୁର ପ୍ରତିଶୋଧ ନେବାକୁ ନେଦରଲାଣ୍ଡ ପ୍ରସ୍ତୁତ।

ଚଳିତ ବିଶ୍ୱକପରେ ନେଦରଲାଣ୍ଡ ୭–୦ ଗୋଲରେ ମାଲେସିଆକୁ ହରାଇ ଅଭିଯାନ ଆରମ୍ଭ କରିଥିଲା ପରବର୍ତ୍ତୀ ମ୍ୟାଚରେ ଜର୍ମାନୀଠାରୁ ଦଳ ୧–୪ ଗୋଲରେ ହାରି ଯାଇଥିଲେ ହେଁ ପାକିସ୍ତାନକୁ ୫–୧, କାନାଡ଼ାକୁ ୫–୦ ଓ ଭାରତକୁ ୨–୧ ଗୋଲରେ ହରାଇ ସେମିଫାଇନାଲ ଖେଳିବାକୁ ଯାଉଛି। ନେଦରଲାଣ୍ଡର ବିଶ୍ୱକପ ଇତିହାସ ବେଶ୍ ସମୃଦ୍ଧ। ଏହି ଦଳ ୧୯୭୩, ୧୯୯୦ ଓ ୧୯୯୮ରେ ଚାମ୍ପିୟନ ହୋଇଥିବାବେଳେ ୧୯୭୮, ୧୯୯୪ ଓ ୨୦୧୪ରେ ରନର୍ସଅପ୍ ହୋଇ ରୌପ୍ୟ ପଦକ ହାସଲ କରିଛି। ଏହା ବ୍ୟତୀତ ନେଦରଲାଣ୍ଡ ୨୦୦୨ ଓ ୨୦୧୦ରେ ବ୍ରୋଞ୍ଜ ପଦକ ହାସଲ କରିଥିବାବେଳେ ୧୯୮୨ରେ ୪ର୍ଥ ସ୍ଥାନ ହାସଲ କରିଥିଲା। ଟାଇଟଲ ହାସଲ ଏବଂ ଓଭରଅଲ୍ ପ୍ରଦର୍ଶନ ଦୃଷ୍ଟିରୁ ବିଶ୍ୱକପ ଇତିହାସରେ ଏହି ଦଳ ଦ୍ୱିତୀୟ ସର୍ବାଧିକ ସଫଳ ଦଳର ମାନ୍ୟତା ପାଉଛି। ଅନ୍ୟପକ୍ଷରେ ଦେଖିବାକୁ ଗଲେ ଅଷ୍ଟ୍ରେଲିଆ ମଧ୍ୟ ପଛରେ ନାହିଁ। ଚଳିତ ଟୁର୍ନାମେଣ୍ଟରେ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଦଳଗୁଡ଼ିକ ମଧ୍ୟରୁଏକମାତ୍ର ଅଷ୍ଟ୍ରେଲିଆ ସେମିଫାଇନାଲରେ ତିଷ୍ଠି ରହିଛି। ସେମିଫାଇନାଲ ଖେଳିବା ପଥରେ ଏହି ଦଳ ଆୟର୍ଲାଣ୍ଡକୁ ୨–୧, ଇଂଲଣ୍ଡକୁ ୩–୦, ଚାଇନାକୁ ୧୧–୦ ଓ ଫ୍ରାନ୍ସକୁ ୩–୦ ଗୋଲରେ ପରାସ୍ତ କରିଛି। ଦଳର ବିଶ୍ୱକପ ଇତିହାସ ମଧ୍ୟ ବେଶ୍ ସମୃଦ୍ଧ। ନିକଟ ଅତୀତରେ ବିଶ୍ୱ ହକିରେ ଅଷ୍ଟ୍ରେଲିଆର ଆଧିପତ୍ୟ ଅବ୍ୟାହତ ରହିଛି। ଦଳ ୧୯୮୬, ୨୦୧୦ ଓ ୨୦୧୪ରେ ଚାମ୍ପିୟନ ହୋଇଥିବାବେଳେ ୨୦୦୨ ଓ ୨୦୦୬ରେ ରନର୍ସଅପ୍, ୧୯୭୮, ୧୯୮୨, ୧୯୯୦, ୧୯୯୪ରେ ବ୍ରୋଞ୍ଜ ପଦକ ଏବଂ ୧୯୯୮ରେ ୪ର୍ଥ ସ୍ଥାନ ହାସଲ କରି ଆସିଛି। ଅର୍ଥାତ୍ ୧୯୭୮ରୁ ଅଷ୍ଟ୍ରେଲିଆ ସେମିଫାଇନାଲ ଖେଳିଆସୁଛି। ଏଥର ଟାଇଟଲ ଜିତି ହ୍ୟାଟ୍ରିକ କରିବା ସୁଯୋଗ ଦଳ ନିକଟରେ ରହିଛି। ତେଣୁ ଦ୍ୱିତୀୟ ସେମିଫାଇନାଲରେ କଡ଼ା ମୁକାବିଲା ହେବାର ଆଭାସ ମିଳୁଛି।

## ବେଲଜିୟମକୁ ଟକ୍କର ଦେବ ଇଂଲଣ୍ଡ

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ପ୍ରଥମ ସେମିଫାଇନାଲ ଶନିବାର ଇଂଲଣ୍ଡ ଓ ବେଲଜିୟମ ମଧ୍ୟରେ ଅନୁଷ୍ଠିତ ହେବ। ର୍ୟାଙ୍କିଙ୍ଗ୍ ଏବଂ ସାମ୍ପ୍ରତିକ ପ୍ରଦର୍ଶନ ଦୃଷ୍ଟିରୁ ବେଲଜିୟମର ପଲା ଭାରି ରହୁଥିଲେ ହେଁ କଡ଼ା ଟକ୍କର ଦେବ ଇଂଲଣ୍ଡ। କାରଣ ର୍ୟାଙ୍କିଙ୍ଗ୍ ଦୃଷ୍ଟିରୁ ଇଂଲଣ୍ଡ (୭ମ ର୍ୟାଙ୍କ୍) ପଛରେ ଥିଲେ ହେଁ ଚଳିତ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଚମତ୍କାର ପ୍ରଦର୍ଶନ କରି ଆସିଛି। ଦଳ ଚାଇନା ସହିତ ୨–୨ ଗୋଲରେ ମ୍ୟାଚ ଡ୍ର ରଖି ଅଭିଯାନ ଆରମ୍ଭ କରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ଅଷ୍ଟ୍ରେଲିଆଠାରୁ ୦–୩ ଗୋଲରେ ପରାଜିତ ହୋଇଥିଲା। ମାତ୍ର ଏହାପରେ ଏହି ଦଳ ଆଉ ପଛକୁ ଫେରି ଚାହିଁନି। କ୍ରମାଗତ ୩ ବିଜୟ ସହ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଆୟର୍ଲାଣ୍ଡ ବିପକ୍ଷରେ ୪–୨ ଏବଂ ନ୍ୟୁଜିଲାଣ୍ଡ ବିପକ୍ଷରେ ୨–୦ ଗୋଲରେ ବିଜୟ ଦଳକୁ ଯେତେ ଆତ୍ମବିଶ୍ୱାସ ଯୋଗାଇ ନ ଥିଲା ଅଲିମ୍ପିକ୍ସ ଚାମ୍ପିୟନ ତଥା ବିଶ୍ୱର ୨ ନମ୍ବର ଦଳ ଆର୍ଜେଣ୍ଟିନାକୁ ୩–୨ ଗୋଲରେ ହରାଇବାପରେ ଦଳର ମନୋବଳ ବହୁ ପରିମାଣରେ ବଢ଼ି ଯାଇଛି। ବିଶ୍ୱର ୩ ନମ୍ବର ଦଳ ବେଲଜିୟମକୁ ଟକ୍କର ଦେବାକୁ ଏବେ ଇଂଲଣ୍ଡ ସମ୍ପୂର୍ଣ୍ଣ ପ୍ରସ୍ତୁତ। ପୂର୍ବରୁ ଇଂଲଣ୍ଡ ଥରେ ମାତ୍ର ୧୯୮୬ ଫାଇନାଲରେ ପ୍ରବେଶ କରିଥିଲା। ସେଠାରେ ଦଳ ଅଷ୍ଟ୍ରେଲିଆଠାରୁ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଗତ ଦୁଇ ସଂସ୍କରଣ ଅର୍ଥାତ୍ ୨୦୧୦ ଓ ୨୦୧୪ରେ ଦଳ ସେମିଫାଇନାଲରେ ପ୍ରବେଶ କରିଥିଲା। ମାତ୍ର ଦୁଇଥରଯାକ ପରାସ୍ତ ହୋଇ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲା। ୨୦୧୦ରେ ଦଳ ସେମିଫାଇନାଲରେ ୧–୪ ଗୋଲରେ ଜର୍ମାନୀଠାରୁ ହାରିବାପରେ ବ୍ରୋଞ୍ଜ ପଦକ ମୁକାବିଲାରେ ନେଦରଲାଣ୍ଡଠାରୁ ୩–୪ ଗୋଲରେ ପରାଜିତ ହୋଇଥିଲା। ସେହିପରି ୨୦୧୪ରେ ଦଳ ସେମିଫାଇନାଲରେ ସେହି ନେଦରଲାଣ୍ଡଠାରୁ ୦–୧ ଗୋଲରେ ହାରିଥିବାବେଳେ ବ୍ରୋଞ୍ଜ ପଦକ ମ୍ୟାଚରେ ଆର୍ଜେଣ୍ଟିନାଠାରୁ ୦–୨ ଗୋଲରେ ପରାସ୍ତ ହୋଇଥିଲା। ଏଥର ସେମିଫାଇନାଲ ପରାଜୟ ଧାରା ଭାଙ୍ଗି ଇଂଲଣ୍ଡ ଦୀର୍ଘ ୩୨ବର୍ଷ ପରେ ଫାଇନାଲ ଖେଳିବା ଲକ୍ଷ୍ୟରେ ରହିଛି।

ଅନ୍ୟପକ୍ଷରେ ନିକଟ ଅତୀତରେ ଉତ୍ସାହୀ ପ୍ରଦର୍ଶନ କରି ଆସିଥିବା ବେଲଜିୟମର ବିଶ୍ୱକପ ଇତିହାସ ସେତେ ସମୃଦ୍ଧ ନୁହେଁ। ଦଳ ଏହା ପୂର୍ବରୁ ୫ ଥର ବିଶ୍ୱକପ ଖେଳିବାକୁ ଯୋଗ୍ୟତା ପାଇଥିଲେ ହେଁ କେବେ ସେମିଫାଇନାଲ ଖେଳିବା ସୌଭାଗ୍ୟ ଲାଭ କରି ନ ଥିଲା। ଏଥର ପ୍ରଥମଥର ପାଇଁ ଦଳ ସେମିଫାଇନାଲରେ ପ୍ରବେଶ କରି ଇତିହାସ ରଚିଛି। ଗତ ସଂସ୍କରଣରେ ଦଳ ୫ମ ସ୍ଥାନ ହାସଲ କରିଥିଲା। ଏହା ଗତ ସଂସ୍କରଣ ପର୍ଯ୍ୟନ୍ତ ଦଳର ଶ୍ରେଷ୍ଠ ସଫଳତା ହୋଇ ରହିଥିଲା। ଚଳିତ ବିଶ୍ୱକପରେ ବେଲଜିୟମ କାନାଡ଼ା ବିପକ୍ଷରେ ୨–୧ ଗୋଲରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଥିଲା। ଭାରତ ବିପକ୍ଷ ମ୍ୟାଚକୁ ୨–୨ ଗୋଲରେ ଡ୍ର ରଖିଥିଲେ ହେଁ ପରବର୍ତ୍ତୀ ୩ଟି ମ୍ୟାଚ ଜିତି ସେମିଫାଇନାଲ ଖେଳିବାକୁ ଯାଉଛି। ଦଳ ଦକ୍ଷିଣ ଆଫ୍ରିକାକୁ ୫–୧ ଗୋଲରେ, ପାକିସ୍ତାନକୁ ୫–୦ ଗୋଲରେ ଏବଂ ଜର୍ମାନୀକୁ ୨–୧ ଗୋଲରେ ପରାସ୍ତ କରିଛି। ତେଣୁ ଆଗାମୀ ମ୍ୟାଚ ତୀବ୍ର ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।

### ଆଜିର ମ୍ୟାଚ୍

**ପ୍ରଥମ ସେମିଫାଇନାଲ**
ଇଂଲଣ୍ଡ ବନାମ ବେଲଜିୟମ
ସମୟ: ଅପରାହ୍ନ-୪ଟା

**ଦ୍ୱିତୀୟ ସେମିଫାଇନାଲ**
ଅଷ୍ଟ୍ରେଲିଆ ବନାମ ନେଦରଲାଣ୍ଡ
ସମୟ- ସନ୍ଧ୍ୟା ୬ଟା ୩୦

ସ୍ଥାନ-କଳିଙ୍ଗ ଷ୍ଟାଡିୟମ
ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ

## ଭାରତକୁ ଭାଗ୍ୟ ସହାୟ ହେଲାନି

ରିକ୍ ଚାର୍ଲ୍ସୱର୍ଥ

ଚଳିତ ହକି ବିଶ୍ୱକପ୍‌ରେ ଏକ ବିରଳ ଘଟଣା ଦେଖିବାକୁ ମିଳିଛି। ପୁଲ ପର୍ଯ୍ୟାୟର ଶୀର୍ଷ ସ୍ଥାନ ଅଧିକାର କରିଥିବା ୪ଟି ଦଳ ସିଧାସଳଖ କ୍ୱାର୍ଟର ଫାଇନାଲକୁ ଉଠିଛନ୍ତି। ତେବେ ଏହି ଦଳଗୁଡ଼ିକ ମଧ୍ୟରୁ କେବଳ ଅଷ୍ଟ୍ରେଲିଆ ସେମିଫାଇନାଲରେ ପ୍ରବେଶ କରିବାକୁ ସକ୍ଷମ ହୋଇଛି। ପୁଲ୍‌ରେ ଶୀର୍ଷରେ ରହିଥିବା ଦଳଗୁଡିକ ସେମିକୁ ଉଠିବେ ବୋଲି ମୁଁ ଆଶା କରୁଥିଲି। କିନ୍ତୁ ଏହା ହେଲା ନାହିଁ। ଆର୍ଜେଣ୍ଟିନା, ଜର୍ମାନୀ ଓ ଆୟୋଜକ ଭାରତ କ୍ୱାର୍ଟରରେ ପରାସ୍ତ ହୋଇ ବିଦାୟ ନେଲେ।

ଜର୍ମାନୀ ସେମିକୁ ଉଠିବ ବୋଲି ମୁଁ ଆଶା କରୁଥିଲି। କଷ୍ଟକର ଗ୍ରୁପ୍‌ରେ ସାମିଲ ହୋଇ ମଧ୍ୟ କୌଣସି ମ୍ୟାଚ ଜର୍ମାନୀ ହାରି ନ ଥିଲା। କ୍ୱାର୍ଟର ଫାଇନାଲରେ ଆରମ୍ଭରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ବେଲଜିୟମ ଡିଫେନ୍ସକୁ ଭେଦ କରିବାରେ ଜର୍ମାନୀ ସକ୍ଷମ ହୋଇ ନ ଥିଲା। ବେଲଜିୟମ ମଧ୍ୟ ଗତ କିଛି ବର୍ଷ ହେବ ଚମତ୍କାର ପ୍ରଦର୍ଶନ କରିଆସୁଛି। କ୍ୱାର୍ଟରରେ ମଧ୍ୟ ଉନ୍ନତ ପ୍ରଦର୍ଶନ କରି ସେମିକୁ ଉଠିଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ ଘଟଣା ଥିଲା ଇଂଲଣ୍ଡ କ୍ୱାର୍ଟରରେ ଅଲିମ୍ପିକ ଚାମ୍ପିୟନ ଜର୍ମାନୀକୁ ହରାଇବା। ଆର୍ଜେଣ୍ଟିନା ଅପେକ୍ଷାକୃତ ଭଲ ଖେଳିବ ବୋଲି ଆଶା କରୁଥିଲି। କିନ୍ତୁ ଇଂଲଣ୍ଡ କ୍ୱାଲିଟି ଖେଳ ପ୍ରଦର୍ଶନ କରିଥିଲା। ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଆର୍ଜେଣ୍ଟିନା ଅବଶ୍ୟ କ୍ଳାନ୍ତ ଜଣାପଡୁଥିଲା ଓ ଏହି ଚାମ୍ପିୟନ ଦଳର ଖେଳ ସେତେଟା ଉତ୍ସାହଜନକ ନ ଥିଲା।

ଭାରତକୁ ଭାଗ୍ୟ ଟିକିଏ ସାଥ୍ ଦେଲାନାହିଁ ବୋଲି ମୁଁ ଭାବୁଛି। ଅମ୍ପାୟରଙ୍କ କେତୋଟି ନିଷ୍ପତ୍ତି ଭାରତ ବିପକ୍ଷରେ ଯାଇଥିଲା। ମ୍ୟାଚ୍‌ର ଅନ୍ତିମ ମୁହୂର୍ତ୍ତରେ ଅମ୍ପାୟରଙ୍କ ନିଷ୍ପତ୍ତି ନେଦରଲାଣ୍ଡ ସପକ୍ଷରେ ଯାଇଥିଲା ଓ ଏହା ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ମ୍ୟାଚରେ ମନପ୍ରୀତ୍ ସିଂ ଶଟ୍ ମାରୁଥିବା ବେଳେ ତାଙ୍କୁ ପଛରୁ ଧକ୍କା ଦିଆଯାଇଥିଲା। ସେତେବେଳେ ବେଲଜିୟମ ଖେଳାଳିଙ୍କୁ କାର୍ଡ ଦିଆଯିବାର ଆବଶ୍ୟକ ଥିଲା। ତେବେ ମୋଟ ଉପରେ ଭାରତର ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ଥିଲା। କିନ୍ତୁ ବେଳେବେଳେ ଫଳ ଆମ ସପକ୍ଷରେ ଯାଇ ନ ଥାଏ। ଭାରତୀୟ ହକିରେ ଏବେ ଯଥେଷ୍ଟ ଉନ୍ନତି ହୋଇଛି ଓ ଭାରତ ଏବେ ବିଶ୍ୱର ଅନ୍ୟ ଶ୍ରେଷ୍ଠ ଦଳଗୁଡିକ ମଧ୍ୟରେ ଅନ୍ୟତମ ବୋଲି କୁହାଯାଇପାରେ। ସେହିପରି ଫ୍ରାନ୍ସ ବିପକ୍ଷରେ ଅଷ୍ଟ୍ରେଲିଆ ଏକ ଦମ୍‌ଦାର ମ୍ୟାଚ୍ ଖେଳିଥିଲା। ଅତି ସହଜରେ ଫ୍ରାନ୍ସକୁ ଅଷ୍ଟ୍ରେଲିଆ ହରାଇବାରେ ସକ୍ଷମ ହୋଇଥିଲା। ଏବେ ସେମିଫାଇନାଲରେ ଅଷ୍ଟ୍ରେଲିଆ ନେଦରଲାଣ୍ଡକୁ ଭେଟିବ। ଏହି ମ୍ୟାଚରେ କଡ଼ା ସଂଘର୍ଷ ଦେଖିବାକୁ ମିଳିବ ଓ କିଏ ଜିତିବ କହିବା ମୁସ୍କିଲ। ଉଭୟ ଦଳ ସବୁ ଦୃଷ୍ଟିକୋଣରୁ ସମାନ ମନେ ହେଉଛନ୍ତି।

ସେହିପରି ଅନ୍ୟ ଏକ ସେମିଫାଇନାଲରେ ଇଂଲଣ୍ଡକୁ ଭେଟିବ ବେଲଜିୟମ। ଇଂଲଣ୍ଡର ପ୍ରଦର୍ଶନରେ ଯଥେଷ୍ଟ ଉନ୍ନତି ହୋଇଥିଲେ ମଧ୍ୟ ବେଲଜିୟମ ଅପେକ୍ଷାକୃତ ଅଧିକ ଶକ୍ତିଶାଳୀ। ବେଲଜିୟମର ସବୁଠାରୁ ବଡ଼ ଦୁର୍ବଳତା ହେଉଛି କର୍ନରକୁ ଗୋଲରେ ପରିଣତ ନ କରିପାରିବା। ଯଦି ଇଂଲଣ୍ଡ କର୍ନରରେ ପ୍ରଭାବଶାଳୀ ହୁଏ ତେବେ ବେଲଜିୟମକୁ ହରାଇ ବିପର୍ଯ୍ୟୟ ଘଟାଇବ। ଇଂଲଣ୍ଡର ଲିଆମ ଅନସେଲ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ଚମତ୍କାର ପ୍ରଦର୍ଶନ କରିଛନ୍ତି। ତେଣୁ ବେଲଜିୟମ ଲିଆମଙ୍କ ପ୍ରତି ସତର୍କ ରହିବା ଉଚିତ୍। ଯଦି ପୂର୍ବାନୁମାନ କରାଯାଏ, ତେବେ ବେଲଜିୟମ ଓ ଅଷ୍ଟ୍ରେଲିଆ ମଧ୍ୟରେ ଫାଇନାଲ ହେବ ବୋଲି ମୁଁ କହିବି। ତେବେ ଏ ନେଇ ଗ୍ୟାରେଣ୍ଟି ଦେବି ନାହିଁ।

(ଗେମ୍ ପ୍ଲାନ୍)

THE ULTIMATE INVERTER BATTERY
EXIDE
INVATUBULAR

## ଯୋଜନାବଦ୍ଧ ଟ୍ରେନିଂ ଆମ ସଫଳତାର ରହସ୍ୟ

**ଚଳିତ ହକି ବିଶ୍ୱକପର ଦ୍ୱିତୀୟ ସେମିଫାଇନାଲ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଓ ରନର୍ସଅପ୍ ନେଦରଲାଣ୍ଡ ମଧ୍ୟରେ ଶନିବାର ଅନୁଷ୍ଠିତ ହେବ। ୧୯୭୮ଠାରୁ ବିଶ୍ୱକପର ପ୍ରତି ସଂସ୍କରଣରେ ଅଷ୍ଟ୍ରେଲିଆ ସେମିଫାଇନାଲ ଖେଳି ଆସିଛି। ଗତ ବିଶ୍ୱକପ ଫାଇନାଲରେ ନେଦରଲାଣ୍ଡକୁ ହରାଇ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ଏଥର ଅଷ୍ଟ୍ରେଲିଆର ସେମିଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ହେଉଛି ନେଦରଲାଣ୍ଡ। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅଷ୍ଟ୍ରେଲିଆ କୋଚ୍ କଲିନ ବାଚ୍‌ଙ୍କ ସହ ସାକ୍ଷାତକାର..**

**ସାକ୍ଷାତ: ତପନ ସ୍ୱାଇଁ**



କଲିନ ବାଚ୍

ପ୍ର: ଗତ କିଛିବର୍ଷ ଧରି ଅଷ୍ଟ୍ରେଲିଆ କ୍ରମାଗତ ସଫଳ ହେବାର କାରଣ କ'ଣ ?

■ ଆମେ ଯୋଜନାବଦ୍ଧ ଭାବେ କଷ୍ଟସାଧ ଟ୍ରେନିଂ କରି ଆସୁଛୁ। ଦଳରେ ଭଲ କୋଚ୍‌ମାନେ ଅଛନ୍ତି। ଖେଳାଳି ଓ କୋଚ୍‌ଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଅଛି। ତା'ର ସୁଫଳ ଦଳକୁ ମିଳୁଛି। ଫଳତଃ ଆମେ ବିଭିନ୍ନ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରି ଆସୁଛୁ।

ପ୍ର: ଚଳିତ ବିଶ୍ୱକପରେ ଇଂଲଣ୍ଡକୁ ଛାଡ଼ିଦେଲେ ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ବଡ଼ ଦଳକୁ ଭେଟିନାହିଁ। ସେମିଫାଇନାଲ ପାଇଁ ଖେଳାଳିଙ୍କୁ କିପରି ଉତ୍ସାହିତ କରୁଛନ୍ତି ?

■ ଆମେ ଲିଗ୍ ପର୍ଯ୍ୟାୟରେ ଆୟର୍ଲାଣ୍ଡ, ଇଂଲଣ୍ଡ ଓ ଚାଇନାକୁ ହରାଇବାପରେ କ୍ୱାର୍ଟର ଫାଇନାଲରେ ଫ୍ରାନ୍ସକୁ ପରାସ୍ତ କରିଛୁ। ବିଶ୍ୱକପ ଏକ ବଡ଼ ଗେମ୍ ବୋଲି ଖେଳାଳିମାନେ ଭଲଭାବେ ଅବଗତ ଅଛନ୍ତି। ତେଣୁ କାହାକୁ ବିଶେଷ କିଛି କହିବାକୁ ପଡୁନାହିଁ।

ପ୍ର: ଅଷ୍ଟ୍ରେଲିଆ ଗତ ଦୁଇଥରର ଚାମ୍ପିୟନ, ପ୍ରତିଦ୍ୱନ୍ଦ୍ୱୀ ନେଦରଲାଣ୍ଡ ମଧ୍ୟ ଭଲ ଖେଳୁଛି। ବେଲଜିୟମ ପ୍ରଥମଥର ପାଇଁ ସେମିଫାଇନାଲରେ ପ୍ରବେଶ କରିଛି। ଏ କ୍ଷେତ୍ରରେ ଅଷ୍ଟ୍ରେଲିଆ ଉପରେ କିଛି ଅତିରିକ୍ତ ଚାପ ରହିବ କି ?

■ ଆମ ଉପରେ କିଛି ଅତିରିକ୍ତ ଚାପ ନାହିଁ। କାରଣ ଆମେ ନିଜର ଦକ୍ଷତା ଉପରେ ସବୁବେଳେ ବିଶ୍ୱାସ କରୁ। ଅଷ୍ଟ୍ରେଲିଆ ଏକ ସନ୍ତୁଳିତ ଦଳ। ଏହା ବ୍ୟତୀତ ଗତ ବିଶ୍ୱକପରେ ଖେଳିଥିବା ୭ ଖେଳାଳି ଏବେ ମଧ୍ୟ ଟିମ୍‌ରେ ଅଛନ୍ତି। ତେଣୁ ଆମେ ବିନା ଚାପରେ ମ୍ୟାଚ ଖେଳିବୁ।

ପ୍ର: ସେମିଫାଇନାଲକୁ ଆସିଥିବା ଅନ୍ୟ ୩ ଦଳକୁ ଆପଣ କେମିତି ଦେଖୁଛନ୍ତି। କେଉଁ ଦଳ ଉନ୍ନତ ପ୍ରଦର୍ଶନ କରୁଛି ?

■ ଇଂଲଣ୍ଡ। ଆପଣ ଯଦି ଦେଖିବେ ଏହି ଟୁର୍ନାମେଣ୍ଟରେ ଇଂଲଣ୍ଡ ଦ୍ରୁତ ଉନ୍ନତି କରି ଏଠାରେ ପହଞ୍ଚିଛି। ଏହି ଦଳ ଅଷ୍ଟ୍ରେଲିଆଠାରୁ ହାରିବାପରେ ଯୋଜନାବଦ୍ଧ ଭାବେ ଖେଳି ସଫଳ ପ୍ରତ୍ୟାବର୍ତ୍ତନ କରିଛି। ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନାକୁ ମଧ୍ୟ ହରାଇବାରେ ସକ୍ଷମ ହୋଇଛି।

ପ୍ର: ସେମିଫାଇନାଲର ପ୍ରତିଦ୍ୱନ୍ଦ୍ୱୀ ନେଦରଲାଣ୍ଡକୁ କେମିତି ଦେଖୁଛନ୍ତି ?

■ ନେଦରଲାଣ୍ଡ ଏକ ଲଢୁଆ ଦଳ। ଏହାର ହକି ଇତିହାସ ମଧ୍ୟ ବେଶ୍ ସମୃଦ୍ଧ। ଚଳିତ ଟୁର୍ନାମେଣ୍ଟରେ ଏହି ଦଳ ଜର୍ମାନୀଠାରୁ ହାରିବାପରେ ଆଉ ପଛକୁ ଫେରି ଚାହିଁନାହିଁ। ପାକିସ୍ତାନ, କାନାଡ଼ା ଓ ଭାରତକୁ ହରାଇ ସେମିଫାଇନାଲରେ ପହଞ୍ଚିଛି। ତେଣୁ ଆମେ ଏହି ଦଳକୁ ଗୁରୁତ୍ୱର ସହ ନେଉଛୁ ଏବଂ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରି ଆଗାମୀ ମ୍ୟାଚରେ ଅବତୀର୍ଣ୍ଣ ହେବୁ।

ପ୍ର: ଅଷ୍ଟ୍ରେଲିଆ ଏଥର ମଧ୍ୟ ଫାଇନାଲ ଖେଳୁ ବୋଲି ଆଶା ରଖିଛନ୍ତି କି ?

■ ନିଶ୍ଚିତ, ତେବେ ପ୍ରଥମେ ଆମେ ସେମିଫାଇନାଲ ମ୍ୟାଚ ଉପରେ ଫୋକସ କରୁଛୁ। ତା' ପରେ ଫାଇନାଲ କଥା ଚିନ୍ତା କରାଯିବ।

ପ୍ର: କଳିଙ୍ଗ ଷ୍ଟାଡିୟମ ଦର୍ଶକ ଅଷ୍ଟ୍ରେଲିଆକୁ ସବୁବେଳେ ସମର୍ଥନ କରି ଆସିଛନ୍ତି, ଗତ ୨ଟି ଟୁର୍ନାମେଣ୍ଟରେ ଏହା ଦେଖାଯାଇଛି। ଏ ସମ୍ପର୍କରେ ଆପଣଙ୍କ ମତ କ'ଣ ?

■ ହଁ, ମନେ ଅଛି। ଏଠାକାର ଦର୍ଶକ ବହୁତ ଭଲ। ଭାରତୀୟ ଦର୍ଶକଙ୍କୁ ମୁଁ ବହୁତ ଭଲପାଏ। ଏବେ ଦୁଇ ଦେଶ ମଧ୍ୟରେ କ୍ରିକେଟ ସିରିଜ ଚାଲିଛି। ଭାରତୀୟ ଦର୍ଶକ ଏଠାରେ ଅଷ୍ଟ୍ରେଲିଆକୁ ସମର୍ଥନ କରି ଆସିଛନ୍ତି। ଭାରତ ଏବଂ ଅଷ୍ଟ୍ରେଲିଆ ହେଲେ ୨ଟି କ୍ରୀଡ଼ାସମ୍ପନ୍ନ ରାଷ୍ଟ୍ର। ଦୁଇ ଦେଶ ମଧ୍ୟରେ କ୍ରୀଡ଼ାକୁ ନେଇ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ ଚାଲୁଛି।

ପ୍ର: ଅଷ୍ଟ୍ରେଲିଆ ସେମିଫାଇନାଲରେ ଭାରତକୁ ଭେଟିବ ବୋଲି ମନରେ ଆସିଥିଲା କି?

■ ଭାରତ ସେମିଫାଇନାଲକୁ ଆସିଥିଲେ ୧୫୦୦୦ ଦର୍ଶକଙ୍କ ସମ୍ମୁଖରେ ଖେଳିବା ଭିନ୍ନ ଚ୍ୟାଲେଞ୍ଜ ହୋଇଥାନ୍ତା। ତେବେ ଆମେ କ୍ୱାର୍ଟର ଫାଇନାଲ ଫଳାଫଳକୁ ଅପେକ୍ଷା କରିଥିଲୁ। ଏବେ ନେଦରଲାଣ୍ଡ ବିପକ୍ଷ ମ୍ୟାଚ ଉପରେ ଦୃଷ୍ଟି ନିବଦ୍ଧ କରୁଛୁ।

ପ୍ର: ବିଶ୍ୱକପର ନୂଆ ଫର୍ମାଟ ସମ୍ପର୍କରେ କ'ଣ କହିବେ ?

■ ଏବେ ବିଶ୍ୱକପ ଜିତିବା ଯେ କୌଣସି ଦଳ ପାଇଁ କଷ୍ଟସାଧ ହୋଇଯାଇଛି। ଲିଗ୍ ପର୍ଯ୍ୟାୟ ପରେ କ୍ରସ୍ ଓଭର ଦଳଗୁଡ଼ିକ ପାଇଁ ନୂଆ ଚ୍ୟାଲେଞ୍ଜ ଆଣିଛି। ତେବେ ଆମେ ଏହି ଫର୍ମାଟରେ ମଧ୍ୟ ଭଲ ଖେଳିବାକୁ ଲକ୍ଷ୍ୟ ରଖିଛୁ ଏବଂ ଶନିବାର ମ୍ୟାଚକୁ ଅପେକ୍ଷା କରିଛୁ।

ପ୍ର: ନେଦରଲାଣ୍ଡଠାରୁ ଭାରତ ହାରିବାର ମୁଖ୍ୟ କାରଣ କ'ଣ ?

■ ଭାରତ ବିପକ୍ଷ ମ୍ୟାଚରେ ନେଦରଲାଣ୍ଡ ସୁଯୋଗର ସଦ୍‌ବ୍ୟବହାର କଲା। ଭାରତ ଯେଉଁ ତ୍ରୁଟି କଲା ସେଥିରୁ ନେଦରଲାଣ୍ଡ ଫାଇଦା ଉଠାଇଲା। ପରାଜୟ ପାଇଁ ଅମ୍ପାୟରିଂକୁ ଯାହା ଦାୟୀ କାରାଯାଉଛି ତାହା ଠିକ୍ ନୁହେଁ।



“ପର୍ଥରେ ବଲ୍ ବାଉନ୍ସ କରୁଥିବାରୁ ଆମ ଅଫ୍ ସ୍ପିନର ନାଥନ ଲିୟନ ଭାରତ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ।
–ଆରୋନ ଫିଞ୍ଚ୍, ଅଷ୍ଟ୍ରେଲିଆ ଓପନର



“ପର୍ଥଠାରେ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟର ୨ୟ ଦିବସରେ ଆମ ବ୍ୟାଟ୍ସମ୍ୟାନମାନଙ୍କୁ ଶୃଙ୍ଖଳିତ ବ୍ୟାଟିଂ କରିବାକୁ ପଡ଼ିବ ।
–ହନୁମା ବିହାରୀ, ଭାରତୀୟ କ୍ରିକେଟ ଅଲରାଉଣ୍ଡର

## ସଂକ୍ଷେପରେ

### ପାକିସ୍ତାନରେ ହେବ ଏସିଆ କପ୍

କରାଚୀ,୧୪।୧୨- ଏସିଆ କପ୍‌ର ପରବର୍ତ୍ତୀ ସଂସ୍କରଣ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଆୟୋଜନ କରିବ। ଗୁରୁବାର ଢାକାଠାରେ ଅନୁଷ୍ଠିତ ବୈଠକରେ ଏସିଆର ବଡ଼ କ୍ରିକେଟ ଇଭେଣ୍ଟ ଆୟୋଜନ କରିବାକୁ ପିସିବିକୁ ଦାୟିତ୍ୱ ଦିଆଯାଇଛି। ମାତ୍ର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଭେନ୍ୟୁ ପରିବର୍ତ୍ତନ ଲାଗି ପିସିବିକୁ କହିଛି। ଚଳିତ ବର୍ଷ ଏସିଆ କପ୍ ଭାରତ ଆୟୋଜନ କରିବାର ଥିଲା। ମାତ୍ର ପାକିସ୍ତାନ ଦଳକୁ ଦେଶରେ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥାନ୍ତା। ଏହାକୁ ଦୃଷ୍ଟିରେ ରଖି ୟୁଏଇକୁ ଏହି ଇଭେଣ୍ଟ ଆୟୋଜନ କରିବାକୁ ବିସିସିଆଇ ପ୍ରସ୍ତାବ ଦେଇଥିଲା। ପିସିବି ଆୟୋଜକ ହୋଇଥିଲେ ମଧ ପାକିସ୍ତାନରେ ଇଭେଣ୍ଟ ଅନୁଷ୍ଠିତ ହେବା ସମ୍ଭବ ନୁହେଁ। ଏଣୁ ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ଚିନ୍ତା କରିବାକୁ ବିସିସିଆଇ ପକ୍ଷରୁ କୁହାଯାଇଛି। ଫଳରେ ପୁଣିଥରେ ୟୁଏଇରେ ଇଭେଣ୍ଟ ଅନୁଷ୍ଠିତ ହୋଇପାରେ। ଅନ୍ୟପକ୍ଷରେ ପାକିସ୍ତାନରେ ଏବେ କ୍ରିକେଟ ଖେଳାଯାଇ ପାରିବ ବୋଲି ପିସିବି କର୍ମକର୍ତ୍ତା କହିଛନ୍ତି। ସମସ୍ତ ଏସିଆ ଦେଶ ପାକିସ୍ତାନରେ ଖେଳିଲେ, ଅନ୍ୟ ଦେଶ ମଧ ସେଠାରେ ଖେଳିବାକୁ ଆଗେଇ ଆସିବେ। କିନ୍ତୁ ବିସିସିଆଇର ସେଭଳି କୌଣସି ଉଦ୍ଦେଶ୍ୟ ନାହିଁ। କାରଣ ନିକଟରେ ଲାହୋରଠାରେ ଚାଲିଥିବା ଏସିସି ଟୁର୍ନାମେଣ୍ଟ ଲାଗି ବିସିସିଆଇ ପ୍ରତିନିଧି ଦଳ ପଠାଇବାକୁ ମନା କରି ଦେଇଥିଲା।

# ଭଲ ସ୍ଥିତିରେ ଅଷ୍ଟ୍ରେଲିଆ

**ପର୍ଥ, ୧୪।୧୨ (ପି.ଟି.)**

ସ୍ଥାନୀୟ ପର୍ଥ ଷ୍ଟାଡିୟମରେ ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ଭାରତ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଉଭୟ ଦଳ ମିଶ୍ର ସଫଳତା ପାଇଛନ୍ତି। ଦ୍ରୁତ ବୋଲିଂକୁ ସୁହାଉଥିବା ଏହି ପିଚ୍‌ରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ବେଶ୍ ଭଲ ଆରମ୍ଭ କରିଥିଲା। ତେବେ ପରେ ଭାରତୀୟ ବୋଲରମାନେ ପ୍ରତ୍ୟାବର୍ତ୍ତନ କରିଥିଲେ ଓ ଶେଷ ଦୁଇଟି ସେସନରେ ୩ଟି ଲେଖାଏ ଉଇକେଟ ଅକ୍ତିଆର କରି ଘରୋଇ ଦଳକୁ ଝଟ୍‌କା ଦେଇଥିଲେ। ତେବେ ଏହା ସତ୍ତ୍ୱେ ସ୍ଥିତି ସମ୍ଭାଳିବା ସହ ଅଷ୍ଟ୍ରେଲିଆ ଭଲ ସ୍ଥିତିରେ ରହିଛି। ଲଞ୍ଚ୍ ପରେ ବୋଲରମାନଙ୍କୁ ସହାୟତା ମିଳିଥିଲା। ଭାରତୀୟ ବୋଲରମାନେ ଲାଇନ୍ ଓ ଲେନ୍ଥରେ ସୁଧାର ଆଣି ଅଷ୍ଟ୍ରେଲୀୟ ବ୍ୟାଟିଂ ଲାଇନ୍‌କୁ ଭାଙ୍ଗିବାରେ ସଫଳ ହୋଇଥିଲେ।

ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୯୦ ଓଭରରେ ୬ ଉଇକେଟ ହରାଇ ୨୭୭ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ତଥା ଉଇକେଟ କିପର ଟିମ୍ ପେନ୍ ୧୬ ଓ ପ୍ୟାଟ କମିନ୍ସ ୧୧ ରନ କରି ଅପରାଜିତ ରହିଛନ୍ତି। ଆରମ୍ଭରୁ ଦୁଇ ଅଷ୍ଟ୍ରେଲୀୟ ଓପନର ମାର୍କସ ହାରିସ୍ ଓ ଆରୋନ ଫିଞ୍ଚ୍ ପ୍ରଭାବ ବିସ୍ତାର କରି ବ୍ୟାଟିଂ କରିଥିଲେ। ପ୍ରଥମ ଉଇକେଟ ଯୋଡ଼ିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୧୧୨ ରନ ସଂଗ୍ରହ କରିଥିଲେ। ତାରକା ଦ୍ରୁତ ବୋଲର ଯଶପ୍ରୀତ୍ ବୁମରା ଫିଞ୍ଚ୍‌ଙ୍କୁ ଏଲବିଡବ୍ଲ୍ୟୁ କରି ପ୍ରଥମେ ବ୍ରେକ୍ ଥ୍ରୁ ଦେଇଥିଲେ। ଫିଞ୍ଚ୍ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିବା ପରେ ଉସ୍‌ମାନ ଖ୍ୱାଜା ଆଉଟ ହୋଇଥିଲେ। ମାତ୍ର ୫ ରନ କରିଥିବା ବେଳେ ଖ୍ୱାଜା ଉମେଶ ଯାଦବଙ୍କ ବଲ୍‌ରେ ଯୁବ ଉଇକେଟ କିପର ରିଷଭ ପନ୍ତଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଓପନର ହାରିସ୍ ୭୦ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଜମିଆସୁଥିବା ବେଳେ ଅଲରାଉଣ୍ଡର ତଥା ସ୍ପିନର ହନୁମା ବିହାରୀଙ୍କ ବଲରେ ଅଜିଙ୍କ୍ୟ ରାହାନେଙ୍କୁ ସ୍ଲିପ୍‌ରେ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ପିଟର ହ୍ୟାଣ୍ଡସ୍‌କମ୍ବ ୭ ରନ କରି ଆଉଟ ହୋଇଥିଲେ। ଚା’ପାନ ବିରତି ପରେ ଦ୍ୱିତୀୟ ଓଭରରେ ଇଶାନ୍ତ ଶର୍ମାଙ୍କ ବଲକୁ ଖେଳିବାକୁ ଯାଇ ହ୍ୟାଣ୍ଡସ୍‌କମ୍ବ ଦ୍ୱିତୀୟ ସ୍ଲିପ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ହାତରେ ଧରାପଡିଥିଲେ। ଗୋଟିଏ ହାତରେ କୋହଲି ଏହି ଚମତ୍କାର କ୍ୟାଚ୍ ଧରି ସମସ୍ତଙ୍କୁ ଚକିତ କରିଥିଲେ। ଏହା ପରେ ପଞ୍ଚମ ଉଇକେଟ ଯୋଡ଼ିରେ ଶନ୍ ମାର୍ଶ ଓ ଟ୍ରେଭିସ୍ ହେଡ ୮୪ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ତେବେ ମାର୍ଶ ବିହାରୀଙ୍କ ଏକ ବଲକୁ କଟ୍ କରିବାକୁ ଯାଇ ୪୫ ରନ କରିଥିବା ବେଳେ ସ୍ଲିପ୍‌ରେ ରାହାନେଙ୍କ ହାତରେ ଧରାପଡିଥିଲେ। ଏହାପରେ ହେଡଙ୍କ ପାଳି ପଡିଥିଲା। ୫୮ ରନର ଦୃଢ଼ ଅର୍ଦ୍ଧଶତକୀୟ ପାଳି ଖେଳି ଇଶାନ୍ତଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ସିଧାସଳଖ ଶଟ୍ ଖେଳିବାକୁ ଯାଇ ସେ ମହମ୍ମଦ ସାମିଙ୍କ ହାତରେ ଧରା ପଡିଥିଲେ। ଉଇକେଟ କିପର ପନ୍ତ ଇନିଂସର ୬୭ତମ ଓଭରରେ ବିହାରୀଙ୍କ ଏକ ବଲରେ ମାର୍ଶଙ୍କ କ୍ୟାଚ୍ ହାତଛଡା କରିଥିଲେ। ସେତେବେଳେ ମାର୍ଶ ୨୪ ରନ କରିଥିଲେ। ମାର୍ଶ ସଅଳ ଆଉଟ ହୋଇଥିଲେ ଭାରତ ପାଇଁ ଆହୁରି ସହଜ ହୋଇଥାନ୍ତା। ଫିଞ୍ଚ୍ କ୍ୟାରିୟରର ଦ୍ୱିତୀୟ ଓ ହାରିସ୍ ପ୍ରଥମ ଟେଷ୍ଟ ଅର୍ଦ୍ଧଶତକ ହାସଲ କରିଛନ୍ତି। ଇନିଂସର ୪୫ତମ ଓଭରରେ ହାରିସ୍ ୬୦ ରନ କରିଥିବା ବେଳେ ସ୍ଲିପ୍‌ରେ ଲୋକେଶ ରାହୁଲ ସାମିଙ୍କ ବଲରେ ତାଙ୍କର ଏକ କ୍ୟାଚ୍ ହାତଛଡ଼ା କରିଥିଲେ। ଅବଶ୍ୟ ଏହା ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇ ନ ଥିଲା। ଆରମ୍ଭରେ ଦୃଢ଼ ବ୍ୟାଟିଂ କରି ଅଷ୍ଟ୍ରେଲିଆ ଭ୍ରମଣକାରୀ ବୋଲରଙ୍କୁ ନିରାଶ କରିଥିଲା। ତେବେ ପରେ ଅବଶ୍ୟ ଭାରତୀୟ ବୋଲରମାନେ ପ୍ରତ୍ୟାବର୍ତ୍ତନ କରିଥିଲେ। ବୋଲିଂରେ ଭାରତ ତରଫରୁ ଇଶାନ୍ତ ଓ ବିହାରୀ ଦୁଇଟି ଲେଖାଏ, ଯଶପ୍ରୀତ ବୁମରା ଓ ଉମେଶ ଯାଦବ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୯୦ ଓଭରରେ ୨୭୭/୬ (ହାରିସ୍- ୭୦, ହେଡ- ୫୮, ଫିଞ୍ଚ୍- ୫୦, ମାର୍ଶ- ୪୫, ଇଶାନ୍ତ- ୨/୩୫, ବିହାରୀ- ୨/୫୩, ବୁମରା- ୧/୪୧, ଉମେଶ- ୧/୬୮)।

# ରାଜସ୍ଥାନ ୧୩୫ରେ ଅଲଆଉଟ

**ଭୁବନେଶ୍ୱର, ୧୪।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ବିକାଶ କ୍ରିକେଟ୍ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ରାଜସ୍ଥାନ ବିପକ୍ଷରେ ଆରମ୍ଭ ହୋଇଥିବା ରଣ୍‌ଜୀ ଟ୍ରଫି ଗ୍ରୁପ୍-ସି ମୁକାବିଲାରେ ଘରୋଇ ଓଡ଼ିଶା ଦମ୍‌ଦାର ପ୍ରଦର୍ଶନ କରିଛି। ଅଭିଜ୍ଞ ବସନ୍ତ ମହାନ୍ତିଙ୍କ ବୋଲିଂକୁ ସାମ୍ନା କରି ନ ପାରି ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ମାତ୍ର ୧୩୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଷ୍ଟମ୍ପ ଅପସାରଣ ସୁଦ୍ଧା ପ୍ରଥମ ଇନିଂସ ଆରମ୍ଭ କରି ଓଡ଼ିଶା ୪ ଉଇକେଟ୍ ହରାଇ ୭୮ ରନ ସଂଗ୍ରହ କରିଛି। ଇନିଂସ ଅଗ୍ରଣୀ ହାସଲ କରିବା ଲାଗି ଓଡ଼ିଶା ଆହୁରି ୫୮ ରନ ଆବଶ୍ୟକ କରୁଛି।

ବିକାଶ କ୍ରିକେଟ ଗ୍ରାଉଣ୍ଡର ଏହି ଫାଷ୍ଟ ଉଇକେଟ୍‌ରେ ଗୁରୁତ୍ୱପୂର୍ଣ୍ଣ ଟସ୍ ଜିତି ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ସକାଳ ପରିବେଶରୁ ଫାଇଦା ଉଠାଇ ଅଭିଜ୍ଞ ବସନ୍ତ ମହାନ୍ତି ଓ ଯୁବ ସ୍ୱିଡ୍ ଷ୍ଟାର ରାଜେଶ ମହାନ୍ତି ଅଧିନାୟକଙ୍କ ନିଷ୍ପତ୍ତିକୁ ଯଥାର୍ଥ ବୋଲି ପ୍ରମାଣିତ କରି ଦେଖାଇଥିଲେ। ମ୍ୟାଚ୍‌ର ଦ୍ୱିତୀୟ ତଥା ନିଜର ପ୍ରଥମ ଓଭରରେ ଉଇକେଟ୍ କିପର ଚେତନ ବିସ୍ତଙ୍କୁ ଖାତା ଖୋଲିବା ପୂର୍ବରୁ ଆଉଟ୍ କରି ରାଜେଶ ଓଡ଼ିଶାକୁ ପ୍ରଥମ ସଫଳତା ଦେଇଥିଲେ। ଏହାପରେ ବସନ୍ତ-ରାଜେଶ ଯୋଡ଼ିଙ୍କ ସୁଇଂକୁ ରାଜସ୍ଥାନ ବ୍ୟାଟ୍ସମ୍ୟାନ ସାମ୍ନା କରି ନ ପାରି ଜଣଙ୍କ ପରେ ଜଣେ ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ ମହିପାଲ୍ ଗୋଟିଏ ପଟେ ଦୃଢ଼ତାର ସହ ବ୍ୟାଟିଂ ଜାରି ରଖିଥିବାବେଳେ ଅନ୍ୟକୌଣସି ବ୍ୟାଟ୍ସମ୍ୟାନ ତାଙ୍କୁ ଉପଯୁକ୍ତ ସହାୟତା କରି ନ ଥିଲେ। ଫଳରେ ରାଜସ୍ଥାନ ୩୭ ଓଭରରେ ୧୩୫ ରନ କରି ସୀମିତ ରହିଥିଲା। ୧୦୫ ବଲରୁ ୧୪ ଚୌକା ଓ ଗୋଟିଏ ଛକା ସହ ୮୫ ରନ କରି ଲୋମ୍‌ରା ଅନ୍ତିମ ବ୍ୟାଟ୍ସମ୍ୟାନଭାବେ ଆଉଟ୍ ହୋଇଥିଲେ। ବସନ୍ତ (୧୫-୬-୨୦-୬) ଓ ରାଜେଶ (୧୩-୨-୬୩-୩) ଯୋଡ଼ି ମିଳିତଭାବେ ୯ଟି ଉଇକେଟ୍ ନେଇଥିଲେ।

ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଓଡ଼ିଶା ରାଜସ୍ଥାନ ପରି ଅନୁରୂପଭାବେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୧୭ ରନରେ ଦୁଇ ଓପନର ଶାନ୍ତନୁ ମିଶ୍ର (୭) ଓ ରଣଜିତ୍ ସିଂ (୨)ଙ୍କ ସମେତ ନିର୍ଭରଯୋଗ୍ୟ ଶୁଭ୍ରାଂଶୁ ସେନାପତି (୦)ଙ୍କ ଉଇକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ଏହାପରେ ବିପ୍ଳବ (୮) ମଧ୍ୟ ନିରାଶ କରିଥିଲେ। ତେବେ ଦେବାଶିଷ ସାମନ୍ତରାୟ (୩୦ ରନ, ୧୦୭ ବଲ୍, ୫ ଚୌକା) ଓ ଅଭିଷେକ ରାଉତ (୨୨ ରନ, ୪୦ ବଲ୍, ୩ ଚୌକା) ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଓଡ଼ିଶା ପାଇଁ ଆଶା ସଞ୍ଚାର କରିଛନ୍ତି। ଖେଳ ଶେଷବେଳକୁ ଓଡ଼ିଶା ୩୯ ଓଭରରେ ୪ ଉଇକେଟ୍ ହରାଇ ୭୮ ରନ ସଂଗ୍ରହ କରିଛି।



### ଦେବାଶିଷଙ୍କୁ ଟପିଲେ ବସନ୍ତ

ରାଜସ୍ଥାନକୁ ୧୩୫ ରନରେ ଅଲ୍‌ଆଉଟ୍ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବସନ୍ତ ମହାନ୍ତି ଏହି ଅବସରରେ ଏକ କୃତିତ୍ୱ ଅର୍ଜନ କରିଛନ୍ତି। ଏହି ମ୍ୟାଚ୍‌ରେ ବସନ୍ତ ୨୦ ରନ ବ୍ୟୟ କରି ୬ ଜଣ ରାଜସ୍ଥାନ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ପ୍ରଥମଶ୍ରେଣୀ କ୍ରିକେଟରେ ୩୨ ବର୍ଷୀୟ ବସନ୍ତଙ୍କ ଏହା ୨୦ତମ ୫ ବା ତଦୁର୍ଦ୍ଧ ଉଇକେଟ୍ ସଫଳତା ଥିଲା। ଏହିକ୍ରମରେ ସେ ରାଜ୍ୟର ଅନ୍ୟତମ ସଫଳ ଦ୍ରୁତ ବୋଲର ଦେବାଶିଷ ମହାନ୍ତିଙ୍କୁ ପଛରେ ପକାଇ ଦେଇଛନ୍ତି। ଦେବାଶିଷ ତାଙ୍କ ପ୍ରଥମଶ୍ରେଣୀ କ୍ୟାରିୟରରେ ୧୧୭ଟି ମ୍ୟାଚ୍ ଖେଳି ୧୯ଥର ୫ ଉଇକେଟ୍ ସଫଳତା ପାଇଥିଲେ।

# ବିବାହ ବନ୍ଧନରେ ସାଇନା–କାଶ୍ୟପ୍

**ହାଇଦ୍ରାବାଦ୍, ୧୪।୧୨ (ପି.ଟି.)**

ଦୁଇ ଭାରତୀୟ ତାରକା ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ ଓ ପାରୁପଲ୍ଲୀ କାଶ୍ୟପ୍ ଶୁକ୍ରବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ‘କୋର୍ଟ ନିୟମ ଅନୁଯାୟୀ ଆଜି ସକାଳ ୧୧ଟା ୩୦ରେ ସାଇନା ବିବାହ କରିଛନ୍ତି’ ବୋଲି ସାଇନାଙ୍କ ବାପା ହରବୀର ସିଂ କହିଛନ୍ତି। ସାଇବରାବାଦ୍‌ସ୍ଥିତ ରାଇଦୁର୍ଗାମରେ ଥିବା ସାଇନାଙ୍କ ଘର ‘ଓରିଅନ ଭିଲ୍ଲା’ଠାରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ‘ଏହା ଏକ ସାଧାରଣ ବିବାହ ଉତ୍ସବ ପରି ଥିଲା। ଏଥିରେ ସାଇନା ଓ କାଶ୍ୟପଙ୍କ ପରିବାରର ପ୍ରାୟ ୪୦ଜଣ ଅତିଥି ଯୋଗ ଦେଇଥିଲେ। ରବିବାର ରିସେପସନ ଅନୁଷ୍ଠିତ ହେବ’ ବୋଲି ସାଇନାଙ୍କ ପିତା ଏହି ଅବସରରେ ପ୍ରକାଶ କରିଛନ୍ତି। ପ୍ରମୁଖ ଅତିଥିଙ୍କ ତାଲିକାରେ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାର ରାଜ୍ୟପାଳ ଇ.ଏସ୍.ଏଲ୍. ନରସିମାହ ଯୋଗ ଦେଇଥିବା ଜଣାପଡ଼ିଛି। ସୋସିଆଲ ମିଡିଆରେ ସେୟାର କରି ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ନିଜ ବିବାହ ନେଇ ଘୋଷଣା କରିଛନ୍ତି। ଏହି ଫଟୋରେ କାଶ୍ୟପଙ୍କ ସହ ସାଇନା ଏକାଠି ଠିଆ ହୋଇଥିବାବେଳେ ଏହାର କ୍ୟାପସନ୍ ‘ବେଷ୍ଟ ମ୍ୟାଚ୍ ଅଫ୍ ମାଇଁ ଲାଇଫ୍’ ଲେଖିଛନ୍ତି। ସାଇନା ଲକ ପାଉଡର୍-ବ୍ଲୁ ଲେହଙ୍ଗା ପରିଧାନ କରିଥିବାବେଳେ କାଶ୍ୟପ୍ ପିଙ୍କ୍ କୁର୍ତ୍ତା ଓ ଧଳା ପାଇଜାମା ପିନ୍ଧି ଥିବାର ଦେଖିବାକୁ ମିଳିଛି। ସାଇନା ଓ କାଶ୍ୟପ୍ ପୁଲେଲା ଗୋପୀଚାନ୍ଦ ଏକାଡେମୀରେ ପରସ୍ପରକୁ ପ୍ରଥମଥର ଲାଗି ଭେଟିଥିଲେ। ତେବେ ବିବାହ ନେଇ ସାଇନା ଗତ ଅକ୍ଟୋବରରେ ସର୍ବସାଧାରଣରେ ପ୍ରକାଶ କରିଥିଲେ।



ବିବାହ ବନ୍ଧନରେ ଆବଦ୍ଧ ସାଇନା ନେହ୍ୱାଲ ଓ ପାରୁପଲ୍ଲୀ କାଶ୍ୟପ।

# ସେମିରେ ସିନ୍ଧୁ, ସମୀର

**ନୂଆଦିଲ୍ଲୀ,୧୪।୧୨**

ରିଓ ଅଲିମ୍ପିକ୍ସ ରୌପ୍ୟ ପଦକଧାରୀ ପି. ଭି. ସିନ୍ଧୁ ଓ ସମୀର ବର୍ମା ଚାଇନାର ଗୁଆଙ୍ଗଝୋଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଫାଇନାଲ୍ସ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗ୍ରୁପ ପର୍ଯ୍ୟାୟର ପ୍ରଥମ ଦୁଇ ମ୍ୟାଚ୍‌ରେ ଚମତ୍କାର ପ୍ରଦର୍ଶନ କରିଥିବା ଭାରତୀୟ ଖେଳାଳି ଅନ୍ତିମ ମ୍ୟାଚ୍‌ରେ ଆମେରିକାର ଝାଙ୍ଗ ବେଇୱେନଙ୍କୁ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌କୁ ସିନ୍ଧୁ ୨୧-୯, ୨୧-୧୫ ଗେମ୍‌ରେ ଜିତି ନେଇଛନ୍ତି। ଗ୍ରୁପ ଏ’ର ପ୍ରଥମ ଦୁଇ ମ୍ୟାଚ୍‌ରେ ତାଇ ଜୁ ୟିଙ୍ଗ ଓ ଆକାନେ ୟାମାଗୁଚିଙ୍କୁ ହରାଇଥିବା ସିନ୍ଧୁଙ୍କୁ ୩ୟ ମ୍ୟାଚ୍ ଜିତିବା ପାଇଁ ତାଙ୍କୁ ୩୫ ମିନିଟ୍ ଲାଗିଥିଲା। ପୁରୁଷ ସିଙ୍ଗଲ୍ସ ବର୍ଗରେ ସମୀର ବର୍ମା ମଧ୍ୟ ଅନ୍ତିମ ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍‌କୁ ଜିତି ସେମିଫାଇନାଲରେ ସ୍ଥାନ ପାଇଛନ୍ତି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ



baazar
MENSWEAR LADIESWEAR KIDSWEAR ACCESSORIES
BUMPER SALE UP TO 50% OFF*
* Conditions Apply
Angul: 8917495313 Bhadrak: 9051700056 Bhubaneswar: 7991093719 Brahmapur: 9658936660
Cuttack: 8117828566 Jajpur: 9051900076 Puri: 7894424495 Sambalpur: 9937457700
7 States | 65 Stores
Follow us on:




MARUTI SUZUKI ARENA
BEST TIME to buy
Biggest offers of the year.
Hurry, buy before price hike.
Maruti Suzuki to increase vehicle prices upto ₹20,000*
Car prices are set to go up in New Year with market leader Maruti Suzuki announcing that it was working on increase price across its range of vehicles due to higher commodity costs and adverse foreign exchange movement.
Citing higher cost, the manufacturer of the Alto and S
cars said in a note to stoke exchanges.
It has become imperative for the company t
of the impact of the additional cost to c
price increase across various mod
DZIRE
SWIFT
AUTO GEAR SHIFT
DZIRE SAVE UP TO ₹55,000*
SWIFT SAVE UP TO ₹45,000*
DZIRE SWIFT
E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.
FOR INSTITUTIONAL SALES/ BULK DEAL / DGS & D / GEM ENQUIRIES, PLEASE EMAIL AT ADINATH.RAY@MARUTI.CO.IN
ODYSSEY MOTORS
• SAMBALPUR: 9439018805 • BOLANGIR: 9438068327
• BARGARH: 8895094616 • NUAPADA: 8895094633
• SONEPUR: 9437421356 • JHARSUGUDA: 9439892153 • BOUDH: 8594908009
ORBIT MOTORS
• ROURKELA: 9040404444, 9040404333
• SUNDARGARH: 9437049161
• DEOGARH: 9437492369
LEGEND CARS
• JEYPORE: 7894335551
• BHAWANIPATNA: 7894442910
SKY AUTOMOBILES
• BERHAMPUR: 7381261000
*Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Offers are applicable on selected car models. Car models and accessories shown may vary from the actual product. Images used are for illustration purpose only. Savings mentioned above includes consumer offer and exchange bonus. All offers and the savings given above are applicable for the month of December'18 only. Offers as shown above may change without any prior notice.